# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୦/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 10/2022 Page 20 ₹ 7.00 ★★★★★★

୪୯ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 17 ମୂଲ୍ୟ₹୭/-




**ସୌରଭ କୁମାରଙ୍କୁ ୬ ଉଇକେଟ**

ବାଂଲାଦେଶ ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟରେ ଭାରତ ଏ' ସ୍ପିନର ସୌରଭ କୁମାର ୬ଉଇକେଟ ସଫଳତା ହାସଲ କରିଛନ୍ତି।

୨୦

୧୮

**ପ୍ରେମରେ ପଡ଼ିଲେ ରିୟା**

ବଲିଉଡ୍ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ଲଭ୍ ଲାଇଫ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବଣ୍ଟି ସଜଦେହଙ୍କ ସହିତ ପ୍ରେମ ସମ୍ପର୍କକୁ ସେ ଗୋପନୀୟ ରଖିଛନ୍ତି।





ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଶୁକ୍ରବାର ବ୍ରାଜିଲକୁ ହରାଇବା ପରେ ଖୁସି ମୁହୂର୍ତ୍ତରେ କ୍ରୋଏସିଆ ଦଳ ।

# ବ୍ରାଜିଲ ବିଦା, ସେମିରେ କ୍ରୋଏସିଆ

**ଫିଫା ବିଶ୍ୱକପ**

ଦୋହା, ୯।୧୨

ଫିଫା ବିଶ୍ୱକପର ସବୁଠାରୁ ସଫଳ ଦଳ ବ୍ରାଜିଲ ଏଥର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ଅନ୍ୟପକ୍ଷରେ ଗତ ସଂସ୍କରଣର ରନରଅପ୍ କ୍ରୋଏସିଆ ପ୍ରଥମ ଦଳଭାବେ ଚଳିତ ଫିଫା ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଏଜୁକେଶନ ସିଟି ଷ୍ଟାଡିୟମରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ ୫ ଥର ଚାମ୍ପିୟନ ବ୍ରାଜିଲକୁ ପେନାଲ୍ଟି ଶୁଟ୍‌ଆଉଟ ୪-୨ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିବାପରେ ଅତିରିକ୍ତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିରେ ପେନାଲ୍ଟି ଶୁଟ୍ ଆଉଟ ପର୍ଯ୍ୟାୟକୁ ଯାଇଥିଲା। ଏହି ପର୍ଯ୍ୟାୟରେ ଦମ୍ ଦେଖାଇଥିଲା କ୍ରୋଏସିଆ। ବିଜୟୀ ଦଳ ପକ୍ଷରୁ ନିକୋଲା ଭ୍ଲାସିକ, ଲୋଭ୍ରୋ ମାଜେର, ଲୁକା ମୋଡ୍ରିକ ଓ ମିସ୍ଲାଭ ଓର୍ସିକ ଗୋଲ ଦେଇଥିବାବେଳେ ବ୍ରାଜିଲ ପକ୍ଷରୁ କେବଳ କାସେମିରୋ ଓ ପେଦ୍ରୋ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ବ୍ରାଜିଲ ପକ୍ଷରୁ ପ୍ରଥମେ ପେନାଲ୍ଟି ଶୁଟ୍ କରିବାକୁ ଯାଇଥିବା ରୋଡ୍ରିଗୋ ବିଫଳ ହୋଇଥିବାବେଳେ ୪ ନମ୍ବରରେ ସୁଯୋଗ ପାଇଥିବା ମର୍କ୍ୱିନୋଙ୍କ ବଲ୍ ବାର୍‌ରେ ବାଜି ଫେରି ଆସିଥିଲା। ଏଥିସହ କ୍ରୋଏସିଆ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ☞ପୃଷ୍ଠା-୪

# ଉଧୋଉନାହାନ୍ତି ବହୁ ପ୍ରାଣୀ

■ ବଢ଼ିବା ବଦଳରେ କମୁଛି ସଂଖ୍ୟା

■ ବିଦେଶୀ ଜୀବଜନ୍ତୁଙ୍କ ଅଭାବ

ଲିଙ୍ଗରାଜ ରାଉତ

ବାରଙ୍ଗ, ୯।୧୨





ବିଶ୍ୱସ୍ତରୀୟ ହେବ ପ୍ରାଣୀଉଦ୍ୟାନ ନନ୍ଦନକାନନ। ବଦଳିବ ଏହାର ଚେହେରା। ବୃଦ୍ଧି ପାଇବ ବନ୍ୟପ୍ରାଣୀଙ୍କ ସଂଖ୍ୟା। ନୂଆ ନୂଆ ପ୍ରଜାତିକୁ ଦେଖିବେ ପର୍ଯ୍ୟଟକ। ଏଥିପାଇଁ ଦେଶବିଦେଶରୁ ଅଣାଯାଉଛି ପଶୁପକ୍ଷୀ। ଏପରି କି ବଂଶାନୁକ୍ରମିକ ଓ ରକ୍ତସମ୍ପର୍କ ମିଳନରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଚାଲିଛି ପ୍ରୟାସ। ହେଲେ କିଛିବର୍ଷର ଉଦ୍ୟମ ସତ୍ତ୍ୱେ ଅନେକ କ୍ଷେତ୍ରରେ ମିଳିପାରୁନାହିଁ ସଫଳତା। ବନ୍ୟଜନ୍ତୁଙ୍କ ବଂଶବୃଦ୍ଧି, ନିଃସଙ୍ଗ ପ୍ରାଣୀଙ୍କୁ ସାଥୀ ଦେବାରେ ଏକପ୍ରକାର ବିଫଳ ହୋଇଛନ୍ତି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ। ଏହି କାରଣରୁ ନନ୍ଦନକାନନରେ କିଛି ପ୍ରଜାତିର ପଶୁପକ୍ଷୀଙ୍କ ସଂଖ୍ୟା ବଢ଼ିବା ପରିବର୍ତ୍ତେ କମିଯାଉଛି। ଏଠାରେ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି ସମ୍ପୂର୍ଣ୍ଣ ଲୋପ ପାଇଯାଇଛି। ଅନେକ କୋଟି ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ବିଦେଶୀ ପ୍ରାଣୀଙ୍କୁ ବଞ୍ଚାଇ ରଖାଯାଇ ପାରୁନାହିଁ। ନନ୍ଦନକାନନରେ ବହୁ ପ୍ରାଣୀ ଉଧେଇ ପାରୁ ନ ଥିବାରୁ ନିରାଶ ହେଉଛନ୍ତି ପର୍ଯ୍ୟଟକ।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ସୁଦ୍ଧା ନନ୍ଦନକାନନରେ ସମୁଦାୟ ୧୬୧ ପ୍ରଜାତିର ୪,୦୫୪ ପଶୁପକ୍ଷୀ ଅଛନ୍ତି। ତନ୍ମଧ୍ୟରେ ୧,୪୫୨ ଅଣ୍ଡିରା, ୧,୬୯୧ ମାଈ। ସେହିପରି ୯୧୧ ପ୍ରାଣୀଙ୍କ ଲିଙ୍ଗ ନିରୂପଣ ହୋଇନାହିଁ। ସାଥୀ ନ ଥିବାରୁ ୩୨ ପ୍ରଜାତିର ପ୍ରାଣୀ ନିଃସଙ୍ଗ ଜୀବନ ବିତାଉଛନ୍ତି। ସେହିପରି ଗତ ୬ବର୍ଷ ମଧ୍ୟରେ ନନ୍ଦନକାନନକୁ ୧୨୮ ପ୍ରାଣୀ କିଣା ହୋଇ ଆସିଥିବାବେଳେ ଏହି ସମୟରେ ୧୦୬ ପଶୁପକ୍ଷୀ ହସ୍ତାନ୍ତର କରାଯାଇଛି। ଅଦଳବଦଳ ଏବଂ କିଣା ☞ପୃଷ୍ଠା-୪

## ବୁଡ଼ିଛି ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି

ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ନନ୍ଦନକାନନକୁ ବିଭିନ୍ନ ସମୟରେ ଅଣାଯାଉଛି ନୂଆ ପ୍ରଜାତିର ଜୀବଜନ୍ତୁ। ଏପରି କି ବଂଶବୃଦ୍ଧି ପାଇଁ ନିଆଯାଉଛି ନାନା ପଦକ୍ଷେପ। ହେଲେ ବିଭିନ୍ନ କାରଣରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ତ ଦୂରର କଥା, ବଂଶ ମଧ୍ୟ ବଞ୍ଚାଇ ହେଉନାହିଁ। ଗତ କିଛିବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବଜନ୍ତୁ ନନ୍ଦନକାନନରୁ ଲୋପ ପାଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଓରାଙ୍ଗଓଟାନ୍, ଜେବ୍ରା, କାସୁଆରି, ୱାଲାବୀ, ନୀଳଗିରି ହନୁ, ଧଳାମୟୂର, ଧଳାଝିଙ୍କ, କ୍ୟାପି ବାର୍‌ହା, ଚିତା, ମେଘୁଆ ଚିତା, କଳାଚିତା, ମାଟିଆ ଭାଲୁ, ସବୁଜହଳଦୀ ମାକାଓ, ଓଧ,ଏରାପକ୍ଷୀ, ଲଜ୍ଜାବତୀ, ଗିବନ, ସିଂହଲାଞ୍ଜି ମାଙ୍କଡ଼, ଧଳା କୃଷ୍ଣସାର। ଏବେ ଦୁବାଇରୁ ଚିତାବାଘ ଆଣିବାକୁ ଯୋଜନା କରାଯାଉଥିଲେ ମଧ୍ୟ ଏହା କେତେଦୂର ଫଳବତୀ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।













**ଆଜିର ସମ୍ପାଦକୀୟ**

**ବିବାଦରେ ଫସିଲେ**

# ସିଟ୍ ଖାଲି, ନୂଆ କଲେଜ ଖୋଲିବାକୁ ତତ୍ପର

**ଉଚ୍ଚଶିକ୍ଷା ବିଭାଗର ଅଜବ ନୀତି**

■ ପ୍ରଶ୍ନ ଉଠାଇଲେ ଶିକ୍ଷାବିତ୍

■ ସମାଲୋଚନା କଲା ଅଧ୍ୟାପକ ସଂଘ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଜବ ନୀତିକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଡିଗ୍ରୀ କଲେଜରେ ସିଟ୍ ପୂରଣ ହେଉ ନ ଥିବାବେଳେ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ ଭିତ୍ତିଭୂମି ନାହିଁ। ଏ ପରିସ୍ଥିତିରେ ନୂଆ ଡିଗ୍ରୀ କଲେଜ ଖୋଲିବାକୁ ଅଣ୍ଟାଭିଡ଼ିଛି ଉଚ୍ଚଶିକ୍ଷା ବିଭାଗ। ୨୦୨୦-୨୧ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା ଯେ, ୨୦୨୫-୨୬ ଶିକ୍ଷାବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ନୂତନ ଡିଗ୍ରୀ ଓ ପ୍ରଫେସନାଲ କଲେଜ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ସିଟ୍ ଖାଲି ପଡୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏବେ ସେଥିରେ ପରିବର୍ତ୍ତନ କରାଯିବା ସହ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି। ଗତ ମାସରେ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟିରେ ସ୍ଥିର ହୋଇଛି ଯେ, ଏଣିକି ରାଜ୍ୟରେ ନୂଆ କଲେଜ/ବିଭାଗ/ପାଠ୍ୟକ୍ରମ ଖୋଲିବ। ସିଟ୍ ବୃଦ୍ଧି ଲାଗି ମଧ୍ୟ ଅନୁମତି ଦିଆଯିବ। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଉଚ୍ଚଶିକ୍ଷା ବିଭାଗ କହୁଥିବାବେଳେ ଏହାକୁ ନେଇ ଶିକ୍ଷାବିତ୍ ଓ ଅଧ୍ୟାପକ ସଂଘ ସମାଲୋଚନା ଆରମ୍ଭ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧,୦୨୪ ଡିଗ୍ରୀ କଲେଜରେ ☞ପୃଷ୍ଠା-୪

# ମଙ୍ଗଳରୁ ଧୂଳି ସଂଗ୍ରହକଲା ନାସା ରୋଭର

ୱାଶିଂଟନ,୯।୧୨



ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ମଙ୍ଗଳ ଗ୍ରହକୁ ପଠାଇଥିବା ପର୍ସେଭେରାନ୍ସ ରୋଭର ଲାଲ୍ ଗ୍ରହ ପୃଷ୍ଠରୁ ଧୂଳି ନମୁନା ସଂଗ୍ରହ କରିଛି। ଡିସେମ୍ବର ୨ ଏବଂ ୬ରେ ଦୁଇଟି ନମୁନା ସଂଗ୍ରହ କରାଯାଇଥିବା ନାସାର ଜେଟ୍ ପ୍ରପଲ୍‌ଶନ ଲାବରେଟୋରି ପକ୍ଷରୁ କୁହାଯାଇଛି। ମଙ୍ଗଳ ପୃଷ୍ଠରେ ଜୀବସତ୍ତାର ସନ୍ଧାନ କରିବାରେ ଏହା ସହାୟକ ହୋଇପାରିବ। ପୂର୍ବରୁ ଉକ୍ତ ରୋଭର ଶିଳା ନମୁନା ସଂଗ୍ରହ କରିଥିବାବେଳେ ଏଥର ପବନରେ ଉଡୁଥିବା ବାଲିକଣା ଓ ଧୂଳି ଏକ କ୍ଷୁଦ୍ର ବାଲୁକା ସ୍ତୂପରୁ ସଂଗୃହୀତ ହୋଇଛି। ପୃଥିବୀକୁ ଆସିବା ପରେ ଏହି ନମୁନା ଉପରେ ବୈଜ୍ଞାନିକମାନେ ଶକ୍ତିଶାଳୀ ଉପକରଣ ଯୋଗେ ଗବେଷଣା କରିବେ ଏବଂ ମଙ୍ଗଳ ଗ୍ରହରେ ଅତୀତରେ ଜୀବସତ୍ତା ଥିଲା କି ନାହିଁ ତାହାର ଲକ୍ଷଣ ଖୋଜିବେ। ଏଥିରୁ ମଙ୍ଗଳ ଗ୍ରହର ଭୂତାତ୍ତ୍ୱିକ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଗବେଷକମାନେ ଜାଣିପାରିବେ। ମଙ୍ଗଳ ଅଭିଯାନରେ ଯିବାକୁ ଥିବା ମହାକାଶଚାରୀ ଆଗାମୀ ଦିନରେ ବିଭିନ୍ନ ☞ପୃଷ୍ଠା-୪



ମସ୍କୋ ଉପରେ କୌଣସି ଦେଶ ଆଣବିକ ଆକ୍ରମଣ କଲେ ରୁଷିଆ ଅସ୍ତ୍ରରେ ଜବାବ ଦେବାକୁ ବାଧହେବ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀ ରାଷ୍ଟ୍ର ସଫା ହୋଇଯିବ।

-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି



## 'ଆକସ୍ମିକ ରାଷ୍ଟ୍ରପତି' ଡିନା ବୋଲୁଆର୍ଟେ

ଲିମା,୯।୧୨

ପେରୁରେ ପୂର୍ବରୁ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଅନ୍ୟ ନେତାମାନେ ୫ ବର୍ଷ ଶାସନ କାଳ ପୂରଣ କରିପାରି ନ ଥିବାରୁ ଦେଶରେ ରାଜନୈତିକ ଅସ୍ଥିରତା ଲାଗିରହିଥାଏ। ସେହି ନେତାଙ୍କ ଭଳି ଡିନା ବୋଲୁଆର୍ଟେଙ୍କୁ ମଧ୍ୟ 'ଆକସ୍ମିକ ରାଷ୍ଟ୍ରପତି' ବୋଲି ଅଭିହିତ କରାଯାଇପାରିବ। ୬୦ ବର୍ଷୀୟା ଡିନା ପେସାରେ ଜଣେ ଆଇନଜୀବୀ। ବିଦାୟୀ ରାଷ୍ଟ୍ରପତି ପେଡ୍ରୋ କାଷ୍ଟିଲୋଙ୍କ ଅଧୀନରେ ସେ ଉପରାଷ୍ଟ୍ରପତି ଦାୟିତ୍ୱ ତୁଲାଉଥିଲେ। ବାମପନ୍ଥୀ ନେତା କାଷ୍ଟିଲୋ ଗତ ବୁଧବାର ସଂସଦକୁ ଭଙ୍ଗକରି ଜରୁରିକାଳୀନ ସରକାର ଗଢ଼ିବାକୁ ଉଦ୍ୟମ କରିଥିଲେ। ବିରୋଧୀମାନେ ଏହାକୁ ସମ୍ବିଧାନର ଉଲ୍ଲଂଘନ ଦର୍ଶାଇ ତାଙ୍କ ବିରୋଧରେ ମହାଭିଯୋଗ ଆଣିଥିଲେ। ପ୍ରସ୍ତାବ ସପକ୍ଷରେ ୧୦୧ ଓ ବିରୋଧରେ ୬ ଭୋଟ ପଡ଼ିଥିଲା। ଶେଷରେ କାଷ୍ଟିଲୋଙ୍କୁ ରାଷ୍ଟ୍ରପତି ପଦ ହରାଇବାକୁ ପଡ଼ିଲା। ତତ୍କାଳ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଡିନା ଶପଥ ନେଲେ।

## ୟୁକ୍ରେନ୍‌ରେ ୧,୧୦୦ ଭାରତୀୟ ଛାତ୍ରୀଛାତ୍ର

ନୂଆଦିଲ୍ଲୀ,୯।୧୨

ରୁଷିଆର ଆକ୍ରମଣ ପରେ ୟୁକ୍ରେନ୍‌ରେ ପାଠ ପଢୁଥିବା ବହୁ ଛାତ୍ରୀଛାତ୍ର ସ୍ୱଦେଶକୁ ଫେରିଆସିଥିଲେ। କିନ୍ତୁ ଏବେ ବି ସେଠାରେ ପ୍ରାୟ ୧,୧୦୦ ଜଣ ଭାରତୀୟ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ଛାତ୍ରୀଛାତ୍ର ବୋଲି ଶୁକ୍ରବାର ଲୋକ ସଭାକୁ କେନ୍ଦ୍ର ସରକାର ଅବଗତ କରାଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି



କହିଛନ୍ତି, କିଭ୍‌ସ୍ଥିତ ଭାରତୀୟ ଦୂତାବାସ ଅକ୍ଟୋବର ୨୫ରେ ତୁରନ୍ତ ୟୁକ୍ରେନ୍ ଛାଡ଼ି ଚାଲିଯିବାକୁ ସମସ୍ତ ଭାରତୀୟଙ୍କ ଉଦ୍ଦେଶ୍ୟରେ ଆଡ୍‌ଭାଇଜରି ଜାରି କରିଥିଲା। ସେଠାରେ ମେଡିକାଲ ପଢୁଥିବା ଅଧିକାଂଶ ପିଲା ଯୁଦ୍ଧ ଆରମ୍ଭ ବେଳେ ଭାରତକୁ ଫେରିଆସିଥିବାବେଳେ ଆଉ ୧,୧୦୦ ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ଫେରିନାହାନ୍ତି। ଯୁଦ୍ଧ ଯୋଗୁ ଯେଉଁମାନଙ୍କ ପଢ଼ାରେ ବାଧା ସୃଷ୍ଟି ହୋଇଛି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଭାରତର ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଲେଖି ସୂଚନା ଦେଇଛନ୍ତି।

### ସଂକ୍ଷେପରେ

### ବୁର୍ଖା ପିନ୍ଧି ନୃତ୍ୟ: ୪ ଇଞ୍ଜିନିୟରିଂ ଛାତ୍ର ନିଲମ୍ବିତ

**ବେଙ୍ଗାଲୁରୁ,୯।୧୨:** କର୍ଣାଟକର ମାଙ୍ଗାଲୁରୁସ୍ଥିତ ଏକ ଇଞ୍ଜିନିୟରିଂ କଲେଜର ୪ ଜଣ ଛାତ୍ର ବୁର୍ଖା ପିନ୍ଧି ବଲିଉଡ୍ ଗୀତରେ ନୃତ୍ୟ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। କଲେଜ ଉତ୍ସବରେ ସେମାନଙ୍କ ନୃତ୍ୟର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ମଙ୍ଗଳବାର ସେଣ୍ଟ ଜୋସେଫ୍ ଇଞ୍ଜିନିୟରିଂ କଲେଜ (ଏସ୍‌ଜେଇସି) ଉତ୍ସବ ଚାଲିଥିବାବେଳେ ଛାତ୍ରମାନେ ଅଶ୍ଳୀଳ ନୃତ୍ୟ କରି ବୁର୍ଖାକୁ ତାଚ୍ଛଲ୍ୟ କରିଥିବା ଅଭିଯୋଗ ହେବା ପରେ କଲେଜ କର୍ତ୍ତୃପକ୍ଷ ୪ ଜଣ ଛାତ୍ରଙ୍କୁ ନିଲମ୍ବନ କରିଛନ୍ତି।

### ଇଣ୍ଡୋନେସିଆ କୋଇଲା ଖଣିରେ ବିସ୍ଫୋରଣ: ୯ ମୃତ

**ଜାକର୍ତ୍ତା,୯।୧୨:** ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ଶୁକ୍ରବାର ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ନିଖୋଜ ଅଛନ୍ତି। ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏକ ଘରୋଇ କମ୍ପାନୀର ଏହି ଖଣିରେ ମିଥେନ୍ ଆଦି ବିଷାକ୍ତ ଗ୍ୟାସ୍ ଯୋଗୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଏହି ସମୟରେ ଖଣିରେ ୧୨ ଜଣ ଶ୍ରମିକ କାମ କରୁଥିଲେ। ଉଦ୍ଧାରକାରୀ ଟିମ୍ ବହୁ କଷ୍ଟରେ ୨ ଜଣଙ୍କୁ ଜୀବନ୍ତ ଅବସ୍ଥାରେ ଖଣିରୁ ବାହାର କରିବାରେ ସଫଳ ହୋଇଥିଲେ।

### ସୁସ୍ମିତା ଶୁକ୍ଳା ନ୍ୟୁୟର୍କ ଫେଡେରାଲ ରିଜର୍ଭ ବ୍ୟାଙ୍କ ଭିପି



**ନ୍ୟୁୟର୍କ,୯।୧୨:** ନ୍ୟୁୟର୍କର ଫେଡେରାଲ ରିଜର୍ଭ ବ୍ୟାଙ୍କ ଭାରତୀୟ ବଂଶୋଦ୍ଭବ ସୁସ୍ମିତା ଶୁକ୍ଳାଙ୍କୁ ପ୍ରଥମ ଉପାଧ୍ୟକ୍ଷ (ଭିପି) ଏବଂ ମୁଖ୍ୟ ଅପରେଟିଂ ଅଫିସର ଭାବେ ନିଯୁକ୍ତି ଦେଇଛି। ୫୪ ବର୍ଷୀୟ ଶୁକ୍ଳା ଉକ୍ତ ବ୍ୟାଙ୍କର ଦ୍ୱିତୀୟ ର୍‍ୟାଙ୍କର ଅଫିସର। ତାଙ୍କ ନିଯୁକ୍ତିକୁ ଫେଡେରାଲ ରିଜର୍ଭ ସିଷ୍ଟମର ଗଭର୍ନରସ୍ ବୋର୍ଡ ଅନୁମୋଦନ କରିଛି। ନ୍ୟୁୟର୍କ ଫେଡେରାଲରେ କାମ କରିବା ସୁଯୋଗ ମିଳିଥିବାରୁ ଶୁକ୍ଳା ଖୁସି ବ୍ୟକ୍ତ କରିବା ସହ ଏଥିରେ ତାଙ୍କର ସମସ୍ତ ଅଭିଜ୍ଞତାକୁ ବିନିଯୋଗ କରିବେ ବୋଲି କହିଛନ୍ତି।

# ସ୍ୱଦେଶ ଫେରିଲେ ବ୍ରିଟ୍‌ନି ଗ୍ରାଇନର




ୱାଶିଂଟନ/ମସ୍କୋ,୯।୧୨

ରୁଷିଆ ଜେଲରୁ ମୁକୁଳିବା ପରେ ଆମେରିକାର ବାସ୍କେଟବଲ୍ ଷ୍ଟାର ବ୍ରିଟ୍‌ନି ଗ୍ରାଇନର ଶୁକ୍ରବାର ସକାଳେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୦ ମାସ ତଳେ ଗ୍ରାଇନରଙ୍କ ନିକଟରୁ ନିଶାଦ୍ରବ୍ୟ ମିଳିବା ପରେ ରୁଷୀୟ ଅଧିକାରୀମାନେ ତାଙ୍କୁ ବନ୍ଦୀ କରି ରଖିଥିଲେ। ଗ୍ରାଇନରଙ୍କ ମୁକ୍ତି




ବଦଳରେ ମୃତ୍ୟୁର ସୌଦାଗର ନାମରେ ପରିଚିତ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଭିକ୍ଟର ବାଉଟ୍‌ଙ୍କୁ ଆମେରିକା ଛାଡ଼ିଦେଇଛି।

୩୨ ବର୍ଷୀୟା କୃଷ୍ଣକାୟ ସମଲିଙ୍ଗୀ ବ୍ରିଟ୍‌ନି ଗ୍ରାଇନର ଜଣେ ବାସ୍କେଟବଲ୍ ଖେଳାଳି। ଓମେନ୍ସ ନ୍ୟାଶନାଲ ବାସ୍କେଟବଲ୍ ଆସୋସିଏଶନ୍ ଅଧୀନ ଫୋନିକ୍ସ ମାର୍କ୍ୟୁରିର ଏହି ଷ୍ଟାର ଅଲିମ୍ପିକ୍‌ରେ ଦୁଇଥର ଗୋଲ୍ଡ ମେଡାଲ ପାଇଥିଲେ। ଗତ ଫେବୃୟାରୀ ୧୭ରେ ଗ୍ରାଇନର ରୁଷିଆ ଯାଇଥିବାବେଳେ ମସ୍କୋର ଶେରେମେଟୟେଭୋ ବିମାନବନ୍ଦରରେ ତାଙ୍କ ଲଗେଜ୍‌ରୁ କାନାବିଜ୍ ଅଏଲ୍ ଭର୍ତ୍ତି କେତେକ କ୍ୟାଟ୍ରିଜ୍ ମିଳିବା ପରେ ଗିରଫ ହୋଇଥିଲେ। ରୁଷିଆରେ ଭାଙ୍ଗ ନିଷିଦ୍ଧ ହୋଇଥିବାରୁ ତାଙ୍କୁ ୧୦ ମାସ ଜେଲରେ ରହିବାକୁ ପଡ଼ିଥିଲା। ଗ୍ରାଇନର ସାଙ୍ଗରେ କାନାବିଜ୍ ଅଏଲ୍ ନେଇଥିବା ବିଷୟ ସ୍ୱୀକାର କରିଥିଲେ। କିନ୍ତୁ ଏହା ପଛରେ ତାଙ୍କର କୌଣସି ଆପରାଧିକ ଉଦ୍ଦେଶ୍ୟ ନ ଥିବା କହିଥିଲେ। ଗ୍ରାଇନରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲମାନେ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଯନ୍ତ୍ରଣା ଲାଘବ ପାଇଁ ତାଙ୍କୁ ଡାକ୍ତର ଏହାକୁ ସେବନ ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପୂର୍ବରୁ ଆମେରିକାର ପରରାଷ୍ଟ୍ର ବିଭାଗ ତାଙ୍କ ଗିରଫଦାରିକୁ ସମ୍ପୂର୍ଣ୍ଣ ଭୁଲ୍ ପଦକ୍ଷେପ ବୋଲି ଦର୍ଶାଇବା ସହ ତୁରନ୍ତ ଛାଡ଼ିଦେବାକୁ ଚାପ ପକାଇଥିଲା। କିନ୍ତୁ ରୁଷିଆ ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ଗ୍ରାଇନର ଟେକ୍ସାସ୍‌ର ସାନ୍ ଆଣ୍ଟୋନିଓ ବିମାନବନ୍ଦରରେ ପହଞ୍ଚିବା ପରେ ନିଜ ଘରକୁ ଯାଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ଗ୍ରାଇନରଙ୍କୁ ଫୋନ୍ କରି କଥା ହୋଇଛନ୍ତି। ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଓ କାଉନ୍‌ସେଲିଂ ପ୍ରଦାନ ପାଇଁ ବାଇଡେନ୍ ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେପଟେ ଆମେରିକାର ଜେଲରେ ଥିବା ରୁଷିଆର କୁଖ୍ୟାତ୍ ଆର୍ମ ଡିଲର ଭିକ୍ଟର ବାଉଟ୍‌ଙ୍କୁ ୱାଶିଂଟନ ମୁକ୍ତ କରିଛି। ଏହି ପ୍ରିଜନର ସ୍ୱାପ୍ ଚୁକ୍ତି ଆବୁଧାବିରେ ସ୍ୱାକ୍ଷରିତ ହୋଇଥିଲା। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଭିକ୍ଟର କହିଛନ୍ତି, ସେ ନିଜ ୧୨ ବର୍ଷର ଜେଲ ଅନୁଭୂତି ବଖାଣିବାକୁ ଭାଷା ପାଉନାହାନ୍ତି। ତାଙ୍କୁ ହାତକଡ଼ି ପକାଇ ରଖାଯାଇ ନ ଥିଲା। ଜେଲରେ ଥିବା ଭିତରେ ସେ ବିଶେଷ ଭାବେ ରୁଷିଆ ବିରୋଧୀ ମନୋଭାବର ଶିକାର ହୋଇନାହାନ୍ତି। ବନ୍ଦୀ ଜୀବନ ବିତାଉଥିବା ଅନେକ କଏଦୀଙ୍କ ମନୋଭାବ ମସ୍କୋ ପ୍ରତି ନରମ ଥିଲା। ତାଙ୍କ ସ୍ତ୍ରୀ ଅଲ୍ଲା ବାଉଟ୍ କହିଛନ୍ତି, ସ୍ୱାମୀଙ୍କ ଦସ୍ତାବିଜ ଓ ଡ୍ରଇଂଗୁଡ଼ିକୁ ଆମେରିକା ଯଥାଶୀଘ୍ର ସମ୍ଭବ ରୁଷିଆ ଦୂତାବାସକୁ ହସ୍ତାନ୍ତର କରିବ ବୋଲି ଆଶା। ଭିକ୍ଟର ବାଉଟ୍ ୩ ଦିନ ହେଲା ଶୋଇ ନ ଥିବାରୁ ଥକିପଡ଼ିଛନ୍ତି। ପ୍ରକାଶ ଯେ, ପୂର୍ବରୁ ସୋଭିଏତ୍ ଆର୍ମିରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ଥିବା ବାଉଟ୍ ହେଉଛନ୍ତି ବିଶ୍ୱର ଅନ୍ୟତମ ବୃହତ୍ ଆର୍ମ ଡିଲର। ସେ ଅନେକ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି କରିଥିଲେ, ଯାହାକି ଆମେରିକୀୟମାନଙ୍କ ବିରୋଧରେ ବ୍ୟବହାର କରାଯାଇଥିଲା। ୨୦୦୮ରେ ୱାଶିଂଟନର ଏଜେଣ୍ଟମାନଙ୍କ ପକ୍ଷରୁ ଏକ ଅଣ୍ଡରକଭର୍ ଅପରେଶନ ବେଳେ ଥାଇଲାଣ୍ଡରେ ସେ ଗିରଫ ହୋଇଥିଲେ। ବାଉଟ୍‌ଙ୍କୁ ୨୦୧୦ରେ ବ୍ୟାଙ୍କକ୍ ଆମେରିକାକୁ ପ୍ରତ୍ୟର୍ପଣ କରିଥିଲା। ୨୦୧୨ରେ ଏକ ଆମେରିକୀୟ ଅଦାଲତ ତାଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଆମେରିକା ସହ ମସ୍କୋର ସମ୍ପର୍କ ସବୁଠୁ ଖରାପ ସ୍ଥିତିରେ ଥିବାବେଳେ ଏହି ହାଇପ୍ରୋଫାଇଲ୍ ବନ୍ଦୀ ବିନିମୟ ହେଉଛି ଦୁଇଦେଶ ମଧ୍ୟରେ ସହଯୋଗିତାର ଏକ ବିରଳ ଦୃଷ୍ଟାନ୍ତ। ଏହା ପୂର୍ବରୁ ଏପ୍ରିଲରେ ମଧ୍ୟ ଆମେରିକା ଓ ରୁଷିଆ ପ୍ରିଜନର୍ସ ସ୍ୱାପ୍ କରିଥିଲେ। ସେତେବେଳେ ଆମେରିକାର ପୂର୍ବତନ ମେରାଇନ୍ ଟ୍ରେଭୋର ରିଡ୍‌ଙ୍କୁ ରୁଷିଆ ଛାଡ଼ିଦେଇଥିଲା। ଏହା ବଦଳରେ ରୁଷୀୟ ପାଇଲଟ୍ କୋନ୍‌ଷ୍ଟାନ୍‌ଟିନ୍ ୟାରୋଶେଙ୍କୋଙ୍କୁ ଆମେରିକା ମୁକ୍ତ କରିଥିଲା। ଏନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି, ମସ୍କୋ ଓ ୱାଶିଂଟନ ମଧ୍ୟରେ ଅଧିକ ସଂଖ୍ୟକ ବନ୍ଦୀଙ୍କୁ ମୁକ୍ତ କରିବା ନେଇ ଚୁକ୍ତି ହୋଇପାରିବ। କଏଦୀ ବିନିମୟ କରିବାକୁ ଆମେ ମନାକରୁନାହୁଁ। ଏହା ଜାରି ରହିବା ଉଚିତ।

## କଲେଜିୟମ ତଥ୍ୟ ଦେଇହେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୧୨:** ସୂଚନା ଅଧିକାର ଆଇନ ବଳରେ କଲେଜିୟମର ୨୦୧୮ ଡିସେମ୍ବର ୧୨ ତାରିଖ ବୈଠକର ସବିଶେଷ ବିବରଣୀ ପ୍ରଦାନ ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବହୁସଦସ୍ୟ ବିଶିଷ୍ଟ କଲେଜିୟମର ପରୀକ୍ଷାମୂଳକ ନିଷ୍ପତ୍ତିକୁ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରସ୍ତାବରେ କଲେଜିୟମର ସମସ୍ତ ସଦସ୍ୟ ସ୍ୱାକ୍ଷର କରିବା ପରେ ଏହା ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିବ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ପରୀକ୍ଷାମୂଳକ ପ୍ରସ୍ତାବଗୁଡ଼ିକ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ଓ ପରାମର୍ଶ ପାଇଁ ଅଣାଯାଇଥାଏ। ସେଗୁଡ଼ିକୁ ଚୂଡ଼ାନ୍ତ ନିଷ୍ପତ୍ତି କୁହାଯାଇପାରିବ ନାହିଁ। ୨୦୧୮ ଡିସେମ୍ବର ୧୨କଲେଜିୟମ ବୈଠକରେ କେତେଜଣ ବିଚାରପତିଙ୍କ ନାମକୁ ନେଇ ଆଲୋଚନା ହୋଇଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ଉକ୍ତ ବୈଠକର ସବିଶେଷ ତଥ୍ୟ ଜାଣିବା ପାଇଁ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜ କରିଥିବା ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଯିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଧର୍ମୀୟ ଶୋଭାଯାତ୍ରା ନିୟନ୍ତ୍ରଣ ଆବେଦନ ଖାରଜ

ଦେଶରେ ଧର୍ମୀୟ ଶୋଭାଯାତ୍ରାଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ ପିସ୍ ନାମକ ଏନ୍‌ଜିଓ ପକ୍ଷରୁ ଏହି ପିଆଇଏଲ୍ ଦାଏର କରାଯାଇଥିଲା। ସମସ୍ତ ଧର୍ମୀୟ ଶୋଭାଯାତ୍ରାକୁ ଦଙ୍ଗାର ଉତ୍ସ ଭାବେ ଚିତ୍ରଣ ନ କରିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ଆଇନ ଶୃଙ୍ଖଳା ରାଜ୍ୟ ପ୍ରସଙ୍ଗ। ସବୁ ଅଞ୍ଚଳର ଆଇନ ଶୃଙ୍ଖଳା ମଧ୍ୟକୁ ସୁପ୍ରିମକୋର୍ଟଙ୍କୁ ଟଣାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ୟୁ. ସିଂ ଅଦାଲତଙ୍କୁ କହିଥିଲେ, ଧର୍ମୀୟ ଉତ୍ସବ ବେଳେ ଶୋଭାଯାତ୍ରାରେ ଖଣ୍ଡା ଆଦି ଅସ୍ତ୍ରକୁ ସାମିଲ କରାଯାଉଛି। ଏଗୁଡ଼ିକ ଉପରେ ନିୟନ୍ତ୍ରଣ ଲାଗି ଗାଇଡ୍‌ଲାଇନ ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ।

## ଆଫତାବଙ୍କୁ ଫାଶୀ ମିଳୁ: ଶ୍ରଦ୍ଧାଙ୍କ ବାପା

ମୁମ୍ବାଇ,୯।୧୨

ଦିଲ୍ଲୀରେ ଲିଭ୍-ଇନ୍-ପାର୍ଟନର ଶ୍ରଦ୍ଧା ୱାଲ୍‌କରଙ୍କୁ ହତ୍ୟାକରି ୩୫ ଖଣ୍ଡ କରିଥିବା ଆଫତାବ ପୁନାୱାଲାଙ୍କୁ ଫାଶୀ ଦିଆଯାଉ ବୋଲି ଶ୍ରଦ୍ଧାଙ୍କ ବାପା ବିକାଶ ୱାଲ୍‌କର ଶୁକ୍ରବାର ଦାବି କରିଛନ୍ତି। ଏହି ହତ୍ୟାକାଣ୍ଡରେ ଆଫତାବଙ୍କ ସହ ଅନ୍ୟ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟିବା ପରେ ସେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଦାବି ଉଠାଇଥିଲେ। ଶ୍ରଦ୍ଧାଙ୍କ ଅଭିଯୋଗ ସତ୍ତ୍ୱେ ତଦନ୍ତରେ ବିଳମ୍ବ କରିଥିବା ପୋଲିସଙ୍କ ବିରୋଧରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ। କାରଣ ସେମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତାଙ୍କ ଝିଅ ମରି ନ ଥାନ୍ତା ବୋଲି ବିକାଶ କହିଛନ୍ତି। ଆଫତାବ୍ ୬ ମାସ ହେଲା ମାଡ଼ ମାରିବା ସହ ନିଃଶ୍ୱାସ ବନ୍ଦ କରି ହତ୍ୟା କରିବାକୁ ଉଦ୍ୟମ କରିଥିବା ସମ୍ପର୍କରେ ଶ୍ରଦ୍ଧା ୨୦୨୦ ନଭେମ୍ବରରେ ତୁଲିଞ୍ଜ୍ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶୁକ୍ରବାର ବିକାଶ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଝିଅ ପାଇଁ ନ୍ୟାୟ ଦାବି କରିଥିଲେ। ନ୍ୟାୟ ପ୍ରଦାନ ଲାଗି ଫଡ୍‌ନବିସ୍‌ଙ୍କ ସମେତ ଦିଲ୍ଲୀ ଉପରାଜ୍ୟପାଳ ଏବଂ ଦକ୍ଷିଣ ଦିଲ୍ଲୀ ଡିସିପି ପ୍ରତିଶ୍ରୁତି ଦେଇଥିବା ବିକାଶ କହିଛନ୍ତି।

### କାନ୍ଦିଲେ ପୋପ୍



ରୋମ୍‌ର ଏକ ପାରମ୍ପରିକ ପ୍ରାର୍ଥନା ସଭାରେ ଶୁକ୍ରବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ବାସୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ କହୁଥିବାବେଳେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ହଠାତ୍ କୋହ ସମ୍ବରଣ କରି ନ ପାରି କାନ୍ଦି ପକାଇଲେ।

## ରାଜ୍ୟ ସଭାରେ ୟୁସିସି ବିଲ୍‌କୁ ବିରୋଧ

ନୂଆଦିଲ୍ଲୀ,୯।୧୨(ପି.ଟି.)

ରାଜ୍ୟ ସଭାରେ ଶୁକ୍ରବାର ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ବିଲ୍, ୨୦୨୦ ଆଗତ କରାଯାଇଛି। ୟୁସିସି ବା ସମାନ ନାଗରିକ ସଂହିତା ପ୍ରସ୍ତୁତି ନିମନ୍ତେ ଏକ କମିଟିଗଠନ ପାଇଁ ଏହାକୁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଭାବେ ଅଣାଯାଇଛି।

ଭାଜପା ଏମ୍‌ପି କିରୋଡି ଲାଲ୍ ମୀନା ବିଲ୍ ଆଗତ କରି ୟୁନିଫର୍ମ ସିଭିଲ୍ କୋଡ୍ ପ୍ରସ୍ତୁତି ଓ ସାରା ଦେଶରେ ଏହାର କାର୍ଯ୍ୟକାରିତା ନିମନ୍ତେ ଏକ



ଜାତୀୟ ନିରୀକ୍ଷଣ ଓ ଅନୁଧ୍ୟାନ କମିଟି ଗଠନ ଚାହିଁଥିଲେ। ତେବେ ବିରୋଧୀ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ ସଦସ୍ୟମାନେ

**ସମାନ ନାଗରିକ ସଂହିତା ସାମାଜିକ ସମ୍ପର୍କ, ଏକତା ନଷ୍ଟ କରିବ: ବିରୋଧୀ**

ବିଲ୍‌କୁ ବିରୋଧ କରିଥିଲେ। ଏହା ଦେଶରେ ରହିଥିବା ସାମାଜିକ ସମ୍ପର୍କ ଏବଂ ବିବିଧତା ମଧ୍ୟରେ ଏକତାକୁ ନଷ୍ଟ କରିଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ୟୁନିଫର୍ମ ସିଭିଲ୍ କୋଡ୍ ନା ଜରୁରୀ ନା ବାଞ୍ଛନୀୟ ବୋଲି ନ୍ୟାୟିକ କମିଶନ ରିପୋର୍ଟରେ କୁହାଯାଇଥିବା ସିପିଆଇ(ଏମ୍) ସଦସ୍ୟ ଜନ୍ ବ୍ରିଟାସ୍ କହିଥିଲେ। ୟୁସିସି ଧର୍ମନିରପେକ୍ଷତା ବିରୋଧୀ ବୋଲି ଡିଏମ୍‌କେ ସଦସ୍ୟ ତିରୁଚି ଶିବା କହିଥିଲେ। ସମାଜବାଦୀ ପାର୍ଟି ଏମ୍‌ପି ଆର୍.ଜି. ବର୍ମା ମଧ୍ୟ ବିଲ୍‌କୁ ବିରୋଧ କରିଥିଲେ। ଏହା ସାମ୍ବିଧାନିକ ବ୍ୟବସ୍ଥାର ବିରୋଧୀ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଭାଜପା ଏମ୍‌ପି ହରନାଥ ସିଂ ଯାଦବ ଦେଶରେ ସମାନ ନାଗରିକ ସଂହିତା କାର୍ଯ୍ୟକମାରୀ କରିବା ଉପରେ ଶୂନ୍ୟ କାଳରେ ଆଲୋଚନା ପାଇଁ ନୋଟିସ୍ ଦେଇଥିଲେ। ବିଲ୍ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ। ବିଲ୍ ଆଗତକୁ ବିରୋଧ କରି ଗୃହରେ ହଟ୍ଟଗୋଳ ଲାଗି ରହିବାରୁ ଭୋଟ ଜରିଆରେ ଏହା ସ୍ଥିର କରାଯାଉ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ୬୩ ଭୋଟରେ ବିଲ୍‌କୁ ଆଗତ ଲାଗି ଅନୁମତି ମିଳିଥିଲା ବେଳେ ବିରୋଧରେ ୨୩ ଖଣ୍ଡ ଭୋଟ ପଡ଼ିଥିଲା। ପୂର୍ବରୁ ଏହି ବିଲ୍ ଆଗତ କରିବା ଲାଗି ତାଲିକାଭୁକ୍ତ ହୋଇଥିଲେ ହେଁ ରାଜ୍ୟ ସଭାରେ ଅଣାଯାଇ ପାରି ନ ଥିଲା। ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ବ୍ୟକ୍ତିଗତ ସୁରକ୍ଷା ଲାଗି ସମାନ ଆଇନ କାର୍ଯ୍ୟକାରୀ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ।

## ମାଟ୍ରିକ ସମ୍ମେଟିଭ୍-୧ ଖାତାଦେଖା ଆରମ୍ଭ

ଭୁବନେଶ୍ୱର, ୯।୧୨(ବ୍ୟୁରୋ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ, ମଧ୍ୟମା ଏବଂ ଓପନ ସ୍କୁଲ ସମ୍ମେଟିଭ୍-୧ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ୫୬ଟି ପରୀକ୍ଷା କେନ୍ଦ୍ରରେ ୧୨,୨୫୦ଜଣ ଶିକ୍ଷକ ଖାତା ଦେଖାରେ ନିୟୋଜିତ ହୋଇଛନ୍ତି। ମୂଲ୍ୟାୟନ କେନ୍ଦ୍ରରେ ଅନୁପସ୍ଥିତ ଶିକ୍ଷକଙ୍କ ସ୍ଥାନରେ ସ୍ଥାନୀୟ ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ୧୦ଦିନ ମଧ୍ୟରେ ଖାତାଦେଖା ଶେଷ ହେବ। ପ୍ରତିଦିନ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖାତାଦେଖା ଚାଲିବ। ସୂଚନାଯୋଗ୍ୟ, ରାଜ୍ୟର ୩,୦୨୯ କେନ୍ଦ୍ରରେ ୫ଲକ୍ଷ ୪୦ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଖାତାଦେଖା ସରିବା ପରେ ଆବଶ୍ୟକ ତର୍ଜମା ପରେ ପରୀକ୍ଷା ଫଳ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ।

# ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଲାଗି ଓଡ଼ିଶା ଏଯାଏ ପ୍ରସ୍ତାବ ଦେଇନି: ରିଜିଜୁ

ନୂଆଦିଲ୍ଲୀ,୯।୧୨

ଓଡ଼ିଶା ହାଇକୋର୍ଟର ବେଞ୍ଚ୍ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ଏପର୍ଯ୍ୟନ୍ତ ସବିଶେଷ ପ୍ରସ୍ତାବ ଦାଖଲ କରି ନ ଥିବା କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର ଲୋକ ସଭାକୁ ସୂଚନା ଦେଇଛନ୍ତି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କ ଏକ ଲିଖିତ ପ୍ରଶ୍ନ ଉପରେ ରିଜିଜୁ କହିଥିଲେ, ବିଭିନ୍ନ ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଆସୁଛି। ଓଡ଼ିଶା ସରକାର ମଧ୍ୟ ଅତୀତରେ ଏଥିପାଇଁ ଅନୁରୋଧ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ସରକାରଙ୍କଠାରୁ ସମ୍ପୂର୍ଣ୍ଣ ପ୍ରସ୍ତାବ ମିଳିନାହିଁ।

ରିଜିଜୁ କହିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଲାଗି ରାଜ୍ୟ ସରକାର ଅନୁରୋଧ କରିଥିଲେ।



ହାଇକୋର୍ଟଙ୍କ ସହ ଆଲୋଚନା କରି ସବିଶେଷ ବିବରଣୀ ଦାଖଲ କରିବାକୁ ପ୍ରସ୍ତାବିତ ବେଞ୍ଚ୍ ପ୍ରତିଷ୍ଠା ସ୍ଥାନ ସମେତ କେନ୍ଦ୍ର ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ଜବାବ ରଖି ନ ଥିବା ମନ୍ତ୍ରୀ କହିଛନ୍ତି। ଜଶୱନ୍ତ ସିଂ କମିଶନଙ୍କ ସୁପାରିସ ଏବଂ ବାର୍ ଆସୋସିଏଶନଗୁଡ଼ିକର ମହାସଂଘର ପରାମର୍ଶକ୍ରମେ ସୁପ୍ରିମକୋର୍ଟ ରାୟ ଆଧାରରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ନିଷ୍ପତ୍ତି ନିଆଯାଇଥାଏ। ରାଜ୍ୟ ସରକାର ଆବଶ୍ୟକ ବ୍ୟୟ ଓ ଭିତ୍ତିଭୂମି ସୁବିଧା କରିଥାନ୍ତି। ଏଥିପାଇଁ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ସବିଶେଷ ପ୍ରସ୍ତାବ ଦାଖଲ କରିବା ଆବଶ୍ୟକ। ଏହି ପ୍ରସ୍ତାବ ଉପରେ ରାଜ୍ୟପାଳଙ୍କ ସ୍ୱୀକୃତି ଦରକାର ହୋଇଥାଏ। ଉଲ୍ଲେଖଯୋଗ୍ୟ, ପଶ୍ଚିମ ଓଡ଼ିଶାର ସମ୍ବଲପୁର ଏବଂ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରଠାରେ ବେଞ୍ଚ୍ ପ୍ରତିଷ୍ଠା ଲାଗି ସମ୍ପୃକ୍ତ ଅଞ୍ଚଳର ଆଇନଜୀବୀମାନେ ଦାବି କରିଆସୁଛନ୍ତି।

# ସମଲିଙ୍ଗୀ ବିବାହ ବିଲ୍ ଆମେରିକା ପାର୍ଲାମେଣ୍ଟରେ ଗୃହୀତ

ୱାଶିଂଟନ,୯।୧୨

ଆମେରିକାରେ ସମଲିଙ୍ଗୀ ବିବାହକୁ ସୁରକ୍ଷା ଦେବା ଲାଗି ଅଣାଯାଇଥିବା ବିଲ୍‌କୁ ଗୁରୁବାର ପାର୍ଲାମେଣ୍ଟ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିଛି। ସମଲିଙ୍ଗୀ ବିବାହକୁ ଦେଶବ୍ୟାପୀ ସ୍ୱୀକୃତି ଦେବା ନିମନ୍ତେ ଦଶନ୍ଧି ଧରି ଆନ୍ଦୋଳନ ଚାଲିଥିବାବେଳେ ଏହା ଏକ ଐତିହାସିକ ପଦକ୍ଷେପ ଏବଂ ସମାଜର ରକ୍ଷଣଶୀଳ ମନୋଭାବରେ ପରିବର୍ତ୍ତନର ପ୍ରତିଫଳନ ବୋଲି କୁହାଯାଉଛି। ସମଲିଙ୍ଗୀ ବିବାହକୁ ସବୁ ରାଜ୍ୟ ସ୍ୱୀକୃତି ଦେବା ନିମନ୍ତେ ଆବଶ୍ୟକ ଦସ୍ତାବିଜ୍‌ରେ ତୁରନ୍ତ ସ୍ୱାକ୍ଷର କରିବେ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ୨୦୧୫ରେ ଆମେରିକା ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହକୁ ବୈଧ କରିବା ପରେ ଏଭଳି ବିବାହ କରିଥିବା ଲକ୍ଷାଧିକ ଦମ୍ପତି ପାର୍ଲାମେଣ୍ଟର ନିଷ୍ପତ୍ତିରେ ଆଶ୍ୱସ୍ତ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ବଦଳିଯିବା ଆଶଙ୍କାରେ ସେମାନେ ସନ୍ଦିହାନ ଥିଲେ। ବିଲ୍ ସପକ୍ଷରେ ୨୫୮ ଭୋଟ ଯାଇଥିବାବେଳେ ବିରୋଧରେ ୧୬୯ ଖଣ୍ଡ ଭୋଟ ପଡ଼ିଥିଲା। ୩୯ ରିପବ୍ଲିକାନ୍ ଭୋଟ ବିଲ୍ ସପକ୍ଷରେ ଯାଇଛି। ଗତ ସପ୍ତାହରେ ସିନେଟରେ ଉକ୍ତ ବିଲ୍ ଗୃହୀତ ହୋଇଥିଲା। କଂଗ୍ରେସର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତି ବାଇଡେନ୍‌ଙ୍କ ମଞ୍ଜୁରୀ ପାଇଁ ପଠାଯାଇଛି।







# ଘରେ ପଶି ବୃଦ୍ଧଙ୍କୁ ହତ୍ୟା, ସଶସ୍ତ୍ର ଡକାୟତି

ନିଶ୍ଚିନ୍ତକୋଇଲି/ନେମାଳ, ୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

- ଆଲମିରା ଭାଙ୍ଗି ଲୁଟି ନେଲେ ସୁନା ଅଳଙ୍କାର
- ନାଁ ଧରି ଡାକି କବାଟ ଖୋଲିବାକୁ କହିଲେ
- ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ


ସ୍ତ୍ରୀ କନକଲତାଙ୍କ ସହ ହୃଷୀକେଶ ମୁଦୁଲି।

କଟକ ଜିଲା ନେମାଳ ଥାନା ଅଧୀନ କଳମିଶ୍ରୀ ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ସହ ହତ୍ୟାକାଣ୍ଡ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଜଣେ ବୃଦ୍ଧଙ୍କୁ ହତ୍ୟା କରିବା ସହ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ଏଥିସହ ଘରର ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଲେଣ୍ଡୁରା ଭଗବାନପୁର ଗ୍ରାମର ହୃଷୀକେଶ ମୁଦୁଲି (୬୯)। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ମୃତକଙ୍କ ଭାଇ ନୃସିଂହ ଚରଣ ମୁଦୁଲିଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୨୧୯/୨୨) ରୁଜୁ ହୋଇଛି।

ଡକାୟତି ଉଦ୍ଦେଶ୍ୟରେ ନା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲେଣ୍ଡୁରା ଭଗବାନପୁରର ଅନନ୍ତେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ହୃଷୀକେଶ କିରାଣି ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଏହି ଘରେ ସ୍ତ୍ରୀ କନକଲତା(୬୫)ଙ୍କ ସହ ରହିଆସୁଥିଲେ। ଗୁରୁବାର ସ୍ୱାମୀ ସ୍ତ୍ରୀଙ୍କ ସହ ନାତି ଓମ୍‌ପ୍ରକାଶ ମୁଦୁଲି(୧୮) ସେଠାରେ ଥିଲେ। ରାତିରେ ପରିବାର ଲୋକ ଶୋଇଥିଲେ। ବିଳମ୍ବିତ ରାତିରେ ୪ ଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କ ଘରକୁ ଆସି ହୃଷୀକେଶଙ୍କ ନାମ ଧରି ଡାକିବା ସହ କବାଟ ଖୋଲିବାକୁ କହିଥିଲେ। ସେମାନଙ୍କ ଡାକ ଶୁଣି ହୃଷୀକେଶ କବାଟ ଖୋଲିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଅତର୍କିତଭାବେ ବୃଦ୍ଧଙ୍କ ଗଳାକୁ ମାରଣାସ୍ତ୍ର ସାହାଯ୍ୟରେ କାଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ହୃଷୀକେଶଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ସ୍ତ୍ରୀ କନକଲତା ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିଥିଲେ ବୋଲି ନାତି ଓମପ୍ରକାଶ କହିଛନ୍ତି। ଏହାପରେ ଦୁର୍ବୃତ୍ତମାନେ ଘରେ ଥିବା ଲୁହା ଆଲମିରା ଭାଙ୍ଗି ସୁନା ଅଳଙ୍କାର ନେଇଯିବା ସହ ଘରର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବପତ୍ରରେ ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଓମ୍‌ପ୍ରକାଶଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ପ୍ରତିବାଦ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଓମ୍‌ପ୍ରକାଶ ପାଟି ଚୁପ୍ କରି ନିରବତାର ସହ ବସି ରହିଥିଲେ। ଦୁର୍ବୃତ୍ତମାନେ ଘର ଛାଡି ପଳାଇ ଯିବାପରେ ଓମ୍‌ପ୍ରକାଶ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ପାଟିଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି କନକଲତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଓମ୍‌ପ୍ରକାଶଙ୍କ ହାତରେ ସାମାନ୍ୟ ଆଘାତ ଲାଗିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ନେମାଳ ଥାନା ପୋଲିସ, କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋର, ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ନାୟକ, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନେମାଳ ଥାନା ଭାରପ୍ରାପ୍ତ ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ତାଙ୍କ ଘର ଚାରିପାଖରେ ବୁଲିବା ସହ ନଦୀବନ୍ଧକୁ ଯାଇ ଫେରିଆସିଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ।






**ଆଜିର ମନ୍ତବ୍ୟ**

"ବର୍ତ୍ତମାନ ସ୍ଥିତିରେ ଦେଶରେ ବାର୍ଷିକ ୪,୩୭୪ ଜଣଙ୍କୁ ଚାକିରି ଦିଆଯାଉଛି। ଏହି ହାରକୁ ଦେଖିଲେ ୨ କୋଟି ଆଶାୟୀଙ୍କୁ ନିଯୁକ୍ତି ଦେବା ପାଇଁ ମୋଦି ସରକାରଙ୍କୁ ୧୬,୬୬,୬୬୭ ଦିନ ଲାଗିଯିବା -**ରଣଦୀପ ସୂର୍ଯ୍ୟେୱାଲା, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଧନ
ପୁଅ ବାହାଘର କରିବାକୁ ମନ ।**

ସାଧାରଣତଃ ବାହାପୁଆଣି କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରି ସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାତରେ ନ ଥାଇ ମୂଳଉ ଥାଏ,
ଦେଖୁଥିଲେ ପେଟ ଫୁଲାଉ ଥାଏ ।**

ଅଭାବଗ୍ରସ୍ତ ଘର କିନ୍ତୁ ସମସ୍ତଙ୍କ ଆଗରେ ଅଭାବ ଅସୁବିଧା କଥା କହି ହୋଇ ନଥାଏ। ଯିଏ ଦୁଃଖ ବୁଝିବ ତା ଆଗରେ ଅଭାବ ଅଛି, ଆଉ ଯିଏ ଦୁଃଖ ଦୁର୍ଦ୍ଦଶା ବୁଝି ନ ପାରିବ ତାହା ଆଗରେ ନାଇଁ କିଛି ଅସୁବିଧା ନାହିଁ, ସବୁ ଠିକ୍ ଅଛି ବୋଲି ବାଛବିଚାର କରି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



କନ୍ଧମାଳ ଜିଲା ଫୁଲବାଣୀରେ ଶୁକ୍ରବାର କୁହୁଡ଼ିରେ ଆଚ୍ଛାଦିତ ସକାଳ।

# ଶୀତରେ ଥରୁଛି କନ୍ଧମାଳ

- ଫୁଲବାଣୀ, ଜି.ଉଦୟଗିରିରେ ୬ ଡିଗ୍ରୀ
- ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ

ଫୁଲବାଣୀ ଅଫିସ/ଜି.ଉଦୟଗିରି/ **ଦାରିଙ୍ଗବାଡି(ଡି.ଏନ୍.ଏ.)୯।୧୨**

କନ୍ଧମାଳ ଜିଲା ଶୀତରେ ଥରୁଛି । ଶୁକ୍ରବାର ଜି.ଉଦୟଗିରିରେ ପାରଦ ଖସି ୬ ଡିଗ୍ରୀରେ ପହଞ୍ଚିଥିବା ବେଳେ ଫୁଲବାଣୀରେ ୬.୬ ଡିଗ୍ରୀଓ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ଶୀତ ସାଙ୍ଗକୁ କୁହୁଡି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଲୋକେ ସକାଳ ୯ଟା ପର୍ଯ୍ୟନ୍ତ ବାହାରକୁ ବାହାରି ପାରୁନାହାନ୍ତି। ଜିଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ ଗୁରୁବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବା ବେଳେ ଗୋଟିଏ ଦିନରେ ପାରଦ୨.୫ ଡିଗ୍ରୀ କମିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥଣ୍ଡା ପ୍ରକୋପ ଅଧିକ ରହିଛି। ଗ୍ରାମାଞ୍ଚଳ ଲୋକେ ଥଣ୍ଡା ଯୋଗୁ ପନିପରିବା ବିକ୍ରି କରିବା ପାଇଁ ସକାଳୁ ସହରକୁ ଆସୁନାହାନ୍ତି। କୁହୁଡି ଦିନ ୧୦ ଟା ପର୍ଯ୍ୟନ୍ତ ଲାଗି ରହୁଛି । ରାତିରେ ଥଣ୍ଡାରୁ ରକ୍ଷା ପାଇବା ଲୋକେ ନିଆଁ ଜାଳି ବସି ରହୁଛନ୍ତି। ଅନ୍ୟପକ୍ଷରେ ଥଣ୍ଡା ବଢିବା ଯୋଗୁ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ଦେଖାଯାଉଛି।

# ୧୫ରୁ ବକେୟା ପ୍ରାପ୍ୟ ପ୍ରଦାନ

**ଓଟିଏମ୍ ପୁନରୁଦ୍ଧାର ମାମଲା**

- ୧୬ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୯।୧୨**

ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖରଙ୍କ ପକ୍ଷରୁ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ(ଓଟିଏମ୍) ବକେୟା ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ହେଲେ ଏହା ପୂର୍ବରୁ ପ୍ରାପ୍ୟ ପାଇବାକୁ ଥିବା ବ୍ୟକ୍ତିମାନଙ୍କୁ ନୋଟିସ୍ ଦିଆଯିବ। ପ୍ରାପ୍ୟ ନେବା ନିମନ୍ତେ ସେମାନେ ଉକ୍ତ ନୋଟିସ୍‌କୁ ସାଙ୍ଗରେ ଆଣିବା ନିମନ୍ତେ ଅଫିସିଆଲ ଲିକ୍ୟୁଡେଟର ବିଜ୍ଞପ୍ତି ମାଧ୍ୟମରେ ସ୍ପଷ୍ଟ କରିଛନ୍ତି। କଟକଜିଲା ଚୌଦ୍ୱାରଠାରେ ଥିବା ଓଟିଏମ୍‌କୁ ରାଜ୍ୟ ସରକାର ହାତକୁ ନେବା ପରେ ପ୍ରାପ୍ୟ ପ୍ରଦାନ ପାଇଁ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଅଫିସିଆଲ ଲିକ୍ୟୁଡେଟର ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଶୁକ୍ରବାର ଜଣାଇଛନ୍ତି। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖରେ ହେବ। ଆବେଦନକାରୀ ପୂର୍ବତନ କର୍ମଚାରୀମାନଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

ଓଟିଏମ୍ ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟରେ ଗତ ୬ ତାରିଖରେ ଶୁଣାଣି ହୋଇଥିଲା। ଏହି ଶୁଣାଣିରେ ବକେୟା ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ୯ ତାରିଖରେ ହାଇକୋର୍ଟଙ୍କୁ ଅବଗତ କରାଯିବ ବୋଲି ରାଜ୍ୟ ସରକାର ଜଣାଇଥିଲେ। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଓଟିଏମ୍‌ର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ହାତକୁ ନେଇଥିଲେ। ଏହି ହସ୍ତାନ୍ତର ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ)କୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଛି। ଫଳରେ ଇଡ୍‌କୋ ଓଟିଏମ୍ ପରିସରରେ ସିସିଟିଭି ଲଗାଇବା, ଆଲୋକୀକରଣ କାର୍ଯ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ କରିବ ବୋଲି ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଉଧୋଉନାହାନ୍ତି ...

ହୋଇଥିବା ପଶୁପକ୍ଷୀଙ୍କ ମଧ୍ୟରୁ ୧୧ଟିର ମୃତ୍ୟୁ ଘଟିଛି। ତେବେ ବାହାରୁ ଆସିଥିବା ବନ୍ୟପ୍ରାଣୀଙ୍କ ବଂଶବୃଦ୍ଧି ପ୍ରକ୍ରିୟା ଯେତିକି ନୈରାଶ୍ୟଜନକ, ସେତିକି ବ୍ୟୟବହୁଳ ସାବ୍ୟସ୍ତ ହୋଇଛି। ୨୦୧୭ରେ ନନ୍ଦନକାନନକୁ ୩୯ ପଶୁପକ୍ଷୀ ଅଣାଯାଇଥିବାବେଳେ ପ୍ରତିବଦଳରେ ୨୨ଟି ଦେବାକୁ ପଡ଼ିଛି। ସେହିପରି ୮ ପ୍ରାଣୀ କିଣାହୋଇ ଆସିଛନ୍ତି। ୨୦୧୮ରେ ୨୩ ପଶୁପକ୍ଷୀ ଆସିଥିବାବେଳେ ୨ ଜଳହସ୍ତୀ ଦେବାକୁ ପଡ଼ିଛି। ୨୦୧୯ରେ ୨୫ଟି ପ୍ରାଣୀ ଅଣାଯାଇଥିଲା। ତନ୍ମଧ୍ୟରୁ ୮ଟି କିଣାହୋଇ ଏବଂ ୧୧ଟି ଉପହାର ସୂତ୍ରରେ ପାଇଥିଲା ନନ୍ଦନକାନନ। ପୁନର୍ବାର ୨ ଜଳହସ୍ତୀକୁ ନନ୍ଦନକାନନକୁ ଦେବାକୁ ପଡ଼ିଥିଲା। ୨୦୨୦ରେ ୧୫ ନୂଆ ପଶୁପକ୍ଷୀ ଆସିଥିବାବେଳେ ୧୫ ପଶୁପକ୍ଷୀକୁ ହସ୍ତାନ୍ତର କରିବାକୁ ପଡ଼ିଛି। ୨୦୨୧ରେ ୨୬ ନୂଆ ପଶୁପକ୍ଷୀ ଅଣାଯାଇଥିବାବେଳେ ୬୫ ପଶୁପକ୍ଷୀଙ୍କୁ ଦେବାକୁ ପଡ଼ିଛି। ଏହାପରଠାରୁ ଜନ୍ତୁ ଅଦଳବଦଳ ପ୍ରକ୍ରିୟା କିମ୍ବା କ୍ରୟ କରି ଆଣିବା ଯୋଜନା ବନ୍ଦ ହୋଇଯାଇଛି। ଇତିମଧ୍ୟରେ ଲିଭିଷ୍ଟୋନ୍, ଟୁରାକୋ, ସୁନେଲି ଫିଜାଣ୍ଟ, ହଳଦିଆ ପିଠି ଆଲରୀ, ଷ୍ଟାରଫିଞ୍ଚ, ବାର୍ବି କପୋତ, ଅମ୍ବେଲାକକାଟୋ, ଲେସର ସଲଫର କକାଟୋ, ବାଦୁଡି, ପେଚା, ମୁନିଆ, ଲାଲାମୁନିଆ, କଳାମୁଣ୍ଡିଆ ମୁନିଆ, ସାରସପକ୍ଷୀ, ଶାରୀ, ଚାମଚ ଥଣ୍ଟିଆ, ଧଳାପିଠିଆ ଶାଗୁଣା, ଶଙ୍ଖଚିଲ, କୋଚିଲାଖାଇ ସମେତ ୨ ବଗଜାତୀୟ ପକ୍ଷୀକୁ ମିଶାଇ ମୋଟ୍ ୨୦ ପ୍ରଜାତିର ପକ୍ଷୀ ଖୁଆଡ଼ରେ ଏକାକୀ ଜୀବନ ବିତାଉଛନ୍ତି। ସେହିପରି ଜିରାଫ, ଆଫ୍ରିକୀୟ ସିଂହ, ନାଲିହାତୀଆତାମାରିନ, କ୍ୟାପଚୁନ, ନାଲି ଇଗୁଆନା, ଚିଙ୍କାରା ହରିଣ, ବୋଡ଼ା, ବଉଳା କୁମ୍ଭୀର, ଅହିରାଜ, ବେଲେରା ମୂଷା, ଶାଳିଆ ପତନିଙ୍କ ସମେତ ପାଣି ଜାତୀୟ କଇଁଛକୁ ମିଶାଇ ୧୨ ପ୍ରଜାତି ସାଥୀ ଅପେକ୍ଷାରେ ଅଛନ୍ତି। ଅନ୍ୟପଟେ ନନ୍ଦନକାନନର ବିଭିନ୍ନ ଖୁଆଡ଼ରୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି ଲୋପ ପାଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କୁହନ୍ତି, ନୂଆ ଜୀବଜନ୍ତୁ ଆଣିବା ପାଇଁ ୭ଟି ଜାତୀୟ ଚିଡ଼ିଆଖାନା ଏବଂ ଗୋଟିଏ ଅନ୍ତର୍ଜାତୀୟ ଚିଡ଼ିଆଖାନା ସହିତ କଥାବର୍ତ୍ତା ସରିଛି। କେବଳ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତିକୁ ଅପେକ୍ଷା କରାଯାଇଛି। ଯେଉଁମାନଙ୍କ ବଂଶବୃଦ୍ଧି ହେଉନାହିଁ, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ଚିକିତ୍ସା କରାଯିବା ସହ ଯେପରି ପ୍ରଜନନ ହୋଇପାରିବ ସେଥିପ୍ରତି ଉଦ୍ୟମ କରାଯାଉଛି। ଇତିମଧ୍ୟରେ ଜଙ୍ଗଲୀ କୁକୁର, ଗଧିଆ, କଲରାପତରିଆ ବାଘର ମିଳନ ହୋଇଥିବାରୁ ସେମାନଙ୍କ ବଂଶବୃଦ୍ଧି ହେବା ଆଶା କରାଯାଉଛି।

#### ରୋଗଗ୍ରସ୍ତ କରୁଛି ଆନୁବଂଶିକ ମିଳନ

ନନ୍ଦନକାନନରେ ଜନ୍ମିତ ବନ୍ୟପ୍ରାଣୀଙ୍କ ଆୟୁ କମୁଛି। ସେମାନେ ଶୀଘ୍ର ରୋଗାକ୍ରାନ୍ତ ହୋଇପଡୁଥିବା ପରିଲକ୍ଷିତ ହୋଇଛି। ଏହା ପଛର କାରଣ ସମଜାତୀୟ ଆନୁବଂଶିକ ମିଳନ ବୋଲି କୁହାଯାଉଛି। ତେଣୁ ବିଦେଶରୁ ନୂତନ ପଶୁପକ୍ଷୀଙ୍କୁ ଆଣି ନୂଆ ବଂଶ ସୃଷ୍ଟି କରିବା ଲାଗି ଏବେ ଉଦ୍ୟମ ଆରମ୍ଭ ହୋଇଛି। ଏଥିସହ ନିଃସଙ୍ଗ ଜୀବନ ବିତାଉଥିବା ପ୍ରାଣୀଙ୍କ ପାଇଁ ସାଥୀ ଯୋଗାଡ଼ କରି ବଂଶବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାକୁ ଅଧିକ ଭରସା କରୁଛନ୍ତି କର୍ତ୍ତୃପକ୍ଷ। ହେଲେ ଏଥିରେ ମାତ୍ରାଧିକ ଅର୍ଥ ଖର୍ଚ୍ଚ ହେଉଛି। ଦେଶ ମଧ୍ୟରୁ ପ୍ରାଣୀ ଅଦଳବଦଳ ଲାଗି ଆବଶ୍ୟକ ଗସ୍ତଖର୍ଚ୍ଚ, ସେମାନଙ୍କ ଖାଦ୍ୟପେୟ ବାବଦରେ ୫ରୁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବିଦେଶରୁ ପଶୁପକ୍ଷୀ ଆଣିବାରେ ୩୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପଡୁଛି। ନୂଆ ବନ୍ୟପ୍ରାଣୀଙ୍କ ଆବଶ୍ୟକତା ଅନୁଯାୟୀ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ଏନ୍‌କ୍ଲୋଜର ନିର୍ମାଣ କରାଯାଉଛି। ନନ୍ଦନକାନନରେ ବନ୍ୟପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ୩ ଡାକ୍ତର, ୨ ଏଲ୍‌ଆଇ ଅଛନ୍ତି। ଏହାକୁ ବାଦ୍‌ଦେଲେ ଉପନିର୍ଦ୍ଦେଶକ, ରେଞ୍ଜର, ଏସିଏଫ୍ ମଧ୍ୟ ସହଯୋଗ କରୁଛନ୍ତି। ଆବଶ୍ୟକତା ଅନୁଯାୟୀ ଓୟୁଏଟିର ସହାୟତା ନିଆଯାଉଛି। ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରାଣୀଙ୍କ ବଂଶବୃଦ୍ଧି ନ ହେବା ଚିନ୍ତାର ବିଷୟ ପାଲଟିଛି। ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଠିକ୍ ସମୟରେ ରୋଗ ନିରୂପଣ ହୋଇ ନ ପାରିବାରୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି। ଏହା ବଂଶବୃଦ୍ଧିରେ ପ୍ରମୁଖ ଅନ୍ତରାୟ ବୋଲି କୁହାଯାଉଛି।

#### ତିଷ୍ଠୁନାହାନ୍ତି ଜେବ୍ରା

ନନ୍ଦନକାନନର ପରିବେଶ ଜେବ୍ରାଙ୍କ ପାଇଁ ପାଲଟିଛି ଅଭିଶାପ। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଦେଶ ଏବଂ ବିଦେଶରୁ ବିଭିନ୍ନ ସମୟରେ ଏହି ତୃଣଭୋଜୀ ପ୍ରାଣୀଙ୍କୁ ଅଣାଯାଉଥିବାବେଳେ ସେମାନେ ପ୍ରାଣୀ ଉଦ୍ୟାନର ପରିବେଶ ସହିତ ଖାପଖୁଆଇ ପାରୁନାହାନ୍ତି। ୧୯୯୭ ମାର୍ଚ୍ଚ ୨୩ରେ ଛୁଆ ହାତୀ 'ବେଗମ୍' ବଦଳରେ ଇସ୍ରାଏଲ୍‌ରୁ ୨ଟି ଅଣ୍ଡିରା ଏବଂ ୩ ମାଈ ଜେବ୍ରା ଅଣାଯାଇଥିଲା। ଦୀର୍ଘ ୨ବର୍ଷ ପରେ ମାତ୍ର ଗୋଟିଏ ଛୁଆ ଜନ୍ମ ହୋଇଥିଲା। ଏହାର ନାମକରଣ କରାଯାଇଥିଲା 'ସବିତା'। ତେବେ ଏହାପରେ ସେମାନଙ୍କ ମୃତ୍ୟୁର ପର୍ବ ଆରମ୍ଭ ହୋଇଥିଲା। ପରିସ୍ଥିତି ଏପରି ହେଲା ଯେ 'ସବିତା'କୁ ବାଦ୍‌ଦେଲେ ଅନ୍ୟ ସମସ୍ତେ ବିଭିନ୍ନ କାରଣରୁ ଆଖି ବୁଜିଦେଇଥିଲେ। ଏହାପରେ ନିଃସଙ୍ଗ ଜୀବନ ବିତାଉଥିବା 'ସବିତା' ପାଇଁ ସାଥୀ ଖୋଜିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ। ୨୦୧୨ ମାର୍ଚ୍ଚ ୧୦ରେ ପଞ୍ଜାବ ଛତବୀର ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିଲା ଏକ ଅଣ୍ଡିରା ଜେବ୍ରା। ତେବେ ଆସିବାର ମାତ୍ର ୨ ମାସ ମଧ୍ୟରେ 'ସବିତା' ସହ ମିଳନ ହେବା ପରେ ସାଥୀଟିର ମୃତ୍ୟୁ ଘଟିଲା। ଧୀରେ ଧୀରେ 'ସବିତା' ମଧ୍ୟ ରୋଗଗ୍ରସ୍ତ ହୋଇପଡ଼ିଲା। ଶେଷରେ ୨୦୧୫ ଜାନୁୟାରୀ ୬ରେ ସେ ଆଖି ବୁଜିଦେଲା। ଏହାପରେ ପୁନର୍ବାର ଇସ୍ରାଏଲ୍‌ରୁ ୨୦୧୫ ସେପ୍ଟେମ୍ବର ୧୩ରେ ୪ଟି ଜେବ୍ରା ଅଣାଯାଇଥିଲା। କିନ୍ତୁ ସେମାନେ ମଧ୍ୟ ତିଷ୍ଠିପାରିଲେ ନାହିଁ। ୨୦୧୭ରେ ସେପ୍ଟେମ୍ବର ୨୪ରେ ଶେଷ ଜେବ୍ରାର ମୃତ୍ୟୁ ସହିତ ନନ୍ଦନକାନନ ଜେବ୍ରାଶୂନ୍ୟ ହୋଇଯାଇଛି।

#### ଜିରାଫ୍ ଖୁସିରେ ଗ୍ରହଣ

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଜିରାଫ୍ ଆଣିବା ଲାଗି ୨୦୦୮ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତଦନୁଯାୟୀ କୋଲକାତା ଚିଡ଼ିଆଖାନାରୁ ସେହିବର୍ଷ ମେ' ୨୨ରେ ନନ୍ଦନକାନନର ଟିମ୍ ଏକ ଜିରାଫ୍‌କୁ ନେଇ ବାହାରିଥିଲା। ତେବେ ୨୩ ତାରିଖରେ ରାସ୍ତାରେ ବିଦ୍ୟୁତ୍ ଦୁର୍ଘଟଣାର ଶିକାର ହେବା ପରେ ଉକ୍ତ ଜିରାଫ୍‌କୁ ପୁନର୍ବାର ଫେରାଇ ନିଆଯାଇଥିଲା। ସେଠାରେ ତା'ର ମୃତ୍ୟୁ ଘଟିଥିଲା। ଉକ୍ତ ଜିରାଫ୍‌କୁ ଆଣିବା ପାଇଁ ନନ୍ଦନକାନନକୁ ୨୨ଟି ପଶୁପକ୍ଷୀଙ୍କୁ ଦେବାକୁ ପଡ଼ିଥିଲା। ଏହାପରେ ୨୦୧୨ ଜୁଲାଇ ୫ରେ ପୁନର୍ବାର ବିହାର ରାଜ୍ୟ ପାଟଣା ଜୁ'ରୁ ଜିରାଫ୍ 'ଖୁସି'କୁ ଅଣାଯାଇଥିଲା। ସେହିପରି ୨ ସିମ୍ପାଞ୍ଜି ବଦଳରେ ୨୦୧୬ ଫେବୃୟାରୀ ୨୪ରେ କୋଲକାତାରୁ ଜିରାଫ୍ 'ଜୟ'କୁ ଅଣାଯାଇଥିବାବେଳେ ମାତ୍ର ୪ ଦିନ ପରେ ଅର୍ଥାତ୍ ୨୯ ତାରିଖରେ ଏହାର ମୃତ୍ୟୁ ଘଟିଥିଲା। 'ଜୟ' ହସ୍ତାନ୍ତରଣ ପ୍ରକ୍ରିୟାରେ ୭ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ନନ୍ଦନକାନନରେ ଜିରାଫ ବଂଶବୃଦ୍ଧି ଖୁସିରେ ଗ୍ରହଣ ଲାଗିଥିବାବେଳେ ଏଠାରେ ଥିବା ଏକମାତ୍ର ମାଈ ଜିରାଫ 'ଖୁସି' ଏବେ ନିଃସଙ୍ଗ ଜୀବନ ବିତାଉଛି।

### ବ୍ରାଜିଲ ବିଦା, ସେମିରେ ...

୨୦୧୮ ଗତ ବିଶ୍ୱକପରେ ମଧ୍ୟ ବ୍ରାଜିଲ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲା। ଅନ୍ୟପକ୍ଷରେ ଗତ ବିଶ୍ୱକପର ଫାଇନାଲିଷ୍ଟ କ୍ରୋଏସିଆ ଏଥର ମଧ୍ୟ ନିଜ ଲକ୍ଷ୍ୟ ପଥରେ ଗୋଟିଏ ପାଦ ଆଗକୁ ବଢ଼ିଛି।

#### ପେଲେଙ୍କ ସମକକ୍ଷ ହେଲେ ନେମାର

ନିର୍ଦ୍ଧାରିତ ୯୦ ମିନିଟର ଖେଳ ଗୋଲଶୂନ୍ୟ ରହିବାପରେ ଅତିରିକ୍ତ ସମୟର ପ୍ରଥମାର୍ଦ୍ଧରେ ପ୍ରଭାବୀ ରହିଥିଲା ବ୍ରାଜିଲ। ୧୦୫ତମ ମିନିଟରେ ଗୋଲ ଦେଇ ବ୍ରାଜିଲକୁ ଅଗ୍ରଣୀ କରାଇଥିଲେ ନେମାର। କ୍ରୋଏସିଆ ବକ୍ସ ଏରିଆ ମଧ୍ୟରେ ମିନିଟରେ ପାକ୍ୱେଟା ଓ ନେମାରଙ୍କ ମଧ୍ୟରେ ପାସ୍ ବିନିମୟ ହୋଇଥିଲା। ଏହାପରେ ସୁଯୋଗ ପାଇ ନେମାର ଏକାକୀ ବଲ୍‌କୁ ନିୟନ୍ତ୍ରଣରେ ରଖି କ୍ରୋଏସିଆ ଗୋଲକିପର ଡୋମିନିକ ଲିଭାକୋଭିକଙ୍କୁ ଚତୁରତାର ସହ ଅତିକ୍ରମ କରି ଗୋଲ ସ୍କୋର କରିଥିଲେ। ଏହା ଥିଲା ବ୍ରାଜିଲ ପକ୍ଷରୁ ନେମାରଙ୍କ ୭୭ତମ ଗୋଲ। ଏଥିସହ ସେ ଫୁଟ୍‌ବଲ କିମ୍ବଦନ୍ତି ପେଲେଙ୍କ ସର୍ବାଧିକ ଗୋଲ ରେକର୍ଡର ସମକକ୍ଷ ହୋଇଥିଲେ। ୧୯୩୮ ମସିହାପରେ ବ୍ରାଜିଲ କୌଣସି ବିଶ୍ୱକପରେ ଅତିରିକ୍ତ ସମୟରେ ଏକ ଗୋଲ ସ୍କୋର କଲା। ଶେଷଥରପାଇଁ ୧୯୩୮ରେ ପୋଲାଣ୍ଡ ବିପକ୍ଷରେ ବ୍ରାଜିଲର ଲିଓନିଡାସ ଅତିରିକ୍ତ ସମୟରେ ୨ଟି ଗୋଲ ଦେଇଥିଲେ। ମାତ୍ର କ୍ରୋଏସିଆ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୧୧୭ତମ ମିନିଟରେ ମିସ୍ଲାଭ ଓର୍ସିକଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ବ୍ରୁନୋ ପେଟ୍‌କୋଭିକ୍ ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ। ଫଳରେ ମ୍ୟାଚ ପେନାଲ୍ଟି ଶୁଟ୍ ଆଉଟ ପର୍ଯ୍ୟାୟକୁ ଯାଇଥିଲା। ଫିଫା ବିଶ୍ୱକପରେ ସର୍ବାଧିକ ୫ ଥର (୧୯୫୮, ୧୯୬୨, ୧୯୭୦, ୧୯୯୪, ୨୦୦୨) ଚାମ୍ପିୟନ ଏବଂ ୨ ଥର (୧୯୫୦ ଓ ୧୯୯୮)ରେ ରନରଅପ୍ ହୋଇ ସବୁଠାରୁ ସଫଳ ଦଳର ମାନ୍ୟତା ପାଉଥିବା ବ୍ରାଜିଲ ୧୯୩୮ ଓ ୧୯୭୮ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗତ ବିଶ୍ୱକପ ୨୦୧୮ ସମେତ ଏହି ଦଳ ୧୯୫୪, ୧୯୮୬, ୨୦୦୬ ଓ ୨୦୧୦ରେ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲା। ଅନ୍ୟପକ୍ଷରେ ଗତ ସଂସ୍କରଣ (୨୦୧୮)ରେ କ୍ରୋଏସିଆ ରନରଅପ୍ ହୋଇ ବିଶ୍ୱକପରେ ଶ୍ରେଷ୍ଠ ସଫଳତା ପାଇଥିଲା। ୧୯୯୮ରେ ଦଳ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୦୨, ୨୦୦୬ ଓ ୨୦୧୪ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। କ୍ରୋଏସିଆ ଖେଳିଥିବା ଶେଷ ୬ଟି ବିଶ୍ୱକପ ମ୍ୟାଚରୁ ୫ଟି ଅତିରିକ୍ତ ସମୟକୁ ଯାଇଛି। ଶେଷ ୧୦ଟି ନକ୍‌ଆଉଟ ମ୍ୟାଚରୁ କ୍ରୋଏସିଆ ୮ଟିରେ ବିଜୟୀ ହୋଇଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ଜାପାନକୁ ମଧ୍ୟ ପେନାଲ୍ଟି ଶୁଟ୍‌ଆଉଟରେ ପରାସ୍ତ କରିଥିଲା।

### ସିଟ୍ ଖାଲି, ନୂଆ କଲେଜ ...

୨,୫୫,୯୧୩ ସିଟ୍ ରହିଛି। ଯୁକ୍ତ୩ ନାମଲେଖା ପାଇଁ ୩ଥର ଆବେଦନ ଲାଗି ସୁଯୋଗ ଦିଆଯାଇଥିଲେ ମଧ୍ୟ ୫୭ ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ସାମ୍ସ ପୋର୍ଟାଲର ସୂଚନାନୁସାରେ, ୨,୫୫,୯୧୩ ସିଟ୍ ମଧ୍ୟରୁ ୧,୯୮,୪୪୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ୫୭,୪୬୮ ସିଟ୍ ଖାଲି ପଡ଼ିଛି। କଳାରେ ୧୭,୩୦୩ ସିଟ୍ ଖାଲି ଥିବାବେଳେ ପଦାର୍ଥ ବିଜ୍ଞାନରେ ୧୮,୧୬୯, ଜୈବ ବିଜ୍ଞାନରେ ୮,୨୯୪, ବାଣିଜ୍ୟରେ ୧୦,୪୧୮, ସେଲ୍ଫ ଫାଇନାନ୍ସିଂରେ ୫୮୦ ଏବଂ ସଂସ୍କୃତରେ ୨,୭୦୪ ସିଟ୍ ବଳକା ପଡ଼ିଛି। ଇତିମଧ୍ୟରେ ଅକ୍ଟୋବର ୧୩ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇସାରିଛି। ଏବେ ସିଟ୍ ପୂରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପୁଣି ଚତୁର୍ଥ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛି। ଶନିବାର ପୂର୍ବାହ୍ନ ୧୧ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ଏହା ୧୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୧୭ତାରିଖ ଦିନ ମନୋନୀତ ଛାତ୍ରୀଛାତ୍ରଙ୍କ ମେଧା ତାଲିକା ପ୍ରକାଶ ପାଇବ। ୧୯ ଓ ୨୦ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ତେବେ ସିଟ୍ ପୂରଣ ହେଉ ନ ଥିବାରୁ ନାମଲେଖା ପ୍ରକ୍ରିୟା ସରୁନାହିଁ। ଏପରି ସ୍ଥିତିରେ ନୂଆ କଜେଲ ଖୋଲିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ଉଠିଛି ପ୍ରଶ୍ନ। ଏନେଇ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ସରକାରଙ୍କ ଏଭଳି ନିଷ୍ପତ୍ତି ସମସ୍ତଙ୍କୁ ବ୍ୟଥିତ କରିଛି। ଗୋଟିଏପଟେ କଲେଜରେ ସିଟ୍ ପୂରଣ ହେଉ ନ ଥିବାବେଳେ

## ପ୍ରଥମ ପୃଷ୍ଠାରୁ...

ଅନ୍ୟପଟେ ନୂଆ କଲେଜ ଖୋଲିବା ପଛରେ କ'ଣ କାରଣ ତାହା ଜଣାପଡୁନାହିଁ। ଯେଉଁସବୁ କଲେଜରେ ଭିତ୍ତିଭୂମିର ଅଭାବ ରହିଛି ତାକୁ ସଜାଡ଼ିବା ଦରକାର। ସବୁଠାରୁ ବଡ଼ କଥାହେଲା ରାଜ୍ୟରେ ୫୩ଟି ସରକାରୀ ଡିଗ୍ରୀ କଲେଜ ରହିଛି। ଏସବୁ କଲେଜରେ ବି ସିଟ୍ ପୂରଣ ହେଉ ନାହିଁ। କାରଣ ଏସବୁ କଲେଜରେ ଆବଶ୍ୟକ ଅଧ୍ୟାପକ ନାହାନ୍ତି। ସେହିପରି ଅନୁଦାନପ୍ରାପ୍ତ କଲେଜରୁ ଯେଉଁ ଅଧ୍ୟାପକମାନେ ଅବସର ନେଉଛନ୍ତି, ଉକ୍ତ ପଦବୀ ଆଉ ପୂରଣ ହେଉ ନାହିଁ। ଫଳରେ ପାଠପଢ଼ା ଗୁରୁତର ବ୍ୟାଘାତ ହେଉଛି। ପିଲାମାନେ ନାମଲେଖା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରୁନାହାନ୍ତି। ତେବେ ଆବାସିକ ମହାବିଦ୍ୟାଳୟଗୁଡ଼ିକ ଲାଭବାନ ହେଉଛନ୍ତି। ମିଛ ପ୍ରଲୋଭନ ଦେଖାଇ ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷାନୁଷ୍ଠାନକୁ ଟାଣି ନେଉଛନ୍ତି। ଉଚ୍ଚଶିକ୍ଷା ବିଭାଗର ନୂଆ ନିଷ୍ପତ୍ତି ଘରୋଇ କଲେଜଗୁଡ଼ିକୁ ଅଧିକ ପ୍ରୋତ୍ସାହିତ କରିବ। ସରକାର ଆଗକୁ ବଢୁଛନ୍ତି ତାହା ଠିକ୍। କିନ୍ତୁ ରାଜ୍ୟରେ ଏବେ ଯେଉଁସବୁ କଲେଜ ରହିଛି ତା'ର ଭିତ୍ତିଭୂମି ସଜାଡ଼ିବା ସହିତ ସେଠାରେ କିପରି ଅଧ୍ୟାପକ ପଦବୀ ପୂରଣ ହେବ ଏବଂ ସେଠାକୁ କିପରି ପିଲା ଆସିବେ ସେଥିପାଇଁ ପଦକ୍ଷେପ ନେବା ଉଚିତ ବୋଲି ସଭାପତି ନାୟକ କହିଛନ୍ତି।

### ମଙ୍ଗଳରୁ ଧୂଳି ...

ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ଏହି ଗବେଷଣା ସହାୟକ ହେବ ବୋଲି କୁହାଯାଉଛି। ପର୍ସେଭେରାନ୍ସର ରୋବୋ ଆର୍ମ ପୂର୍ବରୁ ମଙ୍ଗଳ ପୃଷ୍ଠରେ ଡ୍ରିଲ୍ କରି ଧୂଳି ନମୁନା ସଂଗ୍ରହ କରିଥିଲା। ଏଥର କଣ୍ଟା ଭଳି ଦେଖାଯାଉଥିବା ଏବଂ ଗୋଟିଏ ପଟେ କ୍ଷୁଦ୍ର ଛିଦ୍ର ଥିବା ସ୍ୱତନ୍ତ୍ର ଡ୍ରିଲ୍ ଦ୍ୱାରା ହାଲୁକା ଧୂଳି ସଂଗ୍ରହ କରାଯାଇଛି। ଏହା ଉପରେ ଗବେଷଣା ଭବିଷ୍ୟତର ମଙ୍ଗଳ ମିଶନ ଲାଗି ନାସା ଇଞ୍ଜିନିୟରମାନଙ୍କୁ ଉପଯୁକ୍ତ ଉପକରଣ ଡିଜାଇନ କରିବାରେ ସହାୟକ ହେବ। ଏହି ଧୂଳିକଣା ମହାକାଶ ଯାନ ଏବଂ ବୈଜ୍ଞାନିକ ଉପକରଣକୁ କ୍ଷତିଗ୍ରସ୍ତ କରିଦେଇପାରେ। ଏହା ଉପକରଣଗୁଡ଼ିକର ସମ୍ବେଦନଶୀଳ ଅଂଶକୁ ଜାମ୍ କରିପାରେ ଏବଂ ମଙ୍ଗଳ ପୃଷ୍ଠରେ ରୋଭରର ଗତିକୁ ଧୀମା କରିଦେଇପାରେ। ଏହିସବୁ ଚ୍ୟାଲେଞ୍ଜ ଉପରେ ବୈଜ୍ଞାନିକମାନେ ଗବେଷଣା କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାଧିପତିଙ୍କ ପ୍ରଭାବରୁ ସ୍ଥଗିତ କାମ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ନୀଚାଭିମୁଖୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ସମ୍ପୂର୍ଣ୍ଣ ନୁହେଁ । ଜଳ, ତୈଳ, ବିଦ୍ୟୁତ୍, ଲୁହା, ଖାଡି, ସିମେଣ୍ଟ ବ୍ୟବସାୟରୁ ଲାଭବାନ ହେବେ। ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି ।

**ବୃଷ** ଭ୍ରାତୃକାରକ ମଙ୍ଗଳ ହେତୁ ନିଜର ସମ୍ପର୍କୀୟ ମାନଙ୍କ ସହଯୋଗରୁ ଉପକୃତ ହେବେ। ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ।

**ମିଥୁନ** ଧନାଧିପ ରାଶିରେ ଧନାଗମକୁ ସହଜ ଓ ସରଳ କରାଇବେ। କଠିନ ଶ୍ରମ ଓ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିପାରିବେ । ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ** କର୍ମାଧିପ ଏକାଦଶସ୍ଥ ଯୋଗୁ କାର୍ଯ୍ୟସିଦ୍ଧି ଘଟିବା ସହ ସମ୍ମାନଜନକ ସ୍ଥିତିରେ ପହଞ୍ଚିବେ। ଖଳଲୋକମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଘର କଥା ନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ନିଜ ପରିସରରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** କେତୁଙ୍କ କୁପ୍ରଭାବରୁ ଭାଇ, ବନ୍ଧୁଙ୍କ ସହ ସୁସମ୍ପର୍କ ରହି ନ ପାରେ। ଏହାସଙ୍ଗକୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଅଥବା କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। କେହି ଅଜଣା ବ୍ୟକ୍ତି ଅଚାନକ ସହାୟତାର ହାତ ବଢ଼ାଇବେ। ପରିବାରରୁ ପୂର୍ଣ୍ଣ ସହଯୋଗ ମିଳିବ।

**କନ୍ୟା** ପାପମଧ୍ୟସ୍ଥ ବୁଧଙ୍କ କାରଣରୁ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ। ମୂଲ୍ୟବାନ ଜିନିଷ ଅଥବା ସୁନା ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ ଏବଂ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଅବଶ୍ୟ ଇଚ୍ଛା କରୁଥିବା ଜିନିଷଟି ଲାଭକରି ଖୁସି ହେବେ।

**ତୁଳା** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରସ୍ଥିତିବଶତଃ ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ପରାମର୍ଶରେ ଦେବଦର୍ଶନ ଓ ଭ୍ରମଣ ସକାଶେ ମନ ବଳାଇପାରନ୍ତି।

**ବିଛା** ରବିଙ୍କ ପ୍ରଭାବରେ କର୍ମମୁଖର ହେବେ ଏବଂ କୌଣସି ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରିପାରନ୍ତି। ରଚନାତ୍ମକ କାର୍ଯ୍ୟ, ଗବେଷଣା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** ବୁଧଙ୍କ ଆଶୀର୍ବାଦରୁ ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆଜି ଯେ କୌଣସି ପ୍ରତିଯୋଗିତାରେ ଯୋଗଦେଲେ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ମଧ୍ୟ ସଫଳ ହେବେ। ପଡ଼ୋଶୀ କିମ୍ବା ବନ୍ଧୁଙ୍କ ସମର୍ଥନରୁ କାର୍ଯ୍ୟ ହାସଲ କରିବେ।

**ମକର** ଭଲ ଓ ମନ୍ଦର ମିଶ୍ରିତ ପ୍ରଭାବ ମଧ୍ୟରେ ଦିନଟି ଅତିବାହିତ ହେବ। ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇଦେଇ ପାରନ୍ତି। ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଶ୍ରବଣା ନକ୍ଷତ୍ର ସହଜରେ କାମ ହାସଲ କରିବେ।

**କୁମ୍ଭ** ଗୁରୁ ଓ ଚନ୍ଦ୍ରଙ୍କ କୃପାରୁ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବା ସମ୍ଭାବନା ରହିଛି । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ମନ ଖୁସି ରହିବ । ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳିଯାଇପାରେ।

ଆଜି ଡିସେମ୍ବର ୧୦ ତାରିଖ, ପୌଷ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-ଆଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭।୪୦ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୦୦ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୫୬ ଗତେ ଘ.୧୦।୧୭ ମଧ୍ୟେ ରାହୁକାଳ।



ପଦ୍ମପୁରର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ଦଳୀୟ ନେତାଙ୍କ ସହ ଶୁକ୍ରବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

# ମିଳିମିଶି ପଦ୍ମପୁର ପାଇଁ କାମ କରିବା: ନବୀନ

## ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଲେ ବର୍ଷା

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡିର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ଶୁକ୍ରବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ବିଜୟ ପାଇଁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବହୁତ ବହୁତ ସ୍ୱାଗତ..। ଆମେ ସମସ୍ତେ ମିଳିମିଶି ପଦ୍ମପୁର ପାଇଁ ବହୁତ କାମ କରିବା। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ଦଳୀୟ ନେତା ଓ କର୍ମୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ନବୀନ ନିବାସକୁ କମ୍ପାଇ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ନିଜେ ଖୁବ୍ କମ୍ ଦିନ ମଧ୍ୟରେ ପଦ୍ମପୁର ଗସ୍ତ କରିବେ ବୋଲି ଘୋଷଣା କରିଛନ୍ତି। ଏଥିସହିତ ମହିଳାମାନଙ୍କୁ ସମ୍ମାନ ଦେଇ ଗଣତାନ୍ତ୍ରିକ ମହାପର୍ବରେ ସାମିଲ କରିବାକୁ ବିଜେଡି ଯେପରି ସୁଯୋଗ ଦେଇଥିଲା, ତାହା ଉଲ୍ଲେଖନୀୟ ବୋଲି କହିଛନ୍ତି। କିନ୍ତୁ ବିରୋଧୀ ଦଳ ଯେପରି ଜଣେ ମହିଳାଙ୍କୁ ବାରମ୍ବାର ଅପପ୍ରଚାର ମାଧ୍ୟମରେ କଷ୍ଟ ଓ ଲାଞ୍ଛନା ଦେଇଥିଲା ତାହା ଗଣତନ୍ତ୍ରରେ ସ୍ପୃହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ଷାଙ୍କ ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ, ମନ୍ତ୍ରୀ ରୀତା ସାହୁ, ଟୁକୁନି ସାହୁ, ସୁଶାନ୍ତ ସିଂ ଏବଂ ସ୍ନେହାଙ୍ଗିନୀ ଛୁରିଆ ନବୀନ ନିବାସରେ ଉପସ୍ଥିତ ଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ କନ୍ୟା ବର୍ଷାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। ଡିସେମ୍ବର ୫ ତାରିଖରେ ଉପନିର୍ବାଚନ ହୋଇଥିବା ବେଳେ ୮ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ବର୍ଷା ୪୨ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

# ଶାଶୁଶ୍ୱଶୁରଙ୍କୁ ଭେଟିଲେ ବର୍ଷା

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହେବା ପରେ ନବନିର୍ବାଚିତ ବିଧାୟକ ବର୍ଷା ସିଂ ବରିହା ଭୁବନେଶ୍ୱର ଫେରିଛନ୍ତି। ସ୍ୱାମୀ ସ୍ମୃତିସୌରଭଙ୍କ ସହ ସେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶ୍ୱଶୁରଘରକୁ ଯାଇଛନ୍ତି। ଘରେ ପହଞ୍ଚିବା ପରେ ସେ ପ୍ରଥମେ ଶ୍ୱଶୁର ରମାରଞ୍ଜନ ବଳିଆରସିଂ ଓ ଶାଶୁଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଛନ୍ତି।

ଶ୍ୱଶୁରଘରେ ପହଞ୍ଚିବା ପରେ ଗଣମାଧ୍ୟମକୁ ବର୍ଷା କହିଛନ୍ତି, ବିଜୟ ପରେ ବହୁତ ଖୁସି ଲାଗୁଛି। ମୋ ଶ୍ୱଶୁର ଓ ପରିବାର ତରଫରୁ ବହୁ ସମର୍ଥନ ମିଳିଛି। ପଦ୍ମପୁରରୁ ବିଧାୟିକା ଭାବେ ନିର୍ବାଚିତ ହୋଇଛି। ତେଣୁ ପଦ୍ମପୁର ହେଉଛି ମୋର କର୍ମଭୂମି। ସେହି ଅଞ୍ଚଳର ବିକାଶ ହେଉଛି ତାଙ୍କର ପ୍ରାଥମିକତା ବୋଲି ବର୍ଷା କହିଛନ୍ତି।

ବୋହୂଙ୍କ ବିଜୟ ନେଇ ଶ୍ୱଶୁର ରମାରଞ୍ଜନ ବଳିଆର ସିଂ କହିଛନ୍ତି, ଗଣତନ୍ତ୍ରରେ ଲୋକମତ ହେଉଛି ସର୍ବାଗ୍ରେ। ଲୋକମାନେ ଯେଉଁ ମତ ଦେଇଛନ୍ତି, ତାକୁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଗ୍ରହଣ କରିବାକୁ ପଡ଼ିବ। ସେହି ହିସାବରେ ପଦ୍ମପୁରବାସୀ ଯେଉଁ ମତ ଦେଇଛନ୍ତି, ସମସ୍ତଙ୍କର ଗ୍ରହଣୀୟ। ଏହା ଲୋକମତର ବିଜୟ ହୋଇଛି ବୋଲି ରମାରଞ୍ଜନ କହିଛନ୍ତି।

# ସ୍ଥିତି ଏମିତି ହେଲେ ୨୦୨୪ରେ ନୋଟା ସହ ଲଢ଼ିବ କଂଗ୍ରେସ: ମୋକିମ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

## ପିସିସି ସଭାପତି ନିଜକୁ ପରଖିବା ଦରକାର: ତାରା



ମହମ୍ମଦ ମୋକିମ



ତାରାପ୍ରସାଦ ବାହିନୀପତି

ଓଡ଼ିଶାରେ କଂଗ୍ରେସ ଦାୟିତ୍ୱରେ ଥିବା ମୁଖିଆମାନେ ଆସନ ଛାଡ଼ି ଅବସର ନିଅନ୍ତୁ। ତାଙ୍କ ମୁହଁ ଦେଖିବାକୁ ଲୋକେ ଆଉ ଚାହୁଁନାହାନ୍ତି। ସେମାନେ ଆକର୍ଷଣ ହରାଇ ସାରିଲେଣି। ୟୁପି ଓ ପଶ୍ଚିମବଙ୍ଗ ଭଳି ଓଡ଼ିଶାରେ କଂଗ୍ରେସ ଦଳ ମୂଳପୋଛ ହେବାକୁ ବସିଛି। ୨୦୨୪ରେ ଏଭଳି ସ୍ଥିତି ରହିଲେ ନୋଟା ସହ ଲଢ଼ିବାକୁ ପଡ଼ିବ ବୋଲି ଶୁକ୍ରବାର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

ସେ ଆହୁରି କହିଛନ୍ତି, ବାରମ୍ବାର ଉପନିର୍ବାଚନ ଓ ନିର୍ବାଚନ ପରାଜୟ ପରେ କଂଗ୍ରେସ ମୁଖ୍ୟଙ୍କୁ ଗୁରୁତର ସହ ଚିନ୍ତା କରିବାର ସମୟ ଆସିଯାଇଛି। ଯେଉଁମାନେ ଓଡ଼ିଶାରେ କଂଗ୍ରେସର ନେତୃତ୍ୱ ନେଉଛନ୍ତି ତଥା ଯେଉଁମାନେ ଦିଲ୍ଲୀରୁ କଂଗ୍ରେସକୁ ମନିଟର କରିବା ପାଇଁ ଆସୁଛନ୍ତି ସେମାନଙ୍କ ପ୍ରତି ସନ୍ଦେହ ସୃଷ୍ଟି ହେଲାଣି। ଗତ ୫ ବର୍ଷ ଧରି ଯେତେ ଉପନିର୍ବାଚନ ବା ନିର୍ବାଚନ ହେଉଛି ଦଳୀୟ ଭୋଟ ହାର କମି ୨ରୁ ୩ ପ୍ରତିଶତରେ ପହଞ୍ଚିଗଲାଣି। ନୋଟା ସହିତ ଏବେ କଂଗ୍ରେସର ଭୋଟ ହାର ସମାନ ହୋଇଗଲାଣି। କାହିଁକି ଏ ବାବଦରେ ସମୀକ୍ଷା ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁମାନଙ୍କୁ ଦିଲ୍ଲୀରୁ ଦାୟିତ୍ୱ ଦିଆଯାଇଛି ସେମାନେ ଏଠାରେ କାହିଁକି କଂଗ୍ରେସକୁ ତିଆରି କରିବା ପାଇଁ ପ୍ରଚେଷ୍ଟା କରୁନାହାନ୍ତି। ଯଦି ଭାରତବର୍ଷର ପ୍ରଧାନମନ୍ତ୍ରୀ ୫୪ କି.ମି. ରୋଡ୍ ଶୋ କରିପାରୁଛନ୍ତି ଓ ଗୋଟିଏ ରାଜ୍ୟରେ ନିର୍ବାଚନ ଜିତାଇବା ପାଇଁ ବାରମ୍ବାର ଗସ୍ତ କରିପାରୁଛନ୍ତି ତା'ହେଲେ ଏଠାରେ ଯେଉଁମାନେ ପ୍ରଭାରୀ ଅଛନ୍ତି ଓ ଯେଉଁମାନେ ଦଳ ଦାୟିତ୍ୱରେ ଅଛନ୍ତି ନିର୍ବାଚନକୁ ପର୍ଯ୍ୟଟନ ସ୍ଥଳ ବୁଲିବା ଭଳି କାହିଁକି ଭାବୁଛନ୍ତି ବୋଲି ସେ କହିଛନ୍ତି। ଦଳର ଶୋ' କଲ୍ଡ ସିନିୟର ଲିଡରଙ୍କ ମୁହଁ ଦେଖି ଲୋକେ ଆଉ ଭୋଟ ଦେବାକୁ ଚାହୁଁନାହାନ୍ତି। ସେମାନେ କଂଗ୍ରେସ ପାଇଁ ଏବେ ସମ୍ପତ୍ତି ନୁହେଁ ବରଂ ବୋଝ ପାଲଟିଗଲେଣି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଭଳି ତାଙ୍କ ଦଳ ପାଇଁ ନିଷ୍ପତ୍ତି ନେଉଛନ୍ତି କଂଗ୍ରେସ ତାକୁ ଅନୁସରଣ କରିବା ଉଚିତ।

ମୋକିମ କହିଛନ୍ତି, ଦିଲ୍ଲୀର ନେତାମାନଙ୍କ ଉପରେ ଏବେ ସନ୍ଦେହ ହେଲାଣି। ସେମାନେ ମଧ୍ୟ ଏଥିରେ ସମ୍ପୃକ୍ତ ରହୁଛନ୍ତି। କାରଣ କଂଗ୍ରେସ ପ୍ରତି ଉପନିର୍ବାଚନରେ ବିଫଳତା ସ୍ୱାଦ ଚାଖୁଛି। ଏହାସତ୍ତ୍ୱେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯଦି ଏଭଳି ସ୍ଥିତି ଲାଗି ରହେ କଂଗ୍ରେସ ଦଳ ଓଡ଼ିଶାରୁ ବିଲୁପ୍ତ ହୋଇଯିବ। ଯଦି ପ୍ରାର୍ଥୀ ଦିଆଯାଉଛି କିନ୍ତୁ ଖର୍ଚ୍ଚ ତୁଲାଇପାରୁନାହାନ୍ତି ତେବେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଦାୟିତ୍ୱ ଛାଡ଼ନ୍ତୁ। ଓଡ଼ିଶାରେ କଂଗ୍ରେସ ନେତା ବୋଲି ଏବେ ପରିଚୟ ଦେବା କଷ୍ଟ ହେଲାଣି। ଲୋକେ ଆଗେଇ ଆସି ଦଳର ଦାୟିତ୍ୱ ନେଇଥିବା ନେତାଙ୍କୁ ବିତାଡ଼ିତ କରନ୍ତୁ। ଢଗ କହିଲା ଭଳି ୯ରୁ ୯୦ କହିଲେ ହେବନି। ପିସିସି ସଭାପତିଙ୍କ କଥା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ପିସିସି ସଭାପତିଙ୍କୁ ପରୋକ୍ଷରେ ଟାର୍ଗେଟ କରି କହିଛନ୍ତି, ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପୂର୍ବରୁ ପିସିସି ସଭାପତି ଦଳ ହାରିବ ବୋଲି କେମିତି ଜାଣିଲେ। ଲୋକମାନେ କହୁଛନ୍ତି କଂଗ୍ରେସ ଭୋଟ ବିକିଦେଲା। ପିସିସି ସଭାପତି ତୁରନ୍ତ ଏନେଇ ବୈଠକ ଡକାଇବା ସହିତ ଏହାର ତର୍ଜମା କରିବା ଦରକାର। ଏହାସହ ସେ ନିଜକୁ ମଧ୍ୟ ଏବେ ପରଖିବା ଦରକାର ବୋଲି ତାରା କହିଛନ୍ତି।

# ହିମାଚଳ ପ୍ରଦେଶରେ ଏଏପିକୁ ଶକ୍ତ ଧକ୍କା

କୁଲୁ,୯।୧୨

## ଅମାନତ ହରାଇଲେ ସବୁ ପ୍ରାର୍ଥୀ

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ରାଜ୍ୟର ତୃତୀୟ ତଥା ଶ୍ରେଷ୍ଠ ବିକଳ୍ପ ଦଳ ଭାବେ ନିଜକୁ ଉପସ୍ଥାପିତ କରିଥିଲା। ତେବେ ନିର୍ବାଚନ ଫଳାଫଳ ଏହି ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ଦଳ ଏଠାରେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ସମସ୍ତ ୬୭ ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି। କାରଣ ଜଣେ ହେଲେ ମୋଟ ବୈଧ ଭୋଟର ସର୍ବନିମ୍ନ ୬ ଭାଗରୁ ଭାଗେ ଭୋଟ ପାଇନାହାନ୍ତି। ଏଏପି ଟିକେଟରେ ଲଢ଼ିଥିବା ପୂର୍ବତନ ଲୋକ ସଭା ସଦସ୍ୟ ରାଜନ ସୁଶାନ୍ତ ମଧ୍ୟ ହାରିଯାଇଛନ୍ତି। ପଞ୍ଜାବରେ ଏଏପି କ୍ଷମତାରେ ଥିବାବେଳେ ଏହାର ପଡୋଶୀ ରାଜ୍ୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବାରମ୍ବାର ହିମାଚଳପ୍ରଦେଶ ଯାଇ ଏକାଧିକ ରୋଡ୍ ଶୋ' କରିଥିଲେ। ତେବେ ପ୍ରଚାର ମଧ୍ୟଭାଗରୁ ଦଳ ନିରାଶ ହୋଇପଡ଼ିଥିଲା। ପ୍ରଚାର ଶେଷ ପର୍ଯ୍ୟାୟରେ କେବଳ ଭାଜପା ଏବଂ କଂଗ୍ରେସ ରାଲି କରିଥିଲେ।

# ଅଟକ ପରେ ଅନଶନରେ ବସିଲେ ଶର୍ମିଳା

ହାଇଦ୍ରାବାଦ,୯।୧୨



ଅନଶନରେ ବସିଛନ୍ତି ୱାଇଏସ୍ ଶର୍ମିଳା।

ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା ୱାଇଏସ୍ ଶର୍ମିଳାଙ୍କୁ ଶୁକ୍ରବାର ପୋଲିସ ଅଟକ ରଖିବା ପରେ ସେ ଅନଶନରେ ବସିବା ସହ ରାଜ୍ୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଦାବି କରିଛନ୍ତି। ୱାରାଙ୍ଗଲ୍ ପୋଲିସ ତାଙ୍କୁ ପଦଯାତ୍ରା ପାଇଁ ଅନୁମତି ନ ଦେବାରୁ ଶର୍ମିଳା ଟ୍ୟାଙ୍କ୍ ବୁନ୍ଦ୍ ଆମ୍ବେଡ୍‌କର ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେ ହିଂସାକୁ ଉସୁକାଉଥିବା ଅଭିଯୋଗ ଆଣି ପୋଲିସ ତାଙ୍କୁ ଅଟକ ରଖିଥିଲା। ଶର୍ମିଳା ଅନଶନରେ ବସିବା ସହ ତାଙ୍କୁ ପଦଯାତ୍ରା ନିମନ୍ତେ ଅନୁମତି ଦେବାକୁ ଦାବି କରିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ତାଙ୍କ ପଦଯାତ୍ରାକୁ ବନ୍ଦ କରିବା ଲାଗି ସମସ୍ତ ଉଦ୍ୟମ ଚଳାଇଛନ୍ତି। ତାଙ୍କ ବସ୍‌କୁ ଜାଳିଦିଆଯିବା ସହ ଦଳୀୟ କର୍ମୀମାନଙ୍କୁ ମାଡ଼ ମରାଗଲା ବୋଲି ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟି ନେତ୍ରୀ କହିଛନ୍ତି। ପଦଯାତ୍ରା ଲାଗି ଅଦାଲତ ଅନୁମତି ଦେବା ସତ୍ତ୍ୱେ ତାଙ୍କୁ ପୋଲିସ ଛାଡ଼ୁ ନ ଥିବା ଶର୍ମିଳା କହିଛନ୍ତି।





CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective time management skills.

Apply immediately to :
recruitment@dharitri.com
Attractive salary commensurate with experience

**APPOINTMENT**
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ୍ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଆବଶ୍ୟକ**
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

**JOIN AS PARTNER**
- Fixed + Variable Pay
- Incentives + Foreign Trips
- Rewards + Recognisations
- Insurance Cover + Guaranteed Benefits

Contact: 8249253959

**ଆବଶ୍ୟକ**
ବାଡ଼ିବଗିଚା କାମ ପାଇଁ ଏବଂ କୁକୁଡ଼ା ଫାର୍ମ ପାଇଁ ଦୁଇ ଜଣ ଲୋକ ରହିବା, ଖାଇବା ସହ 10,000/-, ନଖରା କଟକ କିମ୍ବା ସ୍ୱାମୀ ସ୍ତ୍ରୀ କାମ କଲେ 15,000/- ଦିଆଯିବ।
ଯୋଗାଯୋଗ: 7809525452

**REQUIRE**
ONE SALES OFFICER (M) having own Vehicle and one FEMALE OFFICE ASSISTANT having experience in Tally for a Distribution firm located in Baripada.
Contact: ratnakar4@gmail.com/ 9712292388

**WANTED**
ଧରିତ୍ରୀ DHARITRI Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to :
recruitment@dharitri.com
Attractive salary commensurate with experience

SWARNA Mahindra
**WALK IN INTERVIEW**
SWARNA AUTOMOBILES PVT. LTD.
( Truck & Bus Division )
- General Manager (Sales)
- AGM (Sales) - 4nos.
- Sr.Marketing Officer- 4nos.
- Manager(Sales) - 12 nos.
- Business Development Officer - 20nos.
- Service Manager - 2nos.
- DTP Operator/Accountant
- Sales Executive/ Receptionist

DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

Your classified advertisement published in Dharitri will be listed free in Dharitri online edition :
www.dharitri.com

ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ । ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ–ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି । –ଶ୍ରୀମା

# ବିବାଦରେ ଫସିଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ କ୍ଷମତା ବିବାଦ ଲାଗି ରହିଛି । ନିଃସନ୍ଦେହ ଯେ, ଏହି ବିବାଦ ରାଜ୍ୟରେ ବାବୁମାନଙ୍କୁ ପ୍ରଭାବିତ କରୁଛି । ରାଜ୍ୟପାଳଙ୍କୁ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ପଦରୁ ହଟାଇବା ଲାଗି ସରକାର ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିଥିଲେ । ହେଲେ ନିକଟରେ ରାଜ୍ୟର ଜଣେ ବାବୁ ଯେଭଳି ଭାବେ ଏହି ଡ୍ରାଫ୍ଟ ବିଲ୍‌ର ତ୍ରୁଟିକୁ ଦର୍ଶାଇଲେ ସେଥିରେ ବିଜୟନଙ୍କ କ୍ୟାବିନେଟ୍ ଅସନ୍ତୋଷ ପ୍ରକାଶ କରିଥିଲେ । କୃଷି ସଚିବ ବି. ଅଶୋକ ଏହି ତ୍ରୁଟି ଚିହ୍ନଟ କରି କହିଥିଲେ ଯେ, ଯେଉଁ ଫାଇଲରେ ଡ୍ରାଫ୍ଟ ବିଲ୍ ରହିଥିଲା ତାହାର ଆରମ୍ଭରୁ ରାଜ୍ୟପାଳଙ୍କଠାରୁ କୁଳାଧିପତି କ୍ଷମତା ପ୍ରତ୍ୟାହାର କରାଯିବାର କାରଣ ଦର୍ଶାଯାଇ ନ ଥିଲା । ସୂତ୍ରରୁ ଜଣାପଡ଼ିଛି ଯେ, ଅଶୋକଙ୍କ ଏଭଳି କାର୍ଯ୍ୟ ପରେ କ୍ରୋଧିତ ରାଜ୍ୟ ସରକାର ତାଙ୍କ ଅସନ୍ତୋଷ ଅଶୋକଙ୍କୁ ଅବଗତ କରିବା ଲାଗି ରାଜ୍ୟ ମୁଖ୍ୟ ସଚିବ ଭି.ପି.ଜୟଙ୍କୁ କହିଛନ୍ତି । ଆଶ୍ଚର୍ଯ୍ୟ କଥା ଯେ, ବାବୁ ଜଣକ ସରକାରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କରିଥିବା ହସ୍ତକ୍ଷେପକୁ ନେଇ ପିନାରାୟୀ କ୍ଷୁବ୍ଧ ହୋଇଥିଲେ । ଏ ଦୃଷ୍ଟିରୁ ବିଜୟନ ଓ ଖାନ୍‌ଙ୍କ ବିବାଦ କମିବାର କୌଣସି ସଙ୍କେତ ଦେଖାଯାଉନାହିଁ । କିନ୍ତୁ ଏହା ନିଃସନ୍ଦେହ ଯେ, ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଏହି ଦୁଇଜଣଙ୍କ ଝଗଡ଼ାର ପଞ୍ଝାରେ ଫସିବେ । ବିବାଦର ଏବକାର ସ୍ଥିତିରେ ବିଶ୍ୱବିଦ୍ୟାଳୟଗୁଡ଼ିକର ବିଭିନ୍ନ ପଦବୀରେ ନିଯୁକ୍ତିକୁ ନେଇ ରାଜଭବନରେ ଚାଲିଥିବା ସମ୍ପର୍କୀୟ ପକ୍ଷପାତ ଉପରେ ବିଜୟନଙ୍କ ଅଭିଯୋଗ ରହିଛି । ବିବାଦ ସମ୍ପର୍କିତ ଆଉ ଏକ ଘଟଣା କ୍ରମରେ ରାଜ୍ୟପାଳ ବିଲ୍‌ରେ କିଭଳି ଅବିଳମ୍ବେ ଦସ୍ତଖତ କରିବେ ତାହାକୁ ନିଶ୍ଚିତ କରିବା ପାଇଁ ହସ୍ତକ୍ଷେପ ଦାବି କରି ଦାୟର କରାଯାଇଥିବା ପିଟିଶନକୁ କେରଳ ହାଇକୋର୍ଟ ଖାରଜ କରିଦେଇଥିଲେ । ଏହି ସମୟରେ ବାବୁମାନେ ରାଜ୍ୟପାଳଙ୍କର ହେଉ ଅବା ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ, କୌଣସିଥିରେ ସେମାନେ ସାମିଲ ନୁହନ୍ତି ବୋଲି ଜଣାଇବାକୁ ଖୁବ୍ ସତର୍କତାର ସହ କାର୍ଯ୍ୟ କରୁଛନ୍ତି ।

### ନିଯୁକ୍ତି ତାଲିକାର ଉଦ୍ଦେଶ୍ୟ

ପ୍ରଶାସନିକ ବିଷୟରେ ମୋଦି ସରକାରଙ୍କ ଅସାଧାରଣ ଓ କ୍ଷତିକାରକ ହସ୍ତକ୍ଷେପ ସମସ୍ତଙ୍କୁ ଜଣା । ସାଧାରଣତଃ, ଏମ୍ପାନେଲମେଣ୍ଟ ପାଇଁ ଅଯୋଗ୍ୟ ଅର୍ଥାତ୍ ଯେଉଁ ଅଧିକାରୀମାନଙ୍କୁ ନିଯୁକ୍ତି ତାଲିକାଭୁକ୍ତ କରାଯିବା ପାଇଁ ମନା କରାଯାଇଛି, ସେମାନଙ୍କ ନାମ ସରକାର କେବେ ବି ପ୍ରକାଶ କରନ୍ତି ନାହିଁ । କିନ୍ତୁ ନିକଟରେ ପୋଲିସ ମହାନିରୀକ୍ଷକ କିମ୍ବା ତତ୍ତୁଲ୍ୟ ପଦବୀଗୁଡ଼ିକରେ ନିଯୁକ୍ତ ୨୦୦୩ ବ୍ୟାଚ୍ ଆଇପିଏସ୍ ଅଧିକାରୀମାନଙ୍କ ନାମ ପ୍ରକାଶ କରାଯିବାବେଳେ ଏମ୍ପାନେଲମେଣ୍ଟ ପ୍ରକ୍ରିୟା ବାହାରେ ଥିବା ଆଇପିଏସ୍ ଅଧିକାରୀମାନଙ୍କ ଏକ ପୃଥକ୍ ତାଲିକା ପ୍ରକାଶ କରାଯାଇଥିଲା । ପର୍ଯ୍ୟବେକ୍ଷକମାନେ କହିଛନ୍ତି ଯେ, ଏମ୍ପାନେଲମେଣ୍ଟ ଲାଗି ନାମ ସୁପାରିସ କରାଯାଇ ନ ଥିବା ଅଧିକାରୀମାନଙ୍କ ତାଲିକା ପ୍ରଥମ ଥର ଲାଗି ସାର୍ବଜନୀନ କରାଯାଇଛି । ନିଯୁକ୍ତି ସକାଶେ ପ୍ରସ୍ତୁତ ନାମ ତାଲିକାରେ ରହିଛନ୍ତି ବିଭିନ୍ନ କ୍ୟାଡରର ୪୫ ଜଣ ଆଇପିଏସ୍ ଅଧିକାରୀ । ଏହା ସହ ନିଯୁକ୍ତି ତାଲିକାଭୁକ୍ତ କରାଯିବା ଲାଗି ଯେଉଁମାନଙ୍କୁ ମନା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୮ ଜଣ ଅଧିକାରୀ ଏଥିରେ ରହିଛନ୍ତି । ଉକ୍ତ ତାଲିକାରେ ଏଜିଏମ୍‌ୟୁଟି, ଆସାମ, ନାଗାଲାଣ୍ଡ ଏବଂ ରାଜସ୍ଥାନ କ୍ୟାଡରର ପ୍ରତ୍ୟେକଟିରୁ ୨ ଜଣ ଏବଂ ଅନ୍ୟ କିଛି କ୍ୟାଡରରୁ ଜଣେ ଲେଖାଏ ଅଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହି ନାମ ତାଲିକା ପ୍ରକାଶ କରିବାରେ କେନ୍ଦ୍ରର କ'ଣ ମନୋଭାବ ଏବଂ ଉଦ୍ଦେଶ୍ୟ ରହିଛି ତାହା ଉପରେ ବାବୁମାନଙ୍କର ସନ୍ଦେହ ରହିଥିଲେ ବି ସ୍ପଷ୍ଟତଃ ଏହାର ଅନେକ ନିହିତାର୍ଥ ସ୍ପଷ୍ଟ ଅନୁମେୟ । ସେଥିମଧ୍ୟରୁ ଗୋଟିଏ ହୋଇପାରେ, ନିଯୁକ୍ତି ତାଲିକାଭୁକ୍ତ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ଗମ୍ଭୀର ପ୍ରୟାସ କରିବାକୁ ପଡ଼ିବ ବୋଲି ସରକାର ଏକ ସଙ୍କେତ ଦେବାକୁ ଚାହୁଁଛନ୍ତି । ଏହାବାଦ୍, ଯଦି ଆଉ କିଛି ଉଦ୍ଦେଶ୍ୟ ରହିଛି ତେବେ ଆସନ୍ତା ସପ୍ତାହ କିମ୍ବା ମାସଗୁଡ଼ିକରେ ଏହା ସ୍ପଷ୍ଟ ହୋଇଯିବ ।

### ମେଘାଳୟର ଦାବି

ନିକଟରେ ଆସାମ– ମେଘାଳୟ ସୀମାରେ ଘଟିଥିବା ଗୁଳିକାଣ୍ଡ ଏହି ଦୁଇ ରାଜ୍ୟର ୫ ଦଶନ୍ଧି ପୂର୍ବର ସୀମା ସମସ୍ୟାକୁ ସାମ୍ନାକୁ ଆଣିଛି । ମେଘାଳୟ ପାଇଁ ଏକ ପୃଥକ୍ କ୍ୟାଡର ସକାଶେ ଦାବିକୁ ବି ଏହା ଉଜାଗର କରିଛି । ନିକଟରେ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା ଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଆସାମ– ମେଘାଳୟ କ୍ୟାଡରକୁ ଦୁଇଭାଗ କରିବାକୁ ଦାବି କରିଥିଲେ । ସୂତ୍ରରୁ ପ୍ରକାଶ ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମେଘାଳୟ ପାଇଁ ଅଲଗା କ୍ୟାଡର ସୃଷ୍ଟି କରିବା ସପକ୍ଷରେ ନାହାନ୍ତି । କେନ୍ଦ୍ର ମଧ୍ୟ ରାଜ୍ୟର ଦାବି ଉପରେ ଧ୍ୟାନ ଦେବା ସମ୍ଭାବନା ନାହିଁ । ଅବଶ୍ୟ ସରକାରୀ ଭାବେ କୁହାଯାଇଛି ଯେ, ପୃଥକ୍ କ୍ୟାଡର ପାଇଁ ରାଜ୍ୟର ଦାବିକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ସାଙ୍ଗମାଙ୍କୁ ମୋଦି ଓ ଶାହା ଆଶ୍ୱସ୍ତ କରିଛନ୍ତି । ତେବେ ବିବାଦୀୟ ସୀମା ସମସ୍ୟାକୁ ନେଇ ମେଘାଳୟ ଓ ଆସାମ ମଧ୍ୟରେ ଉତ୍ତେଜନା ତୀବ୍ର ହେଉଥିବାରୁ କେନ୍ଦ୍ର ଏହାକୁ ନିଷ୍ପକ୍ଷ ଭାବେ ସମାଧାନ କରିବାରେ ବିଳମ୍ବ କଲେ ସ୍ଥିତି ଅଧିକ ଜଟିଳ ହେବ ; ଯାହା ସମସ୍ୟାଗ୍ରସ୍ତ ଉତ୍ତରପୂର୍ବାଞ୍ଚଳର ବିକାଶ ପାଇଁ ଅନୁକୂଳ ହେବ ନାହିଁ । ଭୌଗୋଳିକ ଦୃଷ୍ଟିକୋଣରୁ ପ୍ରଭାବିତ ଲୋକଙ୍କ ଜାତିଗତ ତ୍ରୁଟି ଓ ଭାବନା ବିରୋଧରେ ପ୍ରଶାସନିକ କଳ ଯେତେବେଳେ ଆଗକୁ ଆସିଛି ସେତେବେଳେ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି ।

Email: dilipcherian@gmail.com

# ନାରୀ ଓ ମାନବ ଅଧିକାର



ସୌର ଚନ୍ଦ୍ର ମହାପାତ୍ର

ଆଜି ବିଶ୍ୱ ମାନବ ଅଧିକାର ଦିବସ । ଭାରତ ସରକାର ୧୯୯୩ ମସିହାରେ ଜାତୀୟ ମାନବ ଅଧିକାର ଆୟୋଗ ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ଅନୁଯାୟୀ ମାନବ ଅଧିକାର ଅର୍ଥ ସମ୍ବିଧାନ ଦ୍ୱାରା ଏବଂ ଆନ୍ତର୍ଜାତିକ ଚୁକ୍ତିରେ ସନ୍ନିବିଷ୍ଟ ଏବଂ ଭାରତ ବର୍ଷର ଅଦାଲତରେ ପ୍ରବର୍ତ୍ତନୀୟ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାତନ୍ତ୍ର୍ୟ, ସମାନତା ଏବଂ ସମ୍ମାନ ବା ମର୍ଯ୍ୟାଦା ସମ୍ପର୍କୀୟ ଅଧିକାରକୁ ବୁଝାଇବ । ସୂଚନାଯୋଗ୍ୟ ଓଡ଼ିଶାରେ ମାନବ ଅଧିକାର କମିଶନ ୨୦୦୩ ଜୁଲାଇରେ ସ୍ଥାପିତ ହୋଇଛି । ନାରୀ ନିର୍ଯାତନା ରୋକିବା ଲାଗି ଯେଭଳି ମହିଳା ସଂଗଠନ ଗଠନ କରାଯାଇଛି, ଠିକ୍ ସେହିଭଳି ମାନବ ସୁରକ୍ଷା ଲାଗି ଜାତୀୟ ମାନବ ଅଧିକାର କମିଶନ ଗଠନ କରାଯାଇଛି । ଆମ ରାଜ୍ୟରେ ମାନବ ଅଧିକାର କମିଶନ ଗଠନ ହେବା ପରଠାରୁ ମହିଳାମାନେ ବିଶେଷକରି ମାନବ ଅଧିକାର ସଂକ୍ରାନ୍ତରେ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି ।

କେବେ ବାଧ୍ୟବାଧକତାରେ ତ କେବେ ମାନ୍ୟବର ନ୍ୟାୟାଧୀଶଙ୍କ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଯୋଗୁ ନାରୀ ପାଇଛି ସମ୍ମାନର ସହ ବଞ୍ଚିବାର ଅଧିକାର । ଆଇନର ଆଖି ଏବେ ଉଭୟ ପୁରୁଷ ଓ ନାରୀଙ୍କୁ ସମଦୃଷ୍ଟିରେ ଦେଖୁଛି । କିଛି ଦଶନ୍ଧି ପୂର୍ବକୁ ଫେରିଗଲେ ଆମେ ଅନେକ ଆଇନଗତ ଉଦାହରଣ ଦେଖିବାକୁ ପାଇବା ; ଯାହା ପ୍ରମାଣିତ କରେ କିଭଳି ନ୍ୟୂନ ଅବସ୍ଥାରେ ଥିଲେ ଭାରତୀୟ ନାରୀ । ୧୯୩୮ରେ ଅଦାଲତରେ ଏମିତି ଅନେକ ମାମଲାର ଶୁଣାଣି ହୋଇଛି, ଯେଉଁଥିରେ ସ୍ତ୍ରୀଙ୍କୁ ମାରପିଟ୍ କରିବା ସହ ଗାଳିଗୁଲଜ କରିବା ଭଳି ଅପରାଧକୁ ବିବେଚନା କରାଯାଇ ନ ଥିଲା । ୧୯୩୬ରେ ମାଡ୍ରାସର ସୁବିୟା ରୋଜାନ ଯେତେବେଳେ ନିଜର ସ୍ତ୍ରୀଙ୍କୁ ପିଟୁଥିଲେ ମଝିରେ ତାଙ୍କ ଶାଶୁ ତାଙ୍କୁ ଛଡ଼ାଇବାକୁ ଆସିଲେ । ସୁବିୟାଙ୍କ ମାଡ଼ରେ ତାଙ୍କ ଶାଶୁଙ୍କର ମୃତ୍ୟୁ ହେଲା । ଏହି ମାମଲାରେ ଅଦାଲତ ନିଷ୍ପତ୍ତି ଥିଲା ଯେ ସ୍ତ୍ରୀଙ୍କୁ ସ୍ୱାମୀ ବାଡ଼େଇପାରିବେ । ସେସନ୍ ଜଜ୍ ଓଲଟା ପୋଲିସ ଉପରେ ରାଗିଥିଲେ ଯେ ସ୍ତ୍ରୀଙ୍କୁ ପିଟିବାର ଅଭିଯୋଗ କାହିଁକି ସେ ସ୍ୱାମୀଙ୍କ ଉପରେ କଲେ । ଅବଶ୍ୟ ଉଚ୍ଚନ୍ୟାୟାଳୟ ସେସନ୍ ଜଜ୍‌ଙ୍କ କଥାରେ ହଁ ନ କରି କହିଥିଲେ ଯେ, ଏମିତି କୌଣସି ନିୟମ ନାହିଁ ଯେ ସ୍ୱାମୀ ଯେତେବେଳେ ଚାହିଁବେ ସ୍ତ୍ରୀଙ୍କୁ ବାଡ଼େଇପାରିବେ । ପରବର୍ତ୍ତୀ କାଳରେ ନାରୀ ପାଇଁ ବିଚାରଧାରାରେ ଅନେକ ଆଇନ ପ୍ରବର୍ତ୍ତିତ ହୋଇଛି ।

ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ




ସେହିଁ ଆଇନଗୁଡ଼ିକ ହେଉଛି ,ଫ୍ୟାକ୍ଟ୍ରି ଆଇନ (୧୯୪୮) : କଳକାରଖାନାରେ କାମ କରୁଥିବା ମହିଳାମାନଙ୍କ ସୁରକ୍ଷା ପାଇଁ ଏହି ବିଲ୍ ପ୍ରଣୟନ କରାଯାଇଛି । ଏହାଦ୍ୱାରା ମହିଳାମାନଙ୍କ ପାଇଁ ଶୌଚାଳୟ, ପିଇବା ପାଣି, ତାଙ୍କ ପିଲାମାନେ କିପରି ସୁରକ୍ଷିତ ରହିପାରିବେ ଓ କେମିତି ପରିବେଶରେ ରହିବେ ଦୃଷ୍ଟି ଦିଆଯିବ । ସ୍ପେଶାଲ୍ ମ୍ୟାରେଜ୍ ଆକ୍ଟ (୧୯୫୪) : ଏହି ଆଇନ ଅନୁସାରେ ଝିଅକୁ ବିବାହ ପାଇଁ ଅତିକମ୍‌ରେ ୧୮ ବର୍ଷ ହେବା ଦରକାର । ଆଉ ସେ ନିଜ ଇଚ୍ଛାରେ ବିବାହ କରିପାରିବେ । ଯଦି ଚାହିଁବେ ଅନ୍ୟ ଜାତିରେ ମଧ୍ୟ ବିବାହ କରିପାରିବେ । ଚାଇଲ୍ଡ ଆଡ଼ପ୍ସନ ଆଣ୍ଡ ମେଣ୍ଟେନାନ୍ସ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ମାଆ ନିଜ ସନ୍ତାନର ଅଭିଭାବକ ହେବା ପାଇଁ ଦାବି କରିପାରିବ । ସ୍ୱାମୀ ତାକୁ ଛାଡ଼ି ଅନ୍ୟତ୍ର ରହୁଥିଲେ ସେ ସ୍ୱାମୀଙ୍କଠାରୁ ଭରଣପୋଷଣ ବାବଦରେ ତାଙ୍କ ରୋଜଗାରର ଏକ ତୃତୀୟାଂଶ ପାଇପାରିବେ । ସମ୍ପତ୍ତିଗତ ଅଧିକାର (୧୯୩୯) : ଝିଅ ଯଦି ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ହୋଇଥାଏ ତାହାହେଲେ ସେ ବାପଘରେ ରହିପାରିବେ । ହିନ୍ଦୁ ସକ୍‌ସେସନ୍ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ଝିଅପୁଅଙ୍କର ସମ୍ପତ୍ତି ଉପରେ ସମାନ ଅଧିକାର ରହିବ । ଅବଶ୍ୟ ଏହା କେବଳ ହିନ୍ଦୁ ଝିଅମାନଙ୍କ ପାଇଁ । ଯଦି ପଦୋନ୍ନତି ହେବାର ଥାଏ ତାହାହେଲେ ତାକୁ ରୋକାଯିବ ନାହିଁ । ତେବେ ଓଡ଼ିଶାରେ ଏକ ପ୍ରସୂତିକାଳୀନ ଛୁଟି ୩ ମାସ ଥିବା ବେଳେ ଅନ୍ୟ ରାଜ୍ୟରେ ୬ ମାସ ରହିଛି । ଏହି ଛୁଟି ସମୟ ସରକାରୀ ଓ ବେସରକାରୀ ସଂସ୍ଥାରେ କାମ କରୁଥିବା ମହିଳାମାନଙ୍କୁ ଦିଆଯିବ । ଦରମା ଅଧିକାର : ଏହି ଅଧିକାରରେ ନାରୀ ଓ ପୁରୁଷ ସମାନ ଦରମା ପାଇବେ । ଯେ କୌଣସି ସ୍ତରରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ଏହି ଆଇନ ଲାଗୁ ହେବ । ଯୌତୁକ ବିରୋଧୀ ଆଇନ (୧୯୬୧) : ଏହି ଆଇନ ଅନୁସାରେ ଯୌତୁକ ନେବା ଓ ଦେବା ହେଉଛି ଉଭୟ ଅପରାଧ । ଏଥିରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ଦଣ୍ଡିତ ହେବେ । ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେଶନ୍ ଅଫ୍ ଓମେନ୍ (ପ୍ରୋହିବିଶନ୍ ଆକ୍ଟ) ୧୯୮୬) : ଏହି ଆଇନ ଅନୁସାରେ ନାରୀମାନଙ୍କୁ ଅଶ୍ଳୀଳ ଭାବରେ ଚିତ୍ରିତ କରାଯାଇପାରିବ ନାହିଁ । ଅଶ୍ଳୀଳ ଦ୍ୱିଅର୍ଥବୋଧକ ଗୀତ, ଖବରକାଗଜରେ ଅଶ୍ଳୀଳ ଫଟୋ ଛପାଗଲେ ଜେଲ ଜରିମାନା ସହିତ ଦଣ୍ଡ ବ୍ୟବସ୍ଥା ରହିଛି । ନ୍ୟାଶନାଲ୍ କମିଶନ ଅଫ୍ ଓମେନ୍ ଆକ୍ଟ (୧୯୯୦) : ଏହି ଆଇନ ଅନୁସାରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଜାତୀୟ ଓ ରାଜ୍ୟସ୍ତରରେ ମହିଳା କମିଶନ ଖୋଲାଯାଇଛି । କନ୍ୟାଭ୍ରୂଣ ହତ୍ୟା ବିରୋଧୀ ଆଇନ (୨୦୦୨) : ଏହି ଆଇନ ଅନୁସାରେ କନ୍ୟାଭ୍ରୂଣ ନଷ୍ଟ କରିଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ସେମାନଙ୍କୁ ଜରିମାନା ଓ ଜେଲଦଣ୍ଡରେ ଦଣ୍ଡିତ କରାଯିବ । ପ୍ରୋଟେକ୍ଟ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ (୨୦୦୫) : ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଥିଲେ ସ୍ୱାମୀ ସ୍ତ୍ରୀଙ୍କୁ ବାହାର କରିଦେଉଥିଲେ । ସ୍ତ୍ରୀ ଏକୁଟିଆ ବା ବାପଘରେ ଯାଇ ରହୁଥିଲେ । କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ଛାଡ଼ପତ୍ର ନ ହେବା ପର୍ଯ୍ୟନ୍ତ ସ୍ତ୍ରୀଙ୍କୁ ସ୍ୱାମୀ ବା ତାଙ୍କ ପରିବାରର କେହି ବାହାର କରିପାରିବେ ନାହିଁ । କମ୍ପଲସରି ରେଜିଷ୍ଟ୍ରେଶନ୍ ଅଫ୍ ମ୍ୟାରେଜ ଆକ୍ଟ : କମ୍ ଦିନ ତଳେ ଏହି ଆଇନ ଲାଗୁ ହୋଇଛି, ଯେଉଁଥିରେ କି ବିବାହ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । କର୍ମଜୀବୀ ମହିଳା ୧୯୯୯ ରେ ହୋଇଥିବା ଏହି ଆଇନ ଅନୁସାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଭୋଗୁଥିବା ମହିଳାମାନଙ୍କ ପାଇଁ ଅଭିଯୋଗ କମିଟି କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଇଥାଏ । ୨୦୦୪ରେ ପ୍ରଣୟନ କରାଯାଇଥିବା ଏକ ଆଇନ ଅନୁସାରେ ଯଦି ସ୍ୱାମୀଙ୍କର ଦୁଇଜଣ ସ୍ତ୍ରୀ ରହିବେ ତେବେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ସମ୍ପତ୍ତିରୁ ଅଧିକାର ପାଇବା ସହିତ ତା'ର ପିଲାମାନେ ମଧ୍ୟ ସମ୍ପତ୍ତିରୁ ଅଧିକାର ପାଇପାରିବେ ।

ମାନବ ଅଧିକାର କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ସହ ପ୍ରତ୍ୟକ୍ଷ ଗଣତନ୍ତ୍ରରେ ସାମିଲ ପାଇଁ ସରକାର ସୁଯୋଗ ସୃଷ୍ଟି କରିଛନ୍ତି । ମହିଳାମାନଙ୍କ ମାନବ ଅଧିକାର ପ୍ରତିଷ୍ଠା ପାଇଁ ଗଣମାଧ୍ୟମରେ ସ୍ୱତନ୍ତ୍ର ରିପୋର୍ଟିଂ ହେଉଥିବାରୁ ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇପାରୁଛି । ତେଣୁ ମାନବ ଅଧିକାର ଦିବସ ଅବସରରେ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ଭୂମିକାକୁ ସ୍ମରଣ କରିବାର ଦିନ ।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
soura999mohapatra@gmail.com

## ଏଇ ଭାରତରେ

ବାଲ୍ୟ ବିବାହ କରିବା ପରେ ବାଲ୍ୟ ବିଧବା ପାଲଟିଯାଇଥିବା ଜଣେ ଝିଅ ନିଜର ଇଚ୍ଛାଶକ୍ତି ଓ ନିଷ୍ଠା ବଳରେ କିପରି ସଶକ୍ତ ହୋଇ ସମାଜସେବା କରିପାରେ ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡରେ । ପିଥୋରଗଡ଼ ଗାଁରେ ଜନ୍ମିତ ବାସନ୍ତୀ ଦେବୀ ୧୨ବର୍ଷ ବୟସରେ ବାଲ୍ୟ ବିବାହ କରିଥିଲେ । ଦୁଇବର୍ଷ ପରେ ସେ ସ୍ୱାମୀଙ୍କୁ ହରାଇ ଅସହାୟ ହୋଇଯାଇଥିଲେ । ପରେ ତାଙ୍କୁ କୌସାନି ସ୍ଥିତ ଲକ୍ଷ୍ମୀ ଆଶ୍ରମକୁ ପଠାଇ ଦିଆଗଲା । ସେଠାରେ ସେ ପୁନର୍ବାର ତାଙ୍କ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ପଢ଼ିବା ସମୟରେ ସେ କୋଷି ନଦୀ ବିପଦରେ ଥିବା ବିଷୟ ଜାଣିବାକୁ ପାଇଥିଲେ । ଏହାର ଅବବାହିକାରେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ଯୋଗୁ ଏଭଳି ବିପଦ ଉପୁଜିବାରେ ଲାଗିଥିଲା । ଏହାକୁ ଲକ୍ଷ୍ୟକରି ବାସନ୍ତୀ ଆଖପାଖ ଗାଁକୁ ଯାଇ ମହିଳାମାନଙ୍କୁ କୋଷି ନଦୀ ସୁରକ୍ଷା ସମ୍ପର୍କରେ ଅବଗତ କରିବା ସହ ସେମାନଙ୍କୁ ତାଙ୍କ ଅଭିଯାନରେ ସାମିଲ କରିଥିଲେ । ତାଙ୍କ ଅଭିଯାନର ନାମ 'ସେଭ୍ କୋଷି ମୁଭ୍‌ମେଣ୍ଟ' । ଏହି ଅଭିଯାନକୁ ଏବେ ୨୦ ବର୍ଷ ପୂରିଗଲାଣି । ଇତିମଧ୍ୟରେ ସେ ୨୦୦ ଗାଁରୁ ଅନେକ ଶହ ମହିଳାଙ୍କୁ ଏକାଠି କରି କୋଷି ନଦୀ ଅବବାହିକାରେ ଗଛର ସୁରକ୍ଷା କରିବା ସହ ବୃକ୍ଷରୋପଣ କରୁଛନ୍ତି । ଏଥିପାଇଁ ତାଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି ।

# ସାପ, ଶିଡ଼ି ଓ ଜୀବନ



ସୁପ୍ରଭା ବେହେରା

ଯେବେଠାରୁ ଦିନ, ଦଣ୍ଡ, ମାସ, ବର୍ଷର ପିଠିରେ ଆୟୁଷ ଶିଡ଼ି ଚଢ଼ି ଜୀବନ ଗଢ଼େ, ସେବେଠାରୁ ବୋଧହୁଏ ମଣିଷକୁ ଶିଡ଼ିର ମୋହ ମୋହାଚ୍ଛନ୍ନ କରେ । ମଣିଷକୁ ଭିତରୁ ଯେମିତି କିଏ ଜଣେ ଉସୁକାଉଥାଏ, ନା ଏଇଠି ନୁହଁ, ଆଉ ଟିକେ ଉପରକୁ ଚଢ଼ୁନୁ । ଆଉ ଟିକେ ଉପରେ ବସିଲେ ତୋତେ ସାଜିବ । କିନ୍ତୁ ସେଇ ଉପରଟା କେତେ ଉଚ୍ଚରେ, ଜୀବନ ସରିଯାଏ ପଛକେ ସେଇଟା ସ୍ଥିରୀକୃତ ହୋଇ ପାରେ ନାହିଁ । ମଣିଷ ସାରା ଜୀବନ ଅଣନିଃଶ୍ୱାସୀ ହୋଇ ଧାଇଁ ବୁଲେ, ଶିଡ଼ିର ଗୋଟିଏ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ । ଗୋଟିଏ ପାହାଚ ଅତିକ୍ରମ କରି ସେଇଠି ଛିଡ଼ା ହେଲେ, ତା' ପରର ପାହାଚ ପୁଣି ହାତ ଠାରି ଡାକେ । ସେ ପାହାଚରେ ଛିଡ଼ା ହେବାର ଲାଳସା ମନରେ ଜାଗେ । ତା' ପାଇଁ ମଣିଷ ପୁଣି ଚେଷ୍ଟାରେ ଲାଗିରହେ । ସତେକି ଆକାଶକୁ ଛୁଇଁବ ମଣିଷ । ଏଇ ମନ ନିତି ରାବଣ ପରି ସ୍ୱର୍ଗକୁ ନିଶୁଣି ବାନ୍ଧିବାର ସ୍ୱପ୍ନ ଦେଖୁଥାଏ ।

ଜୀବନରେ ସଫଳତାର ଶିଡ଼ିର ମହତ୍ତ୍ୱ ବହୁତ ଅଧିକ । ନିଷ୍ଠା, ଉଦ୍ୟମ, ଧୈର୍ଯ୍ୟ, କଠିନ ପରିଶ୍ରମ, ସକାରାତ୍ମକ ମନୋବଳ, ଦୃଢ଼ ଆତ୍ମବିଶ୍ୱାସ ଏସବୁ ହେଉଛି ଶିଡ଼ିର ଗୋଟିଏ ଗୋଟିଏ ପାହାଚ । ଖୁବ୍ ଯତ୍ନର ସହ ଏସବୁକୁ ଯିଏ ଅତିକ୍ରମ କରେ, ଶିଡ଼ିର ଶେଷ ମୁଣ୍ଡରେ ସଫଳତା ଫୁଲମାଳ ଧରି ଅପେକ୍ଷା କରିଥାଏ । କିନ୍ତୁ ଆଜିର ମଣିଷ ପାଖରେ କାହିଁ ଏତେ ଧୈର୍ଯ୍ୟ, ? କାହିଁ ଏତେ ପ୍ରତୀକ୍ଷା ? ସେ ଚାହେଁ ପ୍ରଥମ ପାହାଚରେ ପାଦ, ତା'ପରେ ଶେଷ ପାହାଚ । ମଝି ପାହାଚକୁ ସେ ଲମ୍ଫ ପ୍ରଦାନ କରି ଡେଇଁବାକୁ ଚାହେଁ । ରାତାରାତି ସେ ବଡ଼ଲୋକ ହେବାକୁ ଚାହେଁ । ସେ ଶିଡ଼ିର ପାହାଚ ଅଲଗା ଉପାଦାନରେ ତିଆରି ହୋଇଥାଏ । ସେ ପାହାଚ ଶଠତା, ବିଶ୍ୱାସଘାତକତାର ସ୍ୟାହିରେ ଲେଖାଥାଏ । ଶିଡ଼ି ଚଢ଼ି ଉପର ପାହାଚରେ ବସିବାକୁ କାହାକୁ ଅବା ଭଲ ନ ଲାଗେ ? ତେଣୁ ଦପ୍ତର, ରାଜନୀତି, ସାହିତ୍ୟ, କଳା, ବିଜ୍ଞାନ ପ୍ରତ୍ୟେକ କ୍ଷେତ୍ରରେ ଚାଲେ ପ୍ରତିଯୋଗିତା । ମଣିଷ ଶିଡ଼ି ଚଢିବାକୁ ଯେତିକି ଉଦ୍ୟମ ନ କରେ, ଶିଡ଼ି ଚଢୁଥିବା ଲୋକର ଗୋଡ଼ ଟାଣିବାକୁ ସେତିକି ଚେଷ୍ଟା କରିଥାଏ । ଆମେ ଏବେ ଏମିତି ଏକ ମାନସିକତା ନେଇ ବସବାସ କରୁଛୁ, ଯେଉଁଠି ଜଣେ ଉପରକୁ ଗଲେ, ଅନ୍ୟ ଦଶଜଣଙ୍କୁ ଶକ୍ତ ମାନସିକ ଧକ୍କା ଲାଗିଥାଏ । ଏହି ସଂକ୍ରାମକ ରୋଗରେ ଗୋଟିଏ ସାହି, ଗାଁ କିମ୍ବା ସହର ଆକ୍ରାନ୍ତ ନୁହଁ । ବରଂ ସାରା ବିଶ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ମଣିଷ ଅନ୍ୟ ଜଣକୁ ଉପରକୁ ଚଢ଼ିବାକୁ ନ ଦେବାକୁ ରଚନା କରେ ହୀନ ଚକ୍ରାନ୍ତ । ବେଳେ ବେଳେ ହୀନ ଚକ୍ରାନ୍ତ ଏତେ କୁତ୍ସିତ ଥାଏ, ଭାବିବାକୁ ମଧ୍ୟ ଲଜ୍ଜା ଆସେ । ବୈଜ୍ଞାନିକ



ନମ୍ବି ନାରାୟଣଙ୍କ କଥା ବିଚାରକୁ ନିଆଯାଉ । ଭାରତୀୟ ମହାକାଶ ବିଜ୍ଞାନ ଅଧ୍ୟୟନ ସଂସ୍ଥା (ଆଇଏସ୍‌ଆରଓ)ର କ୍ରାୟୋଜେନିକ ବିଭାଗର ଦାୟିତ୍ୱରେ ସେ କାର୍ଯ୍ୟରତ ଥିଲେ । ଯେତେବେଳେ ଆମେରିକାର କୂଟ ଚକ୍ରାନ୍ତରେ ରୁଷିଆ ଭାରତକୁ କ୍ରାୟୋଜେନିକ ଇଞ୍ଜିନ୍‌ର ଜ୍ଞାନ କୌଶଳ ବିକ୍ରି କରିବାକୁ ମନା କରିଦେଲା, ସେତେବେଳ ଭାରତୀୟ ମହାକାଶ ବିଜ୍ଞାନ ସଂସ୍ଥା ନିଜସ୍ୱ କ୍ରାୟୋଜେନିକ ଇଞ୍ଜିନ୍ ତିଆରିକରିବା ପାଇଁ ସିଦ୍ଧାନ୍ତ ନେଲା । କୁହାଯାଏ ଆମେରିକା ଚାହୁଁ ନ ଥିଲା ଭାରତ ଏହି ଜ୍ଞାନକୌଶଳରେ ଆଗକୁ ବଢୁ । ନିଜସ୍ୱ ନିର୍ମିତ କ୍ରାୟୋଜେନିକ ଇଞ୍ଜିନ୍‌ର ଜ୍ଞାନ କୌଶଳ ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ଦେଇପାରିଥା'ନ୍ତା । କିନ୍ତୁ ସେହି ଘୃଣ୍ୟ ମାନସିକତା ବ୍ୟକ୍ତି ବିଶେଷ ହେଉ ଅବା ଦେଶ କଥା ହେଉ ଶିଡ଼ିର ଉପରକୁ କାହାରିକୁ ଯିବାକୁ ଦେବା ନାହିଁ । ତା' ପୂର୍ବରୁ କଳେବଳେ କୌଶଳେ ତା' ଗୋଡ଼କୁ ତଳକୁ ତଳକୁ ଟାଣିବା । ନମ୍ବି ନାରାୟଣଙ୍କ କ୍ଷେତ୍ରରେ ତାହା ହିଁ ହୋଇଥିଲା । ତାଙ୍କୁ ଗୁପ୍ତଚର ବୃତ୍ତିରେ ଲିପ୍ତ ଥିବା ଦର୍ଶାଇ ଜେଲର କାଳକୋଠରି ମଧ୍ୟରେ ରଖି ଦିଆଗଲା । ଆଉ ଭାରତ କ୍ରାୟୋଜେନିକ ଇଞ୍ଜିନ୍ ନିର୍ମାଣ କ୍ଷେତ୍ରରେ ୧୦ ବର୍ଷ ପଛକୁ ଚାଲିଗଲା । ଏହା ପ୍ରତ୍ୟେକଟି ଭାରତୀୟ ପାଇଁ ଅତ୍ୟନ୍ତ ଦୁଃଖଦ ଘଟଣା, ଯାହାର କ୍ଷତି ଅପୂରଣୀୟ ।

ଶିଡ଼ିର ମୂଳଟି ମାଟି ମଗ୍ନା କିନ୍ତୁ ତାହାର ପାହାଚଗୁଡ଼ିକ ଆକାଶ ମନସ୍କ । ସେଥିପାଇଁ ବୋଧହୁଏ ମଣିଷ ଯେତେବେଳେ ଗୋଟିଏ ଗୋଟିଏ ପାହାଚ ଚଢ଼ି ଚଢ଼ି ଯାଏ, ମାଟିଠାରୁ ସେତିକି ଦୂରେଇ ଦୂରେଇ ଯାଏ । ଯେତେ ଉପରକୁ ଯାଏ, ତଳ ପାହାଚର ଲୋକମାନେ ତାକୁ ସେତିକି ଛୋଟ ପ୍ରତୀୟମାନ ହୁଅନ୍ତି । ସେ ଭୁଲିଯାଏ ତାହାର ମୂଳଦୁଆକୁ । ଭୁଲିଯାଏ ମାଟିକୁ । ଭୁଲି ଯାଏ ସମ୍ପର୍କକୁ ସବୁ କିଛିକୁ । ତାକୁ ଖାଲି ନିଜର ଉଚ୍ଚତା ହିଁ ଦେଖାଯାଏ । ଧରା ତାହାକୁ ସରା ଭଳି ଦେଖାଯାଏ । ସେ ବୁଝେ ନାହିଁ ଦିନେ ତାକୁ ସେହି ମାଟିକୁ ଫେରିବାକୁ ହେବ । ଉପର ପାହାଚରେ ବସି, ଅହଂରେ ଡୁବି ଯାଏ । ସେ ବୁଝେ ନାହିଁ ଜୀବନ ସାପ ଓ ଶିଡ଼ିର ଖେଳ ମାତ୍ର । ଲୁଡୁର ଗୋଟି ଗଡ଼ି ଚାଲିଥାଏ । ତା' ସହିତ ଗଡ଼ି ଚାଲିଥାଏ ଜୀବନ, ଛାଇ ଆଲୁଅର ଖେଳ ଭଳି । କେବେ ଉପର, କେବେ ତଳ । କେବେ ସାପ, କେବେ ଶିଡ଼ି । ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର । ତା' ପରେ ମଣିଷର ଅନ୍ଧାରି ମନ ଗହ୍ୱରରେ କ'ଣ କମ୍ ସାପ ଅଛନ୍ତି । ଯେଉଁମାନେ ନିମିଷକରେ ଅହଂକାରୀ ମଣିଷର ସତ୍ତାକୁ ପାଟି ପାଖରେ ଗିଳି ଦେଇ, ଲାଞ୍ଜ ପାଖରେ କାଢ଼ି ଦିଅନ୍ତି । ସେଇ ସାପଟି ହେଉଛି ମଣିଷ ମନର ଲୋଭ ଓ ଆସକ୍ତି । କିଛି ଲୋକ ଶିଡ଼ିର ଉପର ପାହାଚରେ ଥା'ନ୍ତି, କିଛି ମଝିରେ ଆଉ କିଛି ତଳ ପାହାଚରେ । ଦୁନିଆରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଜାଣନ୍ତି ନାହିଁ ଶିଡ଼ି ବୋଲି କିଛି ଅଛି । ମଣିଷ ଶିଡ଼ି ଚଢୁ, କିନ୍ତୁ ଶିଡ଼ି ବୋଲି କିଛି ଅଛି ଜାଣି ନ ଥିବା ଭଳି ନିରୀହ ମଣିଷକୁ ପାହାଚ ନ କରୁ ।

ଭୁବନେଶ୍ୱର
ମୋ–୯୦୪୦୩୬୦୨୫୯

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୭

- ଉତ୍ତର ଚୀନର ଶାନକି ପ୍ରଦେଶରେ ଥିବା ତାଇୟୁଆନ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ରରୁ ଚୀନ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ।
- ଇରାକର ଉତ୍ତରାଞ୍ଚଳ ପରିବେଲା ଅଞ୍ଚଳରେ ତୁର୍କୀ ସେନାବାହିନୀ ଇଲାକା କୁର୍ଦ୍ଦ ବାହିନୀର ସହାୟତାରେ ବଡ଼ ଧରଣର ଆକ୍ରମଣ କରିବା ଫଳରେ ୩୭ ବିଦ୍ରୋହୀ ନିହତ ।
- ଜ୍ଞାନପୀଠ ପୁରସ୍କାର ବିଜେତା ଖ୍ୟାତନାମା ଲେଖକ ଡଃ ଶିବରାମ କରନଙ୍କ ୯୬ ବର୍ଷ ବୟସରେ ପରଲୋକ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 6 | | | 5 | | | |
| | 1 | | 4 | | | | | |
| | | | | 8 | 9 | | 4 | |
| | | 4 | 9 | | | | 8 | |
| 9 | | | | 3 | | | | 4 |
| | | | | 6 | | | 5 | |
| | | | 2 | 9 | | | | |
| | | 1 | 8 | | | | | 6 |
| 5 | 8 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 8 | 4 | 2 | 7 | 6 | 1 |
| 7 | 4 | 1 | 6 | 3 | 5 | 8 | 2 | 9 |
| 8 | 6 | 2 | 9 | 1 | 7 | 5 | 3 | 4 |
| 2 | 9 | 8 | 1 | 7 | 6 | 4 | 5 | 3 |
| 4 | 1 | 3 | 5 | 2 | 8 | 9 | 7 | 6 |
| 6 | 5 | 7 | 4 | 9 | 3 | 1 | 8 | 2 |
| 3 | 8 | 4 | 7 | 6 | 1 | 2 | 9 | 5 |
| 1 | 7 | 6 | 2 | 5 | 9 | 3 | 4 | 8 |
| 9 | 2 | 5 | 3 | 8 | 4 | 6 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିନେ ଜଗତରେ ଶୂନ୍ୟସ୍ଥାନ

ମହାଶୟ,

ସର୍ଜନଶୀଳା ଓ ସୃଜନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ଝରଣା ଦାସ, ନିର୍ଝର ଝରଣା ରୂପେ ସୁର ସଙ୍ଗୀତ ଭରା କଳକଳ ଝଙ୍କାରରେ ଝଙ୍କୃତ ତାଙ୍କର 'ଏଇ ଭରା ଜହ୍ନରାତି ଝୁରା ମନ ଝରା ପ୍ରୀତି ' ଦେଇ ସଦା ପ୍ରବାହିତ ହେଉଥିବେ । ଝରଣା ଦାସ ସିନେପ୍ରେମୀମାନଙ୍କ ହୃଦୟରେ ସଦାସର୍ବଦା ଜୀବିତ ରହିବେ । 'ଅମଡ଼ାବାଟ'ରେ ଆଦୌ ହୁଡ଼ି ନ ଯାଇ 'ସମୟ ବଡ଼ ବଳବାନ'ର 'ଭାଗ୍ୟଚକ୍ର' ମଧ୍ୟରେ କେବେ ଅସ୍ତମିତ ହେବେନାହିଁ ସେ 'ଅଦିନମେଘ'ରେ 'ମଲାଜହ୍ନ' ହୋଇ । ଏହି ଅଭିନେତ୍ରୀ ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ଡବଲ ରୋଲ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ମାୟା ଓ ଛାୟା ରୂପେ । ମିଳନ ସଦା ଅମଳିନ ଆସିବ ଫେରି ଯେତେଦିନ ପର୍ଯ୍ୟନ୍ତ ତାଙ୍କ କୃତି ଓ ଅଭିନୀତ ସିନେମା ପ୍ରଦର୍ଶିତ ହେଉଥିବ, ଆକାଶବାଣୀ ଏବଂ ଦୂରଦର୍ଶନରେ ତାଙ୍କ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିବ । ଅଫେରା ରାଇଜେ 'ଅଭିନେତ୍ରୀ' ସାଜି ଏକାକିନୀ ଗଲେଚାଲି କାହାକୁ ସେ ନଦେଇ ତାଙ୍କର 'କା' ପୂରଣ କରିବା ପାଇଁ ତାଙ୍କ ଅପୂରଣୀୟ ଶୂନ୍ୟସ୍ଥାନ । ଝରଣା ଦାସ ସାରସ୍ୱତ–ଅଭିନୟ କଳାର ସାଧନା ଓ ଆରାଧନାରେ ନୂତନ ଦିଗନ୍ତ ଆଣିବାରେ ସିଦ୍ଧିଲାଭ କରିଥିବା ଅମୃତ ଦୀପ୍ତି ସନ୍ତାନ ।

–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି–ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୫୮୬୮ ଡିଏଲ୍, ୧୨୭୫ ଗାଡ଼ି ଜବତ

## ଏସ୍‌ଟିଏର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍

- ମାସକରେ ୩୫,୧୪୪ ଇ-ଚାଲାଣ
- ବିନା ହେଲ୍‌ମେଟ ପାଇଁ ୧୫,୬୬୧ ଚାଲାଣ
- ବିନା ସିଟ୍‌ବେଲ୍ଟ ପାଇଁ ୧୪୫୨ ଚାଳକ ଦଣ୍ଡିତ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାରକୁ ହ୍ରାସ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଗତ ନଭେମ୍ବରରୁ ୨ ମାସିଆ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଛି। ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାରେ ମୋଟରଯାନ(ଏମ୍‌ଭି) ନିୟମକୁ ଖୋଲାଖୋଲି ଅବମାନନା କରୁଥିବା ଯାନ ବିରୋଧରେ ମୋଟ ୩୫,୧୪୪ ଇ-ଚାଲାଣ କଟାଯାଇଛି। ରଦ୍ଦ କରିବା ପାଇଁ ମୋଟ ୫,୮୬୮ ଡିଏଲ୍ ଜବତ କରାଯାଇଥିବାବେଳେ ଗୋଟିଏ ମାସ ମଧ୍ୟରେ ୧୨୭୫ ଗାଡ଼ି ଜବତ କରାଯାଇଛି। ହେଲ୍‌ମେଟ ଏବଂ ସିଟ୍‌ବେଲ୍ଟ ବିନା ଡ୍ରାଇଭିଂ, ମଦ୍ୟପାନ କରି ଡ୍ରାଇଭିଂ, ଅତ୍ୟଧିକ ଦ୍ରୁତଗତିରେ ଗାଡ଼ି ଚଲାଇବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର, ନାବାଳକମାନଙ୍କ ଦ୍ୱାରା ଗାଡ଼ି ଚଲାଇବା, ଗାଡ଼ିର ଫିଟ୍‌ନେସ ନ ଥିବା, ଭୁଲ ପାର୍ଶ୍ୱ ଡ୍ରାଇଭିଂ ଏବଂ ବିପଦପୂର୍ଣ୍ଣ ଭାବେ ପାର୍କିଂ ପାଇଁ ଉକ୍ତ ଚାଲାଣ କଟାଯାଇଛି। ଅଧିକ ବେଗରେ ଗାଡ଼ି ଚଲାଇବା ପାଇଁ ସମୁଦାୟ ୯୪୧୬ ଚାଲାଣ କଟାଯାଇଥିବାବେଳେ ବିନା ହେଲ୍‌ମେଟରେ ଗାଡ଼ି ଚଲାଇବା ପାଇଁ ୧୫,୬୬୧ ଚାଲାଣ ଜାରି କରାଯାଇଛି। କ୍ରମାଗତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ ଯୋଗୁ ସହରାଞ୍ଚଳରେ ଲୋକମାନେ ହେଲ୍‌ମେଟ ବ୍ୟବହାର କରୁଛନ୍ତି। କିନ୍ତୁ ରାଜପଥରେ ହେଲ୍‌ମେଟ ପିନ୍ଧିବାଠାରୁ ଦୂରେଇ ରହୁଛନ୍ତି। ଏଥିଯୋଗୁ ରାଜପଥଗୁଡ଼ିକରେ ଦୁର୍ଘଟଣା ହାର ବଢ଼ିଯାଉଛି। ଟ୍ରିପଲ୍ ରାଇଡିଂ ପାଇଁ ପ୍ରାୟ ୬୨୨ ଚାଲାଣ ଏବଂ ଭୁଲ୍ ପାର୍ଶ୍ୱ ଚାଳନା ପାଇଁ ୨୨୫ ଚାଲାଣ ଜାରି କରାଯାଇଛି। ନାବାଳିକା କିମ୍ବା ନାବାଳକଙ୍କ ଦ୍ୱାରା ଡ୍ରାଇଭିଂ ପାଇଁ ମୋଟ ୩୮ ଚାଲାଣ ଜାରି କରାଯାଇଛି। ଓଭରଲୋଡ୍ ସହିତ ଯାଉଥିବା ଯାନଗୁଡ଼ିକୁ ଅଟକାଇ ଚାଲାଣ କାଟିବା ପରେ ଅତିରିକ୍ତ ଭାରକୁ ଅନଲୋଡ୍ କରାଯାଇଥିଲା। ଓଭରଲୋଡିଂ ପାଇଁ ପ୍ରାୟ ୫୧୦ ଚାଲାଣ ଜାରି କରାଯାଇଛି। କେତେକ କ୍ଷେତ୍ରରେ ସୁପ୍ରିମକୋର୍ଟ ଏବଂ ଏମ୍‌ଭି ଆକ୍ଟ ଅନୁଯାୟୀ ଲୋଡ୍ ସାମଗ୍ରୀ ଠିକ୍ ଭାବରେ ଆବୃତ୍ତ ହୋଇ ନ ଥିଲା। ସେହିଭଳି ଏମ୍‌ଭି ଆଇନ ଉଲ୍ଲଂଘନ ପାଇଁ ୫୨୮ ଯାନର ଫିଟ୍‌ନେସ୍ ସାର୍ଟିଫିକେଟ୍ ବାତିଲ କରାଯାଇଛି। ସିଟ୍‌ବେଲ୍ଟ ବିନା ଗାଡ଼ି ଚଲାଉଥିବା ୧୪୫୨ ଜଣ ଚାଳକଙ୍କ ବିରୋଧରେ ଚାଲାଣ ଜାରି କରାଯାଇଥିବାବେଳେ ୧୪୨୩ ଜଣ ମଦ୍ୟପଙ୍କୁ ଦଣ୍ଡିତ କରାଯାଇଛି। ଗାଡ଼ି ଚଲାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ୭୧୯ ଲୋକଙ୍କୁ ଜରିମାନା କରାଯାଇଛି। ସ୍କୁଲ ଛାତ୍ରୀଛାତ୍ର ଚଲାଉଥିବା ପ୍ରାୟ ୩୬୬ ଯାନବାହନକୁ ଦଣ୍ଡିତ କରାଯାଇଛି।

ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ସମେତ ରାଜ୍ୟରେ ଛୁଟିଦିନ ପାଇଁ ବିଭିନ୍ନ ସଡ଼କ ବ୍ୟବହାରକାରୀ ପିକ୍‌ନିକ୍ ସ୍ପଟ୍ ଏବଂ ପର୍ଯ୍ୟଟନସ୍ଥଳୀକୁ ଯିବା କାରଣରୁ ରାସ୍ତାରେ ଯାନବାହନ ଚଳାଚଳରେ ବୃଦ୍ଧିପାଇଛି। ଶୀତ ଋତୁରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାର ରୋକିବା ପାଇଁ ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଏକ ଦାୟିତ୍ୱବୋଧକ ମନୋଭାବ ସୃଷ୍ଟି କରିବା ଏହି ଡ୍ରାଇଭ୍ ମୂଳ ଉଦ୍ଦେଶ୍ୟ ବୋଲି ପରିବହନ ଅତିରିକ୍ତ କମିଶନର ଲାଲମୋହନ ସେଠୀ (ଏନ୍‌ଫୋର୍ସମେଣ୍ଟ ଆଣ୍ଡ ସଡ଼କ ସୁରକ୍ଷା) କହିଛନ୍ତି।



ଭୁବନେଶ୍ୱରଠାରେ ଶୁକ୍ରବାର ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଉଦ୍‌ଘାଟନ ସମାରୋହରେ ଡ. ସୁବାସ ନାୟକଙ୍କ ପୁସ୍ତକ 'ପ୍ରିୟା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଆରମ୍ଭ ହେଲା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

## ଦେଶବିଦେଶରେ ଓଡ଼ିଆ ପୁସ୍ତକର ପ୍ରଚାର ପ୍ରସାର ହେବା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୨(ବ୍ୟୁରୋ)



ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷା ଏକ ସୁନ୍ଦର ଭାଷା। ଓଡ଼ିଆରେ ରଚିତ ଅନେକ ପୁସ୍ତକ ବିଶେଷ ଦୃଷ୍ଟି ଆକର୍ଷଣ କରିଛି। ଏହି ପୁସ୍ତକଗୁଡିକର ପ୍ରଚାର ପ୍ରସାର ଦେଶ ବିଦେଶରେ ହେବା ଆବଶ୍ୟକ। ପିଲାଙ୍କ ମଧ୍ୟରେ ପୁସ୍ତକ ପଠନର ଆଗ୍ରହ ସୃଷ୍ଟି ସହ ଓଡିଆ ଭାଷାର ପ୍ରତିଟି ଅକ୍ଷର ପ୍ରତି ଦୃଷ୍ଟି ଦିଆଯିବ ବୋଲି ଶୁକ୍ରବାର ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'କୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ ଏବଂ ଓଡିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘ ସହଯୋଗରେ ପ୍ରଦର୍ଶନୀ ପଡ଼ିଆରେ ଏହି ପୁସ୍ତକମେଳା ଆରମ୍ଭ ହୋଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ପୁସ୍ତକ ଜନଜୀବନ ଓ ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ। ମନରୁ ଅହଂଭାବ ପରିହାର କରିବା ପାଇଁ ପୁସ୍ତକ ଏକ ଶାଣିତ ଅସ୍ତ୍ର ଭାବେ କାମ କରିଥାଏ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ପୁସ୍ତକ ସମସ୍ତଙ୍କୁ ଆନନ୍ଦ ଦିଏ, ମନ ପ୍ରଫୁଲ୍ଲ ରଖିବା ସହିତ ଅନ୍ଧକାରରୁ ଆଲୋକର ବାର୍ତ୍ତା ପ୍ରଦାନ କରେ। ପୁସ୍ତକ ପଠନ ଦ୍ୱାରା ମସ୍ତିଷ୍କର ବିକାଶ ହୋଇଥାଏ। ଗୃହିଣୀ, କୃଷକ, ନୀତି ନିର୍ଦ୍ଧାରକ, ଅବସରପ୍ରାପ୍ତ ବ୍ୟକ୍ତି ସମସ୍ତଙ୍କ ପାଇଁ ପୁସ୍ତକର ଉପାଦେୟତା ରହିଛି। ଡିଜିଟାଲ ଯୁଗରେ ପୁସ୍ତକର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହିତ ନିଜ ଘରେ ପାଠାଗାର କରିବା, ଜିଲା ମହୋତ୍ସବରେ ପୁସ୍ତକମେଳା ଆୟୋଜନ, ପାଠାଗାର ଆନ୍ଦୋଳନକୁ ଗୁରୁତ୍ୱ ଦେବା ସହ ମୁଦ୍ରିତ ପୁସ୍ତକର ସ୍ୱତନ୍ତ୍ର ଚାହିଦା ରହିଥିବା ମୁଖ୍ୟ ଶାସନ ସଚିବ ସାହୁ ପ୍ରକାଶ କରିଥିଲେ। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଚଳିତ ବର୍ଷ ପୁସ୍ତକ ମେଳାରେ ୬୦୦ଟି ଷ୍ଟଲ କରାଯାଇଥିବା ସୂଚନା ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଡ. ସୁବାସ ନାୟକଙ୍କ ରଚିତ କବିତା ପୁସ୍ତକ 'ପ୍ରିୟା', ସ୍ୱଦେଶ କୁମାର ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ବୃତ୍ତାଙ୍କନ', ଡ. ଇତି ସାମନ୍ତଙ୍କ ଦ୍ୱାରା ସମ୍ପାଦିତ 'କାଦମ୍ବିନୀ' ଓ ଶିଶୁ କିଶୋର ପତ୍ର 'କୁନିକଥା'ର ସଦ୍ୟତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟର କଣ୍ଠଶିଳ୍ପୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁଙ୍କ ସମେତ ବହୁ ପ୍ରକାଶକ, ପାଠିକାପାଠକ ଯୋଗଦେଇଥିଲେ। ଏହା ଆସନ୍ତା ୧୮ ତାରିଖ ଯାଏ ପ୍ରତ୍ୟହ ଅପରାହ୍ନ ୨ରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ।

# ବାପାଙ୍କୁ ୨୩ ବର୍ଷ ଜେଲ

## ନାବାଳିକା ଝିଅଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର ଅଫିସ, ୯।୧୨

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଶୁକ୍ରବାର ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୩ ବର୍ଷ ଜେଲ୍‌ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଆଉ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜର ୧୨ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୨୦୨୦ ଏପ୍ରିଲ ୧୯ ତାରିଖରେ ମା' କାମ କରିବା ପାଇଁ ବାହାରକୁ ଯାଇଥିବା ବେଳେ ଅପରାହ୍ନ ୨ଟାରେ ବାପା ନିଜର ନାବାଳିକା ଝିଅଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ମା' ଘରକୁ ଫେରିବା ପରେ ଝିଅ ଏ ବିଷୟରେ ଜଣାଇଥିଲେ। ଝିଅ ଗର୍ଭବତୀ ହେବା ଭୟରେ ବାପା ତାଙ୍କୁ ଔଷଧ ଖୁଆଇବା ପାଇଁ ବାଧ କରିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ କଟୁରି ଧରି ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଭୟରେ ସ୍ତ୍ରୀ ପିଲାମାନଙ୍କୁ ଧରି ଗାଁ ଛାଡ଼ି ପଳାଇଥିଲେ। ଗତ ୨୦୨୦ ଏପ୍ରିଲ ୨୧ତାରିଖରେ ମହିଳା ଜଣକ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଏନେଇ ବରହମ୍ପୁର ଥାନାରେ ମାମଲା (ନଂ. ୩୬/୨୦) ରୁଜୁ ହୋଇଥିଲା। ଉକ୍ତ ମାମଲା ପୋକ୍‌ସୋ କୋର୍ଟରେ ବିଚାରାଧୀନ ଥିଲା। ଉକ୍ତ ମାମଲାକୁ ବିଚାରପତି ବିଚାର କରି ୧୫ ସାକ୍ଷ୍ୟ ଓ ୧୫ ଦସ୍ତାବିଜ୍‌କୁ ଆଧାର କରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# 'ଚାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ ରୁହ'

## ପିଟିସିରୁ ପାସ୍ ଆଉଟ୍ ହେଲେ ୧୨୬ କ୍ୟାଡେଟ୍

ଅନୁଗୋଳ ଅଫିସ, ୯।୧୨

ରାଜ୍ୟ ପୋଲିସର ଦାୟିତ୍ୱ ବଢ଼ିବାରେ ଲାଗିଛି। ସାଇବର କ୍ରାଇମ, ଇକୋନୋମି ଅଫେନ୍ସ, ସହରାଞ୍ଚଳ ପୋଲିସ, ଟ୍ରାଫିକ ବ୍ୟବସ୍ଥା ଏବଂ ଶିଳ୍ପ ସଂସ୍ଥାକୁ ନେଇ ପୋଲିସକୁ ଦୈନିକ ନୂଆ ନୂଆ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଏହି ଚାଲେଞ୍ଜ ଗ୍ରହଣ କରିବାକୁ ପାସିଂ ଆଉଟ୍ କ୍ୟାଡେଟ୍‌ମାନେ ପ୍ରସ୍ତୁତ ରୁହନ୍ତୁ। ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି)ରେ ଶୁକ୍ରବାର ଅନୁଷ୍ଠିତ ୬୦ତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ୧୨୬ ପ୍ରଶିକ୍ଷଣପ୍ରାପ୍ତ ଏସ୍‌ଆଇଙ୍କୁ ଏହି ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ସିଧାସଳଖ ପୋଲିସରେ ଭର୍ତ୍ତି ହୋଇଥିବା ୧୨୬ ଏସ୍‌ଆଇଙ୍କ ପ୍ରଶିକ୍ଷଣ ଅନୁଗୋଳ ପିଟିସିରେ ଶେଷ ହୋଇଛି। ଏହି ଅବସରରେ ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୋଗ ଦେଇଥିବା ଡିଜିପି ବଂଶଲ କହିଥିଲେ, ସାଧାରଣ ଲୋକଙ୍କ ବିଶ୍ୱାସ ପୋଲିସ ଉପରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଷ୍ଠାପର, ବିନା ଭେଦଭାବ, ବିଚାର ବ୍ୟବସ୍ଥାରେ ରହି ପୋଲିସକୁ କାର୍ଯ୍ୟ କରିବାକୁ ହେବ। ମାଓବାଦୀ ଦମନ ପାଇଁ ଓଡ଼ିଶା ପୋଲିସ ଯେଉଁ ବୋଝ କାନ୍ଧରେ ବୋହି ଆଗଧାଡ଼ିକୁ ଆସୁଛି, ତାହା ପ୍ରଶଂସନୀୟ। ପୋଲିସ ଟ୍ରେନିଂ କଲେଜରୁ ପାସ୍ ଆଉଟ୍ ହୋଇଥିବା କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଇନକୁ ସମ୍ମାନ ଦେଇ ଓଡ଼ିଶାର ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇଦେବାର ଦାୟିତ୍ୱ ନିଜ କାନ୍ଧକୁ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉପସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଲେ, ପୋଲିସ ପ୍ରଶିକ୍ଷଣ ସମୟ ଏତେ ସହଜ ନୁହେଁ। ଦାୟିତ୍ୱ ବଢ଼ିବା ସହ ବିଭିନ୍ନ ଚାଲେଞ୍ଜ ତୁମ ସମ୍ମୁଖକୁ ଆସିବ। ତେବେ କ୍ୟାଡେଟ୍ ସବ୍ ଇନ୍ସପେକ୍ଟରମାନେ ନିରାଶ କରିବେ ନାହିଁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଗୋଳ ପିଟିସି କାନ୍ଥରେ ଓଡ଼ିଶା ପୋଲିସର ପ୍ରଥମ ମହିଳା ଏସ୍‌ଆଇ ବିଜୟ ଲକ୍ଷ୍ମୀ ଦେବୀଙ୍କ ଏକ ଫଟୋ ଚିତ୍ରକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀମାନେ ଉନ୍ମୋଚନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫୁ ମଲ୍ଲିକ

## ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ମୋତେ ବହୁ ଖୁସି ଦେଇଛି: ଇଫୁ

ଭୁବନେଶ୍ୱର,୯।୧୨(ବ୍ୟୁରୋ)



ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବାଲିଗୁଡ଼ାର ଛାତ୍ର ଇଫୁ ମଲ୍ଲିକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଇଫୁଙ୍କ ପ୍ରତିଭାର ଉଚ୍ଚପ୍ରଶଂସା କରିବା ସହିତ ଆଗକୁ ଏହିପରି ଉଦ୍ୟମ ଜାରି ରଖି ଦେଶବାସୀଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଫୁଙ୍କ ସହିତ ସେଲ୍‌ଫି ଉଠାଇବା ସହ ଏକ ପୁସ୍ତକ ମଧ୍ୟ ଉପହାର ଦେଇଛନ୍ତି।

ସୂଚନାଯୋଗ୍ୟ, ଇଫୁ ମଲ୍ଲିକ କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳର ଜଣେ ଗରିବ, ଆଦିବାସୀ ଯୁବକ। ନିଜର ପ୍ରତିଭା ଓ ଉଦ୍ୟମ ଯୋଗୁ ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ ମେଡିକାଲ ପଢ଼ିବା ପାଇଁ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କିନ୍ତୁ ଅର୍ଥାଭାବ ଯୋଗୁ ତାଙ୍କର ଏ ଆଶା ପୂରଣ ହେବା ସମ୍ପର୍କରେ ସେ ସନ୍ଦିହାନ ଥିଲେ।

ସାମାଜିକ ଗଣମାଧ୍ୟମରୁ ଏ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ମେଡିକାଲ ପଢ଼ିବା ପାଇଁ ସମସ୍ତ ଆବଶ୍ୟକ ଖର୍ଚ୍ଚ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ଏବଂ ଇଫୁଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ୍ୟ ଇଫୁଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଇଫୁଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଇଥିଲା। ଇଫୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

ଜାତୀୟ ଖବର

# ନାଗରିକତ୍ୱ ଛାଡ଼ିଲେଣି ୧୬ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ,୯।୧୨

**୨୦୧୧-୨୦୨୨ ହିସାବ**

୨୦୧୧ ପରଠୁ ଅଦ୍ୟାବଧି ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକତ୍ୱ ତ୍ୟାଗ କଲେଣି। ସେମାନଙ୍କ ମଧ୍ୟରୁ ୧,୮୩,୭୪୧ ଜଣ କେବଳ ଚଳିତ ବର୍ଷ ଭାରତୀୟ ନାଗରିକତ୍ୱ ଛାଡ଼ିଥିବା ନେଇ ଶୁକ୍ରବାର ଲୋକ ସଭାକୁ କେନ୍ଦ୍ର ସରକାର ଅବଗତ କରାଇଛନ୍ତି। ନିମ୍ନ ସଦନରେ ଏକ ପ୍ରଶ୍ନର ଉତ୍ତର ଦେଇ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍. ମୁରଲିଧରନ୍ କହିଛନ୍ତି, ୨୦୧୫ରେ ନିଜ ନାଗରିକତ୍ୱ ତ୍ୟାଗ କରିଥିବା ଭାରତୀୟଙ୍କ ସଂଖ୍ୟା ୧,୩୧,୪୮୯ ଥିବାବେଳେ ୨୦୧୬ରେ ୧,୪୧,୬୦୩ ଏବଂ ୨୦୧୭ରେ ୧,୩୩,୦୪୯ ଜଣ ନାଗରିକତ୍ୱ ଛାଡ଼ିଥିଲେ। ୨୦୧୮ରେ ଏହି ସଂଖ୍ୟା ୧,୩୪,୫୬୧ ଏବଂ ୨୦୧୯ରେ ୧,୪୪,୦୧୭ ଥିଲା। ସେହିପରି ୨୦୨୦ରେ ୮୫,୨୫୬ ଓ ୨୦୨୧ରେ ୧,୬୩,୩୭୦ ଭାରତୀୟ ନାଗରିକତ୍ୱ ଛାଡ଼ିଥିଲେ। ଗତ ଅକ୍ଟୋବର ୩୧ ସୁଦ୍ଧା ଚଳିତ ବର୍ଷର ଏହି ସଂଖ୍ୟା ୧,୮୩,୭୪୧ ରହିଛି। ଏହା ପୂର୍ବରୁ ୨୦୧୧ରୁ ୨୦୧୪ ମଧ୍ୟରେ ନାଗରିକତ୍ୱ ଛାଡ଼ିଥିବା ଭାରତୀୟଙ୍କୁ ମିଶାଇଲେ ସଂଖ୍ୟା ୧୬,୨୧,୫୬୧ ହେବ ବୋଲି କେନ୍ଦ୍ରମନ୍ତ୍ରୀ ମୁରଲିଧରନ୍ ସୂଚନା ଦେଇଛନ୍ତି।

# ଜି୨୦ ଅଧ୍ୟକ୍ଷତା: ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ମୋଦିଙ୍କ ବୈଠକ

ନୂଆଦିଲ୍ଲୀ,୯।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ସହ ଜି୨୦ରେ ଭାରତର ଅଧ୍ୟକ୍ଷତା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଦେଶକୁ ବିଶ୍ୱ ଆଗରେ ନିଜ ଶକ୍ତି ପ୍ରଦର୍ଶନର ଏହା ଏକ ବିରଳ ସୁଯୋଗ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଭର୍ଚୁଆଲ ବୈଠକରେ ସେ ଟିମ୍‌ୱାର୍କର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜି୨୦ ଉପଲକ୍ଷେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ଲୋଡ଼ିଛନ୍ତି। ପାରମ୍ପରିକ ଭାବେ ମେଟ୍ରୋ ସହରଗୁଡ଼ିକରେ କାର୍ଯ୍ୟକ୍ରମ ନ କରି ଦେଶର ପ୍ରତ୍ୟେକ ଭାଗର ସ୍ୱାତନ୍ତ୍ର୍ୟ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜି୨୦ ଅଧ୍ୟକ୍ଷତା ବେଳେ ଭାରତକୁ ଅନେକ ବିଦେଶୀ ଅତିଥି ଓ ଗଣମାଧ୍ୟମ ଆସିବେ। ତେଣୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଜକୁ ବ୍ୟବସାୟିକ ନିବେଶ ପାଇଁ ଉତ୍କୃଷ୍ଟ ରୂପେ ଦର୍ଶାଇବା ସକାଶେ ରିବ୍ରାଣ୍ଡିଂ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ମିଳୁ ପରିଚୟପତ୍ର: ଭର୍ତ୍ତୃହରି

ନୂଆଦିଲ୍ଲୀ,୯।୧୨

ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପରିବାରଗୁଡ଼ିକୁ ଚିହ୍ନଟ କରି 'ଦେଶଭକ୍ତ ପରିବାର' ପରିଚୟ ପତ୍ର ପ୍ରଦାନ କରିବା ଲାଗି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଲୋକ ସଭାରେ ଶୂନ୍ୟ କାଳ ଆଲୋଚନାରେ ଭାଗ ନେଇ ବିଜେଡି ଏମ୍‌ପି କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ପ୍ରାୟ ୧୦ ଲକ୍ଷ ଲୋକ ସାମିଲ ହୋଇଥିଲେ। ୧୯୭୨ରେ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ତତ୍କାଳୀନ ସରକାର ସେମାନଙ୍କୁ ତାମ୍ର ଫଳକ ପ୍ରଦାନ କରିଥିଲେ। ଏବେ ଦେଶ ସ୍ୱାଧୀନତାର ଅମୃତ କାଳ ପାଳନ କରାଯାଉଥିବାବେଳେ ଉକ୍ତ ପରିବାରଗୁଡ଼ିକୁ ଚିହ୍ନଟ କରି ଦେଶଭକ୍ତ ପରିବାର ପରିଚୟ ପତ୍ର ଯୋଗାଇଦେବାକୁ ଭର୍ତ୍ତୃହରି କହିଛନ୍ତି।

# ପରୀକ୍ଷାରେ ଫେଲ୍ ପାଇଁ ୟୁଟ୍ୟୁବ୍ ବିଜ୍ଞାପନକୁ ଦାୟୀ

## କ୍ଷତିପୂରଣ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୯।୧୨

ମଧ୍ୟପ୍ରଦେଶ ପୋଲିସ ପରୀକ୍ଷାରେ ଫେଲ୍ ପାଇଁ ଜଣେ ଯୁବକ ୟୁଟ୍ୟୁବ୍ ବିଜ୍ଞାପନକୁ ଦାୟୀ କରି କ୍ଷତିପୂରଣ ଦାବିରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ଏସ୍.କେ. ଓକାଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେବା ସହ ଅଦାଲତଙ୍କ ସମୟ ବରବାଦ କରିଥିବାରୁ ଆବେଦନକାରୀଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ୟୁଟ୍ୟୁବ୍‌ରେ ପ୍ରସାରିତ ଯୌନ ଉଦ୍ଦୀପକ ବିଜ୍ଞାପନ ତାଙ୍କ ପରୀକ୍ଷା ପ୍ରସ୍ତୁତିରେ ବ୍ୟାଘାତ ସୃଷ୍ଟି କରିଥିବା ଦର୍ଶାଇ ଯୁବକ ଜଣକ ୭୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଏହାକୁ ସର୍ବୋଚ୍ଚ ଅଦାଲତ ଅତି ଖରାପ ଆବେଦନ ଦର୍ଶାଇ ଖାରଜ କରିଦେଇଛନ୍ତି। ଯଦି ତୁମେ ବିଜ୍ଞାପନକୁ ପସନ୍ଦ କରୁନାହଁ, ତେବେ ଦେଖ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ଅଦାଲତଙ୍କୁ କ୍ଷମା ମାଗିବା ସହ ପିଟିଶନ ଫେରାଇନେବାକୁ ଅନୁମତି ଲୋଡ଼ିଛନ୍ତି।

# ୩ ଆଦିବାସୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଲାଗି ସସ୍ମିତଙ୍କ ଦାବି

ନୂଆଦିଲ୍ଲୀ,୯।୧୨

ଆଦିବାସୀମାନଙ୍କ ଭାଷା ହୋ, ମୁଣ୍ଡାରି ଏବଂ ଭୂମିଜ୍‌କୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ରାଜ୍ୟ ସଭାରେ ଆଲୋଚନାରେ ଭାଗନେଇ ସସ୍ମିତ୍ କହିଥିଲେ, ଏହି ୩ ଆଦିବାସୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ବସବାସ କରୁଥିବା ପାଖାପାଖି ୧୦ ଲକ୍ଷ ଆଦିବାସୀ ହୋ ଭାଷାରେ କଥା ହୋଇଥାନ୍ତି। ସାନ୍ତାଳୀ ପରେ ଓଡ଼ିଶାରେ ହୋ ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ଆଦିବାସୀ ଭାଷା। ସେହିପରି ଓଡ଼ିଶାର ମୁଣ୍ଡା ଏବଂ ମୁଣ୍ଡାରି ଜାତିର ୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୁଣ୍ଡାରି ଭାଷା କହୁଥିବାବେଳେ ୩ ଲକ୍ଷରୁ ଅଧିକ ଭୂମିଜ୍ ଭାଷାରେ କଥା ହୋଇଥାନ୍ତି। ଆଦିବାସୀ ଭାଷାଗୁଡ଼ିକୁ ସ୍ୱୀକୃତି ଦେବା ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ତେବେ ଅନେକ ଆଦିବାସୀ ଭାଷା ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ଯୋଗ୍ୟ ବୋଲି ବିଜେଡି ଏମ୍‌ପି କହିଛନ୍ତି।

## ସଂକ୍ଷେପରେ

### ରାମଚରିତ ପାରାୟଣ, ଜ୍ଞାନଯଜ୍ଞ ଉଦ୍‌ଯାପିତ

**କଣାସ,୯।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କଣାସ ପଞ୍ଚାୟତ ସହନା ଗ୍ରାମର ବାବା ଲୋକନାଥ ଦେବଙ୍କ ପ୍ରାଙ୍ଗଣରେ ଚାଲୁଥିବା ଶ୍ରୀରାମ ଚରିତ ମାନସ ପାରାୟଣ, ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପରାୟଣରେ ଜଳଯାତ୍ରା, ଘଟସ୍ଥାପନ, ସୂର୍ଯ୍ୟପୂଜା, ଜଳାଭିଷେକ, ସାମୂହିକ ହନୁମାନ ଚାଳିଶା ପଠନ, ରୁଦ୍ରାଭିଷେକ, ସପ୍ତଶତୀ ଚଣ୍ଡୀପାଠ, ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପ୍ରବକ୍ତା ଭାବେ ପଣ୍ଡିତ ନାରାୟଣ ଦାସ, ପଣ୍ଡିତ ବସନ୍ତ ବିଶୋଇ, ପଣ୍ଡିତ ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମ, ନନ୍ଦୋତ୍ସବ, ପୁତନା ବଧଠାରୁ କାଳୀୟଦଳନ, ଶ୍ରୀକୃଷ୍ଣଙ୍କର ଦିବ୍ୟରସ, କଂସବଧ ସମ୍ପର୍କରେ ପ୍ରବଚନ ଦେଇଥିଲେ। ମା' ବ୍ରାହ୍ମଣୀ ଦେବୀ ସେବା ସମିତି ଓ ସହନା ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

### ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ

**କଣାସ,୯।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମର ଆରାଧ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ତଥା ସାମାଜିକ କର୍ମୀ ହାଡିବନ୍ଧୁ ପାଢୀଙ୍କ ଅଧ୍ୟକ୍ଷତାରେ ମା' ପଞ୍ଚମୁଖୀ ମନ୍ଦିର ପରିସରରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବଡାସ ଓ ବୈଦ୍ୟନାଥପାଟଣା ଉଭୟ ଗ୍ରାମର ଗ୍ରାମ୍ୟ କମିଟି ଓ ମୁରବି ଉପସ୍ଥିତ ଥିଲେ। ଏଥିସହ ଗ୍ରାମ୍ୟ କମିଟି ପକ୍ଷରୁ ମୂର୍ତ୍ତି ପ୍ରତିଷ୍ଠା ସମ୍ପର୍କରେ କେତେକ ସୁଚିନ୍ତିତ ମତାମତ ଦିଆଯାଇଥିଲା। ମୂର୍ତ୍ତି ପ୍ରତିଷ୍ଠା ଉତ୍ସବରେ ସର୍ବେଶ୍ୱର ପ୍ରଧାନ କର୍ତ୍ତା ଭାବେ ବସିବା ସହ ସତ୍ୟନାରାୟଣ ପଟ୍ଟନାୟକ ସହଯୋଗୀ ଭାବେ କାର୍ଯ୍ୟ ତୁଲାଇବାକୁ ବୈଠକରେ ସ୍ଥିର ହୋଇଥିଲା। ସୂଚନା ମୁତାବକ, ଗତ ଜାନୁୟାରୀ ୩୦ରେ ଦୁର୍ବୃତ୍ତମାନେ ମନ୍ଦିରରୁ ତାଲା ଭାଙ୍ଗି ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ଓ ମୁକୁଟ ସହ ବିଭିନ୍ନ ଆସବାବପତ୍ର ନେଇଯାଇଥିଲେ। ଚୋରି ନେଇ ପୂଜକ କଣାସ ଥାନାରେ ଅଭିଯୋଗ କରିଥିଲେ। ଦୀର୍ଘ ୧୧ ମାସ ଧରି ପୋଲିସ ତନାଘନା କରି ବିଫଳ ହୋଇଥିଲା।

### ୨ ମୃତ ପକ୍ଷୀ ଜବତ, ଶିକାରୀ ଗିରଫ

**ବ୍ରହ୍ମଗିରି,୯।୧୨(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ରେଞ୍ଜ ଅଧୀନ ସାହାଣିକେରା ଗ୍ରାମ ନିକଟରୁ ଶୁକ୍ରବାର ବନ ବିଭାଗ ଦୁଇ ମୃତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଅଜୟ୍ ଭୋଇ। ସୂଚନା ମୁତାବକ, ବ୍ରହ୍ମଗିରି ରେଞ୍ଜ ଅଧୀନରେ ପକ୍ଷୀ ଶିକାର ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ବନବିଭାଗର ଏକ ଟିମ୍ ପେଟ୍ରୋଲିଂ କରୁଥିଲା। ସାହାଣଇକେରା ଗ୍ରାମ ନିକଟ ବିଲରେ ଅଜୟ୍ ପକ୍ଷୀ ଶିକାର କରୁଥିବା ଦେଖି ବନବିଭାଗ ତାଙ୍କୁ କାବୁ କରିଥିଲା। ତାଙ୍କ ଠାରୁ ଦୁଇଟି ମୃତ ପକ୍ଷୀ ଜବତ ହୋଇଥିଲା। ୱାଇଲଡଲାଇଫ ମାମଲା ନଂ.୧ ବିଆର୨୨-୨୩ରେ ଏକ ମାମଲା ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜାନୁୟାରୀ ୨୫ରୁ ଶ୍ରୀକ୍ଷେତ୍ର ମହୋତ୍ସବ

**ପୁରୀ ଅଫିସ, ୯।୧୨**

- ଆଖଡ଼ା, ପାରମ୍ପରିକ କଳା କୌଶଳ ପ୍ରଦର୍ଶନ କରାଯିବ
- ପଲ୍ଲିଶ୍ରୀ ମେଳା ସହ ୩ରୁ ପୁସ୍ତକ ମେଳା ଆୟୋଜନ ହେବ

ଆସନ୍ତା ଜାନୁୟାରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲିରେ ଶ୍ରୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପଲ୍ଲିଶ୍ରୀ ମେଳା ଓ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଯିବ। ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀକକ୍ଷରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀକ୍ଷେତ୍ର ମହୋତ୍ସବ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଶରଧାବାଲିରେ ହେବାକୁ ଥିବା ମହୋତ୍ସବକୁ ସମସ୍ତଙ୍କ ସହଯୋଗରେ ବର୍ଣ୍ଣାଢ୍ୟ ଓ ଆକର୍ଷଣୀୟ ଭାବେ ଆୟୋଜନ କରାଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ସୂଚନା ଦେଇ ମହୋତ୍ସବ କମିଟିର ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର କହିଥିଲେ, ୨୦୦୦ ମସିହାରୁ ଏହି ମହୋତ୍ସବ ଆୟୋଜନ ହୋଇଆସୁଛି। ତେବେ କରୋନା ପାଇଁ ଗତ ଦୁଇବର୍ଷ ଏହା ବନ୍ଦ ରହିଥିଲା। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯିବ। ୮ଟି ଆଖଡ଼ା ଓ ୬୦ ଯାଗାଘର ଏଥିରେ ସାମିଲ ହୋଇ ସେମାନଙ୍କ ପାରମ୍ପରିକ କଳା କୌଶଳ ଯଥା- ସାହିଯାତ, ନାଗା, ଆଖଡ଼ା ଇତ୍ୟାଦି ପ୍ରଦର୍ଶନ କରିବେ। ସେହିପରି ଜାନୁୟାରୀ ୩ରୁ ୧୨ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ଆଠସାହି ସମ୍ପାଦକ ନରେନ୍ଦ୍ର ମହାନ୍ତି, ଆଠସାହି ଆଖଡ଼ା ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ଓରମାସ୍ ଡିଏସ୍‌ଏମ୍‌ଏସ୍ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସାମ୍ବାଦିକାଙ୍କୁ ହତ୍ୟା ଧମକ: ଯୁବକ ଗିରଫ

**କୋଣାର୍କ,୯।୧୨(ଡି.ଏନ୍.ଏ.)**

ଏକ ଦୈନିକ ଖବରକାଗଜରେ କାର୍ଯ୍ୟରତ ଜଣେ ସାମ୍ବାଦିକାଙ୍କ ଘରେ ପଶି ଆକ୍ରମଣ କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ହତ୍ୟା ଧମକ ଅଭିଯୋଗରେ କୋଣାର୍କ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ମାନସ କାଣ୍ଡି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ଜଣେ ସାମ୍ବାଦିକା ପରିବାର ସହ ରୁହନ୍ତି। ଗତ ୩ ତାରିଖ ରାତି ପ୍ରାୟ ୧୧ ଟାରେ ଅଭିଯୁକ୍ତ ମାନସ ସାମ୍ବାଦିକାଙ୍କ ଘର ନିକଟକୁ ଯାଇ କାହିଁକି ତା ବିରୋଧରେ ଖବର ଛାପିଥିଲେ ବୋଲି କହି ଗାଳିଗୁଲଜ କରବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ସାମ୍ବାଦିକାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୩/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

## ଦିବ୍ୟ ଜୀବନ ସଂଘର ୪୨ତମ ପ୍ରତିଷ୍ଠା ଦିବସ

**ପୁରୀ ଅଫିସ, ୯।୧୨**

ଦିବ୍ୟ ଜୀବନ ସଂଘର ୪୨ତମ ପ୍ରତିଷ୍ଠା ଦିବସ ପୁରୀ କଚେରୀ ରୋଡସ୍ଥିତ ଚିଦାନନ୍ଦ ଆଶ୍ରମରେ ପାଳିତ ହୋଇଯାଇଛି। ସଂଘର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ସ୍ୱାମୀ ଶିବାନନ୍ଦ ମହାରାଜ ଏବଂ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ପାଦପୂଜା କରିବା ସହିତ ବିଷ୍ଣୁ ସହସ୍ରନାମ ଅର୍ଚ୍ଚନା କରିଥିଲେ। ଏହି ଅବସରରେ ସଂଘର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ସଭାକାର୍ଯ୍ୟରେ ସଂଘର ସଭାପତି ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ପୌରୋହିତ୍ୟ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସମ୍ପାଦକ ଡା. ନରସିଂହ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସ୍ୱାମୀ ନାରାୟଣ ଅର୍ପଣାନନ୍ଦଜୀ, ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ରମେଶ ବଳିୟାରସିଂ, ବୀଣାପାଣି ମିଶ୍ର ଏବଂ ଉପେନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ସଂଘର ଆଧ୍ୟାତ୍ମିକ ଉନ୍ନତି କିପରି ହୋଇପାରିବ ସେନେଇ ବହୁ ଆଲୋଚନା ପୂର୍ବକ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଧିରେନ ତେଜ୍ ଧନ୍ୟବାଦ ଦେଇଥିଲେ। ଉକ୍ତ ସମାବେଶରେ ୫୦ ରୁ ଅଧିକ ଭକ୍ତ ଯୋଗଦାନ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର


ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୯।୧୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର ମୋରଡ଼ା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କିତ ୭ଦିନିଆ ତାଲିମ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଶିବିରରେ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ସନ୍ଧାନ ଓ ଉଦ୍ଧାରକାରୀ ଏବଂ ପ୍ରାଥମିକ ଆଶୁ ଚିକିତ୍ସା ଦଳର ୭୫ ଜଣ ସଦସ୍ୟାସଦସ୍ୟଙ୍କୁ ସେମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯାଉଛି। କୃଷ୍ଣପ୍ରସାଦ ବ୍ଲକ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ଆଇଆଇସି ଶରତ କୁମାର ନାୟକ, ବିଜୟ କୁମାର ତରେଇ, ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ଅଜୟ କୁମାର ପଲେଇ, ସିଆଳ ସରପଞ୍ଚ ରବି ନାରାୟଣ ମାଝୀ, ସମିତିସଭ୍ୟ ଭୀମସେନ ସେଠୀ, ମୋରଡ଼ା ପଞ୍ଚୁପଡ଼ା ସଭାପତି ଗଦାଧର ପଲେଇ, ବଟେଶ୍ୱର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅମିନ ବିଶ୍ୱାଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବାତ୍ୟା ଆଶ୍ରୟସ୍ଥଳରେ ଉପଲବ୍ଧ ସମସ୍ତ ବିପର୍ଯ୍ୟୟକୁ ପ୍ରଶମିତ କରିବା ପାଇଁ ଆନୁଷଙ୍ଗିକ ଯନ୍ତ୍ରାଂଶର ସୁପରିଚାଳନା, ସମ୍ଭାବ୍ୟ ବାତ୍ୟା, ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ନିମିତ୍ତ ଜ୍ଞାନକୌଶଳ, ଆହତଙ୍କୁ ଆଶୁ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର ନାୟକଙ୍କ ନେତୃତ୍ୱରେ ଜଗନ୍ନାଥ ସାହୁ, ନୃସିଂହ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, ଏନ୍. ସମୀର କୁମାର ପ୍ରମୁଖ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରୁଛନ୍ତି। ମାଷ୍ଟର ଟ୍ରେନର ଚିତ୍ତରଞ୍ଜନ ଦାସ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ୯୪ ବିଦ୍ୟାର୍ଥୀ

**ବୋଲଗଡ଼,୯।୧୨(ଡି.ଏନ୍.ଏ.)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୪ଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ଅଜୟ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ୫ ତାରିଖରୁ ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ବୋଲଗଡ଼ସ୍ଥିତ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୮ ବିଦ୍ୟାଳୟର ୧୮୫ ଜଣ ପ୍ରତିଯୋଗ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୧୭ ବର୍ଷରୁ କମ୍ ସିନିୟର ବିଭାଗରେ ୫୭ ଜଣ ବାଳକ ଓ ୩୬ ଜଣ ବାଳିକା, ୧୪ ବର୍ଷରୁ କମ୍ ଜୁନିୟର ବିଭାଗରେ ୫୧ ବାଳକ ଓ ୪୧ ଜଣ ବାଳିକା ଥିବା ବେଳେ ସେମାନଙ୍କ ମଧ୍ୟରୁ ଉଭୟ ବିଭାଗରୁ ୬୧ ବାଳକ ଓ ୩୩ ବାଳିକା ଏପରି ମୋଟ ୯୪ ଜଣ ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଜିଲାସ୍ତରୀୟ ପ୍ରତିଯୋଗିତରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଇଓ ନିରଞ୍ଜନ ମହାନ୍ତି ଏବଂ ଏବିଇଓ ପଦ୍ମଚରଣ ବେହେରା ଏହାର ପର୍ଯ୍ୟବେକ୍ଷଣ ଓ ତଦାରଖ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର କର, ହୁଲ୍ଲାସ ଦତ୍ତ, ଭଗବତ ପ୍ରସାଦ ପାଣ୍ଡେ, ପ୍ରୀତମ୍ ଦାସ, ମାନସ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଙ୍ଗଠନର ପରାମର୍ଶଦାତା ଜୟରାମ ଦାସ ଏହି କ୍ରୀଡ଼ା ପ୍ରତିଯୋଗିତାର ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ କ୍ରୀଡ଼ା ପତାକା ଅବତରଣ କରି ଏହାର ଉଦ୍‌ଯାପନ କରିଥିଲେ।

## ସେମିଫାଇନାଲରେ ସାଇ ସୁନାବେଡ଼ା



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଯାଁଳା,୯।୧୨(ଡି.ଏନ୍.ଏ.)**

**ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସାଇ(ହାଲ) ସୁନାବେଡା ୨-୧ ଗୋଲରେ ମେମାରୀ କ୍ଲବ ପଶ୍ଚିମବଙ୍ଗକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ୨୧ ମିନିଟରେ ସାଇ ହାଲ ସୁନାବେଡ଼ା ଟିମ୍‌ର ଆଲେକ୍ସ ଗୋଟିଏ ଗୋଲ ଦେଇଥିଲେ। ସେହିପରି ୩୮ ମିନିଟରେ ମେମାରୀ କ୍ଲବ ପଶ୍ଚିମବଙ୍ଗର ସୁବ୍ରଜିତ ହାଁସଦ ଗୋଟିଏ ଗୋଲ ଦେଇଥିଲେ। ତେବେ ୪୪ ମିନିଟରେ ସୁନାବେଡାର ସୁବାଷ ପୂଜାରୀ ଏକ ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ମେମାରୀ କ୍ଲବ ପଶ୍ଚିମବଙ୍ଗ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ସାଇ ହାଲ ସୁନାବେଡା ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳିଭାବେ ସାଇ ହାଲ ସୁନାବେଡାର ଚନ୍ଦ୍ର ମୁଦୁଲି ବିବେଚିତ ହୋଇଥିଲେ। ଦୁର୍ଗା ଆଚାର୍ଯ୍ୟ, ସୁନୀଲ ବେହେରା, ପ୍ରିୟବ୍ରତ ବାହିନୀପତି ଓ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## 'ରାଗିଂ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ ଛାତ୍ରୀଛାତ୍ର'

**ପୁରୀ ଅଫିସ, ୯।୧୨**

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ରାଗିଂ ସମ୍ପୂର୍ଣ୍ଣ ନିଷେଧ ଏବଂ ଏ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱ ସହକାରେ ବିଚାର କରାଯାଇ ଆବଶ୍ୟକ ସ୍ଥଳେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ନବାଗତ ଛାତ୍ରୀଛାତ୍ରଙ୍କ ନାମଲେଖା ପରିପ୍ରେକ୍ଷୀରେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ଭେଷକ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରକୁ ସମ୍ପୂର୍ଣ୍ଣ ର୍‍ୟାଗିଂ ମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷା ପ୍ରଫେସର ମାୟା ପାଢୀ ସଭାପତିତ୍ୱ କରିଥିଲେ। ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର୍ ଲଲାଟେନ୍ଦୁ ସ୍ୱାଇଁ, ଛାତ୍ରାବାସ ପ୍ରବନ୍ଧକ ପ୍ରଫେସର ଶର୍ମିଷ୍ଠା ସ୍ୱାଇଁ, ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ପ୍ରଫେସର ଅମରେନ୍ଦ୍ର ନାୟକ, ପ୍ରଫେସର ଅନୀଲ କୁମାର ସାହୁ, ପ୍ରଫେସର୍ ରୁପା ଦାସ, ଗଣମାଧ୍ୟମ ପ୍ରତିନିଧି ପ୍ରଦ୍ୟୁମ୍ନ ସାଥୁଆଙ୍କ ସମେତ କଲେଜର ଆଣ୍ଟି-ରାଗିଂ କମିଟି ଓ ସ୍କ୍ୱାଡ୍ ସଦସ୍ୟ ଏବଂ ସ୍ଥାନୀୟ ପୋଲିସ୍ ପ୍ରଶାସନର ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗଙ୍କ ଦ୍ୱାରା ପ୍ରଣୀତ ରାଗିଂ ନିରୋଧୀ ନିୟମାବଳୀ-୨୦୨୧ ସମ୍ପର୍କରେ ଆଲୋଚନା କରାଯାଇଥିଲା। କ୍ୟାମ୍ପସ୍‌ରେ ର୍‍ୟାଗିଂ ରୋକିବା ପାଇଁ ଅଧିକ ସଂଖ୍ୟାରେ ସୁରକ୍ଷାକର୍ମୀ ମୁତୟନ, ଆଣ୍ଟି ରାଗିଂ ସ୍କ୍ୱାଡ୍ ଦ୍ୱାରା ହଷ୍ଟେଲ୍ ପରିସର ନିୟମିତ ଯାଞ୍ଚ, ଆଣ୍ଟି ର୍‍ୟାଗିଂ କମିଟି ଦ୍ୱାରା ଅଭିଯୋଗର ତୁରନ୍ତ ତଦନ୍ତ କରାଯିବା ଓ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ପୋଲିସକୁ ଶୀଘ୍ର ସୂଚନା ଦେବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି ଛାତ୍ରୀଛାତ୍ରମାନେ ରାଗିଂର ଶିକାର ହେଲେ ନୀରବ ନ ରହି ନିଜର ଅଭିଯୋଗ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯିବାକୁ ବୈଠକରେ ସଦସ୍ୟମାନେ ମତ ପ୍ରକାଶ କରିଥିଲେ।

## ବ୍ଲକ କଳା ସଂସ୍କୃତି ସଂଘର ସାଧାରଣ ଅଧିବେଶନ

**ନିମାପଡ଼ା,୯।୧୨(ଡି.ଏନ.ଏ.)**

ନିମାପଡ଼ା ବ୍ଲକ କଳା, ସଂସ୍କୃତି ସଂଘର ଏକ ସାଧାରଣ ଅଧିବେଶନ ବ୍ଲକ ସଭା କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଆଦିତ୍ୟ ନାରାୟଣ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପବିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ଲୋକକଳାକୁ ଉଜ୍ଜୀବୀତ କରି ରଖିବା, ଲୋକକଳାକୁ ଦେଶ ବିଦେଶରେ ବିଦିତ କରିବା ପାଇଁ କଳାକାରମାନେ ପ୍ରୟାସ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ କଳା ସଂସ୍କୃତି ସଂଘର ୧୦ଜଣିଆ ଏକ କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ସଂଘ ସଭାପତିଭାବେ ବିଡିଓ ବସନ୍ତ ମଲ୍ଲିକ, ଉପସଭାପତି ପବିତ୍ର ପ୍ରଧାନ, ସମ୍ପାଦକ ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସିଡିପିଓ କୁମୁଦିନୀ ମିଶ୍ର, ତପନଜ୍ୟୋତି ବରିହା, ରାଧାଶ୍ୟାମ ନାୟକ, ଅନ୍ନପୂର୍ଣ୍ଣା ପରିଡ଼ା, କୁଞ୍ଜବିହାରୀ ପରିଡ଼ା, ନାରାୟଣ ସ୍ୱାଇଁ, ଜଗଦୀଶ ମହାରଣା ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ମନୋନୀତ ହୋଇଥିଲେ। ସମାବେଶରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତର ସଂକୀର୍ତ୍ତନ, ପାଲା, ଧୁଡୁକି, ଦାସକାଠିଆ, ପାଇକ ଆଖଡ଼ା, ଖଞ୍ଜଣି ଭଜନ, ସାହି ନାଚ, ଘୋଡ଼ାନାଚ, ଘଣ୍ଟ ମାର୍ଦ୍ଦଳ ଆଦି କଳାର ଦେଢ଼ଶହ କଳାକାର ଯୋଗଦେଇଥିଲେ। ବ୍ଲକରେ ପ୍ରାୟ ୩୦୦ଟି ମଣ୍ଡଳର ବିଭିନ୍ନ ବର୍ଗର ୩ ହଜାର କଳାକାର ରହିଥିବା ସଂଘର ଉପସଭାପତି ପବିତ୍ର ପ୍ରଧାନ ଓ ତପନଜ୍ୟୋତି ବରିହା କହିଛନ୍ତି।



ଅଧିବେଶନରେ ଯୋଗଦେଇଥିବା ଅତିଥି।

## ସବୁଜ ପନିପରିବା ଖାଇଲେ ରକ୍ତହୀନତା ଦୂର ହେବ

**ପୁରୀ ଅଫିସ, ୯।୧୨**

ଫାଷ୍ଟଫୁଡ୍ ଓ ଜଙ୍କଫୁଡ୍ ପରି କୃତ୍ରିମ ଖାଦ୍ୟକୁ ପରିହାର କରି ସଜନା ଶାଗ, ଟମାଟୋ, ବାଇଗଣ ପରି ସବୁଜ ପନିପରିବା ଏବଂ ଡାଳିମ୍ବ, କିସ୍‌ମିସ୍ ପରି ପ୍ରାକୃତିକ ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୋଇପାରିବ। ଗୁରୁବାର ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥଧାମ ଶାଖା ପକ୍ଷରୁ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଆନେମିଆମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରକ୍ତହୀନତା ସଚେତନତା ଶିବିରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅଞ୍ଜନି ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରକ୍ତହୀନତା ଓ କୁପୋଷଣ ସମଗ୍ର ସମାଜରେ ମହିଳା, କିଶୋରୀ ଏବଂ ଶିଶୁଙ୍କ କ୍ଷେତ୍ରରେ ରୋଗ ଓ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇଛି। ଆୟୁର୍ବେଦିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ନୃସିଂହ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ରକ୍ତରେ ଥିବା ଲୋହିତ ରକ୍ତକଣିକା ତ୍ରୁଟିଯୁକ୍ତ ଥିଲେ କିମ୍ବା ହେମୋଗ୍ଲୋବିନ ପରିମାଣ କମ୍ ଥିଲେ ରକ୍ତହୀନତା ରୋଗ ନିରୂପଣ କରାଯାଏ। ରକ୍ତହୀନତା ରୋଗ ହେଲେ ରକ୍ତରେ ଅମ୍ଳଜାନ ପରିମାଣ କମିଯାଏ। ଥକାପଣ, ଦୁର୍ବଳତା, ଛୋଟ ଶ୍ୱାସକ୍ରିୟା ବା ବ୍ୟାୟାମ ଅକ୍ଷମତା ଦେଖାଯାଏ।



ଶିବିରରେ ଉପସ୍ଥିତ ଅତିଥିମାନେ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ନିବେଦିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅନୁପମା ମହାପାତ୍ର ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦର ମହିଳା ଓ ବାଲ୍ ସଂସ୍କାରର ରାଷ୍ଟ୍ରୀୟ ସଚିବ ସୁପ୍ରୀତି ରଥ ମହିଳା ଓ ବାଳ ବିକାଶ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ରାକେଶ ଚନ୍ଦ୍ର ମିଶ୍ର ଅତିଥି ଆମନ୍ତ୍ରଣ କରିବା ସହ ମଙ୍ଗଳାଚରଣ ପାଠ କରିଥିଲେ। ସମ୍ପାଦକ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦୦ ଛାତ୍ରୀଙ୍କୁ ରକ୍ତ ପରୀକ୍ଷଣ ରିପୋର୍ଟ ଦିଆଯାଇଥିଲା। ନିଦାନ ଏ ପାଥୋଲାବ ସ୍ୱତ୍ତ୍ୱାଧିକାରୀ ଅଭୟ ପ୍ରହରାଜଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ରାଣୀ ଲକ୍ଷ୍ମୀବାଈ ରେଞ୍ଜର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସନ୍ତୋଷ କୁମାର ମହାନ୍ତି, ପୀତାମ୍ବର ମହାପାତ୍ର, ନିମାଇଁ ଚରଣ ସାହୁ, ଶରତ ଜୟସିଂ, ଅଧ୍ୟାପକ ନେତ୍ରାନନ୍ଦ ଦାସ, ପ୍ରମୋଦ ଷଡ଼ଙ୍ଗୀ, ମଞ୍ଜୁ ମହାଲି, ମାନସୀ ବାସ୍କି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଅଳଙ୍କାର ଜବତ, ଯୁବକ ଗିରଫ

**କଟକ ଅଫିସ:** ଚୋରି ଘଟଣାରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସନାତନ ଦେହୁରୀ(୩୦)। ତାଙ୍କଠାରୁ ଗୋଟିଏ ମୋବାଇଲ୍, ପ୍ରାୟ ୮ ଗ୍ରାମ୍ ଓଜନର ହଳେ ସୁନା କାନଫୁଲ ଓ ଗୋଟିଏ ଚେନ୍ ଜବତ କରାଯାଇଛି। ଗତ ଅକ୍ଟୋବର ୪ ତାରିଖ ରାତିରେ ନେହେରୁ କଲୋନୀର ମୀନା ଦାଶଙ୍କ ଘରୁ ଅଳଙ୍କାର ଓ ସାଢ଼େ ୪ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ମୀନା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍ ଓ ବିଭିନ୍ନ ସୂତ୍ରକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମରେ ଚାଉଳିଆଗଞ୍ଜ ଥାନାରେ ପୂର୍ବରୁ ୩ଟି ମାମଲା ରହିଥିବା ଜଣାପଡ଼ିଛି।

### ଆଜି କ'ଣ କେଉଁଠି

କଟକ
- ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ୨୩ତମ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ ସମାରୋହ, କଳା ବିକାଶ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ନନ୍ଦିନୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ବିଦ୍ୟାଳୟ ନିକଟସ୍ଥ ପଡ଼ିଆ, ସିଢ଼ୋ, ସାଲେପୁର, ପୂର୍ବାହ୍ନ ୧୦ଟା।
- ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ମିଳନୀର ଉଦ୍‌ଘାଟନ, ଗୁଣନିଧି ଭବନ, ଥୋରିଆ ସାହି, ପୂର୍ବାହ୍ନ ୧୧ଟା।
- ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଅନୌପଚାରିକ ଆଲୋଚନା, ଅର୍ଥନୀତି ବିଭାଗ ସମ୍ମିଳନୀ କକ୍ଷ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଅପରାହ୍ନ ୩ଟା।
- ସାତସାହି କଟକ ନୃତ୍ୟୋତ୍ସବର ଉଦ୍‌ଘାଟନୀ, ବାଲିଯାତ୍ରା ଉପର ପଡ଼ିଆ, ସନ୍ଧ୍ୟା ୬ଟା।

## ଚାନ୍ଦା ଆଦାୟ ଅଭିଯୋଗରେ ୪ଗିରଫ

**ଚୌଦ୍ୱାର,୯।୧୨(ଡି.ଏନ୍.ଏ.):** ଚାନ୍ଦା ଆଦାୟ ଅଭିଯୋଗରେ ଚୌଦ୍ୱାର ପୋଲିସ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ଚୌଦ୍ୱାର ଥାନା ଅଧୀନ କଖଡି ମହାଲପଡା ଗ୍ରାମର ସୁକାନ୍ତ ବେହେରା, ସଞ୍ଜୟ କୁମାର ରଣା, ଚିତ୍ତରଞ୍ଜନ ରଣା ଓ ରୁଦ୍ରପ୍ରତାପ ଗୋଛାୟତ। ସେମାନଙ୍କଠାରୁ ପୋଲିସ ୪୦୦ ଟଙ୍କା ଓ ମନି ରସିଦ୍ ଜବତ କରିଛି। ଏସ୍‌ଆଇ ନିରଞ୍ଜନ ଭୋଇଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବିଭିନ୍ନ ସମୟରେ ସ୍ଥାନୀୟ କମ୍ପାନୀକୁ ଟ୍ରକ୍‌ରେ ମାଲ୍ ବୋଝେଇକରି ଆସୁଥିବା ଡ୍ରାଇଭରଙ୍କ ଠାରୁ ରସିଦ୍ କାଟି ଚାନ୍ଦା ଆଦାୟ କରିଥାନ୍ତି। ଶୁକ୍ରବାର ଢେଙ୍କାନାଳ ଥାନା ଅନ୍ତର୍ଗତ ପରଜଙ୍ଗ ଅଞ୍ଚଳର ଟ୍ରକ୍ ଡ୍ରାଇଭର ପ୍ରବୀଣ କୁମାର ବେହେରା ଗାଡି ନେଇ ଆସୁଥିବାବେଳେ ଅଭିଯୁକ୍ତମାନେ ଜୋର୍‌ଜବରଦସ୍ତ ତାଙ୍କଠାରୁ ୪୦୦ ଟଙ୍କା ଚାନ୍ଦା ଆଦାୟ କରିଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୯୩/୨୨) ରୁଜୁ କରିଛି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ସାଲେପୁର,୯।୧୨(ଡି.ଏନ୍.ଏ.):** ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ଶାଶୁ ଘର ଲୋକେ ନିର୍ଯାତନା ଦେବାସହ ଘରୁ ବାହାର କରି ଦେଇଛନ୍ତି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ମହିଳା ହେଲେ ଉକ୍ତ ଥାନା ଅନ୍ତର୍ଗତ ଧୂଆଁସାହି ଗ୍ରାମର ମନିଷା ଶତପଥୀ। ସେ କେନ୍ଦ୍ରାପଡ଼ା ଅଞ୍ଚଳର ହିମାଂଶୁ ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର କିଛି ଦିନ ପରେ ଅଧିକ ଯୌତୁକ ଦାବିକରି ହିମାଂଶୁ ଓ ତାଙ୍କ ପରିବାର ଲୋକେ ମନିଷାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଶେଷରେ ଘରୁ ବାହାର କରିଦେଇଥିଲେ। ଏବେ ମନିଷା ଆସି ବାପଘରେ ରହୁଥିବା ଜଣାଯାଇଛି। ଏନେଇ ଥାନାରେ ନଂ.୩୬୭/୨୨ରେ ମାମଲା ରୁଜୁ ହୋଇଛି।

## ଅଖଣ୍ଡ ଚେତନା, ଧ୍ୱନୀ ଯଜ୍ଞ

**ବାଙ୍କୀ,୯।୧୨(ସ୍ୱ.ପ୍ର.):** ବାଙ୍କୀ-ଡମପଡ଼ା କୁଶପଙ୍ଗି ଗ୍ରାମ ସନ୍ନିକଟ ଅନାହୂତ ଗୁମ୍ଫାର ମା'ରୁମାଦେବୀଙ୍କ ପୀଠରେ ବିଶ୍ୱକଲ୍ୟାଣ ପାଇଁ ଅଖଣ୍ଡ ଚେତନା ଧ୍ୱନୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବାଙ୍କୀ ଚାରଣ ଗୋଷ୍ଠୀର ଭକ୍ତବୃନ୍ଦ ବିଷ୍ଣୁଙ୍କ ସହସ୍ର ନାମ, ଶ୍ରୀମଦ ଭଗବତ ଗୀତା ପାଠ କରିଥିବା ବେଳେ ପାଥପୁର ମହିଳା ଭାଗବତ ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ଯଜ୍ଞ କାର୍ଯ୍ୟ ସମ୍ପାଦନ ପରେ ପୂର୍ଣ୍ଣାହୂତି ଦିଆଯାଇଥିଲା । କୁମାର ଅମିୟ ବୁଲୁବାବାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଚାକିରି ଦେବା ନାଁରେ ଠକେଇ, ଯୁବକ ଗିରଫ

**ସାଲେପୁର,୯।୧୨(ଡି.ଏନ୍.ଏ.):** ଦେଶ ବାହାରେ ବେକାର ଯୁବତୀଯୁବକଙ୍କୁ ଚାକିରି ସହ ଭିସା ଓ ପାସ୍‌ପୋର୍ଟ ଦେବାର ପ୍ରତିଶ୍ରୁତି ଦେଇ ବିପୁଳ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ଶୁକ୍ରବାର ସାଲେପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଅଢ଼ଙ୍ଗ ଗ୍ରାମର ଅବଦୁଲ୍ ମାଲିକ୍ ଖାଁ। ଅବଦୁଲ୍ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ସମେତ ବିଭିନ୍ନ ଅଞ୍ଚଳର ବେକାର ଯୁବତୀଯୁବକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ହେଲେ ସେମାନଙ୍କୁ ଚାକିରି କିମ୍ବା ପାସପୋର୍ଟ ଦେଇ ପାରି ନ ଥିଲେ। ଯୁବତୀଯୁବକ ନିରାଶ ହେବାପରେ ଶେଷରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୯୭/୨୧ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇ ଥିଲା।

# ଅଂଶୁପା ହ୍ରଦର ଚତୁଃପାର୍ଶ୍ୱ ହେବ ସରସସୁନ୍ଦର

- ଜମି କ୍ଷତିଗ୍ରସ୍ତଙ୍କ ପାଇଁ କ୍ଷତିପୂରଣ ଦାବି
- ଯୁବକଙ୍କ ପାଇଁ ଭେଣ୍ଡିଂ ଜୋନ କରାଯିବ



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ ଓ ଅନ୍ୟମାନେ।

**ବାଙ୍କୀ,୯।୧୨,(ସ୍ୱ.ପ୍ର.)**

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଗୋ ଉଇଥ ନେଚର୍ ସଂସ୍ଥାର ମିଳିତ ସହଯୋଗରେ ସୁବର୍ଣ୍ଣପୁର ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣରେ ରାମସାର୍ ହିତାଧିକାରୀ ସହଭାଗୀତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶୁପା ଅଞ୍ଚଳକୁ ଚିହ୍ନଟ କରାଯିବା ସହ କ୍ଷତିଗ୍ରସ୍ତ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଅଂଶୁପା ହ୍ରଦର ଚତୁଃପାର୍ଶ୍ୱରେ ରିଙ୍ଗରୋଡ କରାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯିବା ସହ ଭେଣ୍ଡିଂଜୋନ କରାଯାଇ ବେକାରୀ ଯୁବକମାନଙ୍କୁ କାର୍ଯ୍ୟ ଯୋଗାଇବାକୁ ସ୍ଥିର କରାଯାଇଥିଲା। ଗ୍ରାମରେ ସୋଲାର ଲାଇଟ ବ୍ୟବସ୍ଥା, ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ନୂତନ ରୋଜଗାର ପନ୍ଥା, ସୁବର୍ଣ୍ଣପୁର ଠାରୁ ଜାତମୁଣ୍ଡିଆ ପର୍ଯ୍ୟନ୍ତ ଥିବା ପୋଲରେ ବିଦ୍ୟୁତ୍‌କରଣ, ମନ୍ଦିରଗୁଡିକର ପୁନରୁଦ୍ଧାର କରାଯାଇ ସୌନ୍ଦର୍ଯ୍ୟକରଣ କରିବା, ଅଂଶୁପା ହ୍ରଦର ଜଳସ୍ତରକୁ ସ୍ଥିର ରଖିବା, ସରଣ୍ଡା ଗଡରେ ବାଘ ସଂରକ୍ଷଣ ପାଇଁ ପାର୍କ ସ୍ଥାପନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଗ୍ରୋ ଉଇଥ ନେଚରର ମୁଖ୍ୟ ଗାୟତ୍ରୀ ଦଳେଇ ଯୋଗଦେଇ ଅଂଶୁପା ହ୍ରଦର ଉନ୍ନତିକରଣ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସୁବର୍ଣ୍ଣପୁର ପଞ୍ଚାୟତ ସରପଞ୍ଚ, ଜିଲା ପରିଷଦ ସଭ୍ୟ , ଗ୍ରାମ ସଭାପତି, ପୂର୍ବତନ ସରପଞ୍ଚ, ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଗ୍ରାମବାସୀ ଉପସ୍ଥିତ ଥିଲେ।

# ପାମ୍ ତେଲ ଯୋଗାଇବାକୁ କହି ୧୨ ଲକ୍ଷ ଠକେଇ

**କଟକ ଅଫିସ,୯।୧୨**

### ଅଭିଯୁକ୍ତ ଗିରଫ

ଅରୁଣୋଦୟ ମାର୍କେଟର ଜଣେ ବ୍ୟବସାୟୀଙ୍କୁ ପାମ୍ ତେଲ ଯୋଗାଇବାକୁ ୧୨ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍କ୍‌ରୋଡ୍ ଅଞ୍ଚଳରେ ରହୁଥିବା ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ଗ୍ରାମର ସୁବାସ ଚନ୍ଦ୍ର ଦାସ (୫୧)। ଠକାମିର ଶିକାର ହୋଇଥିବା ବ୍ୟବସାୟୀ ପ୍ରତାପ କେଶରୀ ମହାନ୍ତିଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ସୁବାସ ନିଜକୁ ରାଞ୍ଚିଠାରେ ଅବସ୍ଥିତ ଏକ ପାମ୍ ତେଲ କମ୍ପାନୀର ମାର୍କେଟିଂ ଏଜେଣ୍ଟ ଭାବେ ପରିଚୟ ଦେଇ ପ୍ରତାପଙ୍କ ସହ କାରବାର କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତ ଜଣକ ପ୍ରତାପଙ୍କୁ କମ୍ପାନୀର ମାଲିକ ସତ୍ୟପ୍ରକାଶ ସିଂହଙ୍କ ସହ କଥାବାର୍ତ୍ତା କରାଇ ତାଙ୍କୁ ଓଡ଼ିଶାରେ ବିତରକ ଭାବେ ନିଯୁକ୍ତି ଦେବାର ଲୋଭ ଦେଖାଇଥିଲେ। ପ୍ରତାପ ଏଥିରେ ପ୍ରଭାବିତ ହେବାରୁ ପ୍ରଥମ ଦଫାରେ ତାଙ୍କୁ ୧୦ରୁ ୧୫ ଲକ୍ଷ ଟଙ୍କା କମ୍ପାନୀ ଆକାଉଣ୍ଟରେ ଜମା କରିବାକୁ କୁହାଗଲା। ପ୍ରତାପ କଥା ଅନୁଯାୟୀ ୧୨ ଲକ୍ଷ ଟଙ୍କା କମ୍ପାନୀ ଆକାଉଣ୍ଟରେ ଜମା କରିଦେଲେ। ଅଭିଯୁକ୍ତ ଜଣକ ପ୍ରତାପଙ୍କୁ ପାମ୍ ତେଲ କିଣାର ବିଲ୍ ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ଗାଡ଼ିରେ ବୋଝେଇ ହୋଇ ପାମ୍ ତେଲ ଆସି ପହଞ୍ଚିବ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ କୌଣସି ତେଲ ଆସି ନ ଥିଲା। ଏ ବାବଦରେ ସୁବାସ ଓ ସତ୍ୟପ୍ରକାଶଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ଉଭୟେ ପ୍ରତାପଙ୍କ ଫୋନ୍ କଲ୍ ଉଠାଇ ନ ଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୭୩/୨୨) ରୁଜୁ କରିଥିଲା।

# ସ୍ୱାଭିମାନ ମଣିଷର ବିବେକ, ମନକୁ ସନ୍ତୁଳିତ କରେ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଆଠଗଡ, ୯।୧୨(ସ୍ୱ.ପ୍ର.)**

ସ୍ୱାଭିମାନ ମଣିଷର ବିବେକ ଓ ମନକୁ ସନ୍ତୁଳିତ କରିଥାଏ। ଏହା ବ୍ୟକ୍ତିତ୍ୱକୁ ସମୃଦ୍ଧ କରିଥାଏ। ଆଠଗଡ ସ୍ୱାଭିମାନୀ ଏକତା ମଞ୍ଚ ଆନୁକୂଲ୍ୟରେ ୧୧ତମ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ରରେ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ଏହା କହିଛନ୍ତି। ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମଞ୍ଚ ତରଫରୁ ବହୁ ମହିଳା ଓ ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମରେରେ 'ସାମ୍ପ୍ରଦାୟିକତା ଓ ଘରୋଇକରଣ କବଳରୁ ସମ୍ବିଧାନ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟନାୟକଙ୍କ ସମେତ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ମଞ୍ଚର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଆଠଗଡ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଓକିଲ ସଂଘ ପୂର୍ବତନ ସଭାପତି ବିନୟ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ସାହିତ୍ୟିକ ନିରାକାର ଲେଙ୍କା, ଛାତ୍ରନେତ୍ରୀ ସତ୍ୟପ୍ରିୟ ମହାନ୍ତି, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଗତ ୨୦୦୯ରେ ସାଧାରଣ ନିର୍ବାଚନ ପରେ ତତ୍କାଳୀନ ବିଜେଡି ପ୍ରାର୍ଥୀ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା। ଏହା ବିରୋଧରେ ସ୍ୱାଇଁ ସୁପ୍ରିମ କୋର୍ଟରେ ମାମଲା କରି ୨୦୧୨ ଡିସେମ୍ବର ୯ରେ ବିଜୟ ଲାଭ କରିଥିଲେ। ସେବେଠାରୁ ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ପ୍ରତିବର୍ଷ ଏହି ଦିବସକୁ ସ୍ୱାଭିମାନ ଦିବସଭାବେ ପାଳନ କରାଯାଉଛି।

## ଅଗ୍ନିବିପନ୍ନଙ୍କୁ ସହାୟତା

**ମାହାଙ୍ଗା, ୯।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମଲିକପୁର ଗ୍ରାମର ସେକ ଜାହେରଙ୍କ ଗତ ୫ ତାରିଖ ସନ୍ଧ୍ୟାରେ ଦୁଇ ବଖରା ଚାଳ ଛପର ପୋଡି ଯାଇଥିଲା । ଏହି ଖବର ଜାଣିବା ପରେ ମାହାଙ୍ଗାର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ କୁଣ୍ଡି ପଞ୍ଚାୟତର ଏସଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ ଜାହେରଙ୍କ ଘରେ ପହଞ୍ଚି ଶୀତବସ୍ତ୍ର, ରାଶନ ସାମଗ୍ରୀ ଓ ଅର୍ଥ ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ପଞ୍ଚାୟତ ବିଜେଡି ସଭାପତି ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, କଟକ ଜିଲା ଯୁବ ବିଜେଡି ଉପସଭାପତି ଜୟନ୍ତ ବିଶ୍ୱାଳ, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, କୁଣ୍ଡି ପଞ୍ଚାୟତ ମିଶନ ଶକ୍ତି ସଭାପତି ଆସମା ଖାତୁନ, ସମ୍ପାଦିକା ରତ୍ନାବତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



# ବିଜ୍ଞାନ ମେଳା, ୧୬୪ ପ୍ରକଳ୍ପ ପ୍ରଦର୍ଶିତ


ବିଜ୍ଞାନମେଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ବାଙ୍କୀ,୯।୧୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓସ୍ତିଆସ୍ଥିତ ଦଧିବାମନ ଜୀଉ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକ ଛାତ୍ରୀଛାତ୍ରୀମାନେ ଭାଗନେଇଥିବା ବେଳେ ସମୁଦାୟ ୧୬୪ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାକୁ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଉଦ୍‌ଘାଟନ କରିଥିଲେ। ବିଡିଓ କିଶୋର ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପୁରୀ ସହକାରୀ ଜିଲା ଶିକ୍ଷାଅଧିକାରୀ ହିମାଂଶୁ ଶେଖର ସମରଥ, ଯାଜପୁର ବଡଚଣା ମଣ୍ଡଳ ଶିକ୍ଷା ଅଧିକାରୀ ସବିତା ସାହୁ ଯୋଗଦେଇ ପ୍ରକଳ୍ପଗୁଡିକ ପରିଦର୍ଶନ କରିଥିଲେ। ବାଙ୍କୀ ବ୍ଲକ ମଣ୍ଡଳ ଶିକ୍ଷାଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଓସ୍ତିଆ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମ୍ବିକା ପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପଗୁଡିକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସରଣ୍ଡା ଉନ୍ନୟନ ପରିଷଦର ସଭାପତି ଗତିକୃଷ୍ଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା, ଓସ୍ତିଆ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା, ସମିତି ସଭ୍ୟ ରଶ୍ମିରଞ୍ଜନ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତୀ ସାହୁ, ମାନସ ମହାପାତ୍ର, ଆର୍ତ୍ତବନ୍ଧୁ ବେହେରା, ସମିତି ସଭ୍ୟ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ପରିଷଦ ସଭ୍ୟାରଶ୍ମିରେଖା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାତୀ ସାହୁ ସଭାପତିତ୍ୱ କରିଥିଲେ। ବିଚାରକ ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ଅଧାପିକା ଦେବସ୍ମିତା ରାଉତ ଯୋଗ ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ କଲେ ଅମ୍ବୁଡ୍‌ସମ୍ୟାନ

**ନିଶ୍ଚିନ୍ତକୋଇଲି,୯।୧୨(ସ୍ୱ.ପ୍ର.)**

ଅମ୍ବୁଡସମ୍ୟାନଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ କେରିଲୋ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଇଛି। କେରିଲୋ ପଞ୍ଚାୟତ ହରଚଣ୍ଡି ଖେଳ ପଡ଼ିଆର ଉନ୍ନତୀକରଣ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ଏହି ପ୍ରକଳ୍ପ ନିମନ୍ତେ ୩୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ପ୍ରକଳ୍ପରେ ସମୁଦାୟ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିରେ ଅଣକୁଶଳୀ ଶ୍ରମିକଙ୍କ ମଜୁରି ବାବଦରେ ୧୦ ଲକ୍ଷ ୮୪ ହଜାର ୭୧୦ ଟଙ୍କା ଓ ସାମଗ୍ରୀ ବାବଦରେ ୮ ଲକ୍ଷ ୨୭ ହଜାର ୮୬୮ ଟଙ୍କା ଖର୍ଚ୍ଚ କରାଯାଇଥିବା ବ୍ଲକ୍ ପ୍ରଶାସନ ତରଫରୁ କୁହାଯାଇଥିଲା। ମାତ୍ର ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଇଥିବା ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ବେହେରା ଅମ୍ବୁଡସମ୍ୟାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ପୂର୍ବରୁ ଶୁଣାଣି ହୋଇଥିଲା। କଟକ ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସର ଅମ୍ବୁଡସମ୍ୟାନ ସରୋଜକାନ୍ତ ଚୌଧୁରୀ, ସାଲେପୁର ବ୍ଲକ ସହକାରୀ ଯନ୍ତ୍ରୀ ବେଳାଭୂମି ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା ଓ ବନ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ।

# କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷାର ବିକାଶ ହୋଇଥାଏ

**ବଡ଼ମ୍ବା,୯।୧୨(ଡି.ଏନ୍.ଏ.)**

ବଡ଼ମ୍ବାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ୨ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ରଶ୍ମି ରଞ୍ଜନ ରଥ ଓ ସଭାପତି ସୁଧାକର ସାହୁ କ୍ରୀଡା ପ୍ରତି ଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗ ତଥା ଶିଶୁ, ବାଲ,ତରୁଣ ଓ ଯୁବ ବିଭାଗର ଛାତ୍ରୀଛାତ୍ର ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜାତୀୟ କ୍ରୀଡା ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ ଦେବୀ ପ୍ରସାଦ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ (ଅବସର) ଚନ୍ଦ୍ର ଶେଖର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ହରପ୍ରିୟା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କ୍ରୀଡା ପ୍ରତିଯୋଗିତା ଦ୍ୱାରା ଶରୀର ଓ ମନ ଶୃଙ୍ଖଳିତ ରହିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପଞ୍ଚମ ଶ୍ରେଣୀ ଛାତ୍ରୀ ଇତିଶ୍ରୀ ରଣସିଂହ ଚାମ୍ପିଆନ ହୋଇଥିଲେ। ଇଚ୍ଛାପୁର ଉଚ୍ଚବିଦ୍ୟାଳୟ କ୍ରୀଡା ଶିକ୍ଷକ ମହେଶ ରାଉତ ଏହାକୁ ପରିଚାଳନା କରିଥିଲେ। ସହ ସମ୍ପାଦିକା ରୋଜାଲିନ ରଥଙ୍କ ସମେତ ଗୁରୁମା ସ୍ମୃତିଶ୍ରୀ ପଟ୍ଟନାୟକ, ମମତା ବେହେରା, ସବିତା ନାଏକ, ମିନତୀ ଦାଶ, ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


ଅତିଥି ଓ ଅନ୍ୟମାନଙ୍କ ଗହଣରେ କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ।

### ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ


କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଖାନ୍‌ନଗର ଲେଖକ ସହଯୋଗ ସମିତି ସଭାଗୃହରେ ଆଶାପୂର୍ଣ୍ଣା ଦେବୀଙ୍କ ରଚିତ ଓ ତରୁଲତା ମିଶ୍ରଙ୍କ ଅନୁବାଦିତ ଉପନ୍ୟାସ 'ବିଳମ୍ବିତ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ଓଡ଼ିଶା ଲଳିତକଳା ଏକାଡେମୀ ଓ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୯।୧୨।୨୦୨୨

| | |
|---|---|
| ୪,୦୯,୩୧୮ ଟଙ୍କା | |
| ସୁନା | ୨.୯୫୦ ଗ୍ରାମ |
| ରୁପା | ୨୧.୫୫୦ ଗ୍ରାମ |

# ଜାନୁୟାରୀ ୨୫ରୁ ଶ୍ରୀକ୍ଷେତ୍ର ମହୋତ୍ସବ

- ଆଖଡ଼ା, ପାରମ୍ପରିକ କଳା କୌଶଳ ପ୍ରଦର୍ଶନ କରାଯିବ
- ପଲ୍ଲିଶ୍ରୀ ମେଳା ସହ ୩ରୁ ପୁସ୍ତକ ମେଳା ଆୟୋଜନ ହେବ

ପୁରୀ ଅଫିସ, ୯।୧୨

ଆସନ୍ତା ଜାନୁୟାରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲିରେ ଶ୍ରୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପଲ୍ଲିଶ୍ରୀ ମେଳା ଓ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀକକ୍ଷରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀକ୍ଷେତ୍ର ମହୋତ୍ସବ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶରଧାବାଲିରେ ହେବାକୁ ଥିବା ମହୋତ୍ସବକୁ ସମସ୍ତଙ୍କ ସହଯୋଗରେ ବର୍ଣ୍ଣାଢ୍ୟ ଓ ଆକର୍ଷଣୀୟ ଭାବେ ଆୟୋଜନ କରାଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ସୂଚନା ଦେଇ ମହୋତ୍ସବ କମିଟିର ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର କହିଥିଲେ, ୨୦୦୦ ମସିହାରୁ ଏହି ମହୋତ୍ସବ ଆୟୋଜନ ହୋଇଆସୁଛି। ତେବେ କରୋନା ପାଇଁ ଗତ ଦୁଇବର୍ଷ ଏହା ବନ୍ଦ ରହିଥିଲା। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯିବ। ୮ଟି ଆଖଡ଼ା ଓ ୬୦ ଜାଗାଘର ଏଥିରେ ସାମିଲ ହୋଇ ସେମାନଙ୍କ ପାରମ୍ପରିକ କଳା କୌଶଳ ଯଥା- ସାହିଯାତ, ନାଗା, ଆଖଡ଼ା ଇତ୍ୟାଦି ପ୍ରଦର୍ଶନ କରିବେ। ସେହିପରି ଜାନୁୟାରୀ ୩ରୁ ୧୨ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ଆଠସାହି ସମ୍ପାଦକ ନରେନ୍ଦ୍ର ମହାନ୍ତି, ଆଠସାହି ଆଖଡ଼ା ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ଓର୍‌ମାସ୍ ଡିଏସ୍‌ଏମ୍‌ଏସ୍ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।




କୃଷ୍ଣ କୁଡୁମ୍ବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀଠାରେ ନମସ୍କାର କ୍ଷେତ୍ରମାଳାର ସମାପନ ଉତ୍ସବରେ ଗୋବିନ୍ଦ ଗୋଶାଳା ଗୋଧାମ ପକ୍ଷରୁ ସୁନ୍ଦରାକାଣ୍ଡ ପାଠ କରାଯାଉଛି।

## ଇଞ୍ଜିନିୟରିଂ କ୍ଲଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର, ୯।୧୨(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ଇନ୍ଦ୍ରାଣୀପାଟଣାଠାରେ ଭାରତର ସର୍ବବୃହତ ଇଞ୍ଜିନିୟରିଂ ଶିଳ୍ପପୁଞ୍ଜର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ (ଏମ୍‌ଏସ୍‌ଏମ୍‌ଇ) ସଚିବ ବି. ବି. ସ୍ୱାଇଁ ଯୋଗଦେଇ କହିଥିଲେ, ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ତଥା ବେକାରୀ ସମସ୍ୟା ଦୂର ହେବାରେ ଏହି ଶିଳ୍ପପୁଞ୍ଜ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ ଯୋଗ ଦେଇଥିଲେ। ୩୧.୩ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୧୮କୋଟି ଟଙ୍କା, ରାଜ୍ୟ ସରକାର ୭.୧୯ କୋଟି ଟଙ୍କା ସହଯୋଗ କରୁଥିବାବେଳେ ବାକି ୫.୩୧କୋଟି ଟଙ୍କା ଓସ୍‌ମେ କ୍ଲଷ୍ଟର ପକ୍ଷରୁ ବିନିଯୋଗ କରାଯିବ। ଏହି ଶିଳ୍ପପୁଞ୍ଜ ଦ୍ୱାରା ଓଡ଼ିଶାର ୪୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଶିଳ୍ପ ସୁବିଧା ସୁଯୋଗ ପାଇବେ। ଏହିଠାରେ ପ୍ରତିରକ୍ଷା ବାହିନୀ, ଆଭିଏଶନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ବିଭିନ୍ନ ପ୍ରକାର ନୂତନ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ହେବ।

## ସଂକ୍ଷେପରେ

### ରାମଚରିତ ପାରାୟଣ, ଜ୍ଞାନଯଜ୍ଞ ଉଦ୍‌ଯାପିତ

**କଣାସ,୯।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କଣାସ ପଞ୍ଚାୟତ ସହନା ଗ୍ରାମର ବାବା ଲୋକନାଥ ଦେବଙ୍କ ପ୍ରାଙ୍ଗଣରେ ଚାଲୁଥିବା ଶ୍ରୀରାମ ଚରିତ ମାନସ ପାରାୟଣ, ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପରାୟଣରେ ଜଳଯାତ୍ରା, ଘଟସ୍ଥାପନ, ସୂର୍ଯ୍ୟପୂଜା, ଜଳାଭିଷେକ, ସାମୂହିକ ହନୁମାନ ଚାଳିଶା ପଠନ, ରୁଦ୍ରାଭିଷେକ, ସପ୍ତଶତୀ ଚଣ୍ଡୀପାଠ, ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପ୍ରବକ୍ତା ଭାବେ ପଣ୍ଡିତ ନାରାୟଣ ଦାସ, ପଣ୍ଡିତ ବସନ୍ତ ବିଶୋଇ, ପଣ୍ଡିତ ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମ, ନନ୍ଦୋତ୍ସବ, ପୁତନା ବଧଠାରୁ କାଳୀୟଦଳନ, ଶ୍ରୀକୃଷ୍ଣଙ୍କର ଦିବ୍ୟରସ, କଂସବଧ ସମ୍ପର୍କରେ ପ୍ରବଚନ ଦେଇଥିଲେ। ମା' ବ୍ରାହ୍ମଣୀ ଦେବୀ ସେବା ସମିତି ଓ ସହନା ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

### ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ

**କଣାସ,୯।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମର ଆରାଧ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ତଥା ସାମାଜିକ କର୍ମୀ ହାଡିବନ୍ଧୁ ପାଢୀଙ୍କ ଅଧ୍ୟକ୍ଷତାରେ ମା' ପଞ୍ଚମୁଖୀ ମନ୍ଦିର ପରିସରରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବଡାସ ଓ ବୈଦ୍ୟନାଥପାଟଣା ଉଭୟ ଗ୍ରାମର ଗ୍ରାମ୍ୟ କମିଟି ଓ ମୁରବି ଉପସ୍ଥିତ ଥିଲେ। ଏଥିସହ ଗ୍ରାମ୍ୟ କମିଟି ପକ୍ଷରୁ ମୂର୍ତ୍ତି ପ୍ରତିଷ୍ଠା ସମ୍ପର୍କରେ କେତେକ ସୁଚିନ୍ତିତ ମତାମତ ଦିଆଯାଇଥିଲା। ମୂର୍ତ୍ତି ପ୍ରତିଷ୍ଠା ଉତ୍ସବରେ ସର୍ବେଶ୍ୱର ପ୍ରଧାନ କର୍ତ୍ତା ଭାବେ ବସିବା ସହ ସତ୍ୟନାରାୟଣ ପଟ୍ଟନାୟକ ସହଯୋଗୀ ଭାବେ କାର୍ଯ୍ୟ ତୁଲାଇବାକୁ ବୈଠକରେ ସ୍ଥିର ହୋଇଥିଲା। ସୂଚନା ମୁତାବକ, ଗତ ଜାନୁୟାରୀ ୩୦ରେ ଦୁର୍ବୃତ୍ତମାନେ ମନ୍ଦିରରୁ ତାଲା ଭାଙ୍ଗି ବୈଦ୍ୟନାଥ ଦେବଙ୍କ ମୂର୍ତ୍ତି ଓ ମୁକୁଟ ସହ ବିଭିନ୍ନ ଆସବାବପତ୍ର ନେଇଯାଇଥିଲେ। ଚୋରି ନେଇ ପୂଜକ କଣାସ ଥାନାରେ ଅଭିଯୋଗ କରିଥିଲେ। ଦୀର୍ଘ ୧୧ ମାସ ଧରି ପୋଲିସ ତନାଘନା କରି ବିଫଳ ହୋଇଥିଲା।



ଗୁଜରାଟ ନିର୍ବାଚନରେ ବିଜୟ ହାସଲ ପରେ ଆମ୍ ଆଦ୍‌ମୀ ପାର୍ଟି ପୁରୀ ଜିଲା ଶାଖା ପକ୍ଷରୁ ବଡ଼ଦାଣ୍ଡରେ ଶୁକ୍ରବାର ବିଜୟ ଉତ୍ସବ ପାଳନ କରାଯାଉଛି।

## ସାମ୍ବାଦିକାଙ୍କୁ ହତ୍ୟା ଧମକ: ଯୁବକ ଗିରଫ

କୋଣାର୍କ,୯।୧୨(ଡି.ଏନ୍.ଏ.)

ଏକ ଦୈନିକ ଖବରକାଗଜରେ କାର୍ଯ୍ୟରତ ଜଣେ ସାମ୍ବାଦିକାଙ୍କ ଘରେ ପଶି ଆକ୍ରମଣ କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ହତ୍ୟା ଧମକ ଅଭିଯୋଗରେ କୋଣାର୍କ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ମାନସ କାଣ୍ଡି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ଜଣେ ସାମ୍ବାଦିକା ପରିବାର ସହ ରୁହନ୍ତି। ଗତ ୩ ତାରିଖ ରାତି ପ୍ରାୟ ୧୧ ଟାରେ ଅଭିଯୁକ୍ତ ମାନସ ସାମ୍ବାଦିକାଙ୍କ ଘର ନିକଟକୁ ଯାଇ କାହିଁକି ତା ବିରୋଧରେ ଖବର ଛାପିଥିଲେ ବୋଲି କହି ଗାଳିଗୁଲଜ କରବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ସାମ୍ବାଦିକାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୩/୨୨)ରୁଜୁ କରି ତଦନ୍ତ ଚଳାଇଥିଲା।

## 'ରାଗିଂ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ ଛାତ୍ରୀଛାତ୍ର'

ପୁରୀ ଅଫିସ, ୯।୧୨

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ରାଗିଂ ସମ୍ପୂର୍ଣ୍ଣ ନିଷେଧ ଏବଂ ଏ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱ ସହକାରେ ବିଚାର କରାଯାଇ ଆବଶ୍ୟକ ସ୍ଥଳେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷାବର୍ଷ ୨୦୨୨-୨୩ପାଇଁ ନବାଗତ ଛାତ୍ରୀଛାତ୍ରଙ୍କ ନାମଲେଖା ପରିପ୍ରେକ୍ଷୀରେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରକୁ ସମ୍ପୂର୍ଣ୍ଣ ରାଗିଂ ମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷା ପ୍ରଫେସର ମାୟା ପାଢୀ ସଭାପତିତ୍ୱ କରିଥିଲେ। ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର୍ ଲଲାଟେନ୍ଦୁ ସ୍ୱାଇଁ, ଛାତ୍ରାବାସ ପ୍ରବନ୍ଧକ ପ୍ରଫେସର ଶର୍ମିଷ୍ଠା ସ୍ୱାଇଁ, ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ପ୍ରଫେସର ଅମରେନ୍ଦ୍ର ନାୟକ, ପ୍ରଫେସର ଅନିଲ କୁମାର ସାହୁ, ପ୍ରଫେସର୍ ରୁପା ଦାସ, ଗଣମାଧ୍ୟମ ପ୍ରତିନିଧି ପ୍ରଦ୍ୟୁମ୍ନ ସାଥୁଆଙ୍କ ସମେତ କଲେଜର ଆଣ୍ଟି-ରାଗିଂ କମିଟି ଓ ସ୍କ୍ୱାଡ୍ ସଦସ୍ୟ ଏବଂ ସ୍ଥାନୀୟ ପୋଲିସ୍ ପ୍ରଶାସନର ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗଙ୍କ ଦ୍ୱାରା ପ୍ରଣୀତ ରାଗିଂ ନିରୋଧୀ ନିୟମାବଳୀ-୨୦୨୧ ସମ୍ପର୍କରେ ଆଲୋଚନା କରାଯାଇଥିଲା। କ୍ୟାମ୍ପସ୍‌ରେ ର୍‍ୟାଗିଂ ରୋକିବା ପାଇଁ ଅଧିକ ସଂଖ୍ୟାରେ ସୁରକ୍ଷାକର୍ମୀ ମୁତୟନ, ଆଣ୍ଟି ରାଗିଂ ସ୍କ୍ୱାଡ୍ ଦ୍ୱାରା ହଷ୍ଟେଲ୍ ପରିସର ନିୟମିତ ଯାଞ୍ଚ, ଆଣ୍ଟି ର୍‍ୟାଗିଂ କମିଟି ଦ୍ୱାରା ଅଭିଯୋଗର ତୁରନ୍ତ ତଦନ୍ତ କରାଯିବା ଓ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ପୋଲିସକୁ ଶୀଘ୍ର ସୂଚନା ଦେବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି ଛାତ୍ରୀଛାତ୍ରମାନେ ରାଗିଂର ଶିକାର ହେଲେ ନୀରବ ନ ରହି ନିଜର ଅଭିଯୋଗ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯିବାକୁ ବୈଠକରେ ସଦସ୍ୟମାନେ ମତ ପ୍ରକାଶ କରିଥିଲେ।

## ୱାର୍ଡ ସଭ୍ୟାସଭ୍ୟଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

କଣାସ,୯।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ବ୍ରହ୍ମଗିରି ବ୍ଲକ କାଣ୍ଡଗୋଦା, ଡିମିରିସେଣା, ରାୟବିଧାର ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବତ୍ ସୁଦର୍ଶନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସଭାରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପଞ୍ଚାୟତର ପ୍ରଗତିରେ ୱାର୍ଡ ସଭ୍ୟାସଭ୍ୟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବଡ଼ଜେନା କହିଥିଲେ। ପ୍ରଶିକ୍ଷକଭାବେ ହାଡିବନ୍ଧୁ ସେଠୀ, ନିରଞ୍ଜନ ସାହୁ ଯୋଗଦେଇଥିବା ବେଳେ ସୁମିତ୍ରା ପ୍ରଧାନ, ରାଜକିଶୋର ଜେନା, ରମାକାନ୍ତ ବଡଜେନା କର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟ ଜୀବନ ସଂଘର ୪୨ତମ ପ୍ରତିଷ୍ଠା ଦିବସ

ପୁରୀ ଅଫିସ, ୯।୧୨

ଦିବ୍ୟ ଜୀବନ ସଂଘର ୪୨ତମ ପ୍ରତିଷ୍ଠା ଦିବସ ପୁରୀ କଚେରୀ ରୋଡସ୍ଥିତ ଚିଦାନନ୍ଦ ଆଶ୍ରମରେ ପାଳିତ ହୋଇଯାଇଛି। ସଂଘର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ସ୍ୱାମୀ ଶିବାନନ୍ଦ ମହାରାଜ ଏବଂ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ପାଦପୂଜା କରିବା ସହିତ ବିଷ୍ଣୁ ସହସ୍ରନାମ ଅର୍ଚ୍ଚନା କରିଥିଲେ। ଏହି ଅବସରରେ ସଂଘର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ସଭାକାର୍ଯ୍ୟରେ ସଂଘର ସଭାପତି ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ପୌରୋହିତ୍ୟ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସମ୍ପାଦକ ଡା. ନରସିଂହ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସ୍ୱାମୀ ନାରାୟଣ ଅର୍ପଣାନନ୍ଦଜୀ, ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ରମେଶ ବଳିୟାରସିଂ, ବୀଣାପାଣି ମିଶ୍ର ଏବଂ ଉପେନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ସଂଘର ଆଧାତ୍ମିକ ଉନ୍ନତି କିପରି ହୋଇପାରିବ ସେନେଇ ବହୁ ଆଲୋଚନା ପୂର୍ବକ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଧିରେନ ତେଜ୍ ଧନ୍ୟବାଦ ଦେଇଥିଲେ। ଉକ୍ତ ସମାବେଶରେ ୫୦ରୁ ଅଧିକ ଭକ୍ତ ଯୋଗଦାନ କରିଥିଲେ।

## ପଦାର୍ଥ ବିଜ୍ଞାନ ଛାତ୍ରଙ୍କୁ ସ୍ୱାଗତ



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

କଣାସ,୯।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ଥିବା ସ୍ନାତକ ମହାବିଦ୍ୟାଳୟ ପରିସରରେ ପଦାର୍ଥ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ବୁଧବାର ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପୁରାତନ ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ସହ ଶିକ୍ଷା ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ଜଣେ ଜଣେ ବୈଜ୍ଞାନିକ ଭାବେ ନିଜକୁ ଗଢ଼ି ମହାକାଶ ଗବେଷଣାରେ ସାମିଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡ. ଲକ୍ଷ୍ମୀପ୍ରିୟା ନାୟକ, ଅସିତ ନରେନ୍ଦ୍ର, ବିଜୟ ସ୍ୱାଇଁ, ରବୀନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିବାବେଳେ ଅଧାପିକା ଅନସୂୟା ଦେବୀ ଓ କୋଦଣ୍ଡ ପାଣି ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର

କୃଷ୍ଣପ୍ରସାଦ,୯।୧୨(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ସିଆଳ ପଞ୍ଚାୟତର ମୋରଡ଼ା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କିତ ୭ଦିନିଆ ତାଲିମ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଶିବିରରେ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ସନ୍ଧାନ ଓ ଉଦ୍ଧାରକାରୀ ଏବଂ ପ୍ରାଥମିକ ଆଶୁ ଚିକିତ୍ସା ଦଳର ୭୫ ଜଣ ସଦସ୍ୟାସଦସ୍ୟଙ୍କୁ ସେମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯାଉଛି। ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଥାନା ଆଇଆଇସି ଶରତ ନାୟକ, ବିଜୟ ତରେଇ, ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ଅଜୟ କୁମାର ପଲେଇ, ସିଆଳ ସରପଞ୍ଚ ରବି ନାରାୟଣ ମାଝୀ, ସମିତିସଭ୍ୟ ଭୀମସେନ ସେଠୀ, ମୋରଡ଼ା ପଞ୍ଚୁପଡ଼ା ସଭାପତି ଗଦାଧର ପଲେଇ, ବଟେଶ୍ୱର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅମିନ ବିଶ୍ୱାଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିପର୍ଯ୍ୟୟକୁ ପ୍ରଶମିତ କରିବା ପାଇଁ ଆନୁଷଙ୍ଗିକ ଯନ୍ତ୍ରାଂଶର ସୁପରିଚାଳନା, ମୁକାବିଲା ନିମିତ୍ତ ଜ୍ଞାନକୌଶଳ, ଆହତଙ୍କୁ ଆଶୁ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ତାଲିମ ଦିଆଯାଉଛି। ପ୍ରବୀର ନାୟକଙ୍କ ନେତୃତ୍ୱରେ ଜଗନ୍ନାଥ ସାହୁ, ନୃସିଂହ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, ଏନ୍. ସମୀର କୁମାର ପ୍ରଶିକ୍ଷକ ଭାବେ ତାଲିମ ଦେଉଛନ୍ତି।

## ବ୍ଲକ କଳା ସଂସ୍କୃତି ସଂଘର ସାଧାରଣ ଅଧିବେଶନ

ନିମାପଡ଼ା,୯।୧୨(ଡି.ଏନ.ଏ.)

ନିମାପଡ଼ା ବ୍ଲକ କଳା, ସଂସ୍କୃତି ସଂଘର ଏକ ସାଧାରଣ ଅଧିବେଶନ ବ୍ଲକ ସଭା କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଆଦିତ୍ୟ ନାରାୟଣ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପବିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ଲୋକକଳାକୁ ଉଜ୍ଜୀବୀତ କରି ରଖିବା, ଲୋକକଳାକୁ ଦେଶ ବିଦେଶରେ ବିଦିତ କରିବା ପାଇଁ କଳାକାରମାନେ ପ୍ରୟାସ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ କଳା ସଂସ୍କୃତି ସଂଘର ୧୦ଜଣିଆ ଏକ କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ସଂଘ ସଭାପତିଭାବେ ବିଡିଓ ବସନ୍ତ ମଲ୍ଲିକ, ଉପସଭାପତି ପବିତ୍ର ପ୍ରଧାନ, ସମ୍ପାଦକ ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସିଡିପିଓ କୁମୁଦିନୀ ମିଶ୍ର, ତପନଜ୍ୟୋତି ବରିହା, ରାଧାଶ୍ୟାମ ନାୟକ, ଅନ୍ନପୂର୍ଣ୍ଣା ପରିଡ଼ା, କୁଞ୍ଜବିହାରୀ ପରିଡ଼ା, ନାରାୟଣ ସ୍ୱାଇଁ, ଜଗଦୀଶ ମହାରଣା ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ମନୋନୀତ ହୋଇଥିଲେ। ସମାବେଶରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତର ସଂକୀର୍ତ୍ତନ, ପାଲା, ଧୁଡୁକି, ଦାସକାଠିଆ, ପାଇକ ଆଖଡ଼ା, ଖଞ୍ଜଣି ଭଜନ, ସାହି ନାଚ, ଘୋଡ଼ାନାଚ, ଘଣ୍ଟ ମାର୍ଦ୍ଦଳ ଆଦି କଳାର ଦେଢ଼ଶହ କଳାକାର ଯୋଗଦେଇଥିଲେ। ବ୍ଲକରେ ପ୍ରାୟ ୩୦୦ଟି ମଣ୍ଡଳର ବିଭିନ୍ନ ବର୍ଗର ୩ ହଜାର କଳାକାର ରହିଥିବା ସଂଘର ଉପସଭାପତି ପବିତ୍ର ପ୍ରଧାନ ଓ ତପନଜ୍ୟୋତି ବରିହା କହିଛନ୍ତି।



ନିମାପଡ଼ା ବ୍ଲକ କଳା, ସଂସ୍କୃତି ସଂଘର ସାଧାରଣ ଅଧିବେଶନରେ ଯୋଗଦେଇଥିବା ଅତିଥି ତଥା ବରିଷ୍ଠ କର୍ମକର୍ତ୍ତାମାନେ।

## ସବୁଜ ପନିପରିବା ଖାଇଲେ ରକ୍ତହୀନତା ଦୂରହେବ

ପୁରୀ ଅଫିସ, ୯।୧୨

ଫାଷ୍ଟଫୁଡ୍ ଓ ଜଙ୍କଫୁଡ୍ ପରି କୃତ୍ରିମ ଖାଦ୍ୟକୁ ପରିହାର କରି ସଜନା ଶାଗ, ଟମାଟୋ, ବାଇଗଣ ପରି ସବୁଜ ପନିପରିବା ଏବଂ ଡାଳିମ୍ବ, କିସ୍‌ମିସ୍ ପରି ପ୍ରାକୃତିକ ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୋଇପାରିବ। ଗୁରୁବାର ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥଧାମ ଶାଖା ପକ୍ଷରୁ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଆନେମିଆମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରକ୍ତହୀନତା ସଚେତନତା ଶିବିରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ଡ. ଅଞ୍ଜନି ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରକ୍ତହୀନତା ଓ କୁପୋଷଣ ସମଗ୍ର ସମାଜରେ ମହିଳା, କିଶୋରୀ ଏବଂ ଶିଶୁଙ୍କ କ୍ଷେତ୍ରରେ ରୋଗ ଓ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇଛି। ଆୟୁର୍ବେଦିକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡା. ନୃସିଂହ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ରକ୍ତରେ ଥିବା ଲୋହିତ ରକ୍ତକଣିକା ତ୍ରୁଟିଯୁକ୍ତ ଥିଲେ କିମ୍ବା ହିମୋଗ୍ଲୋବିନ ପରିମାଣ କମ୍ ଥିଲେ ରକ୍ତହୀନତା ରୋଗ ନିରୂପଣ କରାଯାଏ। ରକ୍ତହୀନତା ରୋଗ ହେଲେ ରକ୍ତରେ ଅମ୍ଳଜାନ ପରିମାଣ କମିଯାଏ। ଥକ୍କାପଣ, ଦୁର୍ବଳତା, ଛୋଟ ଶ୍ୱାସକ୍ରିୟା ବା ବ୍ୟାୟାମ ଅକ୍ଷମତା ଦେଖାଯାଏ।




କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ଅଞ୍ଜନି ଶୁକ୍ଳା, ଡା. ନୃସିଂହ ଚନ୍ଦ୍ର ଦାସ ଏବଂ ଅନ୍ୟ ଅତିଥି ବୃନ୍ଦ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ନିବେଦିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅନୁପମା ମହାପାତ୍ର ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦର ମହିଳା ଓ ବାଲ୍ ସଂସ୍କାରର ରାଷ୍ଟ୍ରୀୟ ସଚିବ ସୁପ୍ରୀତି ରଥ ମହିଳା ଓ ବାଳ ବିକାଶ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଅଧାପକ ରାକେଶ ଚନ୍ଦ୍ର ମିଶ୍ର ଅତିଥି ଆମନ୍ତ୍ରଣ କରିବା ସହ ମଙ୍ଗଳାଚରଣ ପାଠ କରିଥିଲେ। ସମ୍ପାଦକ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦୦ ଛାତ୍ରୀଙ୍କୁ ରକ୍ତ ପରୀକ୍ଷଣ ରିପୋର୍ଟ ଦିଆଯାଇଥିଲା। ନିଦାନ ଏ ପାଥୋଲାବ ସ୍ୱତ୍ୱାଧିକାରୀ ଅଭୟ ପ୍ରହରାଜଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ରାଣୀ ଲକ୍ଷ୍ମୀବାଈ ରେଞ୍ଜର୍ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସନ୍ତୋଷ କୁମାର ମହାନ୍ତି, ପୀତାମ୍ବର ମହାପାତ୍ର, ନିମାଇଁ ଚରଣ ସାହୁ, ଶରତ ଜୟସିଂ, ଅଧାପକ ନେତ୍ରାନନ୍ଦ ଦାସ, ପ୍ରମୋଦ ଷଡ଼ଙ୍ଗୀ, ମଞ୍ଜୁ ମହାଲି, ମାନସୀ ବାସ୍କି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

**ବ୍ରାଉନସୁଗାର ଜବତ, ଯୁବକ ଗିରଫ**

ଭୁବନେଶ୍ୱର, (ବ୍ୟୁରୋ) ଖଣ୍ଡଗିରି ଥାନା ପୋଲିସ ବେଆଇନ ବ୍ରାଉନସୁଗାର ବେପାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଜାଗମରା ଅଞ୍ଚଳର ଶକ୍ତି ପ୍ରସାଦ ଜେନା ଓରଫ କୁନୁ। ତାଙ୍କଠାରୁ ୫ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରେଡ୍ କ୍ରସ୍ ସୋସାଇଟି, ଓଡ଼ିଶା ଚାପ୍ଟର ପକ୍ଷରୁ ଆମ୍ବୁଲାନ୍ସ ସେବା, ଏକାମ୍ର କାନନ ପାର୍କ ସାଇଡ୍, ସକାଳ ୭ଟା ୩୦।
- ଓଡ଼ିଶା କେନେଲ କ୍ଲବ ପକ୍ଷରୁ ଡଗ୍ ଶୋ' ଦ୍ୱିତୀୟ ଦିବସରେ ଓବିଡିଏନ୍ସ ଟ୍ରାଏଲ୍, ଲାବ୍ରାଡରଏବଂ ବିଗଲ୍ ସ୍ପେଶାଲିଟି, ୟୁନିଟ୍-୬ ଖେଳପଡ଼ିଆ, ସକାଳ ୯ଟା।
- ଆଞ୍ଚଳିକ ବିଜ୍ଞାନମେଳା, ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ, ସକାଳ ୯ଟା ୩୦।
- କବି ଦିଲୀପ କୁମାର ସାହୁଙ୍କ କବିତା ସଙ୍କଳନ'ପରିଚିତ ଆକାଶର କବିତା' ଉନ୍ମୋଚନ ସମାରୋହ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ, ବୁଦ୍ଧ ମନ୍ଦିର ସଭାଗୃହ, ପୂର୍ବାହ୍ନ ୧୦ଟା।
- ପ୍ରମେୟ, ନ୍ୟୁଜ୍ ୭ ଓ ଡିଜିଟାଲର ଜନ୍ମ ଉତ୍ସବ, ମେ' ଫେୟାର କନ୍‌ଭେନସନ ହଲ, ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଆସୋସିଏଶନ ଏବଂ ଉତ୍କଳ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଆସୋସିଏଶନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳନ ପରିପ୍ରେକ୍ଷୀରେ ସଭା, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୩ଟା।
- ନିବେଦିତା ଅନୁଷ୍ଠାନର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ,ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ, ବୁଦ୍ଧ ମନ୍ଦିର ସଭାଗୃହ, ଅପରାହ୍ନ ୪ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ମା'ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ଅଲାରପୁର (ରଙ୍ଗବଜାର) ନିକଟ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଶ୍ରୀହନୁମାନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ଜୟପୁର (ବ୍ରାହ୍ମଣସାହି), ଅପରାହ୍ନ ୩ଟା।

# ବାପା, ପୁଅ ଗିରଫ: ଏକାଧିକ ଫେରାର

**ଗ୍ରାମସଭାରେ ବାପା, ୨ ପୁଅଙ୍କୁ ଆଣ୍ଠେଇ ନିର୍ଯାତନା ଘଟଣା**



ଗିରଫ ବାପ ପୁଅ ।

- କମେଣ୍ଟମରାକୁ କେନ୍ଦ୍ର କରି ଗ୍ରାମରେ ବସିଥିଲା କଙ୍ଗାରୁ କୋର୍ଟ
- ଲୋକ ଲଜ୍ଜାରେ ଜଣେ ନାବାଳକଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ରାଜଧାନୀରେ ବାରମ୍ବାର ବସୁଛି କଙ୍ଗାରୁ କୋର୍ଟ। ସର୍ବ ସମ୍ମୁଖରେ ଘଟୁଛି ଅମାନୁଷିକ କାଣ୍ଡ। ହେଲେ କମିଶନରେଟ ପୋଲିସ କିଛି ଜାଣିପାରୁନି। ସୋସିଆଲ ମିଡିଆରେ ଘଟଣା ଭାଇରାଲ ହେବା ପରେ ଚେତା ପଶୁଛି। ପୂର୍ବରୁ ଏକାଧିକ ଘଟଣା ଘଟିଥିବାବେଳେ ଏବେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ଗ୍ରାମରେ ଆଉଏକ ସ୍ପର୍ଶକାତର ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କମେଣ୍ଟମରାକୁ ଗ୍ରାମସଭାରେ ବାପା ଓ ୨ ନାବାଳକ ପୁଅକୁ ଶତାଧିକ ଲୋକଙ୍କ ଆଗରେ ଆଣ୍ଠେଇବା ସହ ନିର୍ଯାତନା ଦିଆଯାଇଛି। ଏଥିସହିତ ଏହାର ଭିଡିଓକୁ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ତେବେ ଏମାନଙ୍କ ମଧ୍ୟରୁ ଜଣେ ନାବାଳକ ଲୋକ ଲଜ୍ଜା ସହି ନ ପାରି ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଚିକିତ୍ସା ପରେ ନାବାଳକ ଜଣକ ସୁସ୍ଥ ଥିବା ସୂଚନା ମିଳିଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ମାମଲା (ନଂ.୫୯୦/୨୦୨୧) ରୁଜୁ କରି ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ନେଇଛି। ଘଟଣା ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ବାପା ଓ ପୁଅଙ୍କୁ ପୋଲିସ ଗିରଫ କରାଯାଇଛି। ସେମାନେ ହେଲେ ବରମୁଣ୍ଡା ଗ୍ରାମର ଦିଲୀପ ପ୍ରଧାନ ଓ ତାଙ୍କ ବାପା ରମେଶ ପ୍ରଧାନ। ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଗିରଫ ଭୟରେ ଫେରାର ଥିବା ଜଣାପଡିଛି। ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ଏଥିରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନା ଅନୁଯାୟୀ, ବରମୁଣ୍ଡା ଗ୍ରାମରେ ରହୁଥିବା ନାବଳକଦ୍ୱୟ ସ୍କୁଲରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ କିଛିଦିନ ହେଲା କମେଣ୍ଟ ମାରୁଥିଲେ। ଏହାକୁ ନେଇ ପୂର୍ବରୁ ସେମାନଙ୍କ ମଧ୍ୟରେ ବଚସା ହେବା ସହ ଝଗଡ଼ା ହୋଇଥିଲା। ହେଲେ ନାବାଳକ ଦ୍ୱୟ କମେଣ୍ଟ ମାରିବା ବନ୍ଦ ନ କରିବାରୁ ଅଭିଯୁକ୍ତ ଯୁବକ ଦିଲୀପ ସୋସିଆଲ ମିଡିଆରେ ଗୁରୁବାର ଏକ ଭିଡିଓ ଛାଡ଼ି ପାଲାମଣ୍ଡପକୁ ଗ୍ରାମବାସୀଙ୍କୁ ଡାକିଥିଲେ। ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ରାତି ପ୍ରାୟ ୯ଟାରେ ଆଉକିଛି ଯୁବକ ଯାଇ ନାବାଳକଦ୍ୱୟଙ୍କୁ ସେଠାକୁ ଡାକିଥିଲେ। କିଛି ସମୟ ପରେ ନାବାଳକଙ୍କ ବାପା ଓ ବଡ଼ବାପା ମଧ୍ୟ ସେଠାରେ ପହଞ୍ଚିଥିଲେ। ସେଠାରେ ସଭା ବସିଥିଲା। ଗ୍ରାମବାସୀମାନେ ସେମାନଙ୍କୁ ଆଣ୍ଠେଇବା ସହ ତଳେ ଛେପ ପକାଇ ନାକ ଘଷାଇଥିଲେ। ଧକ୍କା ମାରିବା ସହ କାନ ଧରାଇ ଉଠ୍ ବସ୍ କରାଯାଇଥିଲା। ଏହାପରେ ନାବାଳକଙ୍କ ବାପାଙ୍କଠାରୁ ମୁଚାଲିକା ଲେଖାଇ ନେଇଥିଲେ। ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।





ୟୁନିଟ୍-୬ ବାଳକ ବିଦ୍ୟାଳୟ ଖେଳପଡ଼ିଆକୁ ଏଲ୍.ଆଣ୍ଡ.ଟି କମ୍ପାନୀ ବେଆଇନ୍ ଭାବେ ଦଖଲ କରିଥିବା ଅଭିଯୋଗ ଆଣି ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ପ୍ରତିବାଦ କରୁଛନ୍ତି ।

# ଜବରଦଖଲ ଉଚ୍ଛେଦ ଜାରି, ୨୫ ହଜାର ଜରିମାନା ଆଦାୟ



ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ହକି ବିଶ୍ୱକପ୍ ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ଉପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ବ୍ୟାପକ ଯୋଜନା ହାତକୁ ନିଆଯାଇଛି। ଅନେକ ସ୍ଥାନରେ ବେଆଇନ୍ ଜବରଦଖଲ ସୌନ୍ଦର୍ଯ୍ୟକରଣରେ ବାଧକ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଡିଏ ପକ୍ଷରୁ ଲଗାତାର ଉଚ୍ଛେଦ ଜାରିରହିଛି। ସେହିପରି ଶୁକ୍ରବାର ଭିନ୍ନ ଭିନ୍ନ ଅଞ୍ଚଳରୁ ମୋଟ୍ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହିକ୍ରମରେ ବିଏମସି ସ୍କ୍ୱାଡ୍ ଓ ଭରତପୁର ଥାନାଧିକାରୀଙ୍କ ସହଯୋଗରେ ବରମୁଣ୍ଡାସ୍ଥିତ ରୁଚିକା ମାର୍କେଟ ଅଞ୍ଚଳରେ ସିନେମା ଗୃହ ପାଇଁ ଚିହ୍ନଟ ଜମିରୁ ଜବରଦଖଲ ହଟାଯାଇଛି। ଉଚ୍ଛେଦ ପ୍ରକ୍ରିୟାରେ ୩୨ଟି ଆଜବେଷ୍ଟସ୍ ଦୋକାନ ଘର, ୩ଟି ହୋଟେଲ, ଗୋଟିଏ ଲଣ୍ଡ୍ରି ଦୋକାନ, ୨ଟି ଚିକେନ ଓ ମାଛ କାଉଣ୍ଟର, ୨ଟି କ୍ୟାବିନ ସହ ଅନ୍ୟାନ୍ୟ ବେଆଇନ୍ ନିର୍ମାଣ ହଟାଯାଇଛି। ଏଥିରେ ବିଡିଏର ସ୍କ୍ୱାଡ୍ ନମ୍ବର ୧, ୨, ୩,୪, ୧୩, ୧୪,୧୫ ଓ ୧୬ ନିୟୋଜିତ ଥିଲେ।

ସେହିପରି ସ୍କ୍ୱାଡ୍ ନମ୍ବର ୫, ୬, ୭ ଓ ୮ ଉତ୍ତର ଜୋନରୁ ୩ଟି ଫାଷ୍ଟଫୁଡ୍ ଦୋକାନ ହଟାଇଥିବା ବେଳେ ଇନ୍‌ଫୋସିଟି ରୋଡ଼ରୁ କେତେକ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହାପରେ ଡିଏଲ୍‌ଏଫ୍‌ର ଏଲ୍.ଭି ପ୍ରସାଦ ରୋଡ଼ରୁ ୬ଟି ଫାଷ୍ଟଫୁଡ୍ ଦୋକାନ ଭାଙ୍ଗି ଦିଆଯାଇଛି। ଅନ୍ୟପଟେ ଉକ୍ତ ଅଞ୍ଚଳରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଶୈଳଶ୍ରୀ ବିହାରରୁ ଡମଣା ଟ୍ରାଫିକ ଛକ ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ୧୮ଟି ଫାଷ୍ଟଫୁଡ୍ ଦୋକାନ, ୪ଟି ବାଉଁଶ ନିର୍ମିତ ଦୋକାନ, ୮ଟି ଲୁହା ଜାଲି ଷ୍ଟଲ, ୧୨ଟି ବିଜ୍ଞାପନ ବୋର୍ଡ, ୪ଟି ବିଜ୍ଞାପନ ଗେଟ୍‌କୁ ମାଟିରେ ମିଶାଇ ଦିଆଯାଇଛି। ଅନ୍ୟପଟେ କଳ୍ପନାସ୍ଥିତ ବରଫ କାରଖାନା ଛକରୁ ବଡ଼ଗଡ଼ କେନାଲ ରୋଡ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ୨ଟି ଫାଷ୍ଟଫୁଡ୍ ଷ୍ଟଲ୍, ୬ଟି କାଠ ଟେବୁଲ, ଉଚ୍ଛେଦ କରାଯାଇଛି। ସେହିପରି ୪ଟି ସିଡ଼ି, ୧୨ଟି ପ୍ଲାଷ୍ଟିକ୍ ବାକ୍ସ, ପ୍ଲାଷ୍ଟିକ ଡ୍ରମ୍ ଆଦି ଜବତ କରାଯାଇଛି। ଅନ୍ୟପଟେ ସଂପୃକ୍ତ ଅଞ୍ଚଳରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାସହ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆ ନିକଟରୁ ବେଆଇନ୍ ବ୍ୟବସାୟୀଙ୍କୁ ହଟାଯାଇଥିଲା।

## ସଂକ୍ଷେପରେ

### ରାତିଅଧରେ ଜାଳିଦେଲେ ୨ ବାଇକ



ଭୁବନେଶ୍ୱର, ୯।୧୨ (ବ୍ୟୁରୋ)- ଖଣ୍ଡଗିରି ଥାନା ଅନ୍ତର୍ଗତ ଧର୍ମବିହାରରେ ଗୁରୁବାର ବିଳମ୍ବିତ ରାତିରେ ୨ ବାଇକକୁ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏନେଇ ମାଲିକ ବେଣୁଧର ସାହୁ ଶୁକ୍ରବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ପୂର୍ବ ଶତ୍ରୁତାରୁ କେହି ଏଭଳି କାଣ୍ଡ କରିଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁସାରେ, ବେଣୁଧର ଗୁରୁବାର ରାତି ୧୦ଟା ବେଳେ ତାଙ୍କର ୨ଟି ବାଇକ ପାର୍କିଂରେ ରଖି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୨ଟା ବେଳେ ବେଣୁଧର ଉଠିବା ବେଳେ ଗାଡ଼ି ଦୁଇଟି ଜଳୁଥିବା ଦେଖିବାକୁ ପାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ପଚରାଉଚରା କରୁଛି।

# ଏଲ୍‌ଆଣ୍ଡଟି କବ୍‌ଜାରେ ବିଦ୍ୟାଳୟ ଖେଳ ପଡ଼ିଆ

- ହାଇକୋର୍ଟଙ୍କର ଦ୍ୱାରସ୍ଥ ହେବେ ଆଲୁମ୍ନି ସଂଘ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)



ୟୁନିଟ୍-୬ ବାଳକ ବିଦ୍ୟାଳୟ ଖେଳପଡ଼ିଆରେ ଶୌଚାଳୟ ନିର୍ମାଣ କରାଯାଉଛି ।

ୟୁନିଟ୍-୬ ବାଳକ ବିଦ୍ୟାଳୟ ଖେଳପଡ଼ିଆକୁ ଏଲ୍.ଆଣ୍ଡ.ଟି କମ୍ପାନୀ ବେଆଇନ୍ ଭାବେ ଦଖଲ କରିଛି। ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ଖେଳ ପଡ଼ିଆରେ ନିର୍ମାଣ କାର୍ଯ୍ୟ ଜାରିରହିଛି। କମ୍ପାନୀ କୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ସହ ଶୁକ୍ରବାର ୟୁନିଟ୍-୬ ବାଳକ ବିଦ୍ୟାଳୟ ଆଲୁମନି ସଂଘ, ଓଡ଼ିଶା ଅଭିଭାବକ ମହାସଂଘ, ବିଦ୍ୟାଳୟ ପରିଚାଳନା କମିଟି ଆଥ୍‌ଲେଟିକ୍ ଆସୋଶିଏଶନ ଓ ବିଭିନ୍ନ କ୍ଲବ ସଭ୍ୟମାନେ ବିରୋଧ କରିଥିଲେ। କମ୍ପାନୀ ତୁରନ୍ତ କାର୍ଯ୍ୟ ବନ୍ଦ କରିବା ସହ ଖେଳ ପଡ଼ିଆରୁ ହଟିବା ପାଇଁ ଦାବି କରିଥିଲେ। ଏଥିସହ ରାସ୍ତାରୋକୋ ମଧ୍ୟ କରିଥିଲେ। କମ୍ପାନୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ନେଇ କ୍ୟାପିଟାଲ ଥାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତେଣୁ କମ୍ପାନୀ ନାମରେ ପୁଣି ଥରେ ହାଇକୋର୍ଟରେ କେଶ କରାଯିବ ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ଆଲୁମ୍ନି ଟ୍ରଷ୍ଟ ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ର ଓ ଯମୁନା ପ୍ରଧାନ ସୂଚନା ଦେଇଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଏଲ୍‌ଆଣ୍ଡଟି ବିଲ୍ଡିଂ ନିର୍ମାଣ କାର୍ଯ୍ୟ କରୁଛି। କମ୍ପାନୀ ବିଦ୍ୟାଳୟ ଖେଳ ପଡ଼ିଆରେ ଅସ୍ଥାୟୀ ଭାବରେ କିଛି ସାମଗ୍ରୀ ରଖିବ ବୋଲି ସରକାରଙ୍କଠାରୁ ଅନୁମତି ଆଣିଥିଲା। ମାତ୍ର ବର୍ତ୍ତମାନ ସେଠାରେ ୪୦ଟି ପାଇଖାନା ନିର୍ମାଣ ସହିତ ଘର ନିର୍ମାଣ କାର୍ଯ୍ୟ ଜାରି ରଖିଛି। କମ୍ପାନୀ ବିରୋଧରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ୩ ମାସ ପୂର୍ବେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଖେଳ ପଡ଼ିଆରେ ନିର୍ମାଣ କାର୍ଯ୍ୟ କରିପାରିବ ନାହିଁ ବୋଲି ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ମାତ୍ର କମ୍ପାନୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ନିର୍ମାଣ କାର୍ଯ୍ୟ ଜାରି ରଖିଛି।

### ବ୍ୟବସାୟିକ ଅଞ୍ଚଳରୁ ଉଠିବ ଅଳିଆ

# ୩ ଜୋନ୍‌କୁ ମିଳିଲା ୫୭ ସଫେଇ ଗାଡ଼ି

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ପ୍ରତ୍ୟେକ ବ୍ୟବସାୟିକ ଅଞ୍ଚଳ କିପରି ନିୟମିତ ଭାବେ ପରିଷ୍କାର ହେବ, ଅନ୍ୟୁନ ୨ଥର ସେଠାରୁ ଓଦା ଏବଂ ଶୁଖିଲା ଅଳିଆ ସଂଗ୍ରହ କରାଯିବ ସେଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ପ୍ରତି ଜୋନ୍‌ରେ ଥିବା ବ୍ୟବସାୟିକ ଅଞ୍ଚଳଗୁଡ଼ିକରୁ ବର୍ଜ୍ୟବସ୍ତୁର ପୃଥକ ସଂଗ୍ରହ ନିମନ୍ତେ ୫୭ଟି ଗାଡ଼ିର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସହରରେ ୩୪୬ଟି ସଫେଇ ଗାଡ଼ି କାର୍ଯ୍ୟରତ ଥିବାବେଳେ ଏଥିମଧ୍ୟରୁ ୫୫ ଟି ଗାଡ଼ି ବ୍ୟାଟେରି ଚାଳିତ। ନିୟୋଜିତ ନୂଆ ଗାଡିଗୁଡିକ ଦ୍ୱାରା ଅପରାହ୍ନ ୩ଟାଠାରୁ ରାତ୍ରି ୧୧ଟା ପର୍ଯ୍ୟନ୍ତ ବଜାର ଅଞ୍ଚଳଗୁଡ଼ିକରୁ ସଫେଇ କାର୍ଯ୍ୟ କରାଯିବ। ଏଥିପାଇଁ ବିଏମ୍‌ସିରେ ନିୟୋଜିତ ବିଭିନ୍ନ ସଂସ୍ଥା ଦାୟିତ୍ୱ ତୁଲାଇବେ। ଏହା ସାଙ୍ଗକୁ ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ନିଜ ବ୍ୟବସାୟିକ ସ୍ଥଳରେ ଆବଶ୍ୟକ ପରିମାଣର ବର୍ଜ୍ୟବସ୍ତୁ ଧରିବା ଭଳି ଦୁଇଟି ଲେଖାଏ ଡଷ୍ଟବିନ୍ ରଖିବେ। ଦକ୍ଷିଣ- ପୂର୍ବ ଜୋନ୍ ପାଇଁ ୩୧ଟି ଗାଡ଼ି, ଦକ୍ଷିଣ-ପଶ୍ଚିମ ଜୋନ୍ ପାଇଁ ୯ଟି ଏବଂ ଉତ୍ତର ଜୋନ୍ ପାଇଁ ୧୭ଟି ଗାଡ଼ିର ବ୍ୟବସ୍ଥା ହୋଇଥିବାବେଳେ ସମ୍ପୃକ୍ତ ଜୋନ୍ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହେବ।

# ଜଗା ୟୁନାଇଟେଡ୍ କ୍ଲବ ଫାଇନାଲରେ

ବାରଙ୍ଗ,୯।୧୨(ଡି.ଏନ୍.ଏ.):

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଗଣ୍ଡରପୁର ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗଣ୍ଡରପୁର ଗ୍ରାମ ନିକଟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଷଷ୍ଠ ଦିବସ। ୩ଟି ପର୍ଯ୍ୟାୟରେ ଏହି ଟୁର୍ନାମେଣ୍ଟ ଖେଳାଯାଉଛି। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁକ୍ରବାର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ବର୍ଗର ଦୁଇଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ବରାହୀପୁର ସୁପ୍ରିମ ଫୁଟବଲ କ୍ଲବ ଏବଂ ଗୋଠପୁର ମା'ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଠପୁର ଟିମ୍ ୨-୦ ଗୋଲରେ ବରାହୀପୁର ଟିମ୍‌କୁ ହରାଇ ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ଘାଟିକିଆ ବଜରଙ୍ଗବାଲି କ୍ଲବ ଓ ଉଷୁମା ସ୍ୱର୍ଣ୍ଣଦେବୀ କ୍ଲବ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକର ଜରିଆରେ ଘାଟିକିଆ ଟିମ୍ ୭-୪ ଗୋଲରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ସହରାଞ୍ଚଳ ବର୍ଗର ଭୁବନେଶ୍ୱର ଜଗା ୟୁନାଇଟେଡ୍ କ୍ଲବ ୧-୦ ଗୋଲରେ କଟକ ମଙ୍ଗଳା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଗ୍ରାମାଞ୍ଚଳ ବର୍ଗର ଗୋଠପୁର ଟିମ୍‌ର ରାଜେଶ ନାୟକ, ଘାଟିକିଆ ଟିମ୍‌ର ତୋଫାନ ନାୟକ ଏବଂ ସହରାଞ୍ଚଳ ବର୍ଗର ଭୁବନେଶ୍ୱର ଜଗା ୟୁନାଇଟେଡ ଟିମ୍‌ର ମଣ୍ଟୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ।

### ତାନ୍‌ସେନ ସିଂଙ୍କୁ 'ସୁର୍ ତରଙ୍ଗ ଶୀର୍ଷ ସମ୍ମାନ ୨୦୨୨'

ଭୁବନେଶ୍ୱର,୯।୧୨(ବ୍ୟୁରୋ)- ସୁର୍ ତରଙ୍ଗର ୨୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଓଟିଡିସି ଅଧକ୍ଷ ଲେନିନ ମହାନ୍ତି, ଅନୁଷ୍ଠାନର ଉପଦେଷ୍ଟା ଡ. ବଦ୍ରିନାଥ ପଟ୍ଟନାୟକ, ବିକାଶ ଚନ୍ଦ୍ର ପଟ୍ଟନାୟକ, ବିଧୁଭୂଷଣ ନାୟକ, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ପିୟୂଷ ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଭାପତି ସମୀର ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ବର୍ଷୀୟାନ ଗାୟକ ତାନସେନ ସିଂଙ୍କୁ ସୁର ତରଙ୍ଗ ଶୀର୍ଷ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ୧୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଶୁଭଙ୍କରୀ ଦାସ, ତୁଷାର ଜେନା, ସୂରଜ ଦାସ, ବାଦ୍ୟଶିଳ୍ପୀ କ୍ରିଷ୍ଣା ଦାସ, ସମାଜସେବୀ ପ୍ରତିଶ୍ରୁତି ଜେନା ଓ ସାକେତ ଅଗ୍ରୱାଲ, କୈଳାସ ଚନ୍ଦ୍ର ରଥଙ୍କୁ 'ସୁରତରଙ୍ଗ ସମ୍ମାନ ୨୦୨୨' ଦିଆଯାଇଥିଲା। ସନ୍ଧ୍ୟାରେ ସଙ୍ଗୀତ ଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସିଂ ଇଜ୍ କିଙ୍ଗ୍ ମୁଖ୍ୟ ଆକର୍ଷଣ ସାଜିଥିଲା। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ର ଶିଖିବେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ବ୍ୟବହାର





ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ବୋଧନ ଦେଉଛନ୍ତି ।

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

କମିଶନରେଟ ପୋଲିସ ମୁଖ୍ୟାଳୟଠାରେ ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟଫର୍ମର ବ୍ୟବହାର ଏବଂ ସାଇବର ଓ ଅର୍ଥନୈତିକ ଅପରାଧ ସଚେତନତା ଉପରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କଲେଜ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ବ୍ୟବହାର, ଅର୍ଥନୈତିକ ଅପରାଧ, ଆର୍ଥିକ ଠକେଇ, ସାଇବର ସୁରକ୍ଷା ଏବଂ ଟ୍ରାଫିକ ନିୟମାବଳି ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗକୁ ମଧ୍ୟ ଏପରି ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଉଦ୍ୟମ କରାଯାଉଛି ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ। ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିସିପି ଭୁବନେଶ୍ୱର ପ୍ରତୀକ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଭୁବନେଶ୍ୱରର ୫୦ରୁ ଅଧିକ ଶିକ୍ଷାନୁଷ୍ଠାନର ପ୍ରାୟ ୧୧୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ।

# ସରକାରୀ ବୋର୍ଡ ଉପାଡ଼ି ଫୋପାଡ଼ିଦେଲେ

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

**ଜବରଦଖଲକାରୀଙ୍କୁ ଗିରଫ ଦାବିରେ କର୍ପୋରେଟରଙ୍କ ଧାରଣା**

ରାଜଧାନୀ ଭୁବନେଶ୍ୱରର ଅନେକ ସରକାରୀ ଜାଗା ଜବରଦଖଲକାରୀଙ୍କ କବଜାରେ। ବହୁବର୍ଷ ଧରି ସେମାନେ ସରକାରୀ ଜାଗାକୁ ନିଜ ଫାଇଦା ପାଇଁ ବ୍ୟବହାର କରୁଛନ୍ତି। ଏପରିକି ସରକାରୀ ନିୟମକୁ ଅଣଦେଖା କରିବା ସହ ବିଡିଏ, ବିଏମ୍‌ସି ପକ୍ଷରୁ ଲଗାଯାଇଥିବା କଟକଣାକୁ ମଧ୍ୟ ଫୁଁ କରିଦେଉଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ୱାର୍ଡ ନଂ ୩୭ ଅନ୍ତର୍ଗତ ନୟାପଲ୍ଲୀ ଅଞ୍ଚଳରେ। ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରି ସରକାରୀ ବୋର୍ଡ ମରାଯାଇଥିବାବେଳେ ଏହାକୁ ସମ୍ପୃକ୍ତ ବିଲ୍ଡର ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ଦାବିରେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ ଏବଂ ୱାର୍ଡବାସିନ୍ଦାଙ୍କ ପକ୍ଷରୁ ଧାରଣା ଦିଆଯାଇଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ଅଞ୍ଚଳରେ ବିଭବ ବିଲ୍ଡର ଦୀର୍ଘ ବର୍ଷ ଧରି ୦.୨୪୩ ଡିସିମିଲ ସରକାରୀ ଜମି ମାଡ଼ିବସି ଏକ ହୋଟେଲକୁ ଭଡ଼ା ଦେବା ସହ ଏକ ବଡ଼ ଅଞ୍ଚଳକୁ ପାର୍କିଂସ୍ଥଳ ଭାବେ ବ୍ୟବହାର କରୁଥିଲେ। ଜବରଦଖଲ କାରଣରୁ ଲୋକମାନେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ଏନେଇ ସ୍ଥାନୀୟ ଲୋକ ଏବଂ କର୍ପୋରେଟରଙ୍କ ଅଭିଯୋଗ ପରେ ବିଏମ୍‌ସିର ଜୋନ୍ ଅମିନଙ୍କ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ନଭେମ୍ବର ୧୬ରେ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ହଟାଯାଇଥିଲା। ଏଥିସହ ତାହା ଓଡ଼ିଶା ସରକାରଙ୍କ ସମ୍ପତ୍ତି ଏବଂ ଅନଧିକାର ପ୍ରବେଶ ଦଣ୍ଡନୀୟ ବୋଲି ବିଡିଏ ପକ୍ଷରୁ ବୋର୍ଡ ମଧ୍ୟ ପୋତା ଯାଇଥିଲା। ମାତ୍ର ଶୁକ୍ରବାର ସମ୍ପୃକ୍ତ ସ୍ଥାନରୁ ସେହି ବୋର୍ଡକୁ ହଟାଇ ଦିଆଯାଇଛି। ଏଥିସହ ଉଚ୍ଛେଦ ପରେ ବି ସମ୍ପୃକ୍ତ ସ୍ଥାନରେ ପାର୍କିଂ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବା ସହ କର୍ପୋରେଟର ବନ୍ଦିତା ବିରୋଧ କରିଛନ୍ତି। ସମ୍ପୃକ୍ତ ସରକାରୀ ଜମିରେ ଲୋକଙ୍କ ସୁବିଧା ଲାଗି ୱାର୍ଡ ଅଫିସ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଥିଲା। ଏ ନେଇ ବିଏମ୍‌ସି ଅଧିକାରୀଙ୍କୁ ମଧ୍ୟ ସୂଚିତ କରାଯାଇଥିଲା। ମାତ୍ର ବିଡିଏ ଉଚ୍ଛେଦ କରିବା ପରେ ସମ୍ପୃକ୍ତ ଅଞ୍ଚଳରେ ପାଚେରି କିମ୍ବା ତାର ବାଡ଼ ପୋତି ନ ଥିବାରୁ ବିଲ୍‌ଡର ପୁନର୍ବାର ସେଠାରେ ଜବରଦଖଲ କରିବାକୁ ସାହାସ କରିଛନ୍ତି। ଏପରିକି ସରକାରୀ ସମ୍ପତ୍ତି ଲେଖାଥିବା ବୋର୍ଡକୁ ମଧ୍ୟ ଫୋପାଡି ଦେଇଛନ୍ତି। ତେଣୁ ତୁରନ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥିସହ ଘଟଣା ସମ୍ପର୍କରେ ନୟାପଲ୍ଲୀ ଥାନାରେ ଏତଲା ଦିଆଯିବା ସହ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ହରିଶ ନାୟକଙ୍କୁ ଲିଖିତ ଭାବେ ଦିଆଯାଇଛି।





ଧାରଣାରେ ବସିଥିବା କର୍ପୋରେଟର ବନ୍ଦିତା ପାଲ ଓ ଅନ୍ୟମାନେ ।

## ସଂକ୍ଷେପରେ

### ବିଧାୟକଙ୍କ ବେଗୁନିଆ ବ୍ଲକ ପ୍ରତିନିଧି ହେଲେ ପ୍ରଶାନ୍ତ



ବେଗୁନିଆ,୯।୧୨ (ଡି.ଏନ୍.ଏ.): ବେଗୁନିଆ ନିର୍ବାଚନମଣ୍ଡଳୀର ବିଧାୟକ ରାଜେନ୍ଦ୍ର କୁମାର ସାହୁ ବେଗୁନିଆ ବ୍ଲକ ପାଇଁ ନିଜ ପ୍ରତିନିଧି ଭାବେ ପ୍ରଶାନ୍ତ କୁମାର ବେହେରାଙ୍କୁ ଦାୟିତ୍ୱ ଦେଇଛନ୍ତି। ଏନେଇ ଗତ ୮ତାରିଖରେ ଚିଠି ନଂ .୨୧୩୮/ଏମଏଲ ବିଛିନ୍ନ/୨୨ ଯୋଗେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଅବଗତ କରାଇଛନ୍ତି। ବିଧାୟକଙ୍କ ଅନୁପସ୍ଥିତିରେ ପ୍ରଶାନ୍ତଙ୍କ ଠାରୁ ସମସ୍ତ ସହଯୋଗ ମିଳିପାରିବ ବୋଲି ବିଧାୟକ ସାହୁ ସୂଚନା ଦେଇଛନ୍ତି। କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ପ୍ରଶାନ୍ତ ୩ଥର ସରପଞ୍ଚ ପଦ ହାତେଇଛନ୍ତି। ତେବେ ବର୍ତ୍ତମାନର କଣ୍ଟାବାଡ ସରପଞ୍ଚ ପ୍ରଶାନ୍ତଙ୍କୁ ଏହି ନୂତନ ଦାୟିତ୍ୱ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ବିଜୁ ଜନତା ଦଳର ଛାତ୍ର ରାଜ୍ୟ ସମ୍ପାଦକ ସ୍ୱାଧୀନ ପଣ୍ଡା, ସମିତିସଭ୍ୟା ମାମା ନାୟକ, ନାଏବ ସରପଞ୍ଚ କୁଞ୍ଜବିହାରୀ ମହାପାତ୍ର, ସାମାଜିକ କର୍ମୀ ହରିହର ସାହୁ, ଯୋଗେନ୍ଦ୍ର ସାହୁ, ଦିବାକର ପଣ୍ଡା, ନିତ୍ୟାନନ୍ଦ ସେନାପତି ପ୍ରମୁଖ ବିଧାୟକ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଟାଙ୍ଗୀ(ଖୋର୍ଦ୍ଧା),୯।୧୨(ଡି.ଏନ୍.ଏ.): ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ଆସି ପହଞ୍ଚିବା ପରେ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଭାଗନେବା ପାଇଁ ଥିବା ଛାତ୍ରୀଛାତ୍ର ଅତିଥିଙ୍କ ଉପସ୍ଥିତିରେ ଶପଥପାଠ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୋନାଲି ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ମଦ ଜବତ, ବ୍ୟବସାୟୀ ଗିରଫ

ଜଟଣୀ,୯।୧୨(ଡି.ଏନ୍.ଏ.): ବେଆଇନ ମଦ କାରବାର ଅଭିଯୋଗରେ ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁସୁମାଟି ଗ୍ରାମର ସୁରେଶ କୁମାର ବେହେରା(୪୩)। ତାଙ୍କ ନିକଟରୁ ବିଭିନ୍ନ ପ୍ରକାର ମଦ ସହ ୫୩୦୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୩୯/୨୨)ରୁଜୁ ହୋଇଛି।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

ବେଗୁନିଆ,୯।୧୨(ଡି.ଏନ୍.ଏ.)

**ବେଗୁନିଆ ପଞ୍ଚାୟତ ସମିତି ଦ୍ୱିତୀୟ ସାଧାରଣ ଅଧିବେଶନ**

- ୯୮ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅଧାପନ୍ତରିଆ
- ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ପ୍ରମାଣପତ୍ର କାର୍ଡ
- ତଦନ୍ତ କରାଯାଇ ସମାଧାନ ହେବ: ବିଡିଓ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ପକ୍ଷରୁ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପରିଚାଳନାରେ ବିଡିଓ ଲକ୍ଷ୍ମୀଧର ସାହୁ, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ତହସିଲଦାର ପୃଥ୍ୱିରାଜ ମଣ୍ଡଳ, ୨୨ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିପିଇଓ ଦେବାଶିଷ ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ତେବେ ସମିତି ଅଞ୍ଚଳରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଓ ଉନ୍ନତି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ଓ ବ୍ଲକ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସୂଚନା ମୁତାବକ, ଗତ ଜୁନ୍ ୧୦ରେ ପ୍ରଥମ ସମିତି ବୈଠକ ହୋଇଥିଲା। ୫ ମାସ ବିତିଯାଇଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ପୂରଣ ହେଲାନାହିଁ। ଉକ୍ତ ବୈଠକରେ ମଧ୍ୟ ସେହି ସମାନ ଅସୁବିଧା ଲାଗିରହିଛି ବୋଲି ପଞ୍ଚାୟତ ପ୍ରତିନିଧିମାନେ କହିଥିଲେ। ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କୁ ଭେଟିଲେ ବୁଝିବା କହି ଫେରାଇ ଦେଉଛନ୍ତି ବୋଲି ଶଗଡ଼ଭଙ୍ଗା ସରପଞ୍ଚ ଲୀଳା ସ୍ୱାଇଁ ଏବଂ ସାରୁଆ ସରପଞ୍ଚ ରଶ୍ମିତା ମହାଭୋଇ କହିଥିଲେ। ରାଶନ ତାଲିକାରୁ ଧନୀଶ୍ରେଣୀ ଲୋକଙ୍କ ନାମ ହଟାଇ ଗରିବଙ୍କ ନାମ ଯୋଡ଼ାଯାଇନାହିଁ ବୋଲି ବୋତଲମା ସମିତିସଭ୍ୟ ଭରତ ଛୋଟରାୟ କହିଥିଲେ। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ଯୋଗାଣର ସୁବିଧା ଗ୍ରାମବାସୀ କେବେ ପାଇବେ ବୋଲି ସମିତି ସଭ୍ୟମାନେ କହିଥିଲେ। ୨୦୨୩ ସୁଦ୍ଧା ବ୍ଲକର ସମସ୍ତ ୧୬୨ ଗ୍ରାମର ଘରେ ଘରେ ସ୍ୱଚ୍ଛ ପାନୀୟଜଳ ଯୋଗାଯିବ ବୋଲି ଯନ୍ତ୍ରୀ କହିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ୯୮ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି ବୋଲି ସରପଞ୍ଚମାନେ କହିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ପ୍ରମାଣପତ୍ର କାର୍ଡ। ୩ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଅନ୍‌ଲାଇନରେ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ଟାର୍ଗେଟ୍ ଅନୁଯାୟୀ ଏବଂ ଚୟନ କରାଯାଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ବୋଲି ଯୋଗାଣ ଅଧିକାରୀ ମନୋଜ ଶର୍ମା କହିଥିଲେ। ସେହିପରି ବ୍ଲକବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଡାକ୍ତରମାନେ ନିୟମିତ ଆସୁନାହାନ୍ତି। ମହିଳା ସ୍ୱାସ୍ଥ୍ୟକର୍ମୀ ଥିଲେ ମଧ୍ୟ ଗର୍ଭବତୀଙ୍କୁ ପ୍ରସୂତି ପାଇଁ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି ବୋଲି ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ କହିଥିଲେ। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ଏହା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବିଡିଓ ସାହୁ ସମସ୍ତ ସମସ୍ୟାର ଉପଯୁକ୍ତ ତଦନ୍ତ କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ୨୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିବେଶନରେ ଯୋଗଦେଇଥିବା ଅଧିକାରୀ, ସରପଞ୍ଚ ଏବଂ ଅନ୍ୟମାନେ।

### ୧୧ରୁ ଜଟଣୀ ଓପନ୍ ଚେସ୍ ପ୍ରତିଯୋଗିତା

ଜଟଣୀ,୯।୧୨(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୭ନଂ. ୱାର୍ଡ ଟ୍ରାଫିକ୍ କଲୋନିସ୍ଥିତ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ବିଜେବି ଇନ୍‌ଷ୍ଟିଚ୍ୟୁଟ୍‌ରେ ଆସନ୍ତା ୧୧ ତାରିଖରୁ ଚେସ୍ ପ୍ରତିଯୋଗିତା ଆରମ୍ଭ ହେବ। ଜଟଣୀ ଅଞ୍ଚଳର ଚେସ୍ ଖେଳାଳିମାନଙ୍କୁ ନେଇ ଜଟଣୀ ଓପନ୍ ଚେସ୍ ଚାମ୍ପିୟନଶିପ୍ ପ୍ରତିଯୋଗିତା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରେଷ୍ଠ ୬ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ୨୫ ମିନିଟ୍ ପର୍ଯ୍ୟନ୍ତ ଖେଳିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପଞ୍ଜୀକରଣ ପାଇଁ ବିଜେବି ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକଙ୍କ ମୋବାଇଲ ନମ୍ବର ୮୯୫୪୭୮୪୬୩କୁ ଯୋଗାଯୋଗ କରିପାରିବେ। ବୈଠକରେ ଆସୋସିଏଶନ ଉପସଭାପତି ପି. ରାଜାରାଓ, କୋଷାଧ୍ୟକ୍ଷ ରସିଦ୍ ବାସା, ଶ୍ରମିକ କଂଗ୍ରେସ ସହସଂଯୋଜକ ସୁନୀଲ ଭଞ୍ଜ, ଆଶୁତୋଷ ବ୍ରହ୍ମା, ସୁବ୍ରତ ପଣ୍ଡା, ଶ୍ରମିକ କଂଗ୍ରେସ ମିଡିଆ ସେଲ୍‌ର ମୁଖ୍ୟ ଓ ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି ଓ ପରିଷଦର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।





ବୋଲଗଡ଼: ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ଅନୁଷ୍ଠିତ ମହୋତ୍ସବରେ ଶୁକ୍ରବାର କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

# ମନମୋହିଲା ସମ୍ବଲପୁରୀ ନୃତ୍ୟ

ବୋଲଗଡ଼,୯।୧୨(ଡି.ଏନ୍.ଏ.)

**ରାଜସୁନାଖଳା ମହୋତ୍ସବ 'କାଉଁରୀ'ର ଦ୍ୱିତୀୟ ସନ୍ଧ୍ୟା**

ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ଅନୁଷ୍ଠିତ ରାଜସୁନାଖଳା ମହୋତ୍ସବ 'କାଉଁରୀ'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହୋତ୍ସବର ମୁକ୍ତାକାଶ ମଣ୍ଡପରେ କଳାକାରମାନେ ପାଇକ ଆଖଡାରେ ସାମରିକ କଳା କୌଶଳ ପ୍ରଦର୍ଶନ କରି ଉତ୍କଳ ମାଟିର ପାଇକଙ୍କ ବୀରତ୍ୱର ଐତିହ୍ୟକୁ ମନେପକାଇଥିଲେ। କଳାକାରମାନେ ସମ୍ବଲପୁରୀ, ଓଡ଼ିଶୀ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଯାହାକି ଦର୍ଶକଙ୍କ ମନକୁ ଛୁଇଁଥିଲା। ସ୍ୱାଗତ ସଙ୍ଗୀତ ପରେ ଆରମ୍ଭ ହୋଇଥିଲା ସାଧାରଣ ସଭା। ଏଥିରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ମୁଖ୍ୟ ବକ୍ତାଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟ ଶିବରାମ ମହାପାତ୍ର, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ସାହିତ୍ୟିକ ଦାଶରଥି ଭୂୟାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଭିନେତା ଶ୍ରୀତମ ଦାଶ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ମହୋତ୍ସବ ଆୟୋଜକ କମିଟିର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସ୍ମରଣିକା କମିଟି ସମ୍ପାଦକ ପ୍ରଦୀପ କୁମାର ରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରସନ୍ନ କୁମାର ପ୍ରଧାନ, ଗଣମାଧ୍ୟମ ସଂଯୋଜକ ରାଜେନ୍ଦ୍ର କୁମାର ସାହୁ, ସ୍ମରଣିକା କମିଟି ସହସମ୍ପାଦକ ଜୟେନ୍ଦ୍ର କୁମାର ବେହେରା ପ୍ରମୁଖଙ୍କ ସମେତ ଆୟୋଜକ କମିଟିର ସଦସ୍ୟ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଧାନ ଧନ୍ୟବାଦ ଦେଇଥିଲେ।





ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମୁଖ୍ୟ ଚିକିତ୍ସାଳୟ ବୁଲିଲେ ଜିଲାପାଳ, ଏସ୍‌ପି

ଖୋର୍ଦ୍ଧା ଅଫିସ,୯।୧୨

**ଆହାର ଖାଇଲେ, ଗୁଣବତ୍ତା ପରଖିଲେ**

- ବନ୍ଦ ହେବ ପାଚେରି ଗଳାବାଟ
- ଉଚ୍ଛେଦ ହେବେ ଉଠାଦୋକାନୀ
- ଦର ତାଲିକା ଲଗାଇବେ ଆମ୍ବୁଲାନ୍ସ ମାଲିକ

ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଏସ୍‌ପି ସିଦ୍ଧାର୍ଥ କଟାରିଆ ଶୁକ୍ରବାର ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଜିଲାପାଳ ଏବଂ ଏସ୍‌ପି ଓପିଡି ଏବଂ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ଅକ୍ସିଜେନ ପ୍ଲାଣ୍ଟ, କୋଭିଡ୍ ପରୀକ୍ଷା କେନ୍ଦ୍ର, ଆହାରକେନ୍ଦ୍ର, ନିର୍ମାଣାଧୀନ ପ୍ରକଳ୍ପ, ପାଚେରୀ, ଘରୋଇ ଆମ୍ବୁଲାନ୍ସ ଏବଂ ଅଟୋ ରହୁଥିବା ସ୍ଥାନ ପ୍ରଭୃତି ପରିଦର୍ଶନ କରିଥିଲେ। ଘରୋଇ ଆମ୍ବୁଲାନ୍ସ ମାଲିକଙ୍କୁ ଦର ତାଲିକା ଲଗାଇବା ପାଇଁ ତାଗିଦା କରିଥିଲେ। ପାଚେରୀ ଚାରିପଟେ ରହିଥିବା ଗଳାବାଟ ବନ୍ଦ କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆହାରକେନ୍ଦ୍ର ବୁଲିବା ସମୟରେ ନିଜେ ଖାଦ୍ୟ ଖାଇ ଗୁଣବତ୍ତା ପରଖିଥିଲେ। ସେଠାରେ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ମେଡିକାଲ ପରିସରରେ ପସରା ମେଲାଇଥିବା ଉଠାଦୋକାନୀଙ୍କୁ ଦେଖି ଜିଲାପାଳ କ୍ଷୁବ୍ଧ ହୋଇଥିଲେ। ହସ୍ପିଟାଲ ପରିସରରେ କୌଣସି ଉଠାଦୋକାନ ନ ରହିବାକୁ ସେ କହିଥିଲେ। ଯଥାଶୀଘ୍ର ସେମାନଙ୍କୁ ଉଚ୍ଛେଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମେଡିକାଲ ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ର, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆଲୋଚନା କରୁଛନ୍ତି।

### ଆଜିଠୁ ଚିଲିକା ସେଲ୍‌ଡକ୍ ଫୋକ୍ କାର୍ନିଭାଲ ମହୋତ୍ସବ





ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବାଲୁଗାଁ,୯।୧୨(ଡି.ଏନ୍.ଏ.)

ବାଲୁଗାଁ ନିକଟ ଚିଲିକା ବଡ଼କୁଳସ୍ଥିତ ଓଡି ଆର୍ଟ ସେଣ୍ଟର ପରିସରରେ ଶନିବାରଠାରୁ ଅଷ୍ଟମ ବାର୍ଷିକ ଚିଲିକା ସେଲଡକ୍ ଫୋକ୍ କାର୍ନିଭାଲ ମହୋତ୍ସବ ଆରମ୍ଭ ହେବ। ଏହି ଉତ୍ସବ ୧୪ ତାରିଖ ତଥା ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁଥିବା ବେଳେ ଦେଶ ବିଦେଶର ବହୁ କଳାକାର ଯୋଗଦେବେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପଦ୍ମଭୂଷଣ ରାଜୀବ ସେଠୀ, ପର୍ଯ୍ୟଟନ ବିଭାଗ ଅଧ୍ୟକ୍ଷା ଲେନିନ ମହାନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଯୋଗଦେବେ। ଲୋକକଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଶୁକ୍ରବାର ଓଡି ଆର୍ଟ ସେଣ୍ଟର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଦକ୍ଷିଣ କୋରିଆର ପାର୍କ ଇଓନ ଓକଙ୍କ ଚିତ୍ରକଳା, ଗିରିଧାରୀ ଗମାଙ୍ଗଙ୍କ ଗ୍ରୁପ୍ ପକ୍ଷରୁ ଆଦିବାସୀ ବାଦ୍ୟ ପରିବେଷଣ, ପଦ୍ମଭୂଷଣ ସୁଦର୍ଶନ ସାହୁଙ୍କ ବାଲୁକାକଳା, ଆମେରିକା କାଲିଫର୍ନିଆ ୟୁନିଭର୍ସିଟି ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେଙ୍କ ନିର୍ମିତ ଚଳଚ୍ଚିତ୍ର 'ଜୁନି' ପ୍ରଦର୍ଶିତ ହେବ। ଏଥିସହ ରାଜସ୍ଥାନୀ ଲୋକନୃତ୍ୟ, ଆଞ୍ଚଳିକ ବିଭିନ୍ନ ମହିଳା ଗ୍ରୁପ୍ ଦ୍ୱାରା ପୁଚିଖେଳ, ଶଙ୍ଖବାଦନ, ସଙ୍ଗୀତ ନୃତ୍ୟ, ମ୍ୟୁଜିକ୍ ଚେୟାର, ହୁଳହୁଳି ଆଦି କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଲୋକକଳା ଓ ସଂସ୍କୃତିକୁ ବିଶ୍ୱଦରବାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଖବରଦାତା ସମ୍ମିଳନୀରେ ଓଡି ଆର୍ଟ ସେଣ୍ଟରର ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାସ, ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ, ଗୋବିନ୍ଦ ଇନ୍ଦରିଆ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ।

# ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଦିଆଯାଉ

ଖୋର୍ଦ୍ଧା ଅଫିସ,୯।୧୨

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ**

- ଏପ୍ରିଲ ୧ ପୂର୍ବରୁ ନ ମିଳିଲେ ରାସ୍ତାକୁ ଓହ୍ଲାଇବେ
- ସମସ୍ତ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ

ଜଟଣୀ ପୌରାଞ୍ଚଳ ଅଧୀନ ରେଲୱେ କଲୋନୀର ୧, ୨, ୧୬,୧୭, ୧୮, ୧୯ ଓ ୨୦ ନମ୍ବର ୱାର୍ଡରେ ଦୀର୍ଘବର୍ଷ ଧରି ଚାଳଛପର ଘର କରି ରହିଆସୁଥିବା ଭୂମିହୀନ ବସ୍ତି ବାସିନ୍ଦା ଯାଗା ମିଶନରେ ସ୍ଥାୟୀ ଜମିପଟ୍ଟା ଦାବି କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜଟଣୀ ନଗର କଂଗ୍ରେସ କମିଟି ସଭାପତି ଅଶୋକ ମଙ୍ଗରାଜ ଏବଂ ଜଟଣୀ ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ବସ୍ତିବାସିନ୍ଦା ଏଥିରେ ସାମିଲ ହୋଇଥିଲେ। ପୌର ପରିଷଦ ଅଧୀନ ଉପରୋକ୍ତ ୱାର୍ଡରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ବସବାସ କରୁଛନ୍ତି। ପୌର ପରିଷଦ ପକ୍ଷରୁ ରାଶନକାର୍ଡ, ସ୍ୱାସ୍ଥ୍ୟକାର୍ଡ ଠାରୁ ବିଭିନ୍ନ ଯୋଜନାରେ ସାମିଲ ହୋଇଥିବାବେଳେ ପିଲାମାନେ ରେଲୱେ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ତେବେ ରେଲୱେ କର୍ତ୍ତୃପକ୍ଷ ବାରମ୍ବାର ବସ୍ତିକୁ ଉଚ୍ଛେଦ ପାଇଁ ପ୍ରୟାସ କରୁଛନ୍ତି। ଏପରିକି ନିକଟରେ କିଛି ଘର ମଧ୍ୟ ଭାଙ୍ଗିଦେଇଥିଲେ। ତେବେ ବାରମ୍ବାର ଉଚ୍ଛେଦ ଯୋଗୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରେଲୱେ ବସ୍ତି ଚାରିପଟେ ପାଚେରୀ ନିର୍ମାଣ କରିଛି। ଫଳରେ ବହୁ ବସ୍ତିବାସିନ୍ଦା ରାସ୍ତାକୁ ଚାଲିଆସିଛନ୍ତି। ଏଣୁ ଯାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ଲାଗି ଦାବି କରିଛନ୍ତି।

ଏନେଇ ବିଧାୟକ ରାଉତରାୟ କହିଛନ୍ତି, ବସ୍ତିବାସିନ୍ଦା ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ତୁରନ୍ତ ଏମାନଙ୍କ କଥା ବିଚାରକୁ ନ ନିଆଗଲେ, ଆଗାମୀ ଦିନରେ ଜଟଣୀ ପୌର କାର୍ଯ୍ୟାଳୟଲକୁ ଅଚଳ କରିଦିଆଯିବ। ଏଥିସହ ବସ୍ତିବାସିନ୍ଦା ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧ ପୂର୍ବରୁ ଏମାନଙ୍କୁ ଜମିପଟ୍ଟା ନ ଦିଆଗଲେ ଜଟଣୀ, ଭୁବନେଶ୍ୱର, ଖୋର୍ଦ୍ଧା ସବୁଠି ଧାରଣା ଦିଆଯିବା ସହ ସବୁ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ।

ମନ୍ମଥ କହିଲେ ଯେ, ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ପରିବାର ସହ ଜୀବନଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ରାଜ୍ୟ ସରକାର ଭୂମିହୀନଙ୍କୁ ଜାଗା ମିଶନରେ ଯାଗା ଯୋଗାଇ ଦେଉଥିବାବେଳେ ଏହି ବସ୍ତିବାସିନ୍ଦା ସେଥିରୁ ବଞ୍ଚିତ। ଏମାନଙ୍କ ନ୍ୟାୟ ପାଇଁ ଆବଶ୍ୟକ ପଡ଼ିଲେ ନବୀନ ନିବାସ ମଧ୍ୟ ଘେରାଉ କରାଯିବ। ରାଜ୍ୟ ସରକାର ବିକାଶ କଥା କହୁଥିବା ବେଳେ ତୃଣମୂଳ ସ୍ତରରେ ରହୁଥିବା ଲୋକଙ୍କ ବିଚାରକୁ ନିଅନ୍ତୁ। ଗରିବ ପରିବାରଙ୍କ ଘର ଭଙ୍ଗାକୁଡ଼ିଆ ଭିତରେ ଶୀତ କାକରରେ ପଡିଛନ୍ତି। କେତେ ବସ୍ତିବାସିନ୍ଦା ନିଜ ପରିବାର ସଦସ୍ୟଙ୍କୁ ହରାଇ ସାରିଲେଣି। ଏମାନଙ୍କୁ ଥଇଥାନ ନ କରାଯିବା ପର୍ଯ୍ୟନ୍ତ ପ୍ରତି ୧୫ ଦିନରେ ଥରେ ଜଟଣୀ ପୌରପରିଷଦ, ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ। ଜମିପଟ୍ଟା ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀଙ୍କୁ ଶୋଇବାକୁ ଦିଆଯିବ ନାହିଁ। ସେହିପରି ଅଶୋକ କହିଲେ, ଏମାନେ ସମସ୍ତେ ଭୋଟର ତଥା ଭାରତୀୟ ନାଗରିକ। ଏମାନଙ୍କର ସାମ୍ବିଧାନିକ ଅଧିକାର ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯାଗା ମାଫିଆମାନେ ଏକର ଏକର ଜାଗା ମାଡ଼ି ବସିଥିବା ବେଳେ ଶାଗ ମାଛ ଦରରେ ସରକାରୀ ଜମି କିଣାବିକା ଚାଲିଛି। ତେବେ ଦୀପ ତଳ ଅନ୍ଧାର ଭଳି ରାଜଧାନୀ ଠାରୁ ମାତ୍ର ୨୦ କିମି ଦୂର ଜଟଣୀ ସହରରେ ଦୀର୍ଘବର୍ଷ ଧରି ବସ୍ତିବାସିନ୍ଦା ସ୍ଥାୟୀ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ବସ୍ତିବାସିନ୍ଦା ରଞ୍ଜନ ଭୋଇ କହିଛନ୍ତି, ଦୀର୍ଘବର୍ଷ ଚାଳଛପର ଘରେ ରହୁଛି। ଏବେ ରେଲୱେ ଘର ଉଚ୍ଛେଦ କରିଦେବାରୁ ଭଙ୍ଗାକୁଡିଆରେ ପରଦା ଟାଣି ପରିବାର ଲୋକେ ଭାଗ୍ୟକୁ ଆଦରି ପଡ଼ିରହୁଛୁ ବୋଲି କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଡ. ସୁନାମଣି ରାଉତ ପାଇବେ ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ

**କଟକ ଅଫିସ, ୯।୧୨:** ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ଚଳିତବର୍ଷର ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ସଂସଦର ସପ୍ତଦଶ ବାର୍ଷିକ ଉତ୍ସବରେ ଡ. ରାଉତଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ଫୁଲ ନରହରି ସ୍ମୃତି ସମ୍ମାନ, ଡ. ପ୍ରବୀଣା ପରିଡ଼ାଙ୍କୁ ଅନାମ ଭୂତି ସ୍ମୃତି ସମ୍ମାନ, ମଞ୍ଜୁ ଦାସଙ୍କୁ ଶଶୀ ଶ୍ରୀଭୁଜ ସ୍ମୃତି ସମ୍ମାନ ଓ କବିତା କାନୁନ୍‌ଗୋଙ୍କୁ ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଡ. ରମାକାନ୍ତ ରାଉତ, ମଧୁସୂଦନ ଦାସ ଓ ଭାବଗ୍ରାହୀ ରାଉତଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ସଂସଦର ସଭାପତି ଡ. ଶରତ କୁମାର ବିଶ୍ୱାଳ ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

### ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୯।୧୨:** କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଡା. ଜୟନ୍ତ ପଣ୍ଡା, କର୍ପୋରେଟର ଅରବିନ୍ଦ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ନର୍ସରୀରୁ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନର ୧୫୦୦ ଛାତ୍ରୀଛାତ୍ର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ମେଗା ଡ୍ରିଲ୍, କଳସୀ, ଚାମର, ବାଉଁଶ, ଝୁମୁରୀ, ଡମ୍ବେଲକୁ ନେଇ ପିଲାଙ୍କ କ୍ରୀଡା ପ୍ରଦର୍ଶନ ଅତି ଚମତ୍କାର ଥିଲା। ଏଥିସହ ଶାରୀରିକ ବ୍ୟାୟାମର ଆବଶ୍ୟକତା ବିଷୟରେ ସଚେତନ କରାଯାଇଥିଲା। ଏହି ଉତ୍ସବରେ ସମ୍ପାଦକ ଗଦାଧର ମିଶ୍ର, ଅଧକ୍ଷା ନୀତା ସରକାର, ସଂଗ୍ରାମ ମିଶ୍ର, ପ୍ରସାଦ ତ୍ରିପାଠୀଙ୍କ ସମେତ ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟ ଶିକ୍ଷାକେନ୍ଦ୍ରର ଶିକ୍ଷକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାତୃଭବନର ପ୍ରତିଷ୍ଠାତା ଉତ୍ସବ ସାମନ୍ତରାୟଙ୍କ ଉଦ୍ୟମରେ ୧୯୭୨ ଡିସେମ୍ବର ୯ରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠିତ ହୋଇଥିଲା। ଏଣୁ ଏବେ ମାତୃଭବନ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି।

### ଆଜିଠୁ ସାତସାହି କଟକ ନୃତ୍ୟୋତ୍ସବ

**କଟକ ଅଫିସ,୯।୧୨:** ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ଓ ଜିଲା ପ୍ରଶାସନ ସହଯୋଗରେ କଟକ ଉପର ବାଲିଯାତ୍ରା ପଡିଆରେ ଶନିବାରଠାରୁ ସାତସାହି କଟକ ନୃତ୍ୟୋତ୍ସବ ଆରମ୍ଭ ହେବ। ୯ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୬୫ରୁ ଊର୍ଦ୍ଧ୍ୱ ବିଭିନ୍ନ ସାଂସ୍କୃତିକ ଦଳର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ପ୍ରତିବର୍ଷ ପରି ଏଥର ମଧ ଥାଲାସେମିଆ, କ୍ୟାନ୍‌ସର୍, ମଧୁମେହ ପୀଡ଼ିତ ଶିଶୁ ଓ ଭିନ୍ନକ୍ଷମ, ଅନୁଷ୍ଠାନକୁ ଦୁଇଲକ୍ଷ ଟଙ୍କା କମିଟି ପକ୍ଷରୁ ପ୍ରଦାନ କରାଯିବ। ସେହିଭଳି ଉପର ବାଲିଯାତ୍ରା ପଡ଼ିଆରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ବିଭିନ୍ନ ସାମଗ୍ରୀ ବିକ୍ରି ହେବ। ଏହି ମେଳାରେ ମୀନାବଜାର, ପିଲାଙ୍କ ପାଇଁ ଖେଳଉପକରଣ, ଖଦି ବସ୍ତ୍ର, ଘରକରଣା ସାମଗ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳିବ।

### ଚୌଦ୍ୱାର ସ୍ପୋର୍ଟ୍ସ କାଉନ୍‌ସିଲ କାର୍ଯ୍ୟାଳୟ ଉଦ୍‌ଘାଟିତ

**ମଙ୍ଗୁଳି/ଜଗତପୁର,୯।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ଓଟିଏମ ପଡିଆସ୍ଥିତ ଚୌଦ୍ୱାର ସ୍ପୋର୍ଟ୍ସ କାଉନ୍‌ସିଲ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଚୌଦ୍ୱାର ସ୍ପୋର୍ଟ୍ସ କାଉନସିଲ୍‌ର ସଭାପତି ଦେବାଶିଷ ସାମଲ, ହିନ୍ଦ ସେବକ ସଂଘର ପ୍ରତିଷ୍ଠାତା ଗୌରଗୋପାଳ ମହାନ୍ତି, ଚୌଦ୍ୱାର ୟୁଥ୍ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ ସାହୁ, ଦେବାଶିଷ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ୟୁଥ ଆସୋସିଏଶନର ପ୍ରଶାନ୍ତ କୁମାର ସାହୁ, ପ୍ରଣେୟ ନନ୍ଦ ସ୍ୱାଇଁ, ସନ୍ଦୀପ କୁମାର ମଲ୍ଲ, ସଞ୍ଜୟ ରାଉତ, ଚିନ୍ତାମଣି ସାହୁ ଉପସ୍ଥିତ ଥିଲେ।

# ମଶାଙ୍କୁ ସୁହାଉଛି ସିଏମ୍‌ସି ପାର୍କ

## ସୃଷ୍ଟି କରୁଛି ଜଙ୍ଗଲ ଭ୍ରମ

**କଟକ ଅଫିସ,୯।୧୨**


ଶକ୍ତିନଗର ପାର୍କ ପରିସରରେ ଉଠିଥିବା ଅନାବନା ଗଛ।

ପାଚେରୀ ବେଢ଼ା ହୋଇଛି, ପିଲାଙ୍କ ଖେଳ ଉପକରଣ ମଧ ଲାଗିଛି, ହେଲେ ଯୁଆଡ଼େ ଚାହିଁଲେ ସିଆଡ଼େ ଖାଲି ବୁଦା ଓ ଘାସ। କେଉଁଠି ଘାସ ଭର୍ତ୍ତି ତ ଆଉ କେଉଁଠି ଭାଙ୍ଗିରୁଜି ଗଲାଣି ସରଞ୍ଜାମ। ପାର୍କ ସିନା ତିଆରି ହେଲା ହେଲେ ରକ୍ଷଣାବେକ୍ଷଣ ଦାୟିତ୍ୱ କିଏ ନେବ ତାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ପାର୍କ ଉଦ୍‌ଘାଟନ କରାଯାଇ ମଧ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଜଙ୍ଗଲରେ ପରିଣତ ହୋଇଥିବା ପାର୍କଗୁଡିକ ମଶାଙ୍କୁ ସୁହାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଶଙ୍କରପୁର, ଶକ୍ତିନଗର, ଚହଟା, ସିଡିଏ, ଖାନନଗର ଆଦି ସ୍ଥାନରେ ସିଏମ୍‌ସି ପକ୍ଷରୁ ଛୋଟବଡ଼କରି ଅନେକ ପାର୍କ ନିର୍ମାଣ କରାଯାଇଛି। ହେଲେ ସେଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଶଙ୍କରପୁର, ଶକ୍ତି ନଗରରେ ନିର୍ମାଣ ହୋଇଥିବା ପାର୍କରେ କୌଣସି ଫଳକ ନ ଥିବା ବେଳେ ଖାନନଗର ହନୁମାନ ମନ୍ଦିର ଗଡ଼ାରେ ଥିବା ପାର୍କ ଉଦ୍‌ଘାଟନ ପରେ ମଧ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସେହିପରି ଚହଟା ସ୍ଥିତ ପାର୍କର ସ୍ଥିତି ବେହାଲ। ଛୋଟ ଜଙ୍ଗଲରେ ପରିଣତ ହୋଇଛି ପୂରା ପାର୍କ। ପିଲାଙ୍କ ଖେଳିବା ସ୍ଥାନ ହେଉ ବା ଲୋକଙ୍କ ବସିବା ସ୍ଥାନ, ସବୁଠି ଅନାବନା ଗଛରେ ଭର୍ତ୍ତି। ବର୍ତ୍ତମାନ ସହରରେ ମଶାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ତେବେ ଏଭଳି ସ୍ଥଳରେ ସିଏମ୍‌ସି ପକ୍ଷରୁ ମଶା ଧୂଆଁ ସହ ବୁସ୍ କଟିଂ କରାଯାଉଥିବା କାର୍ଯ୍ୟ ଜାରି ରହିଛି ବୋଲି ଦାବି କରାଯାଉଛି। ହେଲେ ଏହାର ବାସ୍ତବ ସ୍ଥିତି କିଛି ଭିନ୍ନ ରହିଛି। ମଶାଙ୍କ ଉତ୍ପତ୍ତିରେ ଜଙ୍ଗଲରେ ପରିଣତ ହୋଇଥିବା ପାର୍କଗୁଡିକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପାର୍କଗୁଡିକର ଏଭଳି ପରିବେଶ ମଶାଙ୍କୁ ବେଶ୍ ସୁହାଉଛି। ଏନେଇ ୩୪ ୱାର୍ଡ କର୍ପୋରେଟର ଦୀପକ ଦାସ କହିଛନ୍ତି, ବର୍ତ୍ତମାନ ସହରରେ ମଶାଙ୍କ ସ୍ଥିତି ଯାହା ଏହାର କୌଣସି ଉପଚାର ନାହିଁ। ଏନେଇ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ସିଏମ୍‌ସିର ସବୁ ପାର୍କ ସ୍ଥିତି ଠିକ୍ ଅଛି। ବନ୍ଦ ପଡ଼ିଥିବା ପାର୍କଗୁଡ଼ିକୁ ଯନ୍ତ୍ରୀ ବିଭାଗ ପକ୍ଷରୁ ଆମକୁ ହସ୍ତାନ୍ତର କରାଯାଇନାହିଁ। ସେଥିପାଇଁ ତାହାର ଅବସ୍ଥା ଏଭଳି। ଯନ୍ତ୍ରୀ ବିଭାଗ ପକ୍ଷରୁ ତାହାକୁ ହସ୍ତାନ୍ତର କରାଯିବା ପରେ ହିଁ ଆମେ କିଛି କରିପାରିବୁ ବୋଲି ସେ କହିଛନ୍ତି।


କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର ଖେଳପଡିଆରେ ଶୁକ୍ରବାର ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରମାନେ ଶାରୀରିକ କ୍ରୀଡା ପ୍ରଦର୍ଶନ କରୁଛନ୍ତି।

# ସମିତି ସଭ୍ୟାଙ୍କ ନାମ ସୁପାରିସରେ ମନ୍ଥରତା

## ବ୍ଲକ ଅଧକ୍ଷା ନିର୍ବାଚନ ପ୍ରସଙ୍ଗ

**କଟକ ସଦର, ୯।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧକ୍ଷା ପଦବୀ ପ୍ରାୟ ୮ ମାସ ହେବ ଖାଲିପଡ଼ିଛି। ୨ ଥର ଉକ୍ତ ପଦବୀର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଥିଲେ ମଧ ନିର୍ଦ୍ଧାରିତ ଦିନ ଜୁଲାଇ ୬ ଓ ୨୭ ତାରିଖରେ ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ କୌଣସି ସମିତି ସଭ୍ୟାସଭ୍ୟ ଗୃହରେ ଉପସ୍ଥିତ ହୋଇ ନ ଥିଲେ। ଏବେ ପଦବୀଟି ମନୋନୟନ ଭିତ୍ତିରେ ପୂରଣ କରିଯିବ। ଏହି ଦାୟିତ୍ୱ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର। ମାତ୍ର ଏପର୍ଯ୍ୟନ୍ତ କଟକ ଜିଲା ପଞ୍ଚାୟତ କାର୍ଯ୍ୟାଳୟ ସମିତି ସଭ୍ୟାଙ୍କ ନାମ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସରକାରଙ୍କ ପାଖକୁ ପଠାଇନାହିଁ। ଫଳରେ ମନୋନୟନ ପ୍ରକ୍ରିୟାରେ ବିଳମ୍ବ ଘଟୁଛି। ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୪୫(ଗ) ମୁତାବକ ଅଧକ୍ଷା ମନୋନୟନ କରାଯିବ। ଏହି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଉକ୍ତ ପଞ୍ଚାୟତ ସମିତିର ୧୧ ଜଣ ସଭ୍ୟାଙ୍କ ନାମ ସରକାରଙ୍କ ପାଖକୁ ପଠାଯିବ। ଜଣେ ସଭ୍ୟା ଉପାଧକ୍ଷା ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମହାଳି କହିଛନ୍ତି, ବାଲିଯାତ୍ରା ପାଇଁ ଜିଲା ପ୍ରଶାସନ ବ୍ୟସ୍ତ ଥିବାରୁ ନାମ ପଠାଯାଇପାରି ନ ଥିଲା। ଖୁବ୍‌ଶୀଘ୍ର ଜିଲା ପଞ୍ଚାୟତ କାର୍ଯ୍ୟାଳୟ ସଭ୍ୟାଙ୍କ ନାମ ପଠାଇବ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୦ରେ ନିର୍ବାଚିତ ଅଧକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ମୃତ୍ୟୁ ଯୋଗୁ ଉକ୍ତ ପଦବୀ ଖାଲି ପଡିଛି।

# ଆବର୍ଜନା କୁଣ୍ଡ ନିର୍ମାଣକୁ ନେଇ ଅସନ୍ତୋଷ

**କଟକ ସଦର, ୯।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପାଚେରିକୁ ଲାଗି ୩୦ ହଜାର ଟଙ୍କା ବ୍ୟୟରେ ଏକ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରତିଦିନ ଲୋକ ଆସିଥାନ୍ତି। ଯଦି ସେଠାରେ ଆବର୍ଜନା ଜମା କରାଯାଏ, ତା'ହେଲେ ଦୁର୍ଗନ୍ଧ ବାହାରିବା ସହ ପରିବେଶ ଦୂଷିତ ହେବ। ସହର ଭଳି ଗ୍ରାମାଞ୍ଚଳରେ ସବୁଦିନେ ସଫେଇ କର୍ମଚାରୀ ଆସି ନ ଥାଆନ୍ତି। ଏ ନେଇ ବ୍ଲକରେ ଅଭିଯୋଗ ହୋଇଛି। ଯେହେତୁ କାମଟି ବିଭାଗୀୟ ତତ୍ତ୍ୱାବଧାନରେ ହୋଇଛି, ତେଣୁ ସ୍ଥାନୀୟ ବାସିନ୍ଦାଙ୍କୁ ପଚାରି ପଞ୍ଚାୟତ କାର୍ଯ୍ୟାଳୟଠାରୁ ଦୂରରେ କରିଥିଲେ ଭଲ ହୋଇଥାନ୍ତା ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ପ୍ରଜ୍ଞା ପାରମିତା ରାୟଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ସହ ଏନେଇ ଆଲୋଚନା କରିବେ ବୋଲି କହିଥିଲେ।

# ଲୋକଙ୍କ ଆର୍ଥିକ ବିକାଶରେ ସହାୟକ ହେବ ଶିଳ୍ପପୁଞ୍ଜି

## ଇଞ୍ଜିନିୟରିଂ କ୍ଲଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୯।୧୨(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ଇନ୍ଦ୍ରାଣୀପାଟଣାଠାରେ ଭାରତର ସର୍ବ ବୃହତ ଇଞ୍ଜିନିୟରିଂ ଶିଳ୍ପପୁଞ୍ଜର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପ ବିଭାଗ(ଏମ୍ଏସ୍ଏମ୍ଇ) ସଚିବ ବି. ବି. ସ୍ୱାଇଁ ଯୋଗଦେଇ କହିଥିଲେ, ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ତଥା ବେକାରୀ ସମସ୍ୟା ଦୂର ହେବାରେ ଏହି ଶିଳ୍ପପୁଞ୍ଜି ସହାୟକ ହେବ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ ଯୋଗ ଦେଇଥିଲେ। ୩୧.୩ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୧୮କୋଟି ଟଙ୍କା, ରାଜ୍ୟ ସରକାର ୭.୧୯ କୋଟି ଟଙ୍କା ସହଯୋଗ କରୁଥିବାବେଳେ ବାକି ୫.୩୧କୋଟି ଟଙ୍କା ଓସ୍‌ମେ କ୍ଲଷ୍ଟର ପକ୍ଷରୁ ବିନିଯୋଗ କରାଯିବ। ଏହି ଶିଳ୍ପପୁଞ୍ଜି ଦ୍ୱାରା ଓଡ଼ିଶାର ୪୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଶିଳ୍ପ ସୁବିଧା ସୁଯୋଗ ପାଇବେ। ଏହିଠାରେ ପ୍ରତିରକ୍ଷା ବାହିନୀ, ଆଭିଏଶନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ବିଭିନ୍ନ ପ୍ରକାର ନୂତନ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ହେବ। ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫଓ ପବନ କୁମାର ଗୁପ୍ତା, ଓସ୍‌ମେର ଅଧକ୍ଷ ଗୌରୀ ଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଉପସ୍ଥିତ ରହି ପ୍ରକଳ୍ପର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ଓସ୍‌ମେର ଅର୍ଥ ସଚିବ ଆଦିକନ୍ଦ ରାଉତ ସଭା ପରିଚାଳନା ଓ ପ୍ରକଳ୍ପ ଅଧକ୍ଷ ଜୟପ୍ରକାଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ରାଜ୍ୟର ଶିଳ୍ପୋଦ୍ୟୋଗୀମାନେ ଯୋଗ ଦେଇଥିଲେ।



ଇନ୍ଦ୍ରାଣୀପାଟଣାଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# 'ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ କାନ୍ତକବି'

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ

**କଟକ ଅଫିସ, ୯।୧୨**

ଇଚ୍ଛା-ତୀର୍ଥ ସ୍ମୃତି ସଂସଦ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ସିଡିଏ ସେକ୍ଟର-୯ସ୍ଥିତ ଅନୁଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ଟ୍ରଷ୍ଟି ଉତ୍କଳ ଭୂଷଣ ରାଉତରାୟ ଅଧକ୍ଷତା କରି କହିଥିଲେ, କାନ୍ତକବି ଲକ୍ଷ୍ମୀକାନ୍ତ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଥିଲେ ଜଣେ ଧୁରୀଣ ବିନ୍ଧାଣି। ତାଙ୍କ ରଚିତ ଦେଶାତ୍ମବୋଧକ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ୨୦୨୦ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ଦେଶାତ୍ମବୋଧ ସଙ୍ଗୀତ ରୂପେ ସ୍ୱୀକୃତି ପାଇଥିଲା। ମୁଖ୍ୟ ଅତିଥି ଭାବେ ତ୍ରିରଙ୍ଗା ସାଲ୍ୟୁଟ୍‌ର ରାଜ୍ୟ ଅଧକ୍ଷ ଶୈଳେଶ କୁମାର ବର୍ମା ଯୋଗଦେଇ କହିଥିଲେ, ଲକ୍ଷ୍ମୀକାନ୍ତଙ୍କ ସର୍ବଶ୍ରେଷ୍ଠ ଅବଦାନ ଏ ଜାତି ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସମ୍ମାନିତ ଅତିଥି ଭାବେ ସିଡିଏ ସେକ୍ଟର-୯ର ବରିଷ୍ଠ ନାଗରିକ ସଂସ୍ଥାନର ଉପାଧକ୍ଷ ବିରୁପାକ୍ଷ ଶତପଥୀ ଓ ସାମାଜିକ କର୍ମୀ ସୁକାନ୍ତ କୁମାର ସ୍ୱାଇଁ ଯୋଗଦେଇ କାନ୍ତକବିଙ୍କ ସ୍ମୃତିଚାରଣ କରିଥିଲେ। ସଂସଦର ଅନ୍ୟତମ ଟ୍ରଷ୍ଟି ସବିତା ରାଉତରାୟ, ଅଧାପିକା ମୌସୁମୀ ନାୟକ, ଉମିତ୍‌ଭାନୁ ରାଉତରାୟ, ବିଜୟ ପାତ୍ର ଓ କ୍ଷିତୀଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଠକେଇ, ଅଭିଯୁକ୍ତ ଗିରଫ

**କଟକ ସଦର, ୯।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଫକୀରପଡାଠାରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଚଞ୍ଚକତା କରି ୩୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଦିଗୋଡା ଅଞ୍ଚଳର ତପନ ସ୍ୱାଇଁ (୨୪)। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା (ନଂ.୨୨୫/୨୨) ରୁଜୁ ହୋଇଥିଲା।

## ଦିନକ ପରେ ହୀରକ ଜୟନ୍ତୀ

# ଚଳଚଞ୍ଚଳ ରେଭେନ୍‌ଶା ନୂତନ ଛାତ୍ରାବାସ




**କଟକ ଅଫିସ,୯।୧୨**

ସବୁବେଳେ କିଛି ନୂଆ କରି ଦେଖାଇବାର ପ୍ରେରଣା ଯୋଗାଇ ଆସିଛି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରାବାସ। ଅନ୍ତେବାସୀମାନଙ୍କ ଦୀର୍ଘ ଅଭିଜ୍ଞତାକୁ ସାଥିରେ ନେଇ ଆଗେଇ ଚାଲିଥିବା ଛାତ୍ରାବାସର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ସମାରୋହ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଛାତ୍ରାବାସର ଅନ୍ତେବାସୀଙ୍କ ଗହଣରେ ପୂର୍ବତନ ଛାତ୍ରମାନେ ଯୋଗଦେବେ। ଫଳରେ ମିଳନ ପର୍ବର ଅବସର ସୃଷ୍ଟି ହେବ। ଏଥିପାଇଁ ଛାତ୍ରାବାସ ପରିସର ଚଳଚଞ୍ଚଳ ହୋଇଉଠିଛି। ୧୯୬୧ରେ ପ୍ରତିଷ୍ଠିତ ହୋଇଥିବା ଏହି ଛାତ୍ରାବାସରେ ଅନେକ ବିଦ୍ୟାର୍ଥୀ ଅଧ୍ୟନ କରି ଏବେ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଏହାଦ୍ୱାରା ନୂତନ ଛାତ୍ରାବାସର ଗୌରବ ବୃଦ୍ଧି ପାଇଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ନୂତନ ଛାତ୍ରାବାସ ତିନି ମହଲା ବିଶିଷ୍ଟ। ସମ୍ମୁଖରେ ସବୁଜ ଘାସ ଗାଲିଚାର ବଗିଚା ଛାତ୍ରାବାସର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଏଥିରେ ଏବେ ପ୍ରାୟ ୨୬୦ ଜଣ ଅନ୍ତେବାସୀ ରହୁଛନ୍ତି। ହୀରକ ଜୟନ୍ତୀରେ ଛାତ୍ରାବାସର ବାର୍ଷିକ ମୁଖପତ୍ର ପୂରବୀ ଆକର୍ଷଣୀୟ ଢଙ୍ଗରେ ପ୍ରକାଶ ପାଇବ। ଅନ୍ତେବାସୀଙ୍କ ସ୍ମୃତି ଅନୁଭୂତିକୁ ନେଇ ପ୍ରକାଶିତ ହେବ ଅନ୍ୟ ଏକ ପତ୍ରିକା ହୀରକ ଦୀପ୍ତି। ସମାରୋହର ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ଓ ସମ୍ମାନିତ ଅତିଥି ଭାବେ ହକି ତାରକା ଦିଲ୍ଲୀପ ତିର୍କୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାରୋହରେ ଯୋଗଦେବା ପାଇଁ ପୁରାତନ ଅନ୍ତେବାସୀଙ୍କୁ ଆମନ୍ତ୍ରଣ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ମହାପାତ୍ର, ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ତଥା ଅବସର ନେଇଥିବା ବ୍ୟକ୍ତିମାନେ ଦିନେ ଏଇ ଛାତ୍ରାବାସରୁ ନିଜ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖି ସାକାର କରିଛନ୍ତି। ସେହିମାନେ ହିଁ ଅନ୍ତେବାସୀଙ୍କ ଆଦର୍ଶ।



" ଏହି ଛାତ୍ରାବାସର ହୀରକ ଜୟନ୍ତୀରେ ଏହାର ପ୍ରାଚୀନ ଦୀପ୍ତିକୁ ଫେରାଇ ଆଣିବାକୁ ପୂର୍ବତନ ଅନ୍ତେବାସୀଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲୁଅଛି, ଯାହା ବର୍ତ୍ତମାନ ତଥା ଭବିଷ୍ୟତର ଛାତ୍ରମାନଙ୍କୁ ଗୋଟେ ଭଲ ଭିତ୍ତିଭୂମି ଯୋଗାଇବ। ନୂତନ ଛାତ୍ରାବାସର ମୁଖପାତ୍ର ପୂରବୀର ଶୁଭ ଉନ୍ମୋଚନ ସାହିତ୍ୟରେ ଏକ ନବ ଦିଗନ୍ତ ଆଣିବ। ଏହି ଛାତ୍ରାବାସର ଅନ୍ତେବାସୀ ହୋଇ ମୁଁ ଗର୍ବିତ।

**-ପରମାନନ୍ଦ ବେହେରା, ସମ୍ପାଦକ, ପୂରବୀ**



" ରେଭେନ୍‌ଶା ନୂତନ ଛାତ୍ରାବାସର ହୀରକ ଜୟନ୍ତୀ ଏକ ବହୁ ପ୍ରତୀକ୍ଷିତ ଉତ୍ସବ। ହୀରକ ଜୟନ୍ତୀ ସ୍ମରଣିକା- ହୀରକ ଦୀପ୍ତିର ସମ୍ପାଦକ ହିସାବରେ ଶତାଧିକ ସଫଳ ପ୍ରାକ୍ତନ ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିବାର ସୁଯୋଗ ପାଇଛି। ଛାତ୍ରାବାସରେ ଏତେ ସୁନ୍ଦର ଶୈକ୍ଷିକ ପରିବେଶ ଥିଲା ଯେ ଅନ୍ତେବାସୀମାନେ କଲେଜ ସମୟରୁ ଅଧାପକ, ବୈଜ୍ଞାନିକ, ପ୍ରଶାସକ ଆଦି ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସଫଳତାକୁ ଆସ୍ୱାଦନ କରିଛନ୍ତି। ନୂତନ ପିଢ଼ି ସେହି ପୁରୁଣା ପରମ୍ପରାକୁ ଫେରେଇ ଆଣିବାକୁ ନିଶ୍ଚୟ ଅନୁପ୍ରେରିତ ହେବେ।

**-ସମରେନ୍ଦ୍ର ଭୂତିଆ, ଉପନିର୍ଦ୍ଦେଶକ, ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଏସ୍‌ସି-ଏସ୍‌ଟି ବିଭାଗ**



" ନ୍ୟୁ ଛାତ୍ରାବାସରୁ ହିଁ ୨୦୦୦ ଡିସେମ୍ବର ୨୧ରେ ରେଭେନ୍‌ସା ସାହିତ୍ୟ ସଂସଦ ଜନ୍ମଲାଭ କରିଥିଲା। ଏହାକୁ ରେଭେନ୍‌ଶା ଇତିହାସରେ ସାହିତ୍ୟ ଓ ସଂସ୍କୃତିର ସର୍ବବୃହତ କ୍ରାନ୍ତି ବୋଲି କୁହାଯାଇପାରେ। ଏହାପରେ ହେରିଟେଜ୍ ହଲ (ପୁରୁଣା ବିଧାନସଭା)ରେ ସଂସଦର ମୁଖପତ୍ର ଭାବେ ଯୁବନାଦ ଓ ପ୍ରାଚୀର ପତ୍ରିକା ଉତ୍ସର୍ଗର ଉନ୍ମୋଚନ ଯେପରି ଏକ ଐତିହାସିକ ବିଜୟ ଥିଲା।

**-ଅରବିନ୍ଦ ଦାସ, ସମ୍ପାଦକ, ହୀରକ ଜୟନ୍ତୀ ସ୍ମରଣିକା**



" ବର୍ତ୍ତମାନର ଅନ୍ତେବାସୀମାନେ ଖାଲି ପାଠ ନୁହେଁ, ସବୁକ୍ଷେତ୍ରରେ ଯେପରି ସଫଳତା ପାଇପାରିବେ ସେନେଇ ନୂତନ ଛାତ୍ରାବାସ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉଦ୍ୟମ କରାଯାଉଛି। ଡିଜିଟାଲ ପାଠାଗାର, ଛାତ୍ରାବାସରେ ସୋଲାର ପ୍ୟାନେଲ ଲଗାଇବା ଓ ନଷ୍ଟ ଖାଦ୍ୟକୁ ପ୍ରକ୍ରିୟାକରଣ ମାଧମରେ ଉପଯୋଗ କରାଯିବାକୁ ଯୋଜନା ରହିଛି।

**-ଜ୍ଞାନରଞ୍ଜନ ପଣ୍ଡା, ସମ୍ପାଦକ, ଛାତ୍ରାବାସ ପୁରାତନ ଛାତ୍ର ସଂସଦ**

# ବାଲି ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ମୃତ

**କଟକ ସଦର, ୯।୧୨(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ସୋମପୁର ଛକରେ ଶୁକ୍ରବାର ଏକ ବାଲି ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉତ୍ତରକୂଳ ଅଞ୍ଚଳର ଅୟସକାନ୍ତ ମହାପାତ୍ର(୨୨)। କିଶନ ନଗର ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅୟସକାନ୍ତ ଏକ ବାଇକ୍ (ନଂ.ଓଆର୍୦୨ବିଡି-୦୪୪୫)ରେ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ କିଶୋର ନଗର ଘାଟରୁ ବାଲି ନେଇ କଟକ ଆଡେ ଯାଉଥିବା ଟ୍ରକ୍ (ନଂ.ଓଡ଼ି-୨୧ପି-୨୪୪୭)ଟି ବାଇକ ଉପରେ ପଛରୁ ଚଢି ଯାଇଥିଲା। ଚାଳକ କାନରେ ଇୟର ଫୋନ୍ ଦେଇ କଥା ହେଉଥିବାବେଳେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଚାଳକ ଜଣଙ୍କ ନିକଟସ୍ଥ ପୋଲିସ ସହାୟତା କେନ୍ଦ୍ରରେ ପଶି ଯାଇଥିଲେ।

## ସଂକ୍ଷେପରେ

### ୨ ମୃତ ପକ୍ଷୀ ଜବତ, ଶିକାରୀ ଗିରଫ



ବ୍ରହ୍ମଗିରି,୯।୧୨(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ରେଞ୍ଜ ଅଧୀନ ସାହାଣିକେରା ଗ୍ରାମ ନିକଟରୁ ଶୁକ୍ରବାର ବନ ବିଭାଗ ଦୁଇ ମୃତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଅଜୟ ଭୋଇ। ସୂଚନା ମୁତାବକ, ବ୍ରହ୍ମଗିରି ରେଞ୍ଜ ଅଧୀନରେ ପକ୍ଷୀ ଶିକାର ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ବନବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିଲା। ସାହାଣକେରା ଗ୍ରାମ ନିକଟ ବିଲରେ ଅଜୟ ପକ୍ଷୀ ଶିକାର କରୁଥିବା ଦେଖି ବନବିଭାଗ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ଦୁଇଟି ମୃତ ପକ୍ଷୀ ଜବତ ହୋଇଥିଲା। ୱାଇଲଡଲାଇଫ ମାମଲା ନଂ.୧ ବିଆର୨୨-୨୩ରେ ଏକ ମାମଲା ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦାସିଆ ପୀଠ ପରିସର ସଫେଇ

ପିପିଲି,୯।୧୨(ଡି.ଏନ୍.ଏ.): ଜିଲାପାଳ ସମର୍ଥ ବର୍ମା ପର୍ଯ୍ୟଟନସ୍ଥଳୀଗୁଡିକ ସଫେଇ କରିବା ପାଇଁ ଗ୍ରାମ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପିପିଲି ବ୍ଲକ ଅର୍ନ୍ତଗତ ତେଇଶପୁର ପଞ୍ଚାୟତ ବାଲିଗାଁସ୍ଥିତ ଭକ୍ତ ଶିରୋମଣି ଦାସିଆ ପୀଠ ଓ ମନ୍ଦିର ପରିସର ସଫେଇ କରାଯାଇଛି। ଏଥିରେ ତେଇସିପୁର ସରପଞ୍ଚ ରଶ୍ମିତା ସେନାପତି, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବାଲିଗାଁ ୱାର୍ଡସଭ୍ୟାଙ୍କ ପ୍ରତିନିଧି ଛବିନ୍ଦ୍ର ବେହେରା, ଗ୍ରାମ୍ୟ ପରିମଳ ବିଭାଗ ବ୍ଲକ ସଂଯୋଜକ ରଣଜିତ କୁମାର କର, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳନ୍ଦୀ ଭୋଇ ଓ ମିଶନ ଶକ୍ତି ମହିଳାମାନେ ଯୋଗଦେଇ ସଫେଇ କରିଥିଲେ।

### ବିଶ୍ୱଶାନ୍ତି ଗୀତାଯଜ୍ଞ ମୁଖପତ୍ର ଉନ୍ମୋଚିତ

ବଲଙ୍ଗା,୯।୧୨(ଡି.ଏନ୍.ଏ.): ବଲଙ୍ଗା ଥାନା ଅଲାରପୁର ଗ୍ରାମର ପରମେଶ୍ୱର ଦାମ ସେବା ସଂସ୍ଥାନ ପୃଷ୍ଠପୋଷକତାରେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାମଣ୍ଡଳେଶ୍ୱର ମହନ୍ତ ଗୋବିନ୍ଦ ଦାସ ମହାରାଜଙ୍କ ସମ୍ପାଦନାରେ ସଂସ୍ଥାନର ମୁଖପତ୍ର ଅଲାରବାଣୀ, ଅତିଥି ବିଶିଷ୍ଟ ସାହିତ୍ୟିକା କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ, ସୁଶାନ୍ତ ଗୁମାନ ସିଂ, ବିଜୟ ନାୟକ, ସୁରେନ୍ଦ୍ର ନାଥ ସାହୁ, ଭଗବାନ ପୃଷ୍ଟିଙ୍କ ଦ୍ୱାରା ଉନ୍ମୋଚିତ ହୋଇପାରିଛି। ପ୍ରତ୍ୟହ ସୂର୍ଯ୍ୟ, ଶୀନା ବାସୁଦେବଙ୍କୁ ଷୋଡ଼ଶ ଉପଚାର ପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଘୃତଯଜ୍ଞ, ବ୍ରାହ୍ମଣ ବାଲ୍ୟ ଭୋଜନ, ଓଡ଼ିଶୀ କୀର୍ତ୍ତନ, ପାଲା, ପୂର୍ଣ୍ଣାହୁତି ପୂର୍ବକ ଯଜ୍ଞ ସମାପନ ହୋଇଥିଲା। ସାଧୁସନ୍ଥ, ମଠାଧୀଶ, ବୁଦ୍ଧିଜୀବୀ ପ୍ରମୁଖ ଏହି ଧାର୍ମିକ ଉତ୍ସବରେ ଯୋଗ ଦେଇଥିଲେ।

### ହୋଟେଲ ମାଲିକଙ୍କୁ ବଟି ମାଗି ଓ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରି ୨ ଗିରଫ

ପୁରୀ ଅଫିସ, ୯।୧୨: ଏକ ହୋଟେଲରେ ପଶି କର୍ମଚାରୀଙ୍କୁ ଗାଳିଗୁଲଜ କରି ବଟି ମାଗିବା ସହ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅନ୍ତର୍ଗତ ହରିଚଣ୍ଡୀ ସାହି ସୁରଙ୍ଗୀ ମଠ ଲେନ୍‌ର ପ୍ରଦୀପ କୁମାର ବେହେରା ଓରଫ ପଦିଆ (୨୦) । ପୋଲିସ ଏନେଇ ଏକ କେସ୍ (ନଂ. ୩୯୫/୨୨) ରୁଜୁ କରିଛି। ଗତ ୭ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଅଭିଯୁକ୍ତ ପ୍ରଦୀପ ଲୋକନାଥ ରୋଡସ୍ଥିତ ବାରବାଟୀ ଜାଗା ନିକଟରେ ଥିବା ଏକ ହୋଟେଲକୁ ଯାଇ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିବା ସହ ମାଲିକଙ୍କୁ ବଟି ଦେବା ପାଇଁ ଦାବି କରିଥିଲା। ଏନେଇ ହୋଟେଲ ମାଲିକ ୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେହିପରି ଜଣେ ଦୋକାନୀଙ୍କ ଠାରୁ ବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଧବଳେଶ୍ୱର ନଗରର ଭାସ୍କର ବେହେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ନିକଟରୁ ଏକ ହଜାର ଟଙ୍କା ଓ ଗୋଟିଏ ଛୁରୀ ଜବତ କରିଛି। ଏ ନେଇ ପୋଲିସ ଏକ କେସ (ନଂ ୧୬୮/୨୨) ରୁଜୁ କରିଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ

## ଶିଶୁଙ୍କୁ ଭାଷା, ସଂସ୍କୃତିକୁ ଭଲ ପାଇବା ଶିଖାଅ

ପୁରୀ ଅଫିସ, ୯।୧୨



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଶିଶୁ ମନରେ ଓଡ଼ିଶାର ଭାଷା ଓ ସଂସ୍କୃତିକୁ ଭଲ ପାଇବାର ଶିକ୍ଷା ଏବେଠାରୁ ଉଜ୍ଜୀବିତ କରାଇଲେ ଆମ ରାଜ୍ୟ ଭାଷା, ସାହିତ୍ୟ ଏବଂ ସଂସ୍କୃତିରେ ସମୃଦ୍ଧ ହେବ ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଶିଶୁ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉନବିଂଶତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବକୁ ଉଦଘାଟନ କରି ମନ୍ତ୍ରୀ ପାତ୍ର ଏହା କହଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ସଦାଶିବ ମିଶ୍ର ଅଧକ୍ଷତା କରିଥିଲେ। ଉତ୍ସବ କମିଟି ଅଧକ୍ଷ ଶୁଭାଶିଷ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଏହି ଉତ୍ସବ ଓଡ଼ିଶାର ସଙ୍ଗୀତ, ବାଦ୍ୟ ଓ ନୃତ୍ୟକୁ ବିକଶିତ କରିବ ବୋଲି କହିଥିଲେ। ସମ୍ପାଦକ ଶଙ୍ଖମିତ୍ର ସିଂହାରୀ, ଆବାହକ ପ୍ରଶାନ୍ତ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଅଧକ୍ଷ ଚକ୍ରଧର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତିନିଶହ କୁନିକୁନି ଶିଳ୍ପୀମାନେ ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ପରିବେଷଣ କରିଥିଲେ। ଅତିଥିମାନେ ଅନୁଷ୍ଠାନର ସ୍ମରଣିକା ଶିଶୁ ପ୍ରତିଭା ଉନ୍ମୋଚନ କରିବା ସହ କୁନି କୁନି ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ ବଦ୍ରି ମିଶ୍ର, ସୁଧାଂଶୁ ଭୂଷଣ ରଥ, ଭୁବନମୋହନ ପୂଜାପଣ୍ଡା, ସୁକାନ୍ତ ପଣ୍ଡା, ଜଗନ୍ନାଥ ସିଂହାରୀ, ଅମରେଶ୍ୱର ମହାପାତ୍ର, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ସୋନାଲି ମଧୁସ୍ମିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ପୁରୀ ହରଚଣ୍ଡୀସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅବସରରେ ଦୌଡ଼ରେ ଭାଗନେଇଥିବା କୁନି ପିଲାମାନେ।

## ୩୯ତମ ବାର୍ଷିକ ଖେଳକୁଦ ପ୍ରତିଯୋଗିତା

ପୁରୀ ଅଫିସ, ୯।୧୨

ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ ଖେଳକୁଦ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତି ପ୍ରାନ୍ତ ବିଭାଗର ଶାରୀରିକ ପ୍ରମୁଖ ରଘୁନାଥ ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଓ ବିଦ୍ୱତ ପରିଷଦର ମୁଖ୍ୟ ଦୀନବନ୍ଧୁ ତ୍ରିପାଠୀ ଉପସ୍ଥିତ ଥିଲେ। ଶିଶୁ ବିଭାଗ, ବାଲ୍ ବିଭାଗ ଏବଂ କିଶୋର ବିଭାଗରେ ୧୮୦ ଜଣ ବିଦ୍ୟାର୍ଥୀ ଭାଗନେଇ ସେମାନଙ୍କ କ୍ରୀଡ଼ା ପ୍ରତିଭାର ପରିଚୟ ଦେଇଥିଲେ। ୧୦୦ ମି, ୨୦୦ ମି, ୪୦୦ ମି, ୬୦୦ ମି, ୮୦୦ ମି, ୧୫୦୦ ମି ଏବଂ ୩୦୦୦ ମିଟର ଦୌଡ଼ ପ୍ରତିଯୋଗିତା ହୋଇଥିଲା। ସେହିପରି ଗୋଲା ଫିଙ୍ଗା, ଉଚ୍ଚଡିଆଁ, ଲମ୍ବଡିଆଁ, ଗଣିତ ଦୌଡ଼, ସନ୍ତୁଳନ ଦୌଡ଼ ଏବଂ ବସ୍ତୁ ସଂଗ୍ରହ ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଗୁରୁମା ଗୁରୁଜୀମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଡ. ସୁନାମଣି ରାଉତ ପାଇବେ ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ

କଟକ ଅଫିସ, ୯।୧୨

ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ଚଳିତବର୍ଷର ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ସଂସଦର ସପ୍ତଦଶ ବାର୍ଷିକ ଉତ୍ସବରେ ଡ. ରାଉତଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ଫୁଲ ନରହରି ସ୍ମୃତି ସମ୍ମାନ, ଡ. ପ୍ରବୀଣା ପରିଡ଼ାଙ୍କୁ ଅନାମ ଭୂତି ସ୍ମୃତି ସମ୍ମାନ, ମଞ୍ଜୁ ଦାସଙ୍କୁ ଶଶୀ ଶ୍ରୀଭୂଜ ସ୍ମୃତି ସମ୍ମାନ ଓ କବିତା କାନୁନ୍‌ଗୋଙ୍କୁ ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯିବ।

# ଉତ୍କଳଶ୍ରୀ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସମାରୋହ

ପୁରୀ ଅଫିସ, ୯।୧୨

ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ଉତ୍କଳଶ୍ରୀ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସମାରୋହ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁରୁ ତିଳକ ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ପାଗଳ ସ୍ୱାଇଁ, ଗଙ୍ଗାଧର ବାରିକ୍, ଚକ୍ରଧର ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ସଙ୍ଗୀତଗୁରୁ ନିମାକାନ୍ତ ରାଉତରାୟ, ସାମାଜିକ କର୍ମୀ ବଦ୍ରିନାରାୟଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଏବଂ ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଶାସ୍ତ୍ରୀୟ ନୃତ୍ୟର ପ୍ରଚାର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସଭା ପରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟଗୁରୁ ଅଶୋକ ଦାସ, ଗୁରୁ ସୁରେନ୍ଦ୍ର ନାୟକ ଏବଂ ଗୁରୁ କବିତା ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ।

# କ୍ରାଫ୍ଟ ଭିଲେଜର ପୁନରୁଦ୍ଧାର ହେବ

ପିପିଲି,୯।୧୨(ଡି.ଏନ୍.ଏ.)



ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଚାନ୍ଦୁଆ କାରିଗରଙ୍କ ସହ ଆଲୋଚନା କରୁଛନ୍ତି।

ଚାନ୍ଦୁଆ କାରିଗର ଓ ବ୍ୟବସାୟୀଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ପିପିଲି ଗାଁପଡା ଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା କ୍ରାଫ୍ଟ ଭିଲେଜକୁ କିଭଳି ତୁରନ୍ତ କାର୍ଯ୍ୟକାରୀ କରାଯାଇ ପାରିବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରାୟ ୧୦ ବର୍ଷ ଧରି କୋଟି କୋଟି ଟଙ୍କାରେ ପିପିଲି ଓରକଲ ନିକଟ ଚାନ୍ଦୁଆ କ୍ରାଫ୍ଟ ଭିଲେଜ ନିର୍ମାଣ ହୋଇ ପଡି ରହିଥିବା ବେଳେ ଏହା ଚାନ୍ଦୁଆ କାରିଗର ଓ ବ୍ୟବସାୟୀଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ଅଭିଯୋଗ ହୋଇଆସୁଥିଲା। ଏହି ଘର ନଷ୍ଟ ହେବାକୁ ବସିଥିବା ବେଳେ ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଥିଲା। ଶୁକ୍ରବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଏହି ଚାନ୍ଦୁଆ ହବ ପରିଦର୍ଶନ କରିଥିଲେ। ଚାନ୍ଦୁଆ କାରିଗରଙ୍କ ସହିତ ଆଲୋଚନା କରି ଏହି ହବ କିଭଳି ପୁନଃରୁଦ୍ଧାର ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଚନ୍ଦୁଆ ହବ ପୁନରୁଦ୍ଧାର ନେଇ ଅନେକ କାରିଗର ଓ ବ୍ୟବସାୟୀ ଆଶା ଆଶଙ୍କାରେ ରହିଥିବା ବେଳେ ଏହାର ପୁନରୁଦ୍ଧାର ନେଇ ଆଶାବାଦୀ ରହିଛି ପିପିଲି ଚନ୍ଦୁଆ କ୍ଲଷ୍ଟର। ପ୍ରକଳ୍ପ ଅଧିକାରୀଙ୍କ ଗସ୍ତ ସମୟରେ ବିଡିଓ ରଶ୍ମିତା ନାଥ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ରେ ପୁରୀ, କୋଣାର୍କରେ ମହୋଦଧି ଦିବସ

ପୁରୀ ଅଫିସ, ୯।୧

## ପୁରୀ ସମୁଦ୍ରରେ ପ୍ରଥମ ଥର ପାଇଁ ହେବ କାୟାକିଂ ରାଲି

ମହୋଦଧିର ସୁରକ୍ଷା ଓ ଜନସଚେତନତା ସୃଷ୍ଟି ପାଇଁ ବିଗତ ଦୁଇ ବର୍ଷ ହେବ ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ପୁରୀରେ ମହୋଦଧି ଦିବସ ପାଳନ କରାଯାଇ ଆସୁଛି। ଚଳିତବର୍ଷ ମହୋଦଧି ଦିବସ ପାଳନ ପାଇଁ ଶୁକ୍ରବାର ନୀଳାଦ୍ରି ବିଚ୍‌ରେ 'ଦି ବେଲ୍' ଆବାହକ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପୁରୀ ଓ କୋଣାର୍କରେ ଏକାଠି ମହୋଦଧି ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥର ପ୍ରଥମ ଥର ପାଇଁ ପୁରୀ ସମୁଦ୍ରରେ କାୟାକିଂ ରାଲି ଅନୁଷ୍ଠିତ ହେବ। କଟକର ଓଡ଼ିଶା ମାରିଟାଇମ କଳିଙ୍ଗ ସର୍ଫ ଲାଇଫ ସେଭିଙ୍ଗ୍ ସୋସାଇଟି ଏବଂ ପୁରୀର କଳିଙ୍ଗ ସର୍ଫିଙ୍ଗ୍ ଲାଇଫ ସେଭିଙ୍ଗ୍ ସୋସାଇଟ୍ ଅନୁଷ୍ଠାନ ପକ୍ଷରୁ ଅଲିଭ ରିଡ୍‌ଲେକୁ ସୁରକ୍ଷିତ ରଖନ୍ତୁ ଓ ସମୁଦ୍ର ବଞ୍ଚାନ୍ତୁ ବାର୍ତ୍ତା ନେଇ ଏହି ଶୋଭାଯାତ୍ରା କରାଯିବ। ଏହା ବଳିଆପଣ୍ଡା ଲାଇଟ୍ ହାଉସଠାରୁ ଆସନ୍ତା ୧୨ ତାରିଖ ସକାଳ ୭ଟାରେ ଆରମ୍ଭ ହେବ। ସେହିପରି ଚଳିତବର୍ଷ ୟୁଥ୍ କ୍ଲାଇମେଟ୍ ଲିଡର ଲିମ୍‌କା ବୁକ୍ ଅଫ ରେକର୍ଡରେ ପରିବେଶ ସୁରକ୍ଷା ନେଇ ନିଜ ନାମ ଅନ୍ତର୍ଭୁକ୍ତ କରିଥିବା ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମହୋଦଧି ସମ୍ମାନରେ ସମ୍ମାନିତ କରାଯିବ। ୫ମରୁ ୭ମ ଏବଂ ୮ମରୁ ୯ମ ଶ୍ରେଣୀ ପିଲାଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମା'ମାନଙ୍କ ପାଇଁ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସବୁ ପୁରୀ ନୀଳାଦ୍ରି ବିଚ୍ ମୁକ୍ତାକାଶ ରଙ୍ଗମଞ୍ଚରେ ହେବ ବୋଲି ଦି ବେଲ୍ ସଙ୍ଗଠନର ସମ୍ପାଦକ ରାଜକିଶୋର ପାତ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ମୋବାଇଲ ନମ୍ବର ୯୮୬୧୯୩୪୦୪୨ ଏବଂ ୯୯୩୮୪୯୭୩୦୪ରେ ଯୋଗାଯୋଗ କରିପାରିବେ ବୋଲି ପାତ୍ର କହିଛନ୍ତି।

# ନିମାପଡ଼ା ମହୋତ୍ସବ ୨୫ରୁ



ମହୋତ୍ସବ ସମ୍ପର୍କରେ କମିଟି ସଭାପତି ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଉଛନ୍ତି।

ନିମାପଡ଼ା,୯।୧୨(ଡି.ଏନ.ଏ.)

ନିମାପଡ଼ା ମହୋତ୍ସବ କମିଟି ଓ ସ୍ଥାନୀୟ ହେଲ୍ପ ଲାଇନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ୨୨ତମ ନିମାପଡ଼ା ମହୋତ୍ସବ ଆରମ୍ଭ ହେବ। ମହୋତ୍ସବରେ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ସହ ପଲିଶ୍ରୀ ମେଳା ଏବଂ ବାଲୁକା କଳା ପ୍ରଦର୍ଶିତ ହେବ। ବିଶିଷ୍ଟ ଶିକ୍ଷାବିତ୍ ତଥା ନିମାପଡ଼ା ମହୋତ୍ସବ କମିଟିର ପୂର୍ବତନ ଅଭ୍ୟର୍ଥନା କମିଟି ଅଧକ୍ଷ ସ୍ୱର୍ଗତ ରମେଶ ଚନ୍ଦ୍ର ପରିଡ଼ା, ବିଭୁପ୍ରିୟ ପଣ୍ଡାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦର୍ଶନ କରାଯିବା ସହ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶୁକ୍ରବାର ନିମାପଡ଼ାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର ସଭାପତି ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ସମ୍ମିଳନୀରେ ଅତିଥି ଭାବେ ହେଲ୍‌ପ ଲାଇନର ସଭାପତି ଅକ୍ଷୟ ସାହୁ, ଉପସଭାପତି ବାସୁଦେବ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ, ସହସମ୍ପାଦକ ଦେବଦତ୍ତ ମହାନ୍ତି, ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ୍ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଅବସରରେ ଆସନ୍ତା ୨୭ ତାରିଖରେ ନିମାପଡ଼ା ଟାଉନ ହଲ୍‌ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ବିଧାୟକଙ୍କ ଦ୍ୱାରା ବିଜୁ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ



ବିଜୁ ସେତୁ ନିର୍ମାଣ ପାଇଁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶିଳାନ୍ୟାସ କରୁଛନ୍ତି।

ପିପିଲି,୯।୧୨(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ପୋପରଙ୍ଗା ପଞ୍ଚାୟତର ପୋପରଙ୍ଗା ପାଚଲପୁର ରାସ୍ତାରେ ଜନସାଧାରଣ ଯାତାୟାତ ସୁବିଧା ନିମନ୍ତେ ବିଜୁ ସେତୁ ନିର୍ମାଣ ପାଇଁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ଏହି ବିଜୁ ସେତୁ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକେ ଉପକାର ପାଇପାରିବେ। ୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଏହି ସେତୁର ଶିଳାନ୍ୟାସ କାର୍ଯ୍ୟରେ ବିଧାୟକ ମହାରଥୀଙ୍କ ସମେତ ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ସଙ୍ଗୀତା ବେହେରା, ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ପୁରୀ ଜିଲା ସଭାପତି କିଶୋର ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବଟବୃକ୍ଷ ମହାସଂଘର ବାର୍ଷିକୋତ୍ସବ

ବଲଙ୍ଗା,୯।୧୨(ଡି.ଏନ୍.ଏ.)

ବଲଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଚକ୍ରକୁନ୍ଦ ଗ୍ରାମଠାରେ ବଟବୃକ୍ଷ ମହାସଂଘ ଓ ହେଲ୍ପ-ଏଜ-ଇଣ୍ଡିଆର ମିଳିତ ସହଯୋଗରେ ମହାସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ମା'ବାପା ଜୀବନ୍ତ ଠାକୁର। ତାଙ୍କ ଆଶୀର୍ବାଦ ବିନା ସବୁ ଅସମ୍ଭବ। ମା'ବାପାଙ୍କୁ କୌଣସି କ୍ଷେତ୍ରରେ ଅବହେଳା କରିବା ଅନୁଚିତ। ବରିଷ୍ଠ ନାଗରିକ ସମାଜର ଦିଗ୍‌ଦର୍ଶକ। ଅତିଥିଭାବେ ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ର, ରାଜ୍ୟ କାର୍ଯ୍ୟକାରୀ ପରିଚାଳକ ରଞ୍ଜନ ଦାସ, ପ୍ରକଳ୍ପ ଅଧିକାରୀ, ଶ୍ରୀକାନ୍ତ ରାୟ, ନିମାପଡ଼ା ପଞ୍ଚାୟତ ସମିତି ଉପାଧକ୍ଷା ଅନସୂୟା ମହାନ୍ତି, ସରପଞ୍ଚ ସୁରେଶ ଚନ୍ଦ୍ର ମଙ୍ଗରାଜ, ପ୍ରଫୁଲ୍ଲ ସ୍ୱାଇଁ, ସମିତିସଭ୍ୟ ଦୁର୍ଗା ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ବଟବୃକ୍ଷ ମହାସଂଘର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ଜମିରୁ ଉଚ୍ଛେଦ: କ୍ଷତିଗ୍ରସ୍ତ ୨ ପରିବାରଙ୍କ ଅସନ୍ତୋଷ

ସାକ୍ଷୀଗୋପାଳ,୯।୧୨
(ଡି.ଏନ୍.ଏ./ସ୍ୱ.ପ୍ର.)



ଘଟଣାସ୍ଥଳରେ ଅସନ୍ତୁଷ୍ଟ ବ୍ୟକ୍ତିମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

ସତ୍ୟବାଦୀ ବକୁଳବନରେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟ କାମ ଆସନ୍ତା ବର୍ଷ ଏପ୍ରିଲ ସୁଦ୍ଧା ଶେଷ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ନିମନ୍ତେ ଆବଶ୍ୟକ ଜମି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଠାରୁ କିଣିବା ପରେ ଉକ୍ତ ଜମିରେ ପୂର୍ବରୁ ରହିଥିବା ୭ଟି ପରିବାରକୁ ସେଠାରୁ ହଟାଇବା ପାଇଁ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଚଳାଇଛି। ପ୍ରଥମ ପର୍ଯ୍ୟାୟରେ ଦୁଇଟି ସଂଖ୍ୟାଲଘୁ ପରିବାରକୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ନିକଟ ଅହମ୍ମଦପୁର ପାର୍ଶ୍ୱରେ ଥଇଥାନ ନିମନ୍ତେ ସରକାରୀ ଜମି ଯୋଗାଇ ଦିଆଯାଇଛି। ସେହିପରି ଶୁକ୍ରବାର ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ରାଜସ୍ୱ ନିରୀକ୍ଷକ ଶ୍ୟାମସୁନ୍ଦର ପୁର୍ତ୍ତିଙ୍କ ସମେତ ସତ୍ୟବାଦୀ ଥାନା ଏଏସଆଇ ବୈଷ୍ଣବ ମହାରଣା ପ୍ରମୁଖ ଫୋର୍ସ ଅବଶିଷ୍ଟ ୫ଟି ଘର ଉଚ୍ଛେଦ ନିମନ୍ତେ ଯାଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନର ଝାଡୁଦାର ଭାବେ କାମ କରୁଥିବା କେଦାର ନାୟକ ଓ ତାଙ୍କ ଭାଇ ପ୍ରଫୁଲ୍ଲ ନାୟକଙ୍କ ପରିବାର ଥଇଥାନ କରିବାକୁ ଥଇଥାନ କରିବାକୁ ତହସିଲଦାରଙ୍କୁ କହିବା ସହ ଉଚ୍ଛେଦ କାର୍ଯ୍ୟ ୫ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଉଚ୍ଛେଦରେ କ୍ଷତିଗ୍ରସ୍ତ ଭୂମିହୀନ ପରିବାରଙ୍କୁ ସରକାରୀ ଜମିରେ ଥଇଥାନ କରାଯିବାକୁ ପ୍ରକ୍ରିୟା ଚାଲିଛି। ଏହି ଦୁଇ ପରିବାରକୁ ମନ୍ଦିର ଶୌଚାଳୟ ନିକଟରେ ଅସ୍ଥାୟୀଭାବେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ତହସିଲଦାର ଜୟସିଂ କହିଛନ୍ତି। ମନ୍ଦିର ପ୍ରଶାସନ ଏଦିଗରେ ନୀରବଦ୍ରଷ୍ଟା ସାଜିଥିବା ବେଳେ ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।



ଓଡ଼ିଶା କେନେଲ କ୍ଲବ ପକ୍ଷରୁ ଶୁକ୍ରବାରଠାରୁ ଭୁବନେଶ୍ୱର ୟୁନିଟ୍-୬ ବାଳକ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ ଡଗ୍ ଶୋ'ର ପ୍ରଥମ ଦିନରେ ୪ ଜର୍ମାନ ସେଫର୍ଡ କୌଶଳ ପ୍ରଦର୍ଶନ କରୁଛନ୍ତି। (ଫଟୋ: ବିକାଶ)

ଓଡ଼ିଶା କେନେଲ କ୍ଲବ ପକ୍ଷରୁ

**ଜାତୀୟସ୍ତରୀୟ ଡଗ୍ ଶୋ' ଆରମ୍ଭ**

# ଜିଏସ୍‌ଡି ସ୍ପେଶାଲିଟିରେ 'ଓବୁଟ୍' ଚାମ୍ପିୟନ

■ଆଜି ଓବିଡିଏନ୍ସ ଟ୍ରାଏଲ୍ସ, ବିଗଲ ଓ ଲାବ୍ରାଡର ରେଟ୍ରିଭର ସ୍ପେଶାଲିଟି ଶୋ

■ରବିବାର ଆକର୍ଷଣ ସାଜିବ ଅଲ୍ ବ୍ରିଡ୍ସ ଶୋ'



ଶୋ'ରେ ଭାଗନେବାକୁ ଆସିଥିବା ବେଲଜିଆନ ମାଲିନସ୍।

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଓଡ଼ିଶା କେନେଲ କ୍ଲବ(ଓକେସି) ପକ୍ଷରୁ ଜାତୀୟସ୍ତରୀୟ ଡଗ୍ ଶୋ' ଶୁକ୍ରବାର ୟୁନିଟ୍-୬ ବାଳକ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ଶୋ'ର ପ୍ରଥମ ଦିନରେ ଜର୍ମାନ ସେଫର୍ଡ ଡଗ୍ ସ୍ପେଶାଲିଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓକେସି ସହାୟତାରେ ଜର୍ମାନ ସେଫର୍ଡ ଡଗ୍ କନ୍‌ଫେଡେରେଶନ କଳିଙ୍ଗ ଚାପ୍ଟର ପକ୍ଷରୁ ଏହି ଷଷ୍ଠତମ ଜିଏସ୍‌ଡି ସ୍ପେଶାଲିଟି ପ୍ରତିଯୋଗିତାରେ ବିଚାରକ ଥିଲେ ଅଷ୍ଟ୍ରେଲିଆର ଲୁଇସ୍ ଡୋନାଲ୍ଡ। ଏଥିରେ ରାଜ୍ୟ ତଥା ବାହାରୁ ମୋଟ ୮୩ଟି ଜର୍ମାନ ସେଫର୍ଡ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଲକ୍ଷ୍ନୌରୁ ଆସିଥିବା ସିଦ୍ଧାର୍ଥ ଶର୍ମାଙ୍କ କୁକୁର 'ଓବୁଟ୍(Obut)' ଚାମ୍ପିୟନ ହୋଇଛି। ସାଢ଼େ ୩ବର୍ଷର ଏହି ଅଣ୍ଡିରା କୁକୁର 'ଓବୁଟ୍' ନିଜ ଚାଲି ଓ କୌଶଳ ଦ୍ୱାରା ଦର୍ଶକ ଏବଂ ବିଚାରକଙ୍କ ମନ ମୋହିଥିଲା। କ୍ଲବ୍ ସଭାପତି ସୁବ୍ରତ ପୃଷ୍ଟି, ଅବୈତନିକ ଯୁଗ୍ମ ସମ୍ପାଦକ ତଥା କୋଷାଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି, ସଦସ୍ୟ ପ୍ରଦୀପ କୁମାର ମହାନ୍ତି, ରବିନ ସାହୁ, ସଙ୍କେତ ଶତପଥୀ ପ୍ରମୁଖ ଶୋ' ପରିଚାଳନା କରିଥିଲେ।

ଅପରପକ୍ଷେ ଗତ ଦୁଇବର୍ଷ ହେବ କରୋନା ଯୋଗୁ ଡଗ୍ ଶୋ' ହୋଇ ନ ଥିବାରୁ ଏଥର ଅଧିକ ସଂଖ୍ୟକ କୁକୁର ଅଂଶଗ୍ରହଣ କରିଛନ୍ତି। ଏଥିସହିତ ଦର୍ଶକଙ୍କ ମନରେ ମଧ୍ୟ ଉତ୍ସାହ ରହିଛି। ଶନିବାର ୬୧ତମ ଓବିଡିଏନ୍ସ ଟ୍ରାଏଲ୍ସ, ଦ୍ୱିତୀୟ ବିଗଲ ସ୍ପେଶାଲିଟି ଶୋ ଏବଂ ପଞ୍ଚମ ଲାବ୍ରାଡର ରେଟ୍ରିଭର ସ୍ପେଶାଲିଟି ଶୋ ଅନୁଷ୍ଠିତ ହେବ। ଓବିଡିଏନ୍ସ ଟ୍ରାଏଲ୍ସ ପାଇଁ ସି.ଆର୍. ପଟ୍ଟନାୟକ ଏବଂ ବିଗଲ ସ୍ପେଶାଲିଟି ଶୋ ଓ ଲାବ୍ରାଡର ରେଟ୍ରିଭର ସ୍ପେଶାଲିଟି ଶୋ' ପାଇଁ ଟି. ପ୍ରୀତମ ବିଚାରକ ରହିବେ। ତେବେ ରବିବାର ହେବାକୁ ଥିବା ଅଲ୍ ବ୍ରିଡ୍ସ ଶୋ' ଏହି ଡଗ୍ ଶୋ'ର ମୁଖ୍ୟ ଆକର୍ଷଣ ରହିବ, ଯେଉଁଥିରେ ୩୦ରୁ ଊର୍ଦ୍ଧ୍ୱ ପ୍ରଜାତିର କୁକୁର ଅଂଶଗ୍ରହଣ କରିବେ। ୬୧ତମ ଅଲ୍ ବ୍ରିଡ୍ସ ଶୋ'ରେ ଅଷ୍ଟ୍ରେଲିଆର ମିସେଲ ହାମଣ୍ଡ ଏବଂ ୬୨ତମ ଶୋ'ରେ ସର୍ବିୟାର ପିଟର ଫିରିଚ ବିଚାରପତି ରହିବେ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।



ଟ୍ରଫି ସହ ଚାମ୍ପିୟନ ହୋଇଥିବା ଜର୍ମାନ ସେଫର୍ଡ ସିଦ୍ଧାର୍ଥ ଶର୍ମାଙ୍କ କୁକୁର 'ଓବୁଟ'।

# ରାଜ୍ୟ ବାହାରେ ପ୍ରଦର୍ଶିତ ହେଲା 'ପ୍ରତୀକ୍ଷା'



ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ରାଜ୍ୟ ବାହାରେ ମୁମ୍ବାଇ, ପୁଣେ ଓ ବେଙ୍ଗାଲୁରୁରେ ଶୁକ୍ରବାର ରିଲିଜ ହୋଇଛି। ଏହି ପରିପ୍ରେକ୍ଷୀରେ କିସ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ରିନିଂ ଭୁବନେଶ୍ୱରସ୍ଥିତ ସ୍ୱାତୀ ପ୍ରେକ୍ଷାଳୟରେ ହୋଇଥିଲା। ଡିସେମ୍ବର ୨ରେ ରାଜ୍ୟର ୧୪ଟି ସହରର ୨୧ ପ୍ରେକ୍ଷାଳୟରେ ୨୬ଟି ଶୋ' ଶୁଭମୁକ୍ତି ହୋଇଥିଲା। ବର୍ତ୍ତମାନ ଏହା ୨୦ଟି ସହରର ୨୬ ପ୍ରେକ୍ଷାଳୟରେ ୩୫ଟି ଶୋ' ଚାଲିଛି। ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ କଥାକାର ଗୌରହରି ଦାସଙ୍କ ଏକ କ୍ଷୁଦ୍ରଗଳ୍ପ ଉପରେ ପ୍ରସ୍ତୁତ ହୋଇଛି। ଏହି ସିନେମାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରୋଶନ ବିଷୋଇ। ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଅଛନ୍ତି। ଅମିୟ ପଟ୍ଟନାୟକ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଦୀପନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ଶ୍ରୀଲା ତ୍ରିପାଠୀ, ରୂପାମ୍ବିକା ନାୟକ, ସୁଶୀଲ ମିଶ୍ର, ଅବକାଶ ମିଶ୍ର ଓ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି।

# 'ସୂର୍ଯ୍ୟମନ୍ଦିର ଗରିମାକୁ କ୍ଷୁଣ୍ଣ କରୁଛି ଏଏସ୍ଆଇ'

କୋଣାର୍କ, ୯।୧୨(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କର ଗର୍ବ ଓ ଗୌରବ ହେଉଛି ସୂର୍ଯ୍ୟମନ୍ଦିର। ଏହାର ଐତିହ୍ୟ, ସ୍ଥାପତ୍ୟ ଓ କଳାସଂସ୍କୃତି ବିଶ୍ୱରେ ଅନନ୍ୟ ଏବଂ ଅଦ୍ୱିତୀୟ। ସୂର୍ଯ୍ୟ ମନ୍ଦିର ଓଡ଼ିଶାର ଅସ୍ମିତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର। କେନ୍ଦ୍ର ସରକାରଙ୍କ ଅଧୀନ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) କର୍ତ୍ତୃପକ୍ଷ ଏହି ଐତିହ୍ୟସ୍ଥଳୀର ଗାରିମା ଓ କଳାକୃତିର ମର୍ଯ୍ୟାଦା ରଖିବା ପରିବର୍ତ୍ତେ ସୂର୍ଯ୍ୟ ମନ୍ଦିର ମୁଖଶାଳାରେ ଲଗାଇଥିବା ଲାଇଟ ଗାର ଗାର ହୋଇ ମନ୍ଦିର ଉପରେ ପଡୁଛି। ଫଳରେ ସୂର୍ଯ୍ୟମନ୍ଦିରର ଗରିମା ଓ ସଂସ୍କୃତିର ମର୍ଯ୍ୟାଦାହାନି ହେଉଛି ବୋଲି ଶୁକ୍ରବାର କୋଣାର୍କ ପରିଦର୍ଶନ ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ପଟ୍ଟନାୟକ କହିଛନ୍ତି, ଦୂରରେ ଥାଇ ଦେଖିଲେ ଗାର ସଦୃଶ ଆଲୋକ ଯୋଗୁ ସୂର୍ଯ୍ୟମନ୍ଦିର ଏକ ଗେଟ୍ ଭଳି ଲାଗୁଛି, ଯାହା ଆମ ଗର୍ବ ଓ ଗୌରବର ଐତିହ୍ୟ ପ୍ରତି କୁଠାରଘାତ ସଦୃଶ। ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍ଆଇ କର୍ତ୍ତୃପକ୍ଷ ଏବଂ ୟୁନେସ୍କୋ ଐତିହ୍ୟ ସୁରକ୍ଷା ଆଇନ ମୁତାବକ ଐତିହ୍ୟର ଗରିମା ବୃଦ୍ଧି ଲାଗି ସୁନ୍ଦର ଆଲୋକ ବ୍ୟବସ୍ଥା କରିବା ପରିବର୍ତ୍ତେ କଳାକୃତି ବିବର୍ଣ୍ଣ ହେବା ଭଳି ଲାଇଟ ବ୍ୟବହାର କରିବା ଓଡ଼ିଆ ଜାତିର ଅସ୍ମିତା ଓ ସଂସ୍କୃତି ପ୍ରତି ଏଏସ୍ଆଇର ବୈମାତୃକ ମନୋଭାବର ପରିଚାୟକ। ଏହି ଘଟଣାକୁ ନେଇ ସେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା କେନ୍ଦ୍ର ସରକାରଙ୍କ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ଟୁଇଟ୍ କରି ଏହି ଲାଇଟ ହଟାଇ ଐତିହ୍ୟ ଆଇନ ମୁତାବକ ଲାଇଟ ଲଗାଇ ସୂର୍ଯ୍ୟମନ୍ଦିର ଗାରିମା ବୃଦ୍ଧି କରିବା ପାଇଁ ପଟ୍ଟନାୟକ ଦାବି କରିଛନ୍ତି।

**ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କଲେ ସୁଦର୍ଶନ**





ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରେନି



@ ଲଭ୍ଲି



@ କାହ୍ନୁଚରଣ



@ ଶିବାନୀ



@ ଗୁରୁକୃଷ୍ଣା



@ ବିଶ୍ୱଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ଓ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସମାବେଶ ପୂର୍ବରୁ ବିକ୍ଷୋଭ ଶୋଭାଯାତ୍ରା।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶୁକ୍ରବାର ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ପକ୍ଷରୁ ଆୟୋଜିତ ଉତ୍କଳଶ୍ରୀ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସମାରୋହ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା କଳାକାରମାନେ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଫ୍ରି ଫର୍ ଭୁବନେଶ୍ୱର ଏବଂ ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

# ଛେଳିଙ୍କ କୃତ୍ରିମ ପ୍ରଜନନ ଦ୍ୱାରା ମାଂସ ଉତ୍ପାଦନ ବୃଦ୍ଧି ପାଇବ: ମନ୍ତ୍ରୀ

**ଭୁବନେଶ୍ୱର,୯।୧୨(ବ୍ୟୁରୋ):** ଛେଳିପାଳନ ରାଜ୍ୟର ଗ୍ରାମାଞ୍ଚଳ ଲୋକଙ୍କ ଜୀବିକାର୍ଜନର ଏକ ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ଛେଳିଙ୍କ କୃତ୍ରିମ ପ୍ରଜନନ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଛେଳି ଉତ୍ପାଦନରେ ସହାୟକ ହେବ। ଏହାଦ୍ୱାରା ପ୍ରାଣୀସମ୍ପଦର ପ୍ରଭୂତ ବିକାଶ ଘଟିବ ଓ ଛେଳିଚାଷୀଙ୍କ ଆୟବୃଦ୍ଧି ସହିତ ରାଜ୍ୟରେ ମାଂସ ଉତ୍ପାଦନ ବୃଦ୍ଧି ପାଇବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷିଭବନଠାରେ ଶୁକ୍ରବାର ରାଜ୍ୟରେ ଛେଳିଙ୍କ କୃତ୍ରିମ ପ୍ରଜନନ ସମ୍ପର୍କିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ କ୍ରମେ ଓଡ଼ିଶା ଭାରତବର୍ଷରେ ପ୍ରଥମ ରାଜ୍ୟ ଭାବେ ଛେଳିଙ୍କ କୃତ୍ରିମ ପ୍ରଜନନ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ ରୂପରେ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି। କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ, ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ହିତ ଓ ଆୟବୃଦ୍ଧି ଦିଗରେ ଛେଳିଙ୍କ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଏକ ସମୟୋଚିତ ପଦକ୍ଷେପ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ପ୍ରାଣୀସମ୍ପଦ ବିକାଶର ବିଭିନ୍ନ ଯୋଜନା ସମ୍ପର୍କିତ ଏକ କମ୍ପେଡିୟମ୍ ଓ ପକେଟ୍ ବୁକ୍‌ର ଶୁଭ ଉନ୍ମୋଚନ କରିଥିଲେ।

# ଅଭିଯୁକ୍ତଙ୍କୁ ୧୦ ଦିନ ଅନ୍ତରୀଣ ଜାମିନ

**କଟକ ଅଫିସ,୯।୧୨:** ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ଅଭିଯୁକ୍ତ ନାବାଳକଙ୍କୁ ହାଇକୋର୍ଟ ଶୁକ୍ରବାର ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜାମିନରେ ଯିବା ଦିନଠାରୁ ଠିକ୍ ୧୦ ଦିନ ପରେ ସେ ଆସି କୋର୍ଟ ହାଜର ହେବେ। ତେବେ ଜାମିନ୍‌ରେ ଥିବା ସମୟରେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରିବେ ନାହିଁ କିମ୍ବା କୌଣସି ଫୌଜଦାରି କାର୍ଯ୍ୟକଳାପରେ ଜଡ଼ିତ ହେବେ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପରୀର ଘରଠାରୁ ୧୦୦ ମିଟର ଦୂରରେ ଅଭିଯୁକ୍ତଙ୍କ ଘର। ୨୦୨୦ ଜୁଲାଇ ୧୪ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ

**ପରୀ ହତ୍ୟା ମାମଲା**

ଅଭିଯୁକ୍ତଙ୍କ ଘରକୁ ପରୀ କୋଳି ଆଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଫଳରେ ପରୀ ବାଧା ଦେବାରୁ ସେ ତାଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଏକ ବ୍ୟାଗରେ ପୁରାଇ ସ୍ଥାନୀୟ ପୋଖରୀ ନିକଟ ଏକ ବୁଦା ମୂଳେ ଲୁଚାଇ ଦେଇଥିଲେ। ଏହି ଘଟଣାରେ କେହି ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ନ ଥିଲେ। ଅଭିଯୁକ୍ତ ଜଣଙ୍କ ଏନେଇ ଦୁଇଜଣଙ୍କ ନିକଟରେ ପ୍ରକାଶ କରିଥିବାର ରେକର୍ଡିଂ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଆଇଟି ତାଙ୍କୁ କାବୁ କରିଥିଲା।


## OFFICE OF THE MUNICIPAL COUNCIL, RAIRANGPUR

Ph.No.(06794) 222054, E-mail: rairangpurn.hud@nic.in
Fax: 06794- 222054
No.4195/ Dt.08.12.22

**QUOTATION CALL NOTICE**

No.C-1882:- Sealed quotations are invited by the undersigned from the intending Manufacturers / Suppliers / Firms having required certificates i.e. IT, GST for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket including stickering 8x8 inches durable and water proofing quality to Rairangpur Municipality. The quotationer should quote the rate including all applicable taxes and transporting charges. The quotations should reach in the office of the undersigned on or befor dt.16.12.2022 upto 2 P.M. and no quotation will be entertained beyond the stipulated period. The quotation will be opened on same day i.e. dt.16.12.2022 at 4 P.M. in the presence of the quotationers or their authorized representatives.

The undersigned reserves the right to reject any or all quotation without assigning any reason thereof.

**Sd./- Executive Officer, Rairangpur Municipality**
OIPR-13106/11/0020/2223

## GOVERNMENT OF ODISHA
## DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES

**No.9265/SSEPD** **Dt.09.12.2022**
**PT1-SSEPD-DA3-ADM-0003-2017**

**NOTICE**

**No.gg-76:**Application is hereby invited for appointment of State Commissioner for Persons with Disabilities (SCPD). Details of this notice containing required educational qualification, age, experience etc. and other terms and conditions of appointment are available at the website www.ssepd.gov.in. Interested persons may submit their application in plain paper along with biodata and other supporting documents, addressed to the Commissioner-cum-Secretary to Government, Social Security & Empowerment of Persons with Disabilities Department by dt 31.01.2023.

**Sd./-**
**Additional Secretary to Government**
**OIPR-46001/11/0033/2223**

## GOVERNMENT OF ODISHA
## OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA), POWER HOUSE SQUARE, UNIT-V, BHUBANESWAR

Corrigendum EoI Document

**PH:-0674-2394873, FAX-2391255/2391014**
**Email: sdaorissa@nic.in., eic-epcei@nic.in**

**Corrigendum Expression of Interest:**

No.AA-26:This Corrigendum Expression of Interest (EoI) Document is invited for Supply, Installation, Commissioning and Maintenance of Energy Efficient Lighting (RGB) as part of Temple beautification at Jagannath Temple, Koraput as a demonstration project.

The Engineer-in-Chief (Electricity) -cum- Principal Chief Electrical Inspector, Govt. of Odisha has been functioning as the State Designated Agency (SDA) to coordinate, regulate and enforce provisions of the Energy Conservation Act-2001 within the State. The organization works as a facilitator for the promotion and implementation of various Energy Conservation activities as mandated under the Energy Conservation Act 2001 in the state, by coordinating with Bureau of Energy Efficiency (BEE), Central Govt., State Govt., private organizations and other stake holders. The SDA works as an extended arm of the BEE for various energy conservation activities in the State.

Interested parties may submit their Corrigendum EoI on their own Official Letter Head duly signed by the authorised signatory. The documents are to be sent in a sealed envelope addressed to EIC (Elecy) -cum- PCEI (O).

The Corrigendum EoI document may be downloaded from the website: http://eicelectricityodisha.nic.in/ or may be obtained from office of the Engineer in Chief (Electricity) -cum- Principal Chief Electrical Inspector, Odisha, Power House Square, Unit-V, Bhubaneswar on payment of Rs.200/- (Rupees Two Hundred) only. The payment shall be accepted in shape of demand draft or banker's cheque drawn on any Nationalized Bank, payable at Bhubaneswar in favour of the Executive Engineer (P&M) -cum-Deputy Electrical Inspector, Office of the Engineer in Chief, Electricity -cum- Principal Chief Electrical Inspector, Odisha, Bhubaneswar.

**NB: Only organizations participating in this EOI and shortlisted as per the EOI can participate in the further selection process.**

In case of downloading the Corrigendum EoI document from our website: http://eicelectricityodisha.nic.in/, the bidder has to submit EoI document fee of Rs.200/- (Rupees Two Hundred) only in shape of the demand draft or banker's cheque drawn on any Nationalized Bank, payable at Bhubaneswar in favour of Executive Engineer (P&M) -cum- Deputy Electrical Inspector, Office of the Engineer in Chief (Electricity) -cum- Principal Chief Electrical Inspector, Odisha, Bhubaneswar with an intimation in writing to this office on the email address or postal address mentioned below.

Last Date for Submission of Corrigendum EoI: 15.12.2022,
You may contact SDA, ODISHA at Tel: 0674-2394873,
Email: sdaorissa@nic.in
Postal Address: EIC (Elecy) -cum- PCEI,
Unit-V, Vidyut Marg, Power House Square,
Bhubaneswar-751001

**Sd/-Engineer-In-Chief,**
**Electricity-Cum-Principal Chief Electrical Inspector**
**Government of Odisha, Bhubaneswar**
**OIPR-04068/11/0010/2223**

## OFFICE OF THE NOTIFIED AREA COUNCIL, KESINGA

**No. 5966/NAC(K) Dated: 09.12.2022**

**SHORT QUOTATION CALL NOTICE**

No.C-1851:- Sealed tenders are invited from the interested firm/agency having valid GSTN for supply of 38 nos of branded Ladies Bicycles with standard specifications along with Carrier, Chain cover and Basket including stickering 8x8 inches durable and water proofing quality preferably BSA/Hercules/Hero/Avon brand to N.A.C., Kesinga. The sealed quotation should reach to the undersigned on or before **19.12.2022 up to 12 Noon** through registered post/speed post and the same will be opened at **4 P.M.** on the same day. The rate should be quoted inclusive all taxes, transportation, FOR to Kesinga NAC complete in all respect. The authority reserves the right to reject any or all the quotations without assigning any reason thereof.

**Sd./- Executive Officer,**
**N.A.C., Kesinga**
OIPR-13109/11/0022/2223

## NOTIFIED AREA COUNCIL

**BELLAGUNTHA-761119 (GANJAM), Phone No.06821-258244**
**Sri. S.Rakesh Kumar Patra (ORS), Executive Officer**

**ବିଜ୍ଞାପିତ ଅଞ୍ଚଳ ପରିଷଦ**
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ), ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ.ଏସ୍.ରାକେଶ କୁମାର ପାତ୍ର (ଓ.ରା.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ
**E-mail ID: eonacbellaguntha@gmail.com**

**L.No.1797//** **Date:09.12.2022**

**NOTICE INVITING EXPRESSION OF INTEREST/QUOTATION**

**No.C-1862:**Executive Officer, on behalf of Bellaguntha NAC, Dist-Ganjam invites quotations from the Reputed Firms/ Agencies/ Enterprisers/ Any other agencies having valid GST registration certificate, PAN and experience for the supply of

1. **Supply of different plants, Lawn grass and flowerpots etc.**
2. **Supply of Boating equipment including Jetty etc.**
3. **Supply of branded bicycle of BSA/AVON/HERO/ATLAS etc make with standard specification along with carrier, chain cover and basket including stickering 8x8 inches durable and water proofing quality**.

For detail terms and conditions of the Tender Notice No.-19222 Dtd. 09.12.2022, interested bidders may visit the High Court of Orissa website **www.orissahighcourt.nic.in**.

**Sd./- Assistant Registrar(Admn.)**
**High Court of Orissa, Cuttack**



## OFFICE OF THE HEAD MASTER, KGBV, SAURA CHHACHINA, GANJAM

**Letter No. 49/2022** **Dt.: 09.12.2022**

### KASTURBA GANDHI BALIKA VIDYALAYA
### BEGUNIAPADA BLOCK, SAURA, CHHACHINA
### TENDER CALL NOTICE

Sealed tenders are invited from the registered/reputed firms and manufacturers for supply of the following items like Grocery, Bakery, Cosmetics & Toilet Items, Office and Student's stationeries, Dress materials, Sleeper, Sport Shoes & School Bag to the Kasturba Gandhi Balika Vidyalaya, SAURA, CHHACHINA, BEGUNIAPADA Block, District: Ganjam for the year 2022-23. Interested parties/firms can purchase the tender form from the office of the KGBV, SAURA, CHHACHINA, BEGUNIAPADA Block w.e.f. 12.12.2022 to 22.12.2022 in working days from 10.00 A.M. to 04.00 P.M. on payment of 500/- (Five hundred rupees only) non-refundable in cash or Bank Draft payable in the Bank, State Bank of India, Branch SBI KODALA, Ganjam. The tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the Head Master, UP School, S.CHHACHINA, payable at Bank, State Bank of India, A/c - 35617662081, IFSC - SBIN0001336, Branch Code - 1336. Tender form should be submitted without EMD will be summarily rejected. Last date of receipt of tender form is upto 06.00 P.M. of dated 22.12.2022. The KGBV Level purchase committee meeting will be held on 23.12.2022 at 12.00 Noon in this KGBV for opening of the tender. The KGBV purchase committee reserves the right to accept or reject the tender in whole or in part without assigning any reason thereof.

For more details please contact **H.M., Ph. No.: 9861401550**.

**Sd./- Head Mistress**
**KGBV, SAURA, CHHACHINA**



**E-Mail ID: pdws.ganjam@gmail.com**

## TENDER NOTICE

No. L-100: Sealed tenders in the prescribed form are invited from intending persons for collection of cashew nuts and Thalamus from the Shelter Belt cashew plantations located at **Kirtipur/Markandi-I** Sections of Soil Conservation Range Golabandha under the Project Director, Watersheds, Ganjam, Berhampur. Preference will be given to the owners/ lease holders of Cashew processing plants in Odisha. Tender forms along with the Terms and conditions can be obtained from office of the Project Director, Watersheds, Ganjam, Berhampur on payment of Rs.200/- only by hand or non payment of Rs.250/- only by Post. Details list of plantations along with area and period of lease is as follows.

| Sl. No. | Locations of Cashew Plantations | Total Area in Hectares | Period of Tender |
|---|---|---|---|
| 1 | 2 | 3 | 4 |
| 1 | Kirtipur | 119.350 | 01.03.2023 to 31.05.2023 |
| 2 | Markandi - I | 108.400 | 01.03.2023 to 31.05.2023 |
| | TOTAL | 227.750 | |

Sealed tenders are to be received in the Office of the Project Director, Watersheds, Ganjam, Berhampur upto 05.00 P.M. of 17.01.2023 and will be opened on 18.01.2023 at 11.00 A.M. onwards in presence of the tenderers or their authorized representatives in the Office of the Project Director, Watersheds-cum-Dy. Director, Soil Conservation, Ganjam, Berhampur. If necessary, the tender committee may enter into negotiation with the tenderers on the same day or next day. The price should be quoted separately for each individual plantation exclusive of GST and other charges as applicable. The tender applications should accompany earnest money @ 10% of the quoted price in shape of **Bank Draft/Bankers Cheque in favour of Project Director, Watersheds, Ganjam, Berhampur** be drawn at S.B.I., Main Branch, Berhampur along with the tender forms, failing which it will not be considered as valid tender. Earnest money in shape of hard cash or personal cheque is not allowed. Incomplete tender papers or any conditional tender papers will not be accepted. The authority reserves the rights to reject any or all the tenders or to accept a portion thereof. Interested parties may inspect the plantation with due permission of competent authority in the office hours during any working days before taking part in the tender. The tender papers should be sent through **"REGISTERED POST"** or **"SPEED POST" ONLY** in a **SEALED COVER** duly captioned **"TENDER PAPERS FOR AUCTION SALE OF CASHEW PLANTATION ................ VILLAGE LOCATED IN SOIL CONSERVATION RANGE GOLABANDHA". No hand delivery will be accepted.**

**Sd./- Project Director**
**Watersheds, Ganjam, Berhampur**
**OIPR-01432/11/0002/2223**

# କ୍ରୋଏସିଆ ଉଲ୍ଲସିତ, ବ୍ରାଜିଲର ଦୁଃଖ


ସେମିଫାଇନାଲ ପ୍ରବେଶ ଖୁସିରେ ଉଲ୍ଲସିତ କ୍ରୋଏସିଆ ଦଳ।



ପରାଜୟ ଦୁଃଖରେ ମ୍ରିୟମାଣ ବ୍ରାଜିଲର ରାଫିନା ଓ ନେମାର।


କ୍ରୋଏସିଆ ପ୍ରଶଂସକଙ୍କ ପ୍ରତିକ୍ରିୟା।


ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟର ହିରୋ କ୍ରୋଏସିଆ ଗୋଲକିପର ଡୋମିନିକ୍ ଲିଭାକୋଭିକ୍।


ନିର୍ଣ୍ଣାୟକ ପେନାଲ୍ଟି ମିସ୍ ପରେ ବ୍ରାଜିଲର ମର୍କିନୋ।

# ଆର୍ଜେଣ୍ଟିନା-କ୍ରୋଏସିଆ ସେମିଫାଇନାଲ

**ଦୋହା, ୯।୧୨**

ଚଳିତ ଫିଫା ବିଶ୍ୱକପର ସେମିଫାଇନାଲରେ କ୍ରୋଏସିଆକୁ ଭେଟିବ ଆର୍ଜେଣ୍ଟିନା। ଶୁକ୍ରବାର ୨ଟି ଯାକ କ୍ୱାର୍ଟର ଫାଇନାଲ ପେନାଲ୍ଟି ଶୁଟ୍ ଆଉଟରେ ମୀମାଂସା ହୋଇଥିଲା। ବ୍ରାଜିଲକୁ କ୍ରୋଏସିଆ ୪-୨ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ୪-୩ ଗୋଲରେ ନେଦରଲାଣ୍ଡ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

ଲୁସେଲ ଷ୍ଟାଡିୟମରେ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣ କରି ଖେଳିଥିଲା। ମିଡ୍‌ଫିଲ୍ଡରୁ ବଲ୍ ନେଇ ଆସିଥିବା ଲିଓନେଲ ମେସି ମ୍ୟାଚର ୩୫ତମ ମିନିଟରେ ନେଦରଲାଣ୍ଡ୍ସ ବକ୍ସ ମଧ୍ୟରେ ଥିବା ନାହୁଏଲ ମୋଲିନାଙ୍କ ନିକଟକୁ ପାସ୍ ଦେଇଥିଲେ। ମୋଲିନା ଧୈର୍ଯ୍ୟର ସହ ବଲ୍‌କୁ ନିୟନ୍ତ୍ରଣରେ ରଖି ଅତି ଚତୁରତାର ସହ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ୨୫ତମ ମ୍ୟାଚ ଖେଳୁଥିବା ମୋଲିନାଙ୍କର ଏହାଥିଲା ପ୍ରଥମ ଗୋଲ। ୭୩ତମ ମିନିଟରେ ପେନାଲ୍ଟି ଗୋଲ ବଳରେ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ମେସି ୨-୦ରେ ପହଞ୍ଚାଇଥିଲେ। ୭୧ତମ ମିନିଟରେ ଆର୍ଜେଣ୍ଟିନାର ଆକୁନାଙ୍କୁ ନେଦରଲାଣ୍ଡ୍ସର ଡୁମ୍‌ଫ୍ରିସ ଫାଉଲମାରି ତଳେ ପକାଇ ଦେଇଥିଲେ। ଏହା ରେଫରିଙ୍କ ନଜରକୁ ଆସିଥିଲା ଏବଂ ସେ ନେଦରଲାଣ୍ଡ୍ସକୁ ଦଣ୍ଡସ୍ୱରୂପ ଆର୍ଜେଣ୍ଟିନାକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ମେସିଙ୍କ ପେନାଲ୍ଟି ଶଟ୍ ଏତେ ତୀବ୍ର ଥିଲା ଯେ ନେଦରଲାଣ୍ଡ୍ସ ଗୋଲକିପର ହଲିବାର ସୁଯୋଗ ପାଇ ନ ଥିଲେ। ଶେଷ ଭାଗରେ କାଉଣ୍ଟର ଆଟାକ୍ କରି ଖେଳିଥିଲା ନେଦରଲାଣ୍ଡ୍ସ। ବର୍ଘୁଇସ ଡିପ୍‌ରୁ ଦେଇଥିବା କ୍ରସ୍‌ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ୱଟ ୱେଘୋର୍ଷ୍ଟ। ନେଦରଲାଣ୍ଡ୍ସର ନାଥନ ଆକେ ୮୮ତମ ମିନିଟରେ ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଦେଶଙ୍କୁ ଫାଉଲ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପରଦେଶ ଡଚ୍ ବେଞ୍ଚ୍ ଆଡ଼କୁ ବଲ୍‌କୁ କିକ୍ ମାରିଥିଲେ। ଫଳରେ ନେଦରଲାଣ୍ଡ୍ସ ବେଞ୍ଚ୍‌ରେ ରହିଥିବା ଖେଳାଳିମାନେ ଚାଲିଆସିବାରୁ କିଛି ସମୟ ଠେଲାପେଲା ହୋଇଥିଲା। ଶେଷରେ ରେଫରି ପରେଦେଶଙ୍କୁ ୟେଲୋ କାର୍ଡ ଦେଖାଇବାରୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା ଏବଂ ଖେଳ ଜାରି ରହିଥିଲା। ୧୧ ମିନିଟର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ନେଦରଲାଣ୍ଡ୍ସ। ମ୍ୟାଚ ଶେଷ ହେବାର ଅଳ୍ପକିଛି ସେକେଣ୍ଡ ପୂର୍ବରୁ ଅର୍ଥାତ୍ ୯୦+୧୧ତମ ମିନିଟରେ ନେଦରଲାଣ୍ଡ୍ସକୁ ଏକ ଫ୍ରିକିକ୍ ମିଳିଥିଲା। କୁପ୍‌ମିନେର୍ସ ଆର୍ଜେଣ୍ଟିନା ଗୋଲପୋଷ୍ଟକୁ ବଲ୍ ନ ମାରି ୱେଘୋର୍ଷ୍ଟଙ୍କୁ ପାସ୍ ଦେଇଥିଲେ। ୱେଘୋର୍ଷ୍ଟ ତାହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା।


ଲୁସେଲ ଷ୍ଟାଡିୟମରେ ଶୁକ୍ରବାର ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପର୍ତ୍ତୁଗାଲକୁ ଥରେ ହରାଇଛି ମରକ୍କୋ

**ଦୋହା, ୯।୧୨**

ଫିଫା ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲରେ ଟାଇଟଲ ଆଶାୟୀ ପର୍ତ୍ତୁଗାଲକୁ ଭେଟିବ ବିପର୍ଯ୍ୟୟ ସୃଷ୍ଟିକାରୀ ମରକ୍କୋ। ଅଲ୍ ଥୁମାମା ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଦଳ ଚଳିତ ମେଗା ଟୁର୍ନାମେଣ୍ଟରେ ଅନ୍ୟତମ ଟାଇଟଲ ଆଶାୟୀ ରହିଛି। ଆପାତତଃ ନିଜର ଶେଷ ବିଶ୍ୱକପ୍ ହୋଇଥିବାରୁ ରୋନାଲ୍ଡୋ ମଧ୍ୟ ଟାଇଟଲ ଶୂନ୍ୟତାକୁ ପୂରଣ କରିବା ଲକ୍ଷ୍ୟରେ ଅଛନ୍ତି। ତେବେ ମରକ୍କୋ ବିପକ୍ଷ ମ୍ୟାଚ ଦଳ ପାଇଁ ସହଜ ହେବ ନାହିଁ ନିଶ୍ଚିତ। କାରଣ ଏହି ଦଳ ଏ ପର୍ଯ୍ୟନ୍ତ ଉତ୍ସାହୀ ପ୍ରଦର୍ଶନ ଜାରିରଖି ଯେପରି ଆଗକୁ ବଢ଼ି ଚାଲିଛି ତାକୁ ରୋକିବା ନିଶ୍ଚିତ କଷ୍ଟସାଧ୍ୟ ହେବ। ଇତିହାସ ଉପରେ ଦୃଷ୍ଟି ପକାଇଲେ ବିଶ୍ୱକପ୍‌ରେ ମରକ୍କୋ ବିପକ୍ଷରେ ପର୍ତ୍ତୁଗାଲର ରେକର୍ଡ ମଧ୍ୟ ସେତେ ଭଲ ନୁହେଁ। ଦୁଇ ଦେଶ ମଧ୍ୟରେ ବିଶ୍ୱକପ୍‌ରେ ଏ ପର୍ଯ୍ୟନ୍ତ ୨ ଥର ମୁକାବିଲା ହୋଇଛି। ୨ଟି ଯାକ ମ୍ୟାଚ ଗ୍ରୁପ୍ ପର୍ଯ୍ୟାୟରେ ହୋଇଥିବାବେଳେ ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତି ବରାବର ସ୍ଥିତିରେ ଅଛନ୍ତି। ଅର୍ଥାତ୍ ମରକ୍କୋ ଦଳ ପୂର୍ବରୁ ଥରେ ପର୍ତ୍ତୁଗାଲକୁ ହରାଇବାର ରେକର୍ଡ ରଖିଛି। ୧୯୮୬ ବିଶ୍ୱକପ୍‌ରେ ମରକ୍କୋ ୩-୧ ଗୋଲରେ ପର୍ତ୍ତୁଗାଲକୁ ପରାସ୍ତ କରିଥିଲା। ଆଗାମୀ ମ୍ୟାଚରେ ଏହାର ପୁନରାବୃତ୍ତି ଆଶାରେ ରହିଛି ୱାଲିଦ ରେଗ୍ରାଗୁଇଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ। ଅନ୍ୟପକ୍ଷରେ ୨୦୧୮ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚରେ ପର୍ତ୍ତୁଗାଲ ୧-୦ରେ ମରକ୍କୋକୁ ହରାଇବାରେ ସକ୍ଷମ ହୋଇଥିଲା। ତେଣୁ ଅଲ୍ ଥୁମାମାରେ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ମରକ୍କୋ ବନାମ ପର୍ତ୍ତୁଗାଲ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୮.୩୦

**ଇଂଲଣ୍ଡ ବନାମ ଫ୍ରାନ୍ସ**
ସ୍ଥାନ: ଅଲ ବାୟଟ ଷ୍ଟାଡିୟମ
ସମୟ: ରାତି ୧୨.୩୦

## ଡବଲ ବିପର୍ଯ୍ୟୟ ସହ ଅପରାଜେୟ

ଗ୍ରୁପ୍ 'ଏଫ'ରେ କ୍ରୋଏସିଆ ବିପକ୍ଷ ମ୍ୟାଚକୁ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ମରକ୍କୋ ପରବର୍ତ୍ତୀ ମ୍ୟାଚରେ ବେଲ୍‌ଜିୟମକୁ ୨-୦ ଗୋଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତୃତୀୟ ମ୍ୟାଚରେ କାନାଡ଼ାକୁ ୨-୧ ଗୋଲରେ ହରାଇ ଗ୍ରୁପ୍ ଚାମ୍ପିୟନଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ଏହି ଦଳ ନିର୍ଦ୍ଧାରିତ ୯୦ ମିନିଟ, ଅତିରିକ୍ତ ୩୦ ମିନିଟରେ ପୂର୍ବତନ ଚାମ୍ପିୟନ ସ୍ପେନ୍‌କୁ ପାଣି ପିଆଇବା ପରେ ପେନାଲ୍ଟି ଶୁଟ୍‌ଆଉଟରେ ବିଦାୟ ପଥ ଦେଖାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହା ହେଉଛି ଫିଫା ବିଶ୍ୱକପ୍‌ରେ ମରକ୍କୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଦଳ ସର୍ବାଧିକ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିପାରିଥିଲା। ତେଣୁ ଏଥର ମରକ୍କୋ ଦୃଢ଼ ପ୍ରଦର୍ଶନ ମାଧ୍ୟମରେ ବହୁ ଆଗକୁ ଯିବାର ଯୋଜନାରେ ଅଛି। ଟୁର୍ନାମେଣ୍ଟରେ ଏ ପର୍ଯ୍ୟନ୍ତ ଅପରାଜିତ ରହିଛି। ଅନ୍ୟପକ୍ଷରେ ପର୍ତ୍ତୁଗାଲର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଏହି ଦଳ ଘାନା ବିପକ୍ଷରେ ୩-୨ରେ କଷ୍ଟସାଧ୍ୟ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉରୁଗୁଏକୁ ୨-୦ରେ ହରାଇଥିଲେ ହେଁ ଅନ୍ତିମ ଲିଗ୍ ମ୍ୟାଚରେ ଦକ୍ଷିଣ କୋରିଆ ଦଳ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ତେବେ ଗ୍ରୁପ୍ 'ଏଚ୍'ର ଶୀର୍ଷ ଦଳ ଭାବେ ପର୍ତ୍ତୁଗାଲ ନକ୍‌ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ପ୍ରଭାବୀ ପ୍ରଦର୍ଶନ କରି ସୁଇଜରଲାଣ୍ଡକୁ ୬-୧ ଗୋଲରେ ପରାସ୍ତ କରିଥିଲା। ରୋନାଲ୍ଡୋଙ୍କ ବଦଳ ଖେଳାଳି ଭାବେ ସୁଯୋଗ ପାଇଥିବା ଗୋନ୍‌କାଲୋ ମାଟିଆସ ରାମୋସ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରି ଦଳ ପାଇଁ ଆଶା ସଞ୍ଚାର କରିଛନ୍ତି। ୧୯୬୬ରେ ତୃତୀୟ ଏବଂ ୨୦୦୬ରେ ଚତୁର୍ଥ ହୋଇଥିବା ପର୍ତ୍ତୁଗାଲକୁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିବାକୁ ହେଲେ ପ୍ରଥମେ ମରକ୍କୋ ହର୍ଡଲ୍‌କୁ ଅତିକ୍ରମ କରିବାକୁ ପଡ଼ିବ।


୧୯୮୬ ବିଶ୍ୱକପରେ ପର୍ତ୍ତୁଗାଲକୁ ହରାଇବାପରେ ନିଜ ଦଳର ମୁସ୍ତାଫା ବାଏଜଙ୍କୁ ଖୁସିରେ ଟେକି ଧରିଛନ୍ତି ମରକ୍କୋ ଗୋଲକିପର ବାଦୋଉ ଜାକି।

# ଏ ଯେ ପ୍ରଣୟ ଦେଶ, ନିଷେଧ ବୈରାଗ୍ୟ

**– ଗଗନେନ୍ଦ୍ର ନାଥ ଦାଶ**

ପ୍ରଦକ୍ଷିଣ



**ଗଗନେନ୍ଦ୍ର ନାଥ ଦାଶ**ଙ୍କ ଜନ୍ମ ୨୫ ନଭେମ୍ବର ୧୯୪୦ରେ ଓ ପରଲୋକ ୧୯ ନଭେମ୍ବର ୨୦୨୨ରେ। ଭିଟାମାଟି ଯଦିଓ ଯାଜପୁର ଜିଲା ବଡ଼ଚଣାର କଡ଼େଇ ଗ୍ରାମ, କିନ୍ତୁ ତାଙ୍କ କର୍ମଜୀବନର ବେଶୀ ଭାଗ ସମୟ କଟିଛି ବ୍ରହ୍ମପୁରରେ। ବହୁପାଠୀ ଏଇ ଯଶସ୍ୱୀ ଭାଷାବିତ୍ ଓଡ଼ିଆ ଭାଷା ଓ ଓଡ଼ିଆ ବ୍ୟାକରଣକୁ ନେଇ ବହୁ ପ୍ରାମାଣିକ ନିବନ୍ଧ ଲେଖିଛନ୍ତି। ତାଙ୍କରି ଉଦ୍ୟମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖୋଲିଛି 'ଭାଷାବିଜ୍ଞାନ ବିଭାଗ', ଯାହାର ସେ ଥିଲେ ପ୍ରଥମ ମୁଖ୍ୟ। ବହୁ ଚର୍ଚ୍ଚିତ ଗ୍ରନ୍ଥ ମଧ୍ୟରୁ ତାଙ୍କ ରଚିତ କେତୋଟି ପ୍ରମୁଖ ଗ୍ରନ୍ଥ ହେଉଛି- 'ଜନଶ୍ରୁତି କାଞ୍ଚିକାବେରୀ', 'ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା', 'ଖଦ୍ୟୋତର ଦ୍ୟୁତି' ଓ 'ନୀଳକଣ୍ଠ ସ୍ମାରକୀ'। ଓଡ଼ିଆ ଭାଷା-ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ ୨୦୧୧ରେ ତାଙ୍କୁ ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'। ସାହିତ୍ୟରେ ବରାବର ସତ୍ୟ ପକ୍ଷରେ ଛିଡ଼ା ହେବା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ, ଯେତେ ଝଞ୍ଜାକ୍ଷୁବ୍ଧ ହେଉ ପଛେ ତାହା। ତାଙ୍କ ବିଚାର ଓ ଅନୁଶୀଳନର ଅନନ୍ୟତାକୁ ସ୍ମରଣରେ ରଖି, ଲେଖକଙ୍କ ଅବର୍ତ୍ତମାନରେ ତାଙ୍କ ରଚିତ 'ପୁନଶ୍ଚ ନଗେନ୍ଦ୍ରବାଳା ଓ ରାଧାନାଥ ପ୍ରସଙ୍ଗ' ନିବନ୍ଧଟିର ନିର୍ବାଚିତ ଅଂଶକୁ ଏଠାରେ ପ୍ରକାଶ କରାଗଲା ଏକ ନୂଆ ଶୀର୍ଷକରେ, ଯାହା ବଙ୍ଗୀୟ କବୟିତ୍ରୀ ନଗେନ୍ଦ୍ରବାଳାଙ୍କର 'ଅମିୟଗାଥା' କବିତାଗ୍ରନ୍ଥରେ ଥିବା 'ବିଦାୟ' ଶୀର୍ଷକ କବିତାରୁ ଆନୀତ। ଗଗନେନ୍ଦ୍ରଙ୍କୁ 'ଧରିତ୍ରୀ'ର ବିଦାୟ-ବନ୍ଦନା ଏଇ ଆଲେଖ୍ୟଟି...

ନଗେନ୍ଦ୍ରବାଳା ଥିଲେ ବଙ୍ଗର ଏକ ସମ୍ଭ୍ରାନ୍ତ ପରିବାରର କନ୍ୟା ଓ ଅନ୍ୟ ଏକ ସମ୍ଭ୍ରାନ୍ତ ପରିବାରର ବଧୂ। ସେ ସେକାଳର ପ୍ରଥା ଅନୁଯାୟୀ ମାତ୍ର ୧୦ ବର୍ଷ ବୟସରେ ବିବାହ କରିଥିଲେ। ୧୩ ବର୍ଷ ବୟସରେ ପ୍ରଥମ ଥର ପାଇଁ ପତିଗୃହକୁ ଯାଆନ୍ତି ଓ ତା' ପରେ ପରେ (ଯକ୍ଷ୍ମା ରୋଗରେ ନୁହେଁ), ଦୁରାରୋଗ୍ୟ ଯୋଷାପସ୍ମାର ବା ହିଷ୍ଟିରିଆ ରୋଗଗ୍ରସ୍ତା ହୋଇ ବହୁ ଦୈହିକ ଓ ମାନସିକ ଯନ୍ତ୍ରଣାର ଶରବ୍ୟ ହୁଅନ୍ତି।

୧୯୦୦ରେ ବଦଳି ହୋଇ ଓ ପରିବାରଠାରୁ ବିଚ୍ଛିନ୍ନ ହୋଇଥିବା ସମୟରେ ୫୩ ବର୍ଷ ବୟସ୍କ ରାଧାନାଥ କିନ୍ତୁ ମାତ୍ର ୨୨ ବର୍ଷ ବୟସ୍କା ବଙ୍ଗୀୟା ନାରୀକବି ଓ ବିଦୁଷୀ ନଗେନ୍ଦ୍ରବାଳାଙ୍କ ଅତି ନିକଟ ସଂସ୍ପର୍ଶରେ ଆସନ୍ତି। ନଗେନ୍ଦ୍ରବାଳାଙ୍କ ପ୍ରତିଭା ଓ କବିତ୍ୱ ତଥା ବ୍ୟକ୍ତିତ୍ୱରେ ରାଧାନାଥ ମୁଗ୍ଧ ହୁଅନ୍ତି। ଓଡ଼ିଶାରେ ଏତେ କାଳ ଅବସ୍ଥାନ ମଧ୍ୟରେ ଏହିପରି ଜଣେ ବିଦଗ୍ଧା ନାରୀଙ୍କ ଅତି ନିକଟ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇ ନ ଥିବାରୁ ଏବେ ରାଧାନାଥ ନଗେନ୍ଦ୍ରବାଳାଙ୍କ ପ୍ରତି ଏକ ଅଦ୍ଭୁତ ଆକର୍ଷଣ ଅନୁଭବ କରନ୍ତି, ଯାହା କେବେ ବି ତାଙ୍କ ଜୀବନରେ ଘଟି ନ ଥିଲା। ନଗେନ୍ଦ୍ରବାଳାଙ୍କ ବ୍ୟକ୍ତିତ୍ୱ, ବିଦ୍‌ବତ୍ତା ଓ କବିପ୍ରତିଭାର ପ୍ରଶଂସା ଗାନରେ ସେ ହେଲେ ଶତମୁଖ। ସେତେବେଳକୁ ରାଧାନାଥ ତାଙ୍କର ସମସ୍ତ ଉଚ୍ଚମାନର ସାହିତ୍ୟକୃତି ରଚନା କରିସାରି ଯଶର ଶୀର୍ଷବିନ୍ଦୁ ସ୍ପର୍ଶ କରିଥିବାରୁ ନଗେନ୍ଦ୍ରବାଳା ମଧ୍ୟ ରାଧାନାଥଙ୍କ ମୁଖରୁ ନିଜ ବ୍ୟକ୍ତିତ୍ୱ ତଥା କବିପ୍ରତିଭାର ଏପରି ଉଚ୍ଛ୍ୱସିତ ପ୍ରଶଂସା ଶୁଣି ତାଙ୍କ ପ୍ରତି ଅଦ୍ଭୁତ ଆକର୍ଷଣ ଅନୁଭବ କରନ୍ତି ଓ ଶେଷରେ ତାଙ୍କର ଜଣେ ଅନୁରାଗୀ ଶିଷ୍ୟା ବା ଭକ୍ତରେ ପରିଣତ ହୁଅନ୍ତି। ତେଣୁ ବୟସର ତାରତମ୍ୟ ବା ବ୍ୟବଧାନ ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଖ୍ୟ ଏତେ ଦ୍ରୁତ ଗତିରେ ବୃଦ୍ଧିପାଏ ଯେ, ତାହା କ୍ରମେ ପ୍ରଣୟରେ ରୂପାନ୍ତରିତ ହୁଏ ଏବଂ ପରିଶେଷରେ ଦୈହିକ ମିଳନର ସ୍ତରକୁ ମଧ୍ୟ ଯାଏ। ତେଣୁ ପ୍ରଥମେ ଯେଉଁ ବିଷୟଟି ବିଚାର୍ଯ୍ୟ ତା' ହେଉଛି, ଅନ୍ତର୍ନିହିତ ଦୁଷ୍ପ୍ରବୃତ୍ତିର ଅଶ୍ୱକୁ ବିବେକ ବା ସଂଯମର ଲଗାମ ମାଧ୍ୟମରେ ନିୟନ୍ତ୍ରଣ କରି ରଖି ନ ପାରିବାରେ ଉଭୟଙ୍କ ମଧ୍ୟରୁ କାହାର ଦାୟିତ୍ୱ କେତେ ଥିଲା?

ଏଇଠି କହିରଖିବା ଉଚିତ ହେବ ଯେ, ୧ ଜାନୁୟାରୀ ୧୯୧୦ରେ ରାଧାନାଥଙ୍କୁ ଉତ୍ସର୍ଗୀକୃତ 'ଅମିୟଗାଥା'ର ପ୍ରାରମ୍ଭରେ ନଗେନ୍ଦ୍ରବାଳାଙ୍କ ଜୀବନୀ ଲେଖିବା ଅବକାଶରେ ନିଜେ ରାଧାନାଥ ଲେଖିଥିଲେ, "ସଂସାରେ ଗୁଣୀମାତ୍ରକେଇ ଖଳେର ଓ କୁସଂସ୍କାରାବିଷ୍ଟ ଲୋକେର ନିର୍ଯ୍ୟାତନ ଅଳ୍ପାଧିକ ପରିମାଣେ ସହ୍ୟ କରିତେ ହୟ, ନଗେନ୍ଦ୍ରବାଳାର ଭାଗ୍ୟେ ଓ ଏ ନିର୍ଯ୍ୟାତନ ପୂର୍ଣ୍ଣମାତ୍ରାୟ ଘଟିୟାଛିଲ।" (ପୃ.୬)। ଏଥିରୁ ଅନୁମିତ ହୁଏ ଯେ, ସେ ସମୟରେ ନଗେନ୍ଦ୍ରବାଳାଙ୍କ ସମ୍ପର୍କରେ କିଛି ଚାରିତ୍ରିକ ଅପବାଦ ଥିଲା ଓ ରାଧାନାଥ (ଓ ଏପରି କି ନଗେନ୍ଦ୍ରବାଳା ବି) ତାହା ଜାଣିଥିଲେ। ସେଦିନ ନଗେନ୍ଦ୍ରବାଳାଙ୍କ ମୁଗ୍ଧ ପ୍ରେମିକ ରାଧାନାଥ ତାହାକୁ କିନ୍ତୁ ଉପେକ୍ଷା କରିଥିଲେ। ସେଥିରେ ରାଧାନାଥ ପୁଣି କହନ୍ତି, "ନଗେନ୍ଦ୍ରବାଳା ଯଦିଓ ଭିନ୍ନ ଭିନ୍ନ ରସାଶ୍ରିତ କବିତା ପ୍ରଣୟନେ ଯଥେଷ୍ଟ କୃତିତ୍ୱ ଦେଖାଇୟାଛେନ ତାହାଁର ବୀଣାର ପ୍ରେମତନ୍ତ୍ରୀର ଝଙ୍କାର ସର୍ବାପେକ୍ଷା ମଧୁର, ସର୍ବାପେକ୍ଷା ପ୍ରାଣସ୍ପର୍ଶୀ।" (ପୃ: ୭)। ରାଧାନାଥ ଆହୁରି ପୁଣି ଲେଖିଥିଲେ, "ମହାକବି ବାୟରଣେର ମତ ଇହାଁର କବିତାର କୋନ କୋନ ଅଂଶକେ କିୟତ ପରିମାଣେ ଇହାଁର ନିଜ ଜୀବନେର ଚିତ୍ର ବଲିତେ ପାରାଯାୟ।" (ପୃ: ୬)। ଏ ସବୁ ଅତି ତାତ୍ପର୍ଯ୍ୟପୂର୍ଣ୍ଣ।

ନଗେନ୍ଦ୍ରବାଳାଙ୍କ ଏକାଧିକ କବିତାର ଅନୁଶୀଳନରୁ ତଥା ରାଧାନାଥଙ୍କ ପରବର୍ତ୍ତୀ କାଳର ବକ୍ତବ୍ୟରୁ ମନେହୁଏ ଯେ ଉଭୟଙ୍କ ଦୈହିକ ମିଳନ କ୍ଷେତ୍ରରେ ନଗେନ୍ଦ୍ରବାଳା ଅଗ୍ରଗାମୀ ଭୂମିକା ନେଇଥିଲେ ଓ ରାଧାନାଥ ମଧ୍ୟ ଅକୁଣ୍ଠିତ ଭାବରେ ତାଙ୍କର ସକ୍ରିୟ ସହଯୋଗୀର ଭୂମିକା ନେଇଥିଲେ। ନଗେନ୍ଦ୍ରବାଳାଙ୍କ 'ଅମିୟଗାଥା' ସଂକଳନ ଅନ୍ତର୍ଗତ 'ଚୋର୍' ନାମକ କବିତାର କେତୋଟି ପଙ୍କ୍ତି ହେଉଛି:

"ଆମି ଯେ ବେସେଛି ଭାଲ
ଆମାରି କି ଦୋଷ
ପ୍ରାଣଭରା ପ୍ରେମ ଲୟେ,
ତୃଷାୟ ଆକୁଳ ହୟେ,
ତୁମି କି ଚାହନି ସଖା
ମୋର ପରିତୋଷ
ଆମି ବାସାୟାଛି ଭାଲ
ଏଇ ଦୋଷ ମମ।
ହାଣିୟା ସ୍ନେହେର ବାଣ,
ତୁମିକି ଦାଓନି ଟାନ,
ଏ କ୍ଷୁଦ୍ର ପରାଣେ,
ସତ୍ୟ ବଲ ପ୍ରିୟତମ।
ଭାଲ ବାସିୟାଛି ବଲି
ଦୋଷ ଦାଓ ତାଇ,
ଶୁନାଇୟା ତତ୍ତ୍ୱ କଥା,
ଚାହ ଏ ବୁକେର ବ୍ୟଥା,
ମୁଛାଇତେ, ଛି ଛି ସଖା, –
ଲାଜେ ମରେଯାଇ।"

ଏଥିରେ ତାଙ୍କର ବକ୍ତବ୍ୟ ଥିଲା, "ଯାହା ହୋଇଗଲା ସେଥିପାଇଁ (ଅର୍ଥାତ୍ ଦୈହିକ ମିଳନ ପାଇଁ) କ'ଣ ମୁଁ ଏକା ଦାୟୀ? ସେଥିପାଇଁ ଆମେ ଦୁଇଜଣଯାକ ତ ସମାନ ଭାବରେ ଦାୟୀ।" ଅର୍ଥାତ୍ ପାପ ବା ଯାହା ହୋଇଗଲା ସେଥିପାଇଁ ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ମଧ୍ୟ ରାଧାନାଥ ତାଙ୍କୁ ହିଁ ମୁଖ୍ୟତଃ ଦାୟୀ କରିଥିଲେ। ଅବଶ୍ୟ ଯୌବନର ମଧ୍ୟାହ୍ନରେ ଥିବା ତଥା ହିଷ୍ଟିରିଆ-ପୀଡ଼ିତା ନଗେନ୍ଦ୍ରବାଳା ଏଥିରେ ଅଗ୍ରଗାମୀ ଥିବାରେ ବିସ୍ମିତ ହେବାର କିଛି ନାହିଁ। ଏହିପରି ପ୍ରାଥମିକ ଆବେଶ କଟିଯିବାର କିଛି ଦିନ ପରେ ନୀତିବାଗୀଶ ରାଧାନାଥ ବିବେକର ଦଂଶନ ଅନୁଭବ କଲେ ଓ ନିଜକୁ ଏପରି 'ପାପ'ରୁ ନିବୃତ୍ତ କରିବାର ଚେଷ୍ଟା କଲେ ମଧ୍ୟ ସଫଳ ହୋଇପାରୁ ନ ଥିଲେ। ସେ ନଗେନ୍ଦ୍ରବାଳାଙ୍କୁ ଏହା କହି ଏ କ୍ଷେତ୍ରରେ ତାଙ୍କର ସହଯୋଗ ଲୋଡ଼ିଲେ। (ଏହା ଅବୈଧ ବୋଲି କହି ସେଥିରୁ ଉଭୟ ବିରତ ରହିବା ଉଚିତ ବୋଲି ନଗେନ୍ଦ୍ରବାଳାଙ୍କୁ ବୁଝାଇବା ପାଇଁ ଚେଷ୍ଟା କଲେ।) କିନ୍ତୁ କମ୍ ବୟସ୍କା ତଥା ହିଷ୍ଟିରିଆ ପୀଡ଼ିତା ନଗେନ୍ଦ୍ରବାଳା ଏହା ବୁଝିବା ଅବସ୍ଥାରେ ନ ଥିଲେ। ସେ ଏହାକୁ ପାପ ବୋଲି ଆଦୌ ଭାବୁ ନ ଥିଲେ ଓ ବିବେକର ଦଂଶନ ଅନୁଭବ କରୁ ନ ଥିଲେ। ତେଣୁ ନଗେନ୍ଦ୍ରବାଳା ରାଧାନାଥଙ୍କ ତତ୍ତ୍ୱଜ୍ଞାନକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଦେଲେ। କାରଣ ଏଥିରୁ ନିବୃତ୍ତ ହେବା ପାଇଁ ତାଙ୍କର ପ୍ରବୃତ୍ତି ନ ଥିଲା ଓ ସେ ଏଥିରୁ ନିବୃତ୍ତ ହେବାକୁ ଚାହୁଁ ନ ଥିଲେ। ତେଣୁ ସେ ଏହାକୁ ଆଦୌ 'ପାପ' ବୋଲି ଭାବି ପାରିଲେ ନାହିଁ, ଏ ଦିଗରେ ରାଧାନାଥ ତାଙ୍କୁ ବାରମ୍ବାର ସଚେତନ କରିବା ସତ୍ତ୍ୱେ। ସେଇ ସଂକଳନର 'ବିଦାୟ' କବିତାରୁ ଏ ସବୁର ସ୍ପଷ୍ଟ ସୂଚନା ମିଳେ। ନିମ୍ନରେ ତା'ର ମାତ୍ର କେତୋଟି ପଙ୍କ୍ତି ଉଦାହରଣ ଭାବରେ ଦିଆଯାଉଛି:

"ବିଦାୟ – ବିଦାୟ
ଦେହେତେ ଥାକିତେ ପ୍ରାଣ,
ଅନଲେ ଆହୁତିଦାନ,
ହୃତ୍‌ପିଣ୍ଡ ଉପାଡ଼ିୟା
କେ କରିତେ ଚାୟ?
ବିଦାୟ – ବିଦାୟ
ଇଷ୍ଟଦେବେ ବିସର୍ଜିୟା,
ଲୟେ ଶୂନ୍ୟ ଭଗ୍ନ ହିୟା,
ପୂଜା କରେ– ବଲ ହେନ
କ୍ଷିପ୍ତ କେ କୋଥାୟ
ବଲ ଗୋ ଆମାୟ,
ମିଛା ତତ୍ତ୍ୱଜ୍ଞାନେ ହେନ,
ଭୁଲାଇତେ ଚାହ କେନ,
ବୁଝେ ବଲ ତତ୍ତ୍ୱନୀତି –
ପାଗଲ କୋଥାୟ?
ଏ ଯେ – ପ୍ରଣୟେର ଦେଶ,
ପ୍ରେମ ବିନା ହେଥା ଆର,
ନାହି କାରୋ ଅଧିକାର,
ନିଷେଧ ବୈରାଗ୍ୟ ହେଥା
କରିତେ ପ୍ରବେଶ।"

ମନେହୁଏ ଏ କବିତାରେ ନିଜକୁ 'କ୍ଷିପ୍ତ' (ବଙ୍ଗଭାଷାରେ ବାୟା ଶବ୍ଦର ସମାର୍ଥବାଚି) ଓ 'ପାଗଲ' ବୋଲି ଅଭିହିତ କରିଥିବା ନଗେନ୍ଦ୍ରବାଳା ରାଧାନାଥଙ୍କୁ ଗଭୀର ଭାବରେ ପ୍ରେମ କରୁଥିଲେ ଓ ତାଙ୍କ ପ୍ରେମରେ ପ୍ରକୃତରେ ଉନ୍ମାଦିନୀ ହୋଇଯାଇଥିଲେ। ହୁଏତ ଉଭୟଙ୍କ ମଧ୍ୟରେ ଥିବା ବୟସର ତାରତମ୍ୟ ମଧ୍ୟ କିଛି ପରିମାଣରେ ଏପରି ପରିସ୍ଥିତି ପାଇଁ ଦାୟୀ ଥିଲା। ଏହିପରି କିଛିଦିନ ଦୋଳାୟମାନ ଅବସ୍ଥାରେ ରହି ଅବଶେଷରେ ରାଧାନାଥ ନିଜକୁ ନିବୃତ୍ତ କରିବାରେ ସମର୍ଥ ବା ସଫଳକାମ ହେଲେ ଓ ନଗେନ୍ଦ୍ରବାଳାଙ୍କୁ ପ୍ରତ୍ୟାଖ୍ୟାନ କଲେ। ମୋର ଧାରଣା ଯେ, ସେ ସରକାରୀ ଚାକିରିରୁ ଅବସର ନେଇ ଓଡ଼ିଶାରେ ଅବସ୍ଥାନ କରିବାର ବେଶ୍ କିଛି ଦିନ ପରେ ଏପରି ହୋଇଥିବ। ସେହିପରି ମୋର ଧାରଣା ଯେ ତା'ପରେ ହିଁ ନଗେନ୍ଦ୍ରବାଳା ଲେଖିଥିଲେ 'ପ୍ରତ୍ୟାଖ୍ୟାତା ଶକୁନ୍ତଳା' ନାମକ କବିତା, 'ପୂର୍ଣ୍ଣିମା' ସାହିତ୍ୟପତ୍ରରେ, ବୋଧହୁଏ ୧୯୦୫ରେ।

ମନେହୁଏ ଯେ, ନଗେନ୍ଦ୍ରବାଳାଙ୍କୁ ପ୍ରତ୍ୟାଖ୍ୟାନ କରିବା ପରେ ମଧ୍ୟ ପରସ୍ତ୍ରୀ ନଗେନ୍ଦ୍ରବାଳାଙ୍କ ସହ ଅବୈଧ ଦୈହିକ ମିଳନ ରୂପକ ପାପ କରିଥିବାରୁ ରାଧାନାଥ ମାନସିକ ସ୍ତରରେ ଶାନ୍ତି ପାଇପାରୁ ନ ଥିଲେ ଓ ଦାରୁଣ ମାନସିକ ଯନ୍ତ୍ରଣା ଭିତରେ ଗତି କରୁଥିଲେ। କ'ଣ କଲେ ସେ ମାନସିକ ଶାନ୍ତି ପାଇପାରିବେ ସେ ବିଷୟରେ ସର୍ବଦା ଚିନ୍ତିତ ରହିଲେ। ଏହିପରି ସମୟରେ ତାଙ୍କ ମନକୁ ଆସିଲା। ପାପ କରିଥିବାରୁ 'ପାପଂ କୃତ୍ୱା ପ୍ରକାଶୟେତ୍' ନୀତି ଅବଲମ୍ବନରେ ତାହା ସର୍ବସାଧାରଣରେ ପ୍ରକାଶ କଲେ ସେ ହୁଏତ ମାନସିକ ସ୍ତରରେ ଶାନ୍ତି ଫେରିପାଇବେ। କିନ୍ତୁ ତାହାକୁ କାର୍ଯ୍ୟରେ ପରିଣତ କରିବା ସହଜ ନ ଥିଲା। ସେଥିପାଇଁ ଯେଉଁ ମାନସିକ ପ୍ରସ୍ତୁତିର, ଯେଉଁ ସାହସର ଆବଶ୍ୟକତା ଥିଲା ତା' ସେ ଯୋଗାଡ଼ କରିପାରୁ ନ ଥିଲେ। କାରଣ ସେ ତାହା ପ୍ରକାଶ କରି ନ ଥିଲେ ତାହା ଅନ୍ୟ କେହି ଜାଣି ନ ଥିବାରୁ ଶେଷ ପର୍ଯ୍ୟନ୍ତ ସେ ଲୋକମାନସରେ ନିଷ୍କଳଙ୍କ ଚରିତ୍ରର ବ୍ୟକ୍ତି ହୋଇ ରହିଯାଇଥାଆନ୍ତେ।

ଯେଉଁ କାରଣରୁ ବା ଯେଉଁ ଉଦ୍ଦେଶ୍ୟରେ ସେ ତାହା ପ୍ରକାଶ କରନ୍ତୁ ନା କାହିଁକି ସେ ତାହାକୁ ପ୍ରକାଶ କରିବା ଥିଲା, ନିନ୍ଦା ଓ ସମାଲୋଚନାକୁ ବ୍ୟକ୍ତିଗତ ଆକ୍ଷେପ ଓ ବିଦ୍ରୂପକୁ ସାଦରେ ଆମନ୍ତ୍ରଣ କରିବା ପରି କଥା। ଜଣେ ଅକୁତୋଭୟ ହିଁ କେବଳ ତାହା କରିପାରେ। ଜୀବନସାରା ଭୟାଳୁ ଥିବା ରାଧାନାଥ ଶେଷରେ କିନ୍ତୁ ସେ ଦିନ ହୋଇପଡ଼ିଥିଲେ ଅକୁତୋଭୟ ଓ ନିନ୍ଦା ଏବଂ ତୀବ୍ର ସମାଲୋଚନାକୁ, ବ୍ୟକ୍ତିଗତ ଆକ୍ଷେପ ଓ ବିଦ୍ରୂପକୁ ଆମନ୍ତ୍ରଣ କରି ଅବଶେଷରେ ସେ ସତ୍ୟ ପ୍ରକାଶ କରିବାର ସାହସ ଯୋଗାଡ଼ କଲେ। ଏଥିପାଇଁ ସେ ତ ପ୍ରଶଂସାର୍ହ।

ତା' ପରେ ସେ କାହିଁକି ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ନୁହେଁ, ତାଙ୍କ ମୃତ୍ୟୁ ପରେ ହିଁ ତା' ପ୍ରକାଶ କଲେ ପରି ପ୍ରଶ୍ନ। ରାଧାନାଥ ପାପ ପ୍ରକାଶ କରି ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଚାହିଁଥିଲେ, ଏପରି କି ସେଇ କାରଣରୁ ନିଜ ପାଇଁ ସେ ଲୋକନିନ୍ଦା ଓ ତୀବ୍ର ସମାଲୋଚନାକୁ ଜାଣିଶୁଣି ଆମନ୍ତ୍ରଣ ବି କରିଥିଲେ। କିନ୍ତୁ ନଗେନ୍ଦ୍ରବାଳାଙ୍କର କୌଣସି କ୍ଷତି କରିବା ଆଦୌ ତାଙ୍କର ଉଦ୍ଦେଶ୍ୟ ନ ଥିଲା। ସେ ନିଜ ପାଇଁ ନିନ୍ଦା ଓ ସମାଲୋଚନାକୁ ଆମନ୍ତ୍ରଣ ଅବଶ୍ୟ କରିଥିଲେ, କିନ୍ତୁ ଜୀବିତାବସ୍ଥାରେ ନଗେନ୍ଦ୍ରବାଳାଙ୍କୁ ସେଇ ନିନ୍ଦା ଓ ସମାଲୋଚନାର ଭାଗୀ କରିବା ପାଇଁ ସେ ଚାହୁଁ ନ ଥିଲେ। କାରଣ ଆମର ପାରମ୍ପରିକ ରକ୍ଷଣଶୀଳ ସମାଜରେ ତାହା ଭିତର ଦେଇ ଗତି କରିବା ଓ ତାହାକୁ ସହ୍ୟ କରିବା ପୁରୁଷ ପକ୍ଷରେ ଯାହା ଅପେକ୍ଷାକୃତ ସହଜ ଥିଲା, ତାହା ନାରୀ ପକ୍ଷରେ ସେତିକି ସହଜ ନ ଥିଲା। ଏପରିକି ତାହା ନାରୀର ସହ୍ୟଶକ୍ତିର ବାହାରେ ଥିଲା। ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ତା' ପ୍ରକାଶ ପାଇଥିଲେ ତାଙ୍କ ପାରିବାରିକ ଜୀବନରେ ଅବଶ୍ୟ ଝଡ଼ ଉଠିଥାଆନ୍ତା। ହୁଏତ ତା' ଉଭୟ ପତିଗୃହ ଓ ପିତୃଗୃହରେ ତାଙ୍କ ପାଇଁ କୌଣସି ସ୍ଥାନ ବି ନ ଥାନ୍ତା। ପୁଣି ତାଙ୍କର ଭବିଷ୍ୟତ ବଂଶଧର ମଧ୍ୟ ସେଥିପାଇଁ ସମାଜରେ ଅପାଂକ୍ତେୟ ହୋଇ ରହିଥାଆନ୍ତେ। କିନ୍ତୁ ସନ୍ତାନ ପ୍ରସବଜନିତ ନଗେନ୍ଦ୍ରବାଳାଙ୍କ ଅକାଳ ମୃତ୍ୟୁ ପରେ ସେ ସବୁ ଅବାନ୍ତର ହୋଇପଡ଼ିଥିଲା। ବିଶେଷ ଭାବରେ ନଗେନ୍ଦ୍ରବାଳାଙ୍କର କୌଣସି ପୁତ୍ର ସନ୍ତାନ ନ ଥିବାରୁ ଓ ତାଙ୍କ ସ୍ୱାମୀ ଖଗେନ୍ଦ୍ର ନାଥ ମିତ୍ର ନଗେନ୍ଦ୍ରବାଳାଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିବାରୁ। ମୋର ବିନୀତ ମତରେ ହୁଏତ ସେପରି କାରଣରୁ ରାଧାନାଥ ନଗେନ୍ଦ୍ରବାଳାଙ୍କ ମୃତ୍ୟୁ ପରେ ତାହାକୁ ସାଧାରଣରେ ପ୍ରକାଶ କରିବା ପାଇଁ ଉଚିତ ମନେକରିଥିଲେ। ତେଣୁ ରାଧାନାଥଙ୍କୁ ସେଥିପାଇଁ ଦୋଷ ଦେବା ଉଚିତ ହେବ କି?

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## କବିତା

### ସ୍ୱର୍ଗଦ୍ୱାର

**ସନ୍ୟାସୀ ନାୟକ**

**ଆ**ଜି ମୋତେ ଲାଗେ
ସ୍ୱର୍ଗଦ୍ୱାର ନିଜର ନିଜର...
ପର ପର ହୋଇଯାଏ
ମୋ ଘର ଦୁଆର...
ବଞ୍ଚିଥିବା ବେଳେ
ଭାଇ ହୋଇ ନଥିଲି ଯାହାର
ଆଜି ସେ ମୁଣ୍ଡକୋଡ଼ି କାନ୍ଦୁଛି
ମୁଁ ତାହାର ତାହାର...

ମହୋଦଧି କୂଳେ
ଖେଳେ ଶୀତଳ ସମୀର...
ପଞ୍ଜୁରି ପୋଡ଼ି
ଆତ୍ମା ଯାଏ ସ୍ୱର୍ଗପୁର...
ମୁଁ ବୁଝି ପାରୁନାହିଁ
ସତରେ କିଏ କାହାର...
ଲୁହ ଗଡ଼ାଇ
ସମ୍ପର୍କ ଛିଣ୍ଡାଇ
ଚାଲି ଯାଆନ୍ତି ସମସ୍ତେ
ନିଜ ନିଜ ଘର...

ଏଠି ଦୁଇ ହାତ ଟେକି
ଚୈତନ୍ୟଙ୍କ ଚିତ୍କାର...
ରାମନାମ ସତ୍ୟର ସମ୍ଭାର...
ପୋଡ଼ାପାଉଁଶ ଭଙ୍ଗାହାଡ଼ ସବୁ
ବାସ୍ତବ କଥା କହେ ଜୀବନର...
ସର୍ବସ୍ୱ ହରାଇ ରଜା ଶୋଇଛି
ଶୁଣୁନି ଡାକ କାହାର...

ମଣିଷ ପୋଡ଼ା ଗନ୍ଧ ଶୁଙ୍ଘି
ମଣିଷ ବିଭୋର...
ବାଉଁଶ କେଞ୍ଚଣାରେ
ପେଟ ଫାଟିଯାଏ ମଣିଷର...
ପିଟି ପିଟି ହାଡ଼ରୁ ମାଂସ ଛଡ଼ାଯାଏ
ସତରେ ନିୟତି କେଡ଼େ ନିଷ୍ଠୁର...
ନିଆଁରେ ଜଳିଯାଏ ଗର୍ବ ଦମ୍ଭ
ଐଶ୍ୱର୍ଯ୍ୟ ମଣିଷର...
ଠୋ କିନା ଫାଟିଯାଏ ମସ୍ତିଷ୍କ
ଜୀବନଟା ପାଣି ଫୋଟକାର...

ଈଶ୍ୱରଙ୍କୁ ଭେଟିବାକୁ ହେଲେ
ଆସ ଥରେ ସ୍ୱର୍ଗଦ୍ୱାର...
ଦେଖିବ ଅପୂର୍ବ ମୂର୍ତ୍ତି
ସତ୍ୟ ଶିବ ସୁନ୍ଦର...
ଏଠି ସବୁ ଶେଷର
ଶେଷରେ ଦିଆଯାଏ ହସ୍ତାକ୍ଷର...
ମା' ପରି କୋଳରେ ପୂରାଇ
ନିଘୋଡ଼ ନିଦରେ
ଶୁଆଇ ଦେଉଛି ମଣିଷକୁ ଶାନ୍ତିରେ...।

ମୋ: ୯୪୩୭୩୫୨୫୬୦

### ଦାଗ

**ମଧୁସୂଦନ ଦାଶ**

**ମୋ** ମୁହଁରେ ଠାଏ
କଳା ଦାଗ ଲାଗିଗଲା
ତାକୁ ପୋଛିବାକୁ ଯାଇ
ଆଇନା ଆଗରେ ଛିଡ଼ାହେଲି।

ତା' ପରଦିନ ଦେଖିଲି
ମୋ ମୁହଁସାରା କଳାଦାଗ
ଆଉ ଆଇନା
ଲୋଡ଼ା ପଡ଼ିଲାନି।

ମୁହଁ ସାରା କଳାଦାଗ
ମୋ ପାଇଁ ଆଇନା ପାଲଟିଲା
ମୁଁ ତାକୁ ନେଇ ମୋ ମୁହଁ
ଦେଖିବା ଶିଖିଲି।

– ଭି.ଆର୍-୯୫
ୟୁନିଟ୍ -୬, ଭୁବନେଶ୍ୱର

### ନୀରବତା

**ଡ. ଭବାନୀ ଶଙ୍କର ଦାଶ**

**ମୋ**ତେ ଯଦି କେବେ ଆସି ପଚାରିବ
ତୁମ ବିନା ବଞ୍ଚିଛି କିପରି
ଲଗାଣ ବର୍ଷାରେ ଭିଜା ମୋର
ଦୀର୍ଘଶ୍ୱାସ
ସଦର୍ପେ ଉତ୍ତର ଦେବେ
ବାତ୍ୟାରେ ଡାଳ ନ ଥିବା
ଥୁଣ୍ଟାକାଣ୍ଡ ପରି।

ଡାଳ ନ ଥିଲେ
କାଣ୍ଡ ବା କେତେ ତିଷ୍ଠିପାରେ
ବର୍ଷା ଖରା କାକରକୁ ସହି
ତା' ଭିତର ଯନ୍ତ୍ରଣା ବି
ବାଧ କରୁଥାଏ
ମାଟିରେ ମାଟି ହୋଇ
ମିଶିଯିବା ପାଇଁ।

ଆତ୍ମ ଫଏସଲା କରିବା ନିଶାରେ
ବିଭୋର ମୁଁ ହେଇଗଲି ଏତେ
ଯେ ଉଡ଼ିବାକୁ ପକ୍ଷ ମୋର ଅଛି
ଠିକ୍ ବେଳେ ଭୁଲିଗଲି
ଭୁଲ୍ କଲି ସତେ!

ମୋ: ୮୯୧୭୬୨୪୩୮୬

## କାଳକାଳକୁ

**"ସିଏ ଭଦ୍ରଲୋକ ହୁଅନ୍ତୁ କି ଭଦ୍ରମହିଳା, ଗୋଟିଏ ଭଲ ଉପନ୍ୟାସରୁ ଯେଉଁମାନେ ମଜା ନେଇପାରନ୍ତି ନାହିଁ, ସେମାନେ ପକ୍କା ବଦମାସ୍।"**

**– ଜେନ୍ ଅଷ୍ଟେନ୍**



**ଜେନ୍ ଅଷ୍ଟେନ୍**ଙ୍କ ଜନ୍ମ ୧୬ ଡିସେମ୍ବର ୧୭୭୫ରେ ଓ ପରଲୋକ ୧୮ ଜୁଲାଇ ୧୮୧୭ରେ, ଇଂଲଣ୍ଡରେ। ତାଙ୍କର ପ୍ରସିଦ୍ଧ ଛ'ଟି ଉପନ୍ୟାସ ହେଉଛି– 'ପ୍ରାଇଡ୍ ଆଣ୍ଡ୍ ପ୍ରିଜୁଡିସ୍', 'ସେନ୍ସ ଆଣ୍ଡ୍ ସେନ୍ସିବିଲିଟି', 'ଏମ୍ମା', 'ମ୍ୟାନ୍ସଫିଲ୍ଡ ପାର୍କ', 'ନର୍ଥଆଙ୍ଗର୍ ଆବେ' ଓ 'ପର୍ସୁଏସନ୍'। ନାରୀ ଜୀବନର ଅଶୁଣା କାହାଣୀକୁ ସେ ତାଙ୍କ ଲେଖାଗୁଡ଼ିକରେ ଅତି ଜୀବନ୍ତ କରି ତୋଳିଧରନ୍ତି। ସେ ନିଃସ୍ୱାର୍ଥପର ଭାବେ ଜୀବନବାଦୀ। ଥରେ କହିଥିଲେ: "ଯେଉଁମାନେ ମୋର ଅସଲ ବନ୍ଧୁ, ଏପରି କିଛି ନାହିଁ ଯାହା ମୁଁ ସେମାନଙ୍କ ପାଇଁ କରିପାରିବି ନାହିଁ। ଅଧା ଭଲପାଇବା ମୋ' ଜାତକରେ ନାହିଁ।

## ପୁସ୍ତକ ପରିଚୟ

### ଏକବିଂଶ ଶତାବ୍ଦୀର ନିର୍ବାଚିତ ଅସମୀୟା ଗଳ୍ପ




**ଅନୁସୃଜନ:** ଅଧ୍ୟାପକ ନିତ୍ୟାନନ୍ଦ ସାହୁ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୯୦୦/-

ଆଲୋଚ୍ୟ ଗ୍ରନ୍ଥରେ ଅସମୀୟା ଭାଷାର ୬୧ଟି ଗଳ୍ପର ଓଡ଼ିଆ ଅନୁବାଦ ସହ ରହିଛି 'ସାମ୍ପ୍ରତିକ ଅସମୀୟା କ୍ଷୁଦ୍ରଗଳ୍ପର ଗତି ପ୍ରକୃତି' ଶୀର୍ଷକ ଡ. ଆନନ୍ଦ ବରମୁଦୈଙ୍କର ଏକ ଆଲୋଚନା। 'ଆସାମ ସାହିତ୍ୟ ସଭା'ର ଶତବର୍ଷୀୟ ଶିବସାଗର ଅଧିବେଶନ ଉପଲକ୍ଷେ ପ୍ରକାଶିତ ଏହି ଗଳ୍ପ ସଂକଳନଟିର ଓଡ଼ିଆ ଅନୁବାଦ କରି ଅନୁବାଦକ ଅଧ୍ୟାପକ ସାହୁ କେବଳ ଅସମୀୟା ଭାଷାର ଉପକାର କରିନାହାନ୍ତି, ଓଡ଼ିଆ ଭାଷାଭାଷୀଙ୍କ ସମ୍ମୁଖରେ ଏକବିଂଶ ଶତାବ୍ଦୀର ପ୍ରତିଭାଦୀପ୍ତ ଲେଖକମାନଙ୍କୁ ଉପସ୍ଥାପିତ କରି ଓଡ଼ିଆ ଓ ଅସମୀୟା ଗଳ୍ପ ମଧ୍ୟରେ ଏକ ତୁଳନାତ୍ମକ ବିଚାରର ଅବକାଶ ଆଣିଦେଇଛନ୍ତି। ଅସମୀୟା ଲିପି ଜାଣିଥିବା ସତ୍ତ୍ୱେ ବ୍ୟାକରଣଗତ ଭିନ୍ନତା ଓ ପ୍ରୟୋଗଗତ ବୈସାଦୃଶ୍ୟ ଯୋଗୁ ଓଡ଼ିଆ ଓ ଅସମୀୟା ମଧ୍ୟରେ ରହିଥିବା ପ୍ରଭେଦକୁ ଅତିକ୍ରମ କରିବାକୁ ନିତ୍ୟାନନ୍ଦଙ୍କୁ ଯେଉଁସବୁ କ୍ଳେଶ ସ୍ୱୀକାର କରିବାକୁ ପଡ଼ିଛି, ତା'ର ଏକ ଅନୁଭୂତିମଥିତ ବୟାନ ସେ 'ଅନୁବାଦକଙ୍କର କଲମରୁ' ଶୀର୍ଷକ ଲେଖାରେ ଦେଇଛନ୍ତି। କହିଛନ୍ତି: "ଏଥିରେ ଏପରି କେତେକ ଗଳ୍ପର ସଂସ୍ପର୍ଶରେ ଆସିବା, ଯାହା କେବେହେଲେ ଓଡ଼ିଶାର ଅଧିବାସୀ କୌଣସି ଲେଖକଙ୍କର କଳ୍ପନାକୁ ଛୁଇଁପାରି ନ ଥା'ନ୍ତା, କାରଣ ସୀମାନ୍ତବର୍ତ୍ତୀ ଆସାମର ସାମାଜିକ ସ୍ଥିତି ଓ ସମସ୍ୟା ଓଡ଼ିଶାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସାହିତ୍ୟ ଯେ ଆମ ଅଲକ୍ଷ୍ୟରେ ବି ଆମ ସମାଜର ପ୍ରତିଫଳନ ବହନ କରେ, ଏକଥା ଏହିସବୁ ଗଳ୍ପରୁ ପ୍ରମାଣିତ ହେବ।" ଅନୂଦିତ ଗଳ୍ପଗୁଡ଼ିକର ଗାଳ୍ପିକମାନେ ଅସମୀୟା ଭାଷାର ନବପ୍ରଜନ୍ମର ଓ ଶତାବ୍ଦୀର ପ୍ରଥମ ୧୬ବର୍ଷ ମଧ୍ୟରେ ପ୍ରତିଷ୍ଠା ଅର୍ଜନ କରିଥିବା ଲେଖକମାନଙ୍କର ରଚନାରେ ସମୃଦ୍ଧ। ଏହି ସମୟଖଣ୍ଡରେ ଅସମୀୟା ଭାଷାର ଗଳ୍ପରେ ବିଷୟବସ୍ତୁ ଓ ଭାଷା ଦୃଷ୍ଟିରୁ ଯେଉଁସବୁ ପରୀକ୍ଷା ନିରୀକ୍ଷା ହୋଇଛି, ତା'ର ସୁରାକ ଓଡ଼ିଆ ପାଠକମାନେ ଯେ ପାଇପାରିବେ, ଏଥିରେ ସନ୍ଦେହ ନାହିଁ।

### ମନେ ଅଛି...




**ଲେଖକ:** ଉମାକାନ୍ତ ନନ୍ଦ
**ପ୍ରକାଶକ:** ଅନୁସୂୟା ନନ୍ଦ, ଗଣ୍ଡରପୁର, କଟକ-୩
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ପୁସ୍ତକଟି ଲେଖକଙ୍କ ଆତ୍ମଜୀବନୀ। ଲେଖକ ଶ୍ରୀ ନନ୍ଦ ବୃତ୍ତିରେ ଓକିଲ ସତ, କିନ୍ତୁ ଜନସେବାଠୁଁ ନାଗରିକଙ୍କ ଅଧିକାର ପାଇଁ ଲଢ଼େଇ ପର୍ଯ୍ୟନ୍ତ ତାଙ୍କର କର୍ମମୟ ଜୀବନ ନାନା ଭାବେ ବିସ୍ତୃତ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସେ ନାନାଭାବେ କ୍ରିୟାଶୀଳ। ବିଭିନ୍ନ ସରକାରୀ ନିଯୁକ୍ତିଗତ କାର୍ଯ୍ୟ ସମ୍ପାଦନରେ ସେ ନିର୍ବିବାଦୀୟ ଭାବେ ନିପୁଣ ଓ କଟକ ବାର୍ ଆସୋସିଏଶନର ସଭାପତି ଭାବେ ପ୍ରଶଂସନୀୟ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ। ଏହିଭଳି ଜଣେ ବ୍ୟକ୍ତି ଯେତେବେଳେ ତାଙ୍କର ଆତ୍ମଜୀବନୀ ଲେଖିବସନ୍ତି, ସେତେବେଳେ ଅବଧାରିତ ଭାବେ ପାଠକେ ପ୍ରତ୍ୟାଶା ରଖନ୍ତି ଯେ ଆତ୍ମଜୀବନୀଟି କେବଳ ଲେଖକର ଜୀବନକଥା ନ ହୋଇ ତାଙ୍କ ସମକାଳୀନ ସମୟ ଓ ସମାଜର ହିଁ ବିଶ୍ୱସ୍ତ ପ୍ରତିଫଳନ ହେବ। ଏପରି ପାଠକୀୟ ପ୍ରତ୍ୟାଶାର ପରିପୂରଣ ଯେ ବହିଟିର ଛତ୍ରେଛତ୍ରେ ସମ୍ଭବ ହୋଇଛି, ଏଥିରେ କୌଣସି ସନ୍ଦେହ ନାହିଁ। ବହିଟିରେ ମୋଟ ଚାରିଟି ଭାଗ ରହିଛି। ପ୍ରଥମ ଭାଗରେ ନିଜର ଜନ୍ମ, ବାଲ୍ୟଶିକ୍ଷା, ନିଜ ଗାଁ ଓ ତା'ର ପରମ୍ପରା, ଗାଁର କଳା, ସାହିତ୍ୟ ବିଶେଷକରି ନାଟକ ମଞ୍ଚାୟନ ଆଦି ବିଷୟ ସ୍ଥାନ ପାଇଛି। ଦ୍ୱିତୀୟ ଭାଗରେ କଲେଜ ଜୀବନର ଅନୁଭୂତି ଓ ଆଇନ ଶିକ୍ଷା ବିଷୟରେ ଲେଖକ ଲେଖିଛନ୍ତି। ତୃତୀୟ ଭାଗରେ ନିଜର ଓକିଲାତି ଜୀବନ, ଭ୍ରମଣ ଅନୁଭୂତି, ଭାରତୀୟ ଧର୍ମପୀଠମାନଙ୍କର ବର୍ଣ୍ଣନା ଇତ୍ୟାଦି ସ୍ଥାନ ପାଇଛି ଓ ଶେଷଭାଗରେ ଲେଖକ ତାଙ୍କ ଜୀବନରେ ସତ୍‌ସଙ୍ଗ କିପରି ପ୍ରଭାବ ପକାଇଛି, ତାଙ୍କର ସାରସ୍ୱତ କୃତିରାଜି, ପରିବାରର ହାଲ ଇତ୍ୟାଦି ପ୍ରସଙ୍ଗ ରହିଛି। ବହିଟିର ଭାଷା ସରଳ ଓ ଗତିଧର୍ମୀ ହୋଇଥିବାରୁ ପାଠକେ ଆନନ୍ଦର ସହ ମୂଳରୁ ଶେଷଯାଏ ପ୍ରାୟ ଏକ ହଜାର ପୃଷ୍ଠାର ଏହି ବହିଟିକୁ ପଢ଼ିପାରିବେ।

## ଦର୍ଶନ

**ରମେଶ ଚନ୍ଦ୍ର ବେହୁରା**

ଲଘୁଗଳ୍ପ

ଅପରପଟକୁ ଚାଲିଚାଲି ଯିବାର ଉତ୍ସାହ ଭିତରେ ହାଓଡ଼ା ବ୍ରିଜ୍ ଉପରୁ କଲିକତା ସହରର ଆସନ୍ନ ସାନ୍ଧ୍ୟ ପ୍ରକୃତି ମୋତେ ଯେମିତି ଘଡ଼ିଏ ଅଟକାଇ ଦେଉଥିଲା। ଚାରିଆଡ଼କୁ ଆଖି ବୁଲାଇ ମହାନଗରୀର ଲାସ୍ୟମୟୀ ଅପରୂପରେ ହଜିଯାଉଥିଲି ମୁଁ। ପୁଣି ତଳକୁ ଚାହିଁଲେ ମା' ଗଙ୍ଗାଙ୍କ ଗର୍ଭଉଚ୍ଛୁଳା ବିସ୍ତୀର୍ଣ୍ଣ ଧୂଆଁଳିଆ ଜଳରାଶି। କି ମନୋରମ ଦୃଶ୍ୟ ସତେ!

ପାଦ ଆଗକୁ ଉଠୁନି। ସହରକୋଳକୁ ପଶିଗଲେ ଏ ବିଚିତ୍ର ବର୍ଣ୍ଣାଳୀ ହୁଏ ତ ସ୍ୱପ୍ନରେ ମିଳିବ। ପୁଣି କାଲି ତ ଫେରିଯିବାର ଯୋଜନା।

ବ୍ରିଜ୍ ବାଡ଼ାରେ ଭରା ଦେଇଥିବା ମୋ' ବାଁ ହାତକୁ ହଠାତ୍ କିଏ ଜଣେ ଜୋର୍ କରି ଜାବୁଡ଼ି ଧରିଲା, ଠିକ୍ ଚୋରର ଟେର୍ ପାଇ ପୋଲିସ ଜାବୁଡ଼ି ଧରିଲା ପରି। ଚମକି ପଡ଼ିଲି ମୁଁ। ଭୟ ପାଇଗଲି। ଚାହିଁଲି ଲୋକଟିକୁ। ମଧ୍ୟମ ଉଚ୍ଚର ମଣିଷଟିଏ। ମୁଣ୍ଡର ଉପରିଭାଗ ଚନ୍ଦା, ହେଲେ କାନମୂଳକୁ ଚୁଟି ଝିଲିପି ସଦୃଶ। ବୟସ ଷାଠିଏରୁ ଅଧିକ ହେବ। ଗୋଲ୍‌ଡେନ୍ ଫ୍ରେମ୍ ଚଷମାରେ ଉଜ୍ଜ୍ୱଳ ଦିଶୁନି ତାଙ୍କ ମୁଖମଣ୍ଡଳ। ପଞ୍ଜାବି ପାଇଜାମା ସହିତ ଖୁବ୍ ବିଜ୍ଞ ଓ ଦାର୍ଶନିକଟିଏ ପରି ଦେଖାଯାଉଥା'ନ୍ତି।

କିନ୍ତୁ କିଏ ଜାଣେ...?

-"ଏଖାନେ ଦାଡ଼ିଏଛ କେନ?" -ଲୋକଟିର ଆଖିଦେଖା ପ୍ରଶ୍ନ ମୋ' ପ୍ରତି। ମୁଁ ବୁଝିପାରିଲିନି। କହିଲି, ଇଂଲିଶ୍ କି ହିନ୍ଦୀରେ କହିବାକୁ। ଲୋକଟି ଅଳ୍ପ ହସି ଉଭୟ ଭାଷାରେ ତାଗିଦା ସ୍ୱରରେ କହିଲେ- "କ'ଣ ଗଙ୍ଗାକୁ ଡେଇଁ ଆତ୍ମହତ୍ୟା କରିବ? ଘର କେଉଁଠି? କାହିଁକି ଆସିଛ କାଲ୍‌କାଟା? ଗାଁରେ କ'ଣ ମରିବାକୁ ସ୍ଥାନ ମିଳିଲାନି? ଚାଲ, ପୋଲିସରେ ଜିମା ଦେବି ତୁମକୁ।"

ଟଣା ଓଟରା, ଯୁକ୍ତିତର୍କ ଭିତରେ ମୋର କଲିକତା ଆସିବାର ଅଭିପ୍ରାୟ ବାରମ୍ବାର କହିଲାରୁ ମହାଶୟ ଜଣକ ବିଶ୍ୱାସ କଲେ। ମୋ' ହାତ ଛାଡ଼ି ମୋତେ ଅର୍ଦ୍ଧ ଆଲିଙ୍ଗନ କରି ଚାଲୁଥା'ନ୍ତି ବ୍ରିଜ୍ ଆରପଟକୁ। ତଥାପି ମୋ' କହିବାର ପରିମଳତା ତାଙ୍କୁ ସନ୍ଦେହମୁକ୍ତ କରିପାରୁ ନ ଥାଏ। ଯେମିତିକି ମୋ' ହୃଦୟ ନିବୃତ୍ତ ପାପବଦ୍ଧତାକୁ ମୁଁ ଶୁଦ୍ଧଛଳନାରେ ତାଙ୍କଠାରେ ଆବୃତ୍ତି କରି ଖସିଯିବାକୁ ଚାହୁଁଛି। ତାଙ୍କ ସନ୍ଦେହର ନକ୍ସାକୁ ମୁଁ ତଥାପି ଡେଇଁ ଯାଇପାରୁ ନ ଥାଏ।

ଛପନ ନମ୍ବର ସୂତାଗଦିରେ ପହଞ୍ଚିଲୁ ଦୁହେଁ। ସବୁପ୍ରକାର ବିପଦ, ଭୟ ଓ ସନ୍ଦେହ ମୋ' ନିଜ ଲୋକଙ୍କ କହିବା ମୁତାବକ ଟଳିଗଲା। ବାବୁ ବୁଝିପାରି ଅଳ୍ପ ହସିଲେ। ଆଉ ନିଜର ପରିଚୟ ଦେଲେ। -ମହାଶୟ ଶାନ୍ତିନିକେତନରେ ଦର୍ଶନ ଶାସ୍ତ୍ରର ରିଟାୟାର୍ଡ ପ୍ରଫେସର। ତାଙ୍କ ନାମ ପ୍ର. ଡ. ସନନ୍ଦ ଗୋସ୍ୱାମୀ। ଜୀବନ ଆଉ ଜଞ୍ଜାଳର ଫେଣ୍ଟାଫେଣ୍ଟି ସନ୍ଦର୍ଭର ନିଷ୍କର୍ଷ ହିଁ ତାଙ୍କ ଗବେଷଣା। ଏପରି ସ୍ଥିତିରେ ବ୍ରିଜ୍ ଉପରୁ ଡେଇଁ କେତେ ଲୋକ ଆତ୍ମହତ୍ୟା କରିଥିବାର ନଜିର ସେ କହିଲେ। ଗଳ୍ପ ଓ କବିତା ମାଧ୍ୟମରେ ମଣିଷ ଜନ୍ମର ଦୁର୍ଲଭତାକୁ ସେ ସାମାଜିକ ବାର୍ତ୍ତା ରୂପରେ ବାଣ୍ଟିଛନ୍ତି।

ଛୋଟ ମୁଣ୍ଡରେ ଖୁବ୍ ଭାବାପନ୍ନ ହୋଇଗଲି ମୁଁ। କେତେ ମହାନ୍ ସତେ ଯେ ବ୍ୟକ୍ତି ଜଣକ! ତାଙ୍କ ଦର୍ଶନ ମୋ ହୃଦୟକୁ ଛୁଇଁ ସାରିଥିଲା।

ହଁ, ମିଥ୍ୟାକୁ ଭାବନା କଷଟିରେ ପରଖିଲେ ତାହା ବେଳେବେଳେ ସତ୍ୟ ହୁଏତ, ସର୍ବଦା ମିଥ୍ୟାର ହିଁ ରୂପ ନେଇଥାଏ।

ଭକ୍ତିପୂତ ପ୍ରଣାମଟିଏ ବାଢ଼ିଲି ତାଙ୍କ ଚରଣରେ। ଟ୍ରାମ୍‌ରେ ଚଢ଼ି ଅଦୃଶ୍ୟ ହେବାଯାଏ ତାଙ୍କ ଶୁଭାଶିଷର ହାତ ହଲୁଥାଏ ମୋ'ରି ଉଦ୍ଦେଶ୍ୟରେ। ମୋ'ର ବି ଯୋଡ଼ହସ୍ତର ପ୍ରଣାମ- ଟ୍ରାମ୍ ଅଦୃଶ୍ୟ ହେବାଯାଏ...।

ଟିଲୋ, ବନ୍ତ, ଭଦ୍ରକ



# ସିନ୍ଧେକେଲା ଥାନାଧିକାରୀ ନିଲମ୍ବିତ

**ସମ୍ବଲପୁର ଭିଜିଲାନ୍ସ ମାମଲା**

**କଟକ ଅଫିସ,୯।୧୨**

ଏକ ମାମଲାରୁ ନାଁ କାଟିଦେବାକୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗତ ରବିବାର ଗିରଫ ହୋଇଥିବା ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାଧିକାରୀ ଆଲୋକ କୁମାର ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଛି। ନିଲମ୍ବନ ଆଦେଶ ଗିରଫ ତାରିଖରୁ ହିଁ କାର୍ଯ୍ୟକାରୀ ହେବ। ନିଲମ୍ବନ ଅବଧି ମଧ୍ୟରେ ସେ ବଲାଙ୍ଗୀର ଏସ୍‌ପିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି। ଦୁର୍ନୀତି ନିବାରଣ ଆଇନ ୨୦୧୮ର ଧାରା ୭ ଅନୁଯାୟୀ ବେହେରାଙ୍କ ବିରୋଧରେ ଏହି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ ମସିହାର ଏକ ଟଙ୍କା ହେରଫେର ଘଟଣାରେ ମାମଲାରୁ ନାମ କାଟିଦେବାକୁ କହି ଅଜିତ କୁମାର ଘଡେଇ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଆଇଆଇସି ବେହେରା ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪୧/୨୨) ରୁଜୁ ହୋଇଥିଲା।

# ଇନ୍‌ଫୋସିଟି ଆଇଆଇସିଙ୍କୁ ବର୍ଷେ ଥାନା ମନା

**କଟକ ଅଫିସ,୯।୧୨**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଆଇଆଇସିଙ୍କ କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ତାଙ୍କୁ ବର୍ଷେ ପାଇଁ ଫିଲ୍ଡ ଡ୍ୟୁଟି ନ ଦେବା ଏବଂ ମାମଲା ପ୍ରତି ସମ୍ବେଦନଶୀଳ ହେବା ନେଇ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ ଏକ ମାସ ତାଲିମ ନେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସହ ଭୁବନେଶ୍ୱର ଡିସିପିଙ୍କୁ ମାମଲାର ତଦାରଖ କରି ଚଳିତ ଶୁଣାଣି ଦିନରୁ ଆରମ୍ଭ କରି ଆଗାମୀ ୩ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ଆବେଦନକାରୀ ତଥା ମୃତ ଆନନ୍ଦଙ୍କ ବାପା ରାଉରକେଲାର ବାସିନ୍ଦା

**ହାଇକୋର୍ଟରେ ଆନନ୍ଦ ଟପ୍ପୋ ହତ୍ୟା ମାମଲା**

**■ ୩ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦେବେ ଡିସିପି**

ବନ୍ଧନ ଟପ୍ପୋଙ୍କ ଅଭିଯୋଗ ଅନୁଯାୟୀ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଆନନ୍ଦଙ୍କ ପିଲାଦିନର ସାଙ୍ଗ। ଆନନ୍ଦ ଚାକିରି ସନ୍ଧାନରେ ଆସି ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଫ୍ଲାଟ୍‌ରେ ରହୁଥିଲେ। ସ୍ତ୍ରୀଙ୍କ ସହ ବିବାଦ ହେବାରୁ ବୀରେନ୍ଦ୍ର ଆସି ଆନନ୍ଦଙ୍କ ସହ ରହୁଥିଲେ। ଆନନ୍ଦ ଗତ ଫେବୃୟାରୀ ୨୮ ତାରିଖ ସକାଳ ୭ଟାରେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା। ବୀରେନ୍ଦ୍ର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆନନ୍ଦଙ୍କ ପରିବାର ଖବର ପାଇବା ପରେ ରାଉରକେଲାରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ତେବେ ଆନନ୍ଦଙ୍କୁ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ହତ୍ୟା କରିଥିବା ନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ପୋଲିସ ତାଙ୍କ ଏତଲାକୁ ଗ୍ରହଣ କରି ନ ଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଇନ୍‌ଫୋସିଟି ଥାନା ଆଇଆଇସିଙ୍କୁ ଭର୍ଚୁଆଲରେ ହାଜର ହେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ନଭେମ୍ବର ୨୩ରେ ମାମଲାର ଶୁଣାଣିବେଳେ ଇନ୍‌ଫୋସିଟି ଥାନା ଆଇଆଇସି ଭର୍ଚୁଆଲରେ ହାଜର ହୋଇ ଯଥାର୍ଥ ଉତ୍ତର ଦେଇପାରି ନ ଥିଲେ। ଫଳରେ ହାଇକୋର୍ଟ ଏତଲା ଦିଆଯାଇଛି କି ନାହିଁ ସେନେଇ ତଦନ୍ତ ପାଇଁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ଡିସେମ୍ବର ୬ ତାରିଖ ଶୁଣାଣିରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ୮ ପୋଲିସ ଅଧିକାରୀଙ୍କୁ ଆଇଆଇସି ପଦୋନ୍ନତି

**କଟକ ଅଫିସ,୯।୧୨**

ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୮ ଜଣ ପୋଲିସ ଅଧିକାରୀଙ୍କୁ ଆଇଆଇସି ଭାବେ ପଦୋନ୍ନତି ଦିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ବଦଳି କରାଯାଇ ନୂତନ ଥାନାରେ ନିଯୁକ୍ତି ଦିଆଯାଇଛି। ମନୋରଞ୍ଜନ ପରିଡ଼ାଙ୍କୁ ପୁରୀ, ସମରଜିତ୍ ନାୟକଙ୍କୁ ଢେଙ୍କାନାଳରୁ ଯାଜପୁର, ସୁନୀଲ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ନବରଙ୍ଗପୁର, ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ଢେଙ୍କାନାଳରୁ ସମ୍ବଲପୁର, ସୁଶାନ୍ତ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ସୁବର୍ଣ୍ଣପୁର, ସନ୍ତୋଷ କୁମାର ଜେନାଙ୍କୁ ପୋଲିସ କମିଶନରେଟ, ସୁଚନ୍ଦ୍ରା ମହାଳିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ ଓ ଅରୁଣ କୁମାର ଖିଲାରଙ୍କୁ ପୋଲିସ କମିଶନରେଟରୁ ଅନୁଗୋଳରେ ନିଯୁକ୍ତି ଦିଆଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।








































































# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୦/୨୦୨୨ Bhubaneswar, Saturday, December 10/ 2022


# ବାଂଲାଦେଶକୁ କ୍ଲିନ୍ ସୁଇପ୍‌ରୁ ରୋକିବ ଭାରତ

**ଚଟ୍ଟୋଗ୍ରାମ୍,୯।୧୨(ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଇଞ୍ଜୁରି ଓ ଫିଟ୍‌ନେସ ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ଭାରତ ପ୍ରଥମ ଦୁଇଟି ମ୍ୟାଚରେ ହାରିସାରିଥିବାରୁ ଏହି ମ୍ୟାଚ ଜିତି ଲିଟନ ଦାସଙ୍କ ଦଳକୁ କ୍ଲିନ୍ ସୁଇପ୍ ବିଜୟରୁ ରୋକିବାକୁ ଚେଷ୍ଟା କରିବ। ଆସନ୍ତା ଡିସେମ୍ବର ୧୪ରୁ ହେବାକୁ ଥିବା ଟେଷ୍ଟ ସିରିଜ ପୂର୍ବରୁ ଭାରତର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଅନ୍ୟପକ୍ଷରେ ବାଂଲାଦେଶ ୩-୦ରେ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିବା ଲାଗି ଚେଷ୍ଟା କରିବ। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡରେ ଭାରତ ଶେଷ ଗେମ୍ ଓ ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମଧ୍ୟରେ ସମୟ ବ୍ୟବଧାନ ଖୁବ୍ କମ୍। ଚଳିତ ସିରିଜ ପାଇଁ ପ୍ରକୃତରେ ୨୦ କ୍ରିକେଟର ଉପଲବ୍ଧ ଥିଲେ। ମାତ୍ର ସପ୍ତାହକ ମଧ୍ୟରେ ସବୁ ଏପଟ ସେପଟ ହୋଇଗଲା। ଫାଇନାଲ ଗେମ୍ ପାଇଁ ବର୍ତ୍ତମାନ ୧୪ ଜଣ ଖେଳାଳି ଉପଲବ୍ଧ ହେଉଛନ୍ତି। ତାଙ୍କ ଭିତରୁ ଚୂଡ଼ାନ୍ତ ଏକାଦଶ ବାଛିବାକୁ ପଡ଼ିବ। ଭାରତୀୟ ବୋଲିଂ ଆକ୍ରମଣ ବର୍ତ୍ତମାନ ସ୍ୱଳ୍ପ ଅଭିଜ୍ଞତାସମ୍ପନ୍ନ ମନେ ହେଉଥିବାରୁ କୁଲ୍‌ଦୀପ ଯାଦବଙ୍କୁ ଚଟ୍ଟୋଗ୍ରାମ୍ ପଠାଯାଇଛି। ଏହି ବାମହାତୀ ସ୍ପିନ ବୋଲର ୭୨ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୧୮ ଉଇକେଟ ଅକ୍ତିଆର କରିଛନ୍ତି। ବୋଲିଂ ଲାଇନ୍ ଅପ୍‌ରେ ସେ ହେଉଛନ୍ତି ସବୁଠାରୁ ଅଭିଜ୍ଞ ବୋଲର। ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ବାମ ବୃଦ୍ଧାଙ୍ଗୁଳି ହାଡ଼ ଭାଙ୍ଗିଯାଇଥିବାରୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଦୀୟମାନ ପେସ୍ ବୋଲର କୁଲ୍‌ଦୀପ ସେନ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଖେଳି ସାରିବା ପରେ ତାଙ୍କ ପିଠିରେ ଆଘାତ ଲାଗିଛି।



ଶାହାବାଜ ଅହମ୍ମଦଙ୍କୁ ବ୍ୟାଟିଂ ଟିପ୍ସ ଦେଉଛନ୍ତି କୋଚ୍ ରାହୁଲ ଦ୍ରାବିଡ।

**ଭାରତୀୟ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ), ଶିଖର ଧାୱନ, ବିରାଟ କୋହଲି, ଶ୍ରେୟସ ଆୟର, ଈଶାନ କିଶନ (ଉଇକେଟକିପର), ମହମ୍ମଦ ସିରାଜ, ରଜତ ପଟିଦାର, ରାହୁଲ ତ୍ରିପାଠୀ, ୱାଶିଂଟନ ସୁନ୍ଦର, ଶାହାବଜ ଅହମ୍ମଦ, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର, ଉମରାନ ମଲିକ ଓ କୁଲଦୀପ ଯାଦବ।

**ବାଂଲାଦେଶ ଦଳ:** ଲିଟନ କୁମାର ଦାସ, ଏନାମୁଲ ହେଗ୍ ବିଜଏ, ଶକିବ ଅଲହସନ, ମୁସ୍‌ଫିକର ରହିମ, ଆଫିଫ୍ ହୋସେନ, ୟାସିର ଅଲ୍ ଚୌଧାରୀ, ମେହଦି ହସନ ମିରାଜ, ମୁସ୍ତାଫିଜୁର ରହମନ, ତସ୍କିନ ଅହମ୍ମଦ, ହସନ ମେହମୁଦ, ଇବାଦତ ହୋସେନ ଚୌଧାରୀ, ନାସୁମ ଅହମଦ, ମହମ୍ମଦ ଉଲ୍ଲା, ନଜମୁଲ ହୋସେନ ଶାନ୍ତୋ, କ୍ୱାଜି ନୁରୁଲ ହସନ ସୋହାନ, ଶୋରିଫୁଲ୍ ଇସ୍‌ଲାମ।

**ମ୍ୟାଚ ଆରମ୍ଭ: ପୂର୍ବାହ୍ଣ ୧୧ଟା ୩୦**

# ବାଂଲାଦେଶ ଏ' ବିପକ୍ଷରେ ଭାରତ ଏ'ର ଇନିଂସ ବିଜୟ

**ସିଲ୍‌ହେଟ୍,୯।୧୨ (ପି.ଟି.)**

ବାଂଲାଦେଶ ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ ଏ' ଏକ ଇନିଂସ ଓ ୧୨୩ ରନ୍‌ରେ ବିଜୟ ହାସଲ କରିଛି। ଘରୋଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଭୁଶୁଡ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବାମହାତୀ ରକ୍ଷଣଶୀଳ ସ୍ପିନ୍ ବୋଲର ସୌରଭ କୁମାର। ସେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଡିସେମ୍ବର ୧୪ରୁ ଭାରତର ସିନିୟର ଦଳ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ଖେଳିବ। ଆଘାତପ୍ରାପ୍ତ ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ ଦଳରେ କାହାକୁ ନିଆଯିବ ସେନେଇ ବିଚାର ଚାଲିଥିବା ବେଳେ ସୌରଭ କୁମାର ଅନ୍ୟତମ ଦାବିଦାର ଭାବେ ଉଭା ହୋଇଛନ୍ତି। ପ୍ରଥମ ଇନିଂସରେ ୩୧୦ ରନ୍‌ରେ ପଛୁଆ ରହିଥିବା ବାଂଲାଦେଶ ଏ'ର ଦ୍ୱିତୀୟ ଇନିଂସରେ ପ୍ରଦର୍ଶନ ଆହୁରି ଦୟନୀୟ ଥିଲା। ଦଳ ୭୯.୫ ଓଭରରେ ୧୮୭ ରନ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଏ' ପ୍ରଥମ ଇନିଂସରେ ଅପେକ୍ଷାକୃତ ଭଲ ସ୍କୋର ୨୫୨ ରନ କରିଥିଲା। ଜବାବରେ ଭାରତ ଅଧିନାୟକ ଅଭିମନ୍ୟୁ ଇଶ୍ୱରନଙ୍କ ୧୫୭ ରନ ସହାୟତାରେ ୯ ଉଇକେଟ ବିନିମୟରେ ବିଶାଳ ୫୬୨ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଡ୍ର'ରେ ଶେଷ ହୋଇଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ହାସଲ କରିଥିବା ସୌରଭ ୩୦ ଓଭରରେ ୭୪ ରନ୍ ବିନିମୟରେ ୬ ଉଇକେଟ ନେଇଥିଲେ। ସିରିଜ ବିଜୟରେ ଯେଉଁ କେତେଜଣଙ୍କ ବିଶେଷ ଭୂମିକା ରହିଥିଲା, ସେମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ଉତ୍ତର ପ୍ରଦେଶର ଏହି ସ୍ପିନର ଦୁଇଟି ଗେମ୍‌ରେ ମୋଟ ୧୫ ଉଇକେଟ ଅକ୍ତିଆର କରି ସିରିଜର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି।



ସୌରଭ କୁମାର

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ଏ': ୨୫୨ ଓ ୧୮୭ (ଶଦମନ ଇସ୍‌ଲାମ-୯୩*; ସୌରଭ କୁମାର-୬/୭୪, ଉମେଶ ଯାଦବ-୨/୩୪, ନବଦୀପ ସଇନୀ-୨/୫୪)। ଭାରତ ଏ': ୫୬୨/୯ ଘୋଷଣା।

# ଜଣେ ଲଙ୍ଗ ଜମ୍ପର, ଅଫିସିଆଲ ବାସନ୍ଦ



ଇଜ୍‌ମିର୍ ସ୍ମାଜ୍‌ଲାଜ୍

**ମୋନାକୋ, ୯।୧୨(ଏପି)**

ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ଜଣେ ଆଥ୍‌ଲେଟଙ୍କୁ ଯୋଗ୍ୟତା ହାସଲ କରାଇବାରେ ସହାୟତା କରିଥିବା ଅଭିଯୋଗରେ ଆଲ୍‌ବାନିଆର ଦୁଇଜଣ ଅଫିସିଆଲ ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ସେମାନେ ଲଙ୍ଗ ଜମ୍ପର ଇଜ୍‌ମିର୍ ସ୍ମାଜ୍‌ଲାଜ୍‌ଙ୍କ ପ୍ରଦର୍ଶନ ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରଦାନ କରିଥିଲେ।

**ଅଲିମ୍ପିକ୍ସରେ ସ୍ଥାନ ପାଇଁ ମିଥ୍ୟା ତଥ୍ୟ**

ଅଫିସିଆଲଦ୍ୱୟ ହେଲେ ଆଲବାନିଆ ଟ୍ରାକ୍ ଫେଡେରେଶନ ସଭାପତି ଜିଜେଜ୍ ରୁଲି ଏବଂ ଫେଡେରେଶନର ସାଧାରଣ ସମ୍ପାଦକ ନିକୋଲିନ୍ ଡିଓନିସି। ଏହି ଦୁଇଜଣଙ୍କ ବ୍ୟତୀତ ଲଙ୍ଗ ଜମ୍ପର ଜଣଙ୍କ ମଧ୍ୟ ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସର ଦୁଇମାସ ପୂର୍ବରୁ ୨୦୨୧ ମେ'ରେ ଆଲବାନିଆରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାମଲାର ଫଇସଲା ନ ହେଲା ପର୍ଯ୍ୟନ୍ତ ଏହି ୩ଜଣଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି। ସ୍ମାଜ୍‌ଲାଜ୍‌ଙ୍କୁ ପ୍ରତିଯୋଗିତାର ବିଜେତା ଘୋଷଣା କରାଯାଇଥିଲା। ସେ ୮.୧୬ ମିଟର ଜମ୍ପ୍ କରିବା ସହ ଜାତୀୟ ରେକର୍ଡ କରିଥିବା ଅଫିସିଆଲଦ୍ୱୟ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଦେଇଥିବା ତାଙ୍କ ତଥ୍ୟରେ ଉଲ୍ଲେଖ କରିଥିଲେ। ତେବେ ଏହି ତଥ୍ୟ ମିଥ୍ୟା ବୋଲି ଅଭିଯୋଗ ହୋଇଥିଲା। ସ୍ମାଜ୍‌ଲାଜ୍ ଅଲିମ୍ପିକ୍ସରେ ୭.୮୬ ମିଟର ଜମ୍ପ୍ କରିଥିଲେ। ଫଳରେ ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ସେ ବିଫଳ ହୋଇଥିଲେ।

# ରାକେଶ ମେମୋରିଆଲ ଚେସ୍: ଅତୁଲ ଚାମ୍ପିୟନ

**ଭୁବନେଶ୍ୱର, ୯।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାକେଶ କୁମାର ସାହୁ ମେମୋରିଆଲ ଓପନ ଅନ୍‌ଲାଇନ୍ ଚେସ୍‌ରେ ତାମିଲନାଡୁର ଏସ୍.ପି.କେ. ଅତୁଲ ଆନନ୍ଦ ଚାମ୍ପିୟନ ହୋଇଛନ୍ତି। ସେ ୧୭ ମ୍ୟାଚ ଖେଳି ୧୪ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଛନ୍ତି ଓ ୨ଟିରେ ପରାଜିତ ହୋଇଛନ୍ତି। ଭୁବନେଶ୍ୱରର ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୨୦ ମ୍ୟାଚରୁ ୧୩ ବିଜୟ, ୬ ଡ୍ର ଓ ୧ ପରାଜୟ ସହ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକର ହର୍ଷିତ ରଞ୍ଜନ ସାହୁ, କୋଲକାତାର ଅଂଶୁମାନ ଦେ, କଳିଙ୍ଗ ନଗରର ଆଦିତ୍ୟ ଜେନା, ଭୁବନେଶ୍ୱରର ଆୟୁଷ ଦାସ, କେନ୍ଦୁଝରର ଶାନ୍ତନୁ କୁମାର ଦାଶ, ବାଲେଶ୍ୱରର ଗତିକୃଷ୍ଣ ଭୂୟାଁ, ଭଦ୍ରକର ଉଦୟ ପରିଡ଼ା ଓ ପଞ୍ଜାବର ଅମରଜିତ ସିଂ ଟପ୍-୧୦ ଫିନିଶ୍ କରିଛନ୍ତି। ଗୁଗଲ ମିଟ୍ ମାଧ୍ୟମରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ବେଙ୍ଗାଲୁରୁ ସ୍ଥପତି ତନୁସୋଭନ ବେହେରା ଓ ଦୀପକ ତ୍ରିପାଠୀ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ରାକେଶ କୁମାର ସାହୁଙ୍କ ପିତା ରବୀନ୍ଦ୍ର ସାହୁ ଓ ଭାଇ ରାଜେଶ କୁମାର ସାହୁ ଉପସ୍ଥିତ ଥିଲେ।



ଏସ୍.ପି.କେ. ଅତୁଲ ଆନନ୍ଦ

# କର୍ପୋରେଟ କ୍ରିକେଟ ଲିଗ୍ ୧୫ରୁ

**ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଉଇଫରୟୁ ଟ୍ରଷ୍ଟ ଆନୁକୂଲ୍ୟରେ କର୍ପୋରେଟ୍ କ୍ରିକେଟ୍ ଲିଗ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଇନ୍ଦିରା ମଇଦାନ, ସିଆରପି ଛକ ଏବଂ ଘାଟିକିଆ ମିନି ଷ୍ଟାଡିୟମରେ ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମ୍ୟାଚ ଗୁଡ଼ିକ ୧୦ ଓଭର ବିଶିଷ୍ଟ ହେବ। ପ୍ରତ୍ୟେକ ଦଳ ୬ଟି ଲେଖାଏ ମ୍ୟାଚ୍ ଖେଳିବା ପରେ ସେମିଫାଇନାଲ ଏବଂ ଫାଇନାଲ୍ ପାଇଁ ମନୋନୀତ ହେବେ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ହେଉଛନ୍ତି ଆଦିତ୍ୟ ଆଲୁମିନିୟମ୍, ପାରାଦୀପ ଫସଫେଟ୍ ଲିମିଟେଡ୍, ଉତ୍କଳ ଆଲୁମିନା ରାୟଗଡା, ବେଦାନ୍ତ ଲାଞ୍ଜିଗଡ, ଏମ୍‌ଏନ୍‌ଏସ୍ ଇଣ୍ଡିଆ ଏବଂ ପାରାଦୀପ, ମିଲ୍କମନ୍ତ୍ରା, ଏୟାରଟେଲ, ସନସାଇନ ହସ୍ପିଟାଲ, ବ୍ରାଣ୍ଡସ୍କେପ୍ ୱାର୍ଲ୍ଡ ୱାଇଡ, ଖିମଜୀ ଗ୍ରୁପ, ଓଡିଓ୍ୱାଇଏସ୍ ସଫ୍ଟୱେର୍, ସିସିସି , ଟିପିସିଓଡିଏଲ୍, ମାଇଁ ସ୍ପେଶ ରିଏଲିଟି, ଆଦିତ୍ୟ ଗ୍ରୁପ (ଆଦିତ୍ୟ ମୋଟର୍ସ, ସମସ୍ତ ଓଡିଶା ଶାଖା), ମିଡିଆ ଏକାଦଶ ଏବଂ ମୋମେଣ୍ଟଜ୍। ସଂଗୃହିତ ପାଣ୍ଠିକୁ ୬ରୁ ଅଧିକ ଭାରତୀୟ ଭାଷାରେ, ବିଦ୍ୟାଳୟ ଏବଂ କଲେଜଗୁଡ଼ିକର ପାଠ୍ୟକ୍ରମରେ ପ୍ରଦାନ କରୁଥିବା ଅଡିଓ ପୁସ୍ତକ ତିଆରିରେ ବ୍ୟବହାର କରାଯିବ ଏବଂ ସାରା ଦେଶରେ ପ୍ରାୟ ତିରିଶ ହଜାର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରାଯିବ। ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଇଫୋରୟୁ ଅନୁଷ୍ଠାନ ପକ୍ଷରୁ ସଭାପତି ସତ୍ୟବ୍ରତ ଜେନା, ନିହାର ରଞ୍ଜନ ଦାସ, ଜଗତ ଜୀବନ ଏବଂ ସୁନନ୍ଦା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।



କର୍ମକର୍ତ୍ତାମାନେ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ହେଡ୍-ଲାବୁସେନଙ୍କ ୨୯୭ରନ ପାର୍ଟନରଶିପ୍



ଟ୍ରାଭିସ୍ ହେଡ୍।

**ଆଡିଲେଡ୍, ୯।୧୨ (ଏପି):** ୱେଷ୍ଟଇଣ୍ଡିଜ ବିପକ୍ଷ ଦିବାରାତ୍ର ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଟ୍ରାଭିସ୍ ହେଡ୍ ଓ ମାର୍ନସ ଲାବୁସେନଙ୍କ ମଧ୍ୟରେ ୨୯୭ରନର ପାର୍ଟନରଶିପ୍ ସହାୟତାରେ ଅଷ୍ଟ୍ରେଲିଆ ୭ ଉଇକେଟରେ ୫୧୧ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦଳ ପକ୍ଷରୁ ହେଡ୍ ସର୍ବାଧିକ ୧୭୫ ରନ କରିଥିବା ବେଳେ ଲାବୁସେନ ୧୬୩ ରନ କରିଥିଲେ। କାମଚଳା ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଦ୍ୱିତୀୟ ଦିବସ ଖେଳ ଦ୍ୱିତୀୟ ମଧ୍ୟାନ୍ତର ପୂର୍ବରୁ ପାଳି ଘୋଷଣା କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ୪ ଉଇକେଟରେ ୧୦୨ ରନ କରି ସଂଘର୍ଷ ଚଳାଇଛି। ଓପନର ଟାଗେନାରିନ୍ ଚନ୍ଦରପଲ କେବଳ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରିପାରିଥିଲେ। ସେ ୯୮ ବଲ୍ ଖେଳି ୪୭ରନ ସହ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲୀୟ ପେସ୍ ବୋଲର ମାଇକେଲ ନାସେର ୨୦ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ କ୍ରେଗ୍ ବ୍ରାଥ୍‌ୱେଟ୍ (୧୯) ଓ ନମ୍ବର ୩ ବ୍ୟାଟର ଶମର୍ସ ବ୍ରୁକ୍ସ (୮) କଟ୍ ବିହାଇଣ୍ଡ ହୋଇଥିଲେ।

# ଅଗଷ୍ଟ ସୁଦ୍ଧା ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର

**ନୂଆଦିଲ୍ଲୀ, ୯।୧୨ (ପି.ଟି.)**

ମାଲଖମ୍ବ, ଥଙ୍ଗ ତା', ଯୋଗାସନ ଗଟ୍‌କା ଓ କାଲ୍‌ପେଟା ଭଳି ପାରମ୍ପରିକ କ୍ରୀଡ଼ା ଖୁବ୍ ଶୀଘ୍ର ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶୁକ୍ରବାର ଲୋକସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାବର୍ଷ ଅଗଷ୍ଟ ୧୫ ସୁଦ୍ଧା ମନ୍ତ୍ରଣାଳୟ ସମଗ୍ର ଦେଶରେ ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁବାର କ୍ରୀଡ଼ା ଏବଂ ଏନେଇ ସରକାର ନେଇଥିବା ପଦକ୍ଷେପ ଉପରେ ବତର୍କ ସହ ଲୋକସଭା ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ତିଆର କରିବା ସହ ଗ୍ରାମାଞ୍ଚଳ ଯୁବ ଖେଳାଳି ଯେପରି ସୁଯୋଗ ପାଇପାରିବେ ସେ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିଲାଗି ସରକାରଙ୍କୁ ଅନୁରୋଧ କରିଥିଲେ। ଗତ ମାର୍ଚ୍ଚ ୩୧ରେ ପାର୍ଲାମେଣ୍ଟ ବଜେଟ ସେସନରେ ବେଳେ ଏହି ଆଲୋଚନା ଆରମ୍ଭ ହୋଇଥିଲା। ଶୁକ୍ରବାର ଠାକୁର ତାଙ୍କ ଉତ୍ତରରେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଅନ୍ୱେଷଣ କରିବା ଏବଂ ସେମାନଙ୍କୁ ଅନ୍ତର୍ଜାତୀୟ ଆଥଲେଟରେ ପରିଣତ କରିବା ଦିଗରେ ସରକାର ତାଙ୍କ କାର୍ଯ୍ୟ ଆରମ୍ଭ କରିସାରିଥିବା ଉଲ୍ଲେଖ କରିଛନ୍ତି। ଗ୍ରାମାଞ୍ଚଳରେ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବା ଲାଗି ହେଉଥିବା ଦାବିକୁ ପୂରଣ କରିବାକୁ ଯାଇ ଆମେ ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର କରିବୁ। ଏହି ଭଳି ୭୩୩ଟି ସେଣ୍ଟରର ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି। ତେବେ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବା ଆମର ଲକ୍ଷ୍ୟ ରହିଛି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

# ବିଶ୍ୱର ନମ୍ବର ୱାନ୍‌ଙ୍କୁ ହରାଇଲେ ପ୍ରଣୟ

**ବ୍ୟାଙ୍କକ୍,୯।୧୨(ପି.ଟି.):** ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ବିଶ୍ୱର ନମ୍ବର ୱାନ୍ ତଥା ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ସହ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ତୃତୀୟ ସିଡ୍ ମାନ୍ୟତାପ୍ରାପ୍ତ ପ୍ରଣୟ ତାଙ୍କର ପୂର୍ବ ଦୁଇଟି ଗ୍ରୁପ୍ ମ୍ୟାଚ୍‌ରେ ପରାଜିତ ହୋଇସାରିଥିବାରୁ ଏହି ବିଜୟ ତାଙ୍କ ପାଇଁ ଗୁରୁତ୍ୱହୀନ ଥିଲା।

# ଅବ୍ରାରଙ୍କୁ ୭ ଉଇକେଟ: ଇଂଲଣ୍ଡ ୨୮୧

**ମୁଲ୍‌ତାନ, ୯।୧୨ (ଏପି)**

ସ୍ଥାନୀୟ ମୁଲ୍‌ତାନ କ୍ରିକେଟ ଷ୍ଟାଡିୟମ ପାକିସ୍ତାନ ଓ ଭ୍ରମଣକାରୀ ଇଂଲଣ୍ଡ କ୍ରିକେଟ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପାକିସ୍ତାନର ପଦର୍ପଣକାରୀ ଖେଳାଳି ଅବ୍ରାର୍ ଅହମ୍ମଦଙ୍କ ୭ ଉଇକେଟ ସଫଳତା ଯୋଗୁ ଇଂଲଣ୍ଡ ପ୍ରଥମ ଦୁଇ ସେସନ ଖେଳରେ ମାତ୍ର ୨୮୧ରନରେ ଅଲଆଉଟ ହୋଇଯାଇଛି। ଜବାବରେ ଶୁକ୍ରବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପାକିସ୍ତାନ ୨ ଉଇକେଟ ବିନିମୟରେ ୧୦୭ ରନ କରିଛି। ଅଧିନାୟକ ବାବର ଆଜମ ୬୧ ଓ ସାଉଦ ଶକିଲ ୩୨ରନ କରି ଅପରାଜିତ ରହିଛନ୍ତି। ବ୍ୟାଡଲାଇଟ ଯୋଗୁ ୧୦ ଓଭର ବାକି ଥାଇ ଖେଳକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ପୂର୍ବରୁ ରାୱଲପିଣ୍ଡିରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ପାକିସ୍ତାନ ୭୪ ରନରେ ପରାଜିତ ହୋଇଥିଲା।

**ଇଂଲଣ୍ଡ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ**





**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୫୧.୪ ଓଭରରେ ୨୮୧ (ବେନ୍ ଡକେଟ-୬୩, ଓଲି ପୋପ୍-୬୦, ମାର୍କ ଉଡ୍-୩୬*; ଅବ୍ରାର ଅହମଦ-୭/୧୧୪, ଜାହିଦ ମେହେମୁଦ-୩/୬୩)। ପାକିସ୍ତାନ ପ୍ରଥମ ଇନିଂସ: ୨୮ ଓଭରରେ ୧୦୭/୨ (ବାବର ଆଜାମ-୬୧*, ସାଉଦ୍ ଶକିଲ-୩୨*; ଜେମ୍ସ ଆଣ୍ଡରସନ-୧/୪)।








4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ